# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୫/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, February 5/2020 | ★★★★★★

୪୬ଶ ଭାଗ ୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହୀନାଙ୍କ ଆକାଉଣ୍ଟ 'ହ୍ୟାକ୍ଡ'**

ଟିଭି ପରଦାର ଚର୍ଚ୍ଚିତ ଚେହେରା ହୀନା ଖାନ୍‌ ତାଙ୍କ ଆଗାମୀ ଫିଲ୍ମ 'ହ୍ୟାକ୍ଡ'ରୁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି।

୦୯ | ୧୮

**ଭାରତୀୟ ଟେଷ୍ଟ ଦଳରେ ପୃଥ୍ୱୀ**

ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳକୁ ଯୁବ ଓପନର୍ ପୃଥ୍ୱୀ ଶ' ପ୍ରତ୍ୟାବର୍ତ୍ତନ କରିଛନ୍ତି।



# ଫାଇନାଲରେ ଭାରତ

## ୧୯ ବର୍ଷରୁ କମ୍ ବିଶ୍ୱକପ

### ଜୈସ୍ୱାଲଙ୍କ ଶତକ: ପାକିସ୍ତାନ ୧୦ ଉଇକେଟରେ ପରାସ୍ତ



ଯଶସ୍ୱୀ ଜୈସ୍ୱାଲ

**ପୋଚେଫ୍‌ଷ୍ଟ୍ରୁମ୍,୪।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ରେ ଗତଥରର ଚାମ୍ପିୟନ ଭାରତ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛି। ସ୍ଥାନୀୟ ସେନୱେଜ ପାର୍କ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୧୦ ଉଇକେଟରେ ପାକିସ୍ତାନକୁ ହାରାଇଛି। ସର୍ବାଧିକ ୪ଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ଭାରତ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିବା ସହ ପାକିସ୍ତାନକୁ କୌଣସି ସୁଯୋଗ ଦେଇ ନ ଥିଲା। ଆସନ୍ତା ରବିବାର ଫାଇନାଲ ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡ କିମ୍ବା ବାଂଲାଦେଶକୁ ଭେଟିବ। ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଏହି ଦୁଇ ଦଳ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୩.୧ ଓଭରରେ ୧୭୨ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ବିନା କୌଣସି କ୍ଷତିରେ ୩୫.୨ ଓଭରରେ ୧୭୬ ରନ କରି ଅତି ସହଜରେ ବିଜୟ ହାସଲ କରିଥିଲା। ଗୋଟିଏ ଉଇକେଟ ନେବା ସହ ଓପନର ଯଶସ୍ୱୀ ଜୈସ୍ୱାଲ ଅପରାଜିତ ୧୦୫ ରନର ଶତକୀୟ ପାଳି ଖେଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ୧୭୩ ରନ ଟାର୍ଗେଟର ପିଛା ☞ପୃଷ୍ଠା–୧୫

# ୧୫ ଦିନ ବଢ଼ିଲା ସର୍ବକ୍ଷମା ଅବଧି

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ସହରାଞ୍ଚଳରେ ପ୍ଲାନ ବାହାରେ କୋଠାବାଡି ନିର୍ମାଣ କରିଥିବା କିମ୍ବା ଅନୁମୋଦନ ନ ନେଇ ଘର ତିଆରି କରିଥିବା ମାଲିକମାନେ ଆଶ୍ୱସ୍ତ ହୋଇଛନ୍ତି। ରାଜ୍ୟ ସରକାର ମଙ୍ଗଳବାର ସର୍ବକ୍ଷମା ଯୋଜନା(ଆମନେଷ୍ଟି ସ୍କିମ)ର ଅବଧିକୁ ଆଉ ୧୫ ଦିନ ବୃଦ୍ଧି କରିଛନ୍ତି। ଅର୍ଥାତ୍ ଘରମାଲିକମାନେ ନିଜର ବେଆଇନ ନିର୍ମାଣକୁ ଫେବୃୟାରୀ ୨୦ ମଧ୍ୟରେ ଜରିମାନା ଦେଇ ନିୟମିତ(ରେଗୁଲାରାଇଜ) କରିପାରିବେ। ଏହାର ଅବଧି ଫେବୃୟାରୀ ୫ରେ ଶେଷ ହେଉଥିଲା। ସହରାଞ୍ଚଳରେ ଏହି ଯୋଜନାକୁ ନେଇ ଲୋକମାନଙ୍କର ଆଗ୍ରହ ବଢୁଥିବା ବେଳେ ଏହାର ଅବଧି ବଢାଇବା ପାଇଁ ଦାବି ହେଉଥିଲା।

ସର୍ବକ୍ଷମା ଯୋଜନା ରାଜ୍ୟର ୯ ଉନ୍ନୟନ କର୍ତ୍ତୃପକ୍ଷ(ଡେଭେଲପମେଣ୍ଟ ଅଥରିଟି)ରେ କାର୍ଯ୍ୟକାରୀ ହେଉଛି। ସେଗୁଡିକ ହେଲା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ), ତାଳଚେର–ଅନୁଗୋଳ–ମେରାମୁଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ– କୋଣାର୍କ ଉନ୍ନୟନ



କର୍ତ୍ତୃପକ୍ଷ(ପିକେଡିଏ), ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ। ଏହି ଯୋଜନା ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧିପାଇଛି। ଶେଷ ମୁହୂର୍ତ୍ତରେ ବହୁସଂଖ୍ୟାରେ ଆବେଦନ ଆସୁଥିବାରୁ ଏହାର ଅବଧି ବୃଦ୍ଧି କରାଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏହା ପରେ ଆଉ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ସେ କହିଛନ୍ତି। ଅବଧି ଶେଷ ହେବା ପରେ ପ୍ରଥମେ ବ୍ୟବସାୟିକ

■ ଆର୍କିଟେକ୍ଟ ହେବେ ମାଲାମାଲ
■ ୬ ମାସ ବଢ଼ାଇବାକୁ ଦାବି

ପ୍ରତିଷ୍ଠାନଗୁଡିକୁ ଭଙ୍ଗାଯିବ। ସେଥିପାଇଁ ବିଡିଏ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍‌କୁ ସର୍ଭେ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୂୟାଁ କହିଛନ୍ତି।

ରାଜ୍ୟ ସରକାର ୨୦୧୮ ଜୁନ ୨୦ରେ ସର୍ବକ୍ଷମା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ରେଗୁଲେଶନରେ ଥିବା ନିୟମାବଳୀ ଆଧାରରେ ନିୟମ ଉଲ୍ଲଂଘନକାରୀଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି। ପ୍ରଥମେ ଏହାକୁ ୬ ମାସ ପାଇଁ କାର୍ଯ୍ୟକାରୀ କରିବାକୁ ଘୋଷଣା କରାଯାଇଥିଲା। ଏହା ପରେ ପୁଣି ୬ ମାସ ବୃଦ୍ଧି କରାଯାଇଥିଲା। ଜରିମାନା ରାଶି ଅଧିକ ହେବାରୁ ତାହା ଜନସାଧାରଣଙ୍କୁ ଆକୃଷ୍ଟ କରିପାରିଲା ନାହିଁ। ଫଳରେ ବାଧ୍ୟ ହୋଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜରିମାନା ରାଶିକୁ ପ୍ରତି ବର୍ଗମିଟର ୨୫୦ ଏବଂ ୫୦୦ ଟଙ୍କାକୁ ହ୍ରାସ କରିଥିଲା। ଜରିମାନା ହ୍ରାସ କରିବା ପରେ ଏହାର ଅବଧିକୁ ଆଉ ୬ ମାସ ପାଇଁ ବଢ଼ାଯାଇଥିଲା। ଫଳରେ ଏହି ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଥିଲା। ତେବେ ୧୫ ଦିନିଆ ବୃଦ୍ଧିକୁ ଘରମାଲିକମାନେ ନାପସନ୍ଦ କରିଛନ୍ତି। ଏହାଦ୍ୱାରା ଆର୍କିଟେକ୍ଟମାନେ ମାଲାମାଲ ହେବେ। ଡେଭିଏସନ ରେଗୁଲାରାଇଜ କରିବା ପାଇଁ ଆବଶ୍ୟକ ହେଉଥିବା ନକ୍ସା ତିଆରି କରିବା ସକାଶେ ଆର୍କିଟେକ୍ଟମାନେ ମନଇଚ୍ଛା ଫି ଦାବି କରୁଥିବା ଅଭିଯୋଗ ହେଉଛି। ତେବେ ଏହାର ଅବଧିକୁ ୧୫ ଦିନ ବଦଳରେ ୬ ମାସକୁ ବୃଦ୍ଧି କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।


**OFFICE OF THE TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**

**ATTENTION : STAGE CARRIAGE OWNERS**

Applications are invited from the stage carriage owners for grant of Permanent Permit in the Inter-region / Interstate vacant routes. The detailed vacant route list can be viewed in the office website **www.orissatransport.nic.in & www.odishatransport.gov.in.** The interested stage carriage operators may apply in the prescribed form during the official hours by 14.02.2020 at 05.00 PM.

The application in prescribed form duly filled in and signed by the registered owner of stage carriage should be accompanied with money receipt showing deposit of Rs.500/- towards application fee, self-attested copy of R.C, valid Fitness Certificate, Insurance Certificate and Solvency Certificate issued by Competent Authority or Bank Guarantee in original from any nationalized Bank valid for one year for Rs.99,000/- pledged in favour of Secretary STA. For Inter-Region routes applications shall be made online on OPMS only. Prescribed form for Interstate routes can be obtained from this office. Bus owner holding Permanent / Temporary Permit in any route, shall not be eligible to apply. Any application made without surrendering existing Permanent / Temporary permit shall be summarily rejected. The applicant shall also file self-declaration along with application stating their in that no tax dues and penalty are outstanding against the operator, no VCR pending, no Court cases pending against any of his vehicle. Year of manufacture and make of bus, type of bus and facilities provided in bus ( Non-Deluxe, A/C Deluxe, A/C Deluxe Sleeper etc.) and the vehicle in question is not off road at time of making application are to be specified in the application. Applications for sleeper stage carriages shall not be considered to operate as day / day-night service on any Inter-Region routes. Incomplete application and applications received beyond the specified date shall not be entertained.

The application, so received will be placed before S.T.A in its meeting to be held on 19.02.2020 at 11.00 AM at the Conference Hall of STA. The applicant or his / her authorized representative may remain present for hearing by STA.

**INTERSTATE ROUTES**

| Sl.No | Route |
|---|---|
| 1 | Bargarh to Kolkata |
| 2 | Paradeep to Tata |
| 3 | Jharsuguda to Chirimiri |
| 4 | Jharsuguda to Chirimiri |
| 5 | Puri to Assansol |
| 6 | Joda to Kolkata |
| 7 | Joda to Kolkata |
| 8 | Bhubaneswar to Saraikela |

**INTER-REGION ROUTES**

| | |
|---|---|
| 1 | Bhubaneswar to Baripada & back |
| 2 | Bajadauli to Aradi & back |
| 3 | Keonjhar to Bhadrak, Via. Ghatgaon & back |
| 4 | Cuttack to Athamallick via. Banarpal, Angul & back |
| 5 | Cuttack to Puri & back 2 RT daily |

Secretary
State Transport Authority
Odisha, Cuttack


# ୬୦ ଛାତ୍ରଙ୍କୁ ୪ ଘଣ୍ଟା ଜେରା

## ସ୍କୁଲରେ ସିଏଏ ବିରୋଧୀ ନାଟକ

**ବେଙ୍ଗାଲୁରୁ, ୪।୨**

କର୍ନାଟକର ବିଦାରସ୍ଥିତ ଏକ ସ୍କୁଲରେ ସିଏଏ ବିରୋଧୀ ନାଟକ ପରିବେଷଣ କରାଯିବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସ୍କୁଲରେ ପାଠ ପଢୁଥିବା ପିଲାମାନେ ଏହି ନାଟକରେ ଅଭିନୟ କରିଥିବାବେଳେ ପୋଲିସ ସେମାନଙ୍କୁ ଜେରା କରିବା ଆରମ୍ଭ କରିଛି। ଗତ ଜାନୁୟାରୀ ୨୧ରେ ଏହି ନାଟକ ଶାହିନ ପ୍ରାଇମେରୀ ଆଣ୍ଡ୍ ହାଇସ୍କୁଲରେ ପରିବେଷଣ କରାଯାଇଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେବା ପରେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଜଣେ ଛାତ୍ରଙ୍କ ମା'ଙ୍କୁ ପୋଲିସ ଗତ ଜାନୁୟାରୀ ୩୦ରେ ଗିରଫ ☞ପୃଷ୍ଠା–୧୫






# ଏପ୍ରିଲରେ ପୁରୀ ଐତିହ୍ୟ କରିଡରର ଚୂଡ଼ାନ୍ତ ନକ୍ସା



■ ୫ ହଜାର ଭକ୍ତଙ୍କ ମହାପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହେବ
■ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଅକ୍ଷୁଣ୍ଣ ରହିବ: ଶ୍ରୀମନ୍ଦିର ପ୍ରଶାସକ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ପୁରୀ ସହରରେ ହେବାକୁ ଥିବା ନୂତନ ଐତିହ୍ୟ କରିଡର ନକ୍ସାରେ ଶ୍ରୀଜଗନ୍ନାଥ ସଂସ୍କୃତି, ପ୍ରଥା, ପରମ୍ପରା, ରୀତିନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଆସନ୍ତା ମାର୍ଚ୍ଚ ଶେଷ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ଐତିହ୍ୟ କରିଡର ଚୂଡାନ୍ତ ନକ୍ସା ପ୍ରସ୍ତୁତ ହୋଇଯିବ। ଶ୍ରୀମନ୍ଦିର ପ୍ରଶାସକ କ୍ରିଷନ କୁମାର ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରଠାରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବାକୁ ଥିବା ଐତିହ୍ୟ କରିଡର ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଐତିହ୍ୟ କରିଡର ନିର୍ମାଣ ହେଲେ ବହୁଦିନ ଧରି ଚାଲିଆସୁଥିବା ☞ପୃଷ୍ଠା–୧୫






**କରୋନା**
**୨୪ ଘଣ୍ଟାରେ ୭୫ ମୃତ**
ପୃଷ୍ଠା - ୩


Vencobb FRESH CHICKEN

04.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 77 | 128 | 138 |
| ANG | 74 | 124 | 134 |
| BHM | 69 | 118 | 128 |

*Conditions Apply

Issued in the Interest of Consumers


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦ ଓ ୧୧

**ଆଜିର ସମ୍ପାଦକୀୟ**
**ସେନା ଦାନା ଖାଉଛନ୍ତି**





ଭାଜପା ଦୁଃଶାସନ ଏବଂ ଦିଲ୍ଲୀ ସୁଲତାନ ମହମ୍ମଦ-ବିନ୍-ତୋଗଲକଙ୍କ ବଂଶଜମାନଙ୍କ ଦଳ। କେନ୍ଦ୍ର ସରକାରଙ୍କ ସିଏଏ, ଏନ୍ଆର୍ସି ଏବଂ ଏନ୍ପିଆର୍ ଡାହାଣୀ ବିଦ୍ୟା ଭଳି। ଏହି ଆଇନଗୁଡ଼ିକୁ ପଶ୍ଚିମବଙ୍ଗରେ ଲାଗୁ ହେବାକୁ ଦିଆଯିବ ନାହିଁ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



କରୋନା ଭାଇରସ୍ ଚାଇନାରେ ୪୨୬ ଜଣଙ୍କ ଜୀବନ ନେଇଥିବାବେଳେ ଆଗ୍ରାର ତାଜମହଲରେ ପ୍ରୋଟେକ୍ଟିଭ୍ ମାସ୍କ ପିନ୍ଧି ମୁତୟନ ହୋଇଛନ୍ତି ସିଆଇଏସ୍ଏଫ୍‌ର ଜଣେ ଅଧିକାରୀ।



ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନରେ ବାର୍ଷିକ ଉଦ୍ୟାନୋତ୍ସବ ଆରମ୍ଭ ବେଳେ ଫଟୋ ପୋଜ୍ ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ତାଙ୍କ ଧର୍ମପତ୍ନୀ ସବିତା।




କୋଲକାତାର ରାଜଭବନ ଆଗରେ ସିଏଏ-ଏନ୍ଆର୍ସି ବିରୋଧରେ ବିକ୍ଷୋଭ କରିବା ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି ପ୍ରୋଗ୍ରେସିଭ୍ ଷ୍ଟୁଡେଣ୍ଟ ୟୁନିୟନ (ପିଏସ୍ୟୁ) ଛାତ୍ର।

# ଦିଲ୍ଲୀ ଲଢ଼େଇ ଘମାଘୋଟ

ନୂଆଦିଲ୍ଲୀ,୪।୨

ଦିଲ୍ଲୀ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ୪ ଦିନ ବାକି ଥିବାବେଳେ ଶାସକ ଆମ୍ ଆଦ୍ମୀ ପାର୍ଟି (ଏଏପି) ଏବଂ ଭାଜପା ମୁହାଁମୁହିଁ ହୋଇଛନ୍ତି। ସରକାର ସପକ୍ଷରେ ହାଓ୍ୱା ବୋହୁଛି ବୋଲି ଦାବି କରୁଥିବା ଏଏପି ପକ୍ଷରୁ ମଙ୍ଗଳବାର ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି। ଦଳର ଆବାହକ ତଥା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଭାଜପାକୁ ବୁଧବାର ଅପରାହ୍ନ ଗୋଟାଏ ସୁଦ୍ଧା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପାଇଁ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟପକ୍ଷରେ ଭାଜପା ସପକ୍ଷରେ ବୋହୁଥିବା ହାଓ୍ୱା କେଜ୍‌ରିଓ୍ୱାଲ ଓ ତାଙ୍କ ସହଯୋଗୀଙ୍କ ନିଦ ହଜାଇ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟାର୍ଗେଟ କରିଛନ୍ତି। ପ୍ରଚାର ଶେଷ ହୋଇ ଆସୁଥିବାବେଳେ ଦିଲ୍ଲୀ ଲଢ଼େଇ ରୋଚକ ମୋଡ଼ରେ ପହଞ୍ଚିଛି।

୭୦ ସଦସ୍ୟ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ୮ ତାରିଖରେ ଭୋଟଗ୍ରହଣ କରାଯିବ। ଏଥିପାଇଁ ସବୁ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋର୍‌ଦାର କରାଯାଇଛି। ଏଏପି-ଭାଜପା-କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି କୁହାଯାଉଥିଲେ ହେଁ କଂଗ୍ରେସ ଟିକେ ପଛରେ ପଡ଼ିଯାଇଛି। ଦୁଇ ବିରୋଧୀ ଦଳ ପୂର୍ବରୁ ନିର୍ବାଚନୀ ଇସ୍ତାହାର ଜାରି କରିଥିବାବେଳେ ଏଏପି ପକ୍ଷରୁ ମଙ୍ଗଳବାର ‘୨୮ ସୂତ୍ରୀ ଗ୍ୟାରେଣ୍ଟି କାର୍ଡ’ ପ୍ରକାଶ ପାଇଛି। ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଜାରି କରିଥିବା ଏହି ଇସ୍ତାହାରରେ ଉଲ୍ଲେଖ କରାଯାଇଛି ଯେ, ଏଏପି ପୁନଃ କ୍ଷମତାସୀନ ହେଲେ ଦିଲ୍ଲୀରେ ୨୪ ଘଣ୍ଟିଆ ମାର୍କେଟ ଏବଂ ସ୍କୁଲ ପାଠ୍ୟକ୍ରମରେ ଦେଶଭକ୍ତିର ପାଠକୁ ସାମିଲ କରାଯିବ। ସାଧାରଣ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଆଇନଶୃଙ୍ଖଳା ସ୍ଥିତିରେ ଉନ୍ନତି ଅଣାଯିବ। ଏନେଇ ମୁଖ୍ୟମନ୍ତ୍ରୀ କେଜ୍‌ରିଓ୍ୱାଲ କହିଛନ୍ତି, ଦିଲ୍ଲୀବାସୀ ଏବଂ ଏପରି କି ବିରୋଧୀମାନେ ମଧ୍ୟ ତାଙ୍କ ସରକାରର ପ୍ରଦର୍ଶନ ପ୍ରତି ପ୍ରଭାବିତ ହୋଇଛନ୍ତି। ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ତାହା ଦିଲ୍ଲୀର ଭୋଟର ଜାଣିନାହାନ୍ତି। ତେଣୁ ବୁଧବାର ଅପରାହ୍ନ ୧ଟା ସୁଦ୍ଧା ଭାଜପା ନିଜ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରୁ। ଯାହା ନାମ ବି ଘୋଷଣା କରାଯିବ ତାଙ୍କ ସହିତ ବିତର୍କ କରିବା ପାଇଁ ପ୍ରସ୍ତୁତ ବୋଲି କେଜ୍‌ରିଓ୍ୱାଲ ଚ୍ୟାଲେଞ୍ଜ ଦେଇଛନ୍ତି। ଏହି ସମୟ ମଧ୍ୟରେ ଭାଜପା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ନ ବତାଇଲେ ଏଏପି ପକ୍ଷରୁ ଆଉ ଏକ ପ୍ରେସ୍ କନ୍‌ଫରେନ୍ସ କରାଯିବ ବୋଲି ସେ କହିଛନ୍ତି।

ସେପଟେ ଦ୍ୱାରକା ସେକ୍ଟର ୧୪ରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଏପିକୁ ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, ଦିଲ୍ଲୀ ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ଏଠାରେ ବୋହୁଥିବା ଭାଜପା ହାଓ୍ୱା ଅନେକ ଲୋକଙ୍କ ନିଦ ହଜାଇ ଦେଇଛି। ଜାତୀୟ ରାଜଧାନୀରେ ଏପରି ଏକ ସରକାର ଦରକାର ଯିଏ ଅନ୍ୟଙ୍କୁ ଦୋଷ ଦେବା ବଦଳରେ ଗରିବଙ୍କ ପାଇଁ କାମ କରିବ। ଘୃଣାର ରାଜନୀତି କରୁଥିବା ଦଳ ଦରକାର ନାହିଁ। ଆଗାମୀ ଦଶନ୍ଧିରେ ଦିଲ୍ଲୀ କେଉଁ ବାଟ ଦେଇ ଯିବ ତାହା ଏହି ନିର୍ବାଚନରେ ମତଦାତାଙ୍କୁ ସ୍ଥିର କରିବାକୁ ପଡ଼ିବ। ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ସ୍କିମ୍ ଭଳି କେନ୍ଦ୍ରର ଜନମଙ୍ଗଳକାରୀ ଯୋଜନାଗୁଡ଼ିକୁ ଏଏପି ଦିଲ୍ଲୀରେ ଲାଗୁ କରାଇ ଦେଉନାହିଁ। କିନ୍ତୁ ଫେବୃୟାରୀ ୧୧ (ଭୋଟ ଗଣତି) ପରେ ଆଉ ସେପରି ହେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ବାଢ଼ିଛନ୍ତି।

## ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରୁ ଭାଜପା: କେଜ୍‌ରିଓ୍ୱାଲ




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ (ମଝି)ଙ୍କ ସହ ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ ଏବଂ କ୍ୟାବିନେଟ ମନ୍ତ୍ରୀ ଗୋପାଲ ରାଏ ଏଏପି ଇସ୍ତାହାର ଉନ୍ମୋଚନ କରୁଛନ୍ତି।

## ଏଏପି ଜାରି କଲା ୨୮ ସୂତ୍ରୀ ଗ୍ୟାରେଣ୍ଟି କାର୍ଡ

## କେତେଜଣଙ୍କ ନିଦ ହଜାଇଦେଇଛି ଭାଜପା ହାଓ୍ୱା: ମୋଦି



# ଦେଶବ୍ୟାପୀ ଏନ୍ଆର୍ସି ଉପରେ ହୋଇନି ନିଷ୍ପତ୍ତି

ନୂଆଦିଲ୍ଲୀ,୪।୨



କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ

ଆସାମ ପରେ କେନ୍ଦ୍ର ସରକାର ଏବେ ଦେଶବ୍ୟାପୀ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) କରିବାକୁ ମସୁଧା ଚଳାଇଥିବା ସନ୍ଦେହରେ ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ କରୁଛନ୍ତି। କିନ୍ତୁ ଜାତୀୟ ସ୍ତରରେ ଏନ୍ଆର୍ସି ଲାଗୁ କରିବା ପାଇଁ ସରକାରଙ୍କ ଯୋଜନା ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସରକାର ଦେଶରେ ଏନ୍ଆର୍ସି ଆଣିବାକୁ ଯାଉଛନ୍ତି କି ବୋଲି ମଙ୍ଗଳବାର ଲୋକ ସଭାରେ ଶୂନ୍ୟକାଳରେ ସଦସ୍ୟ ଚନ୍ଦନ ସିଂ ଓ ନାଗେଶ୍ୱର ରାଓ ପ୍ରଶ୍ନ କରିଥିଲେ। ଏହାର ଲିଖିତ ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ସରକାର ଦେଶବ୍ୟାପୀ ଏନ୍ଆର୍ସି ଲାଗୁ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନେଇନାହାନ୍ତି। ସେହିପରି ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍ପିଆର୍) ପ୍ରକ୍ରିୟା ବେଳେ ଲୋକଙ୍କୁ କୌଣସି ଦସ୍ତାବିଜ ଦେବାକୁ ପଡ଼ିବ ନାହିଁ। ଆଧାର ନମ୍ବର ଦେବା ଲୋକଙ୍କ ଇଚ୍ଛାଧୀନ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ଗାନ୍ଧିଜୀଙ୍କ ନାଁ ଧରିନି: ହେଗ୍‌ଡେ

ନୂଆଦିଲ୍ଲୀ, ୪।୨



## ଦଳୀୟ ନେତୃବୃନ୍ଦଙ୍କୁ ଦେଲେ ସଫେଇ

ମହାତ୍ମା ଗାନ୍ଧୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ଦଳୀୟ ନେତାଙ୍କ ରୋଷର ଶିକାର ହୋଇ ସଫେଇ ଦେଇଛନ୍ତି ଭାଜପା ଏମ୍‌ପି ଅନନ୍ତ କୁମାର ହେଗ୍‌ଡେ। ବକ୍ତବ୍ୟରେ ମହାତ୍ମା ଗାନ୍ଧୀଙ୍କ ନାମ ଆଦୌ ନେଇ ନ ଥିବା ସେ ପ୍ରକାଶ କରିଛନ୍ତି। ପୂର୍ବରୁ ଦଳ ପକ୍ଷରୁ ତାଙ୍କୁ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଦଳୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ ଦଳର ଶୃଙ୍ଖଳା କମିଟିକୁ ସେ ଏନେଇ ମଙ୍ଗଳବାର ସମ୍ପୂର୍ଣ୍ଣ ଉତ୍ତର ପ୍ରଦାନ କରିଛନ୍ତି। ମହାତ୍ମାଙ୍କୁ କେବେହେଲେ ସେ ଅସମ୍ମାନ କରି ନ ଥିବା କହିଛନ୍ତି। ଗାନ୍ଧିଜୀଙ୍କ ସ୍ୱାଧୀନତା ସଂଗ୍ରାମକୁ କେବେହେଲେ ଡ୍ରାମା ବୋଲି କହି ନ ଥିବା ହେଗ୍‌ଡେ ପ୍ରକାଶ କରିଛନ୍ତି। ମିଡିଆରେ ମନ୍ତବ୍ୟକୁ କଦର୍ଥ ଭାବେ ଉପସ୍ଥାପନ କରାଯାଇଥିବା ସେ ଅଭିଯୋଗ ଲଗାଇଛନ୍ତି।

## ଇତିହାସର ଆଇନାରେ | ଫେବୃୟାରୀ ୫ର ପ୍ରମୁଖ ଘଟଣା

୧୯୭୬ ଫେବୃୟାରୀ ୫ରେ ବଲିଉଡ୍ ଅଭିନେତା ଓ ପ୍ରଯୋଜକ ଅଭିଷେକ ବଚ୍ଚନ ଜନ୍ମଗ୍ରହଣ କରିଥିଲେ। ୨୦୦୦ ମସିହାରେ ଫିଲ୍ମ ‘ରିଫ୍ୟୁଜି’ରୁ ସେ ଅଭିନୟ ଆରମ୍ଭ କରି ୫୯ରୁ ଅଧିକ ଫିଲ୍ମ କରିଛନ୍ତି। ବିଶ୍ୱସୁନ୍ଦରୀ ଐଶ୍ୱର୍ଯ୍ୟା ରାୟଙ୍କୁ ସେ ବିବାହ କରିଛନ୍ତି।

୨୦୦୮ ଫେବୃୟାରୀ ୫ରେ ଦକ୍ଷିଣ ଆମେରିକାରେ ଭୟଙ୍କର ସାମୁଦ୍ରିକ ଝଡ଼ ଆସି ଦୀର୍ଘ ୧୫ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ତାଣ୍ଡବ ରଚିଥିଲା। ଏଥିରେ ୫୮ ଜଣ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ୪୨୫ ବ୍ୟକ୍ତି ଆହତ ହୋଇଥିଲେ। ଅନେକ ଘରଦ୍ୱାର, ଗଛ ଭାଙ୍ଗିଯାଇଥିଲା।

# ନିଯୁକ୍ତି ଦେବାକୁ ଚାହୁଁନାହାନ୍ତି ମୋଦି, କେଜ୍‌ରିଓ୍ୱାଲ



ନୂଆଦିଲ୍ଲୀ,୪।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଚାହୁଁନାହାନ୍ତି। ସମାଜରେ ଘୃଣା ବିସ୍ତାର କରିବା ହେଉଛି ଉଭୟ ଭାଜପା ଏବଂ ଏଏପିର ଲକ୍ଷ୍ୟ, ଯାହାକୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଏକ ସଭାକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଦେଶର ଅର୍ଥନୀତି ଉଜୁଡ଼ିଗଲାଣି। ବେରୋଜଗାରୀ ସମସ୍ୟା ବଢ଼ିବାରେ ଲାଗିଛି। ହେଲେ ଭାଜପା ଏଥିପାଇଁ କିଛି କରୁନାହିଁ, ଅଥଚ ହିଂସାକୁ ପ୍ରୋତ୍ସାହନ ଦେଉଛି।

# ‘ଏବେ ଓ୍ୱାଇସି ପଢ଼ିବେ ହନୁମାନ ଚାଳିଶା’

ନୂଆଦିଲ୍ଲୀ,୪।୨



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଏବେ ହନୁମାନ ଚାଳିଶା ପାଠ କରିବା ଆରମ୍ଭ କରିଦେଇଛନ୍ତି। ଆଗକୁ ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସି ମଧ୍ୟ ହନୁମାନ ଚାଳିଶା ପାଠ କରିବେ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଟାକ୍ଷ କରିଛନ୍ତି। ଦିଲ୍ଲୀର ବଦରପୁର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ରାମବୀର ସିଂ ବିଧୁରିଙ୍କ ସମର୍ଥନରେ କିରାରିଠାରେ ପ୍ରଚାର କରି ଯୋଗୀ କହିଛନ୍ତି, ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ରାମମନ୍ଦିର ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ କେଜ୍‌ରିଓ୍ୱାଲ ଏବଂ ବିରୋଧୀ ଦଳ ନେତାମାନେ ହଜମ କରିପାରୁ ନାହାନ୍ତି। କେଜ୍‌ରିଓ୍ୱାଲ ଆଜିକାଲି ହନୁମାନ ଚାଳିଶା ପାଠ କରୁଛନ୍ତି। ଖୁବଶୀଘ୍ର ଓ୍ୱାଇସି ବି ତାଙ୍କ ପଦାଙ୍କ ଅନୁସରଣ କରିବେ। ପ୍ରକାଶ ଯେ, କେଜ୍‌ରିଓ୍ୱାଲ ସୋମବାର ଏକ ନ୍ୟୁଜ୍ ଚ୍ୟାନେଲରେ କହିଥିଲେ, ସେ ହିନ୍ଦୁ ବୋଲି ଭାଜପାଠାରୁ ପ୍ରମାଣପତ୍ର ଆବଶ୍ୟକ କରନ୍ତି ନାହିଁ। ଏହାସହ ସେ ମଞ୍ଚ ଉପରେ ହନୁମାନ ଚାଳିଶା ପାଠ କରିଥିଲେ।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୦ | ୧୨.୦ |
| ଚାନ୍ଦବାଲି | ୨୬.୭ | ୧୩.୪ |
| କଟକ | ୨୭.୨ | ୧୩.୪ |
| ପାରାଦ୍ୱୀପ | ୨୬.୦ | ୧୬.୧ |
| ଭୁବନେଶ୍ୱର | ୨୮.୬ | ୧୬.୦ |
| ଗୋପାଳପୁର | ୨୮.୮ | ୧୯.୮ |
| ପୁରୀ | ୨୬.୪ | ୧୬.୮ |
| ଅନୁଗୋଳ | ୨୭.୧ | ୧୧.୦ |
| ବାରିପଦା | ୨୫.୮ | ୧୨.୫ |
| ଝାରସୁଗୁଡ଼ା | ୨୫.୪ | ୧୧.୨ |
| କେନ୍ଦୁଝର | ୨୫.୦ | ୧୧.୮ |
| ସମ୍ବଲପୁର | ୨୬.୦ | ୧୫.୦ |
| ସୁନ୍ଦରଗଡ଼ | ୨୭.୫ | ୧୨.୦ |
| ହୀରାକୁଦ | ୨୬.୧ | ୧୬.୧ |
| ତାଳଚେର | ୨୬.୬ | ୧୫.୫ |
| ଭବାନୀପାଟଣା | ୩୦.୦ | ୧୮.୦ |
| ବଲାଙ୍ଗୀର | ୨୮.୭ | ୧୬.୦ |
| କୋରାପୁଟ | ୨୮.୦ | ୧୬.୬ |
| ଫୁଲବାଣୀ | ୨୫.୪ | ୧୬.୦ |
| ଟିଟିଲାଗଡ଼ | ୩୨.୪ | ୧୩.୬ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୨୯.୦ | ୧୩.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୫.୦ |

ଡିଗ୍ରୀ ସେଲ୍‌ସିୟସ୍

## ହାଇକୋର୍ଟ ଗଲେ ନିର୍ଭୟାଙ୍କ ମା’



ନୂଆଦିଲ୍ଲୀ,୪।୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀମାନଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ରବିବାର ଏହା ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ତେବେ ୪ ଦୋଷୀଙ୍କ ଫାଶୀ ଉପରେ ଖୁବଶୀଘ୍ର ନିଷ୍ପତ୍ତି ନେବା ଲାଗି ନିର୍ଭୟାଙ୍କ ମା’ବାପା ମଙ୍ଗଳବାର ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ପ୍ରକାଶ ଯେ ଦୋଷୀ ବିନୟ ଶର୍ମା, ମୁକେଶ ସିଂ, ଅକ୍ଷୟ ସିଂ ଓ ପବନ ଗୁପ୍ତାଙ୍କୁ ଫାଶୀ ଦେବା ପାଇଁ ୨ଥର ଡେଥ୍ ଓ୍ୱାରେଣ୍ଟ ଜାରି ହୋଇଥିଲା। ଦୋଷୀଙ୍କ ଓକିଲ ଏହାକୁ ଚ୍ୟାଲେଞ୍ଜ କରିବା ପରେ ପଟିଆଲା ହାଉସ୍ କୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି।

# ୧୦% ଭାରତୀୟଙ୍କୁ ହୋଇପାରେ କ୍ୟାନ୍‌ସର

ଜାତିସଂଘ,୪।୨



କର୍କଟ ରୋଗ ଭାରତରେ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ଦେଶର ପ୍ରତି ୧୦ ଜଣରେ ଜଣେ ବ୍ୟକ୍ତି ନିଜ ଜୀବନ କାଳ ମଧ୍ୟରେ କର୍କଟ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ସେହିପରି ୧୫ ଜଣଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତଙ୍କ ଜୀବନ କ୍ୟାନ୍‌ସର ନେଇପାରେ ବୋଲି ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଜାରି ଏକ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି।

ବିଶ୍ୱ କର୍କଟ ନିରାକରଣ ଦିବସ ପାଳନ ଅବସରରେ ଡବ୍ଲ୍ୟୁଏଚ୍ଓ ଏବଂ ଏହାର ଇଣ୍ଟରନ୍ୟାଶନାଲ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର ପକ୍ଷରୁ ମଙ୍ଗଳବାର ଦୁଇଟି ରିପୋର୍ଟ ପ୍ରକାଶ ପାଇଛି। ରୋଗ ଉପରେ ବିଶ୍ୱସ୍ତରରେ କାର୍ଯ୍ୟସୂଚୀ ସ୍ଥିର କରିବା ନେଇ ଗୋଟିଏ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଥିବାବେଳେ ଅନ୍ୟଟିରେ ଗବେଷଣା ଓ ନିରାକରଣ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ୨୦୧୮ରେ ଦେଶରେ ପ୍ରାୟ ୧.୧୬ ନିଯୁତ ନୂଆ କ୍ୟାନ୍‌ସର ମାମଲା ସାମ୍ନାକୁ ଆସିଥିଲା। ଏହି ବର୍ଷ ୭୮୪,୮୦୦ ଜଣ କର୍କଟରେ ପ୍ରାଣ ହରାଇଥିଲେ। ୫ ବର୍ଷ ଭିତରେ ୧ କୋଟି ୨୬ ଲକ୍ଷ ଲୋକଙ୍କଠାରେ ଏହାର ଲକ୍ଷଣ ଦେଖାଯାଇଥିଲା ବୋଲି ଏଥିରେ କୁହାଯାଇଛି। ଭାରତରେ ୬ ପ୍ରକାର କର୍କଟ ରୋଗ ଦେଖିବାକୁ ମିଳୁଛି। ଯଥା, ସ୍ତନ କର୍କଟ, ମୁଖ କର୍କଟ, ସର୍ଭିକାଲ କ୍ୟାନ୍‌ସର, ଲଙ୍ଗ୍ କ୍ୟାନ୍ସର, ପେଟ କ୍ୟାନ୍‌ସର ଓ କଲୋରେକ୍ଟାଲ କ୍ୟାନ୍‌ସର।




# କରୋନା: ୨୪ ଘଣ୍ଟାରେ ୭୫ ମୃତ

- ମହାମାରୀ ରୂପ ନେଉଛି
- ଚାଇନାରେ ମୃତ୍ୟୁସଂଖ୍ୟା ୪୨୬କୁ ବୃଦ୍ଧି

**ବେଜିଂ/ନୂଆଦିଲ୍ଲୀ, ୪।୨**



ସାରା ବିଶ୍ୱକୁ ଘାରିଛି କରୋନା ଭାଇରସ୍ ଆତଙ୍କ। ଚାଇନାର ଉହାନ ସହରରୁ ଏହା ବ୍ୟାପି ୨୫ ଦେଶକୁ କବଳିତ କଲାଣି। ଏଥିସହ ଚାଇନାରେ କେବଳ ୪୨୬ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଭାଇରସରେ ୭୫ ଜଣ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସାର୍ସ (ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ୍) ମୃତ୍ୟୁଠାରୁ ମଧ୍ୟ ଏହା ଅଧିକ ଭୟଙ୍କର ହେବାରେ ଲାଗିଛି। ୨୦୦୨-୦୩ରେ ସାର୍ସ ଯୋଗୁ ଚାଇନାରେ ୩୪୯ ଜଣ ପ୍ରାଣ ହରାଇଥିଲେ। ବିଶ୍ୱବ୍ୟାପୀ ଏହାଦ୍ୱାରା ପ୍ରାୟ ୮୦୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏବେ କରୋନା ଭାଇରସ୍ ସଂକ୍ରମଣ କ୍ରମଶଃ ମହାମାରୀର ରୂପ ଧାରଣ କରୁଥିବାବେଳେ ବିଶ୍ୱବାସୀଙ୍କ ଚିନ୍ତା ବଢ଼ାଇଦେଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ଏହାକୁ ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ଜରୁରୀ ପରିସ୍ଥିତି ଭାବେ ଘୋଷଣା କରିସାରିଛି। ଭାରତ, ହଂକଂ ଓ ଫିଲିପାଇନ୍ସର ଲୋକମାନେ କରୋନା ଭାଇରସ୍ ଦ୍ୱାରା ପ୍ରାଣ ମଧ୍ୟ ହରାଇ ସାରିଲେଣି। ସର୍ଜିକାଲ ମାସ୍କ, ମେଡିକାଲ ଇକ୍ୟୁପ୍‌ମେଣ୍ଟ, ପ୍ରୋଟେକ୍ଟିଭ୍ ସୁଟ୍ସ, ସେଫ୍ଟି ଗୁଗ୍‌ଲ୍ସ ସବୁ ଫେଲ୍ ମାରିବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ଦୁଇ ସପ୍ତାହ ହେବ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଚାଲିଥିବାବେଳେ ମୃତ୍ୟୁକୁ ରୋକାଯାଇପାରୁନି। ଚାଇନାରେ ଏବେ ୨୦, ୪୩୮ ବ୍ୟକ୍ତି କରୋନା ଭାଇରସ୍‌ରେ ସଂକ୍ରମିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି। ଆମେରିକା, ଜାପାନ, ଥାଇଲାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଜର୍ମାନୀ, ଇଟାଲୀ, ରୁଷିଆ, ବେଲଜିୟମ୍, ହଂକଂ ଆଦି ଦେଶକୁ ଏହା ବ୍ୟାପିବାରେ ଲାଗିଛି। ଭାରତ ଭଳି ଅନେକ ଦେଶରେ ଚାଇନା ଫେରନ୍ତା ବିଦେଶୀ ନାଗରିକଙ୍କୁ ପ୍ରବେଶ ଲାଗି ବାରଣ କରାଯାଇଛି। ଭାରତରେ ଚାଇନା ଫେରନ୍ତା ବିଦେଶୀ ନାଗରିକଙ୍କ ଇ-ଭିଜା ସୁବିଧାକୁ ସାମୟିକ ଭାବେ ବାତିଲ କରାଯାଇଛି।

ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ପଲିଟବ୍ୟୁରୋ ଷ୍ଟାଣ୍ଡିଂ କମିଟି ବୈଠକ ଡାକି ବରିଷ୍ଠ ଅଧିକାରୀମାନଙ୍କୁ କେତେକ ନିର୍ଦ୍ଦେଶ ଦେଇଛନ୍ତି। କରୋନା ସଂକ୍ରମଣକୁ ରୋକିବା ଲାଗି ଯଥାସମ୍ଭବ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି।

# ଫୁଲବାଣୀ ଡାକ୍ତରୀ ଛାତ୍ରଙ୍କ କରୋନା ଟେଷ୍ଟ ନେଗେଟିଭ୍

- କରୋନା ମୁକାବିଲା ଲାଗି କେନ୍ଦ୍ର ସହ ରାଜ୍ୟର ଆଲୋଚନା
- ଛାତ୍ରୀଛାତ୍ରଙ୍କୁ ଥଣ୍ଡା, କାଶ ହେଲେ ଚିକିତ୍ସା ବ୍ୟବସ୍ଥା କରିବେ ଶିକ୍ଷକ

**ଭୁବନେଶ୍ୱର, (ବ୍ୟୁରୋ)/ ଫୁଲବାଣୀ ଅଫିସ, ୪।୨**

କରୋନା ସନ୍ଦେହରୁ ମୁକ୍ତ ହୋଇଛନ୍ତି ଫୁଲବାଣୀର ଡାକ୍ତରୀ ଛାତ୍ର। କନ୍ଧମାଳ ବାସିନ୍ଦା ଚାଇନା ଫେରନ୍ତା ଡାକ୍ତରୀ ଛାତ୍ର କରୋନା ଭାଇରସ୍ ଆକ୍ରାନ୍ତ ନୁହନ୍ତି ବୋଲି ଜଣାପଡ଼ିଛି। ଏନେଇ ଡିଏମଇଟି ଡା. ସିବିକେ ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଛାତ୍ର ଜଣକ ଚାଇନାରେ ରହି ଡାକ୍ତରୀ ପାଠ ପଢୁଥିଲେ। ସେଠାରେ ସେ ୫ ବର୍ଷ ହେବ ରହି ଆସୁଥିବାବେଳେ ଏବେ ସେ ଶେଷ ବର୍ଷର ଛାତ୍ର। ଚାଇନାରେ କରୋନା ବ୍ୟାପିବା ପରେ ସେ ଭାରତ ପଳାଇ ଆସିଥିଲେ। ଏଠାରେ ସେ ଥଣ୍ଡା, କାଶରେ ସଂକ୍ରମିତ ହେବା ପରେ କରୋନା ସନ୍ଦେହରେ ତାଙ୍କୁ ଏସ୍‌ସିବିରେ ଆଡ୍‌ମିଟ୍ କରାଯାଇ ତାଙ୍କ ରକ୍ତ ଓ ଲାଳର ନମୁନା ପରୀକ୍ଷା ପାଇଁ ପୁଣେ ପଠାଯାଇଥିଲା। ମଙ୍ଗଳବାର ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି।

ଅନ୍ୟପଟେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହ ଭିଡିଓ କନଫରେନ୍ସିଂରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ମଙ୍ଗଳବାର ଆଲୋଚନା ହୋଇଛି। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତ ଦେଶରୁ ଫେରିଥିବା ୨୫ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଏବେ ସ୍ଥିର ରହିଛି। ଅନ୍ୟ ୨୨ଜଣଙ୍କୁ ହୋମ୍ ସର୍ଭିଲାନ୍ସରେ ରଖାଯାଇଛି। ୬ ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ୫ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। କେନ୍ଦ୍ର ସରକାର ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ଶଯ୍ୟା ଓ ରାଜ୍ୟର ଗୋଟିଏ ମୁଖ୍ୟ ଡାକ୍ତରଖାନାରେ ୩୦ ଶଯ୍ୟା ବିଶିଷ୍ଟ ଆଇସୋଲେଶନ୍ ୱାର୍ଡ କରିବାକୁ ପରାମର୍ଶ ଦେଇଛନ୍ତି। କଟକ ଏସସିବିରେ ବର୍ତ୍ତମାନ କରୋନା ମୁକାବିଲା ପାଇଁ ୮୪ ଶଯ୍ୟା ବ୍ୟବସ୍ଥା କରାଯାଇଛି, ଯାହାକୁ ୧୫୦କୁ ବୃଦ୍ଧି କରାଯାଇପାରିବ ବୋଲି ଡିଏମଇଟି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରୋନାକୁ ନେଇ ଗାଇଡ୍‌ଲାଇନ ଜାରି କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ସ୍କୁଲ ପିଲାଙ୍କୁ ଥଣ୍ଡା ଜ୍ୱର ଲକ୍ଷଣ ଦେଖାଦେଲେ ତୁରନ୍ତ ସ୍କୁଲ ଶିକ୍ଷକ ପିଲାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା ବ୍ୟବସ୍ଥା କରିବେ। ଅନ୍ୟପକ୍ଷେ କରୋନାକୁ ନେଇ ଭୟଭୀତ ନ ହେବାକୁ କୁହାଯାଇଛି। ଏଥିରୁ ବର୍ତ୍ତିବା ପାଇଁ ଆୟୁଷ ବିଭାଗ ପକ୍ଷରୁ ପ୍ରତିଷେଧକ ଭାବେ ହୋମିଓପାଥି ମେଡିସିନ୍ ଦିଆଯାଉଛି। ଏନେଇ ଭୁବନେଶ୍ୱର ଅଭିନ୍ନଚନ୍ଦ୍ର ହୋମିଓପାଥି ମେଡିକାଲ୍ କଲେଜରେ ଲୋକଙ୍କ ଭିଡ଼ ଜମୁଛି।

## ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ନବରଙ୍ଗପୁର,୪।୨(ବି.ପ୍ର.)**

ଏକ ବଳାତ୍କାର ମାମଲାର ବିଚାର କରି ନବରଙ୍ଗପୁର ସ୍ପେଶାଲ ଟ୍ରାକ କୋର୍ଟ ଜଜ୍ ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ୨୦୧୮ ଅଗଷ୍ଟ ୧୬ ତାରିଖରେ ଜଣେ ଯୁବତୀ ଜମିରୁ କାମ ସାରି ଫେରୁଥିଲେ। ଏହି ସମୟରେ ତେନ୍ତୁଳିଖୁଣ୍ଟି ଥାନା ଅଧୀନ ବିରିଗୁଡା ଗାଁର ତିଳ ସୌରା ତାଙ୍କୁ ପୋଖରୀ ହୁଡାର ଏକ କୁଡିଆ ଘରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦେଇଥିଲେ। ଥାନାରେ ନଂ. ୭୫/୧୮ରେ ପୋଲିସ ମାମଲା ରୁଜୁ କରି ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲା।

# ଆଜି ୧୨ ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ

**ସମ୍ବଲପୁର, ୪।୨ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଆନ୍ଦୋଳନ ଜାରି ରହିଛି। ହେଲେ ଆଇନଜୀବୀମାନେ ଆନ୍ଦୋଳନ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ବାର୍ କାଉନସିଲ ଅଫ୍ ଇଣ୍ଡିଆ ଓ ରାଜ୍ୟ ବାର୍ କାଉନସିଲ ମିଶି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରୁଥିବା ଅଭିଯୋଗ ହେଉଛି। ଫଳରେ ପଶ୍ଚିମ ଓଡ଼ିଶା ଓକିଲମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ୧୨ ଘଣ୍ଟିଆ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଏହି ବନ୍ଦ ଡାକରା ଦେଇଛି। ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାରେ ବନ୍ଦ ପାଳନ କରିବାକୁ ବାଇକ୍ ରାଲି ଓ ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବା ସହ ସମର୍ଥନ ପାଇଁ ଆହ୍ୱାନ ଦେଇଛି କ୍ରିୟାନୁଷ୍ଠାନ କମିଟି। ଏହି ଉପଲକ୍ଷେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଅଫିସ, ଶିକ୍ଷାନୁଷ୍ଠାନ, ବୀମା ଓ ବ୍ୟାଙ୍କ ଅଫିସ ବନ୍ଦ ରହିବ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଭିନ୍ନ ଷ୍ଟେଶନରେ ରେଲରୋକୋ ସହ ଜାତୀୟ ଏବଂ ରାଜ୍ୟ ରାଜପଥ ଅବରୋଧ କରାଯିବ। ଦୋକାନ ବଜାର ବନ୍ଦ କରାଯିବ ବୋଲି ଆଇନଜୀବୀମାନେ ସୂଚନା ଦେଇଛନ୍ତି। ଏହି ବନ୍ଦକୁ ସଫଳ କରିବାକୁ ସିଏସି କୋର କମିଟି ସଭ୍ୟମାନେ ବିଭିନ୍ନ ଜିଲାକୁ ଯାଇ ସେଠାକାର ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି।

ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ଏହି ବନ୍ଦରେ ସାମିଲ ହେବନାହିଁ ବୋଲି ସଂଘର ସମ୍ପାଦକ ଗଦାଧର ନେଗୀ କହିଛନ୍ତି। ଜିଲା ଓକିଲ ସଂଘ ଆନ୍ଦୋଳନର ନେତୃତ୍ୱ ନ ନେବା ଓ କୌଣସି ସଙ୍ଗଠନ ଆଗକୁ ନ ଆସିବା ଫଳରେ ବନ୍ଦକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।



**କିଛି ତଥ୍ୟ**
୨୦୧୭-୧୮ରେ ପ୍ରାୟ ୬,୯୦୦ ଅନଲାଇନ ବ୍ୟାଙ୍କ ଠକେଇ ସମ୍ପର୍କରେ ରିପୋର୍ଟ କରାଯାଇଛି।
– ଅର୍ଥ ମନ୍ତ୍ରଣାଳୟ

**ଆଜିର ମନ୍ତବ୍ୟ**
କେନ୍ଦ୍ରୀୟ ବଜେଟକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରିବାର ଉଦ୍ୟମ ଚାଲିଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶିଶୁ ମୃତ

**କଟକ ସଦର,୪।୨(ଡି.ଏନ୍.ଏ.)** ୪୨ମୌଜା ଫାଣ୍ଡି ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ୪ବର୍ଷ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସମୀର ଖଣ୍ଡୁଆଳଙ୍କ ପୁଅ ସାଗର ଖଣ୍ଡୁଆଳ। ସୂଚନା ଅନୁଯାୟୀ, ସାଗର ମାମୁ ଘରକୁ ତାଙ୍କ ମା'ଙ୍କ ସହିତ ଆସିଥିଲେ। କୌଣସି କାରଣରୁ ସାଗର ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଖଣି ହାତେଇବାକୁ ଭରପୂର ଉଦ୍ୟମ

- ୫ଦଶନ୍ଧି ଧରି ଖଣି ସାମ୍ରାଜ୍ୟ ବିସ୍ତାର କରିଥିବା କମ୍ପାନୀଗୁଡ଼ିକର ପତନ
- ଆଶଙ୍କାଗ୍ରସ୍ତ ଅବସ୍ଥାରେ ଖଣି କର୍ମଜୀବୀ

**ଯୋଡ଼ା,୪।୨(ଡି.ଏନ୍.ଏ.)**

ଆସନ୍ତା ମାର୍ଚ୍ଚ ୩୧ରେ ଲିଜ୍ ଅବଧି ଶେଷ ହେବାକୁ ଥିବା ୧୯ ଖଣିର ନିଲାମ ପ୍ରକ୍ରିୟା ଏବେ ଚାଲିଛି। ଏହା ଆସନ୍ତା ୧୮ତାରିଖରେ ଶେଷ ହେବ। ତେବେ ନିଲାମ ହାତେଇବାକୁ ଏବେ ଖଣି ବ୍ୟବସାୟୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳୁଛି। ଗତ ସପ୍ତାହଠାରୁ ଆରମ୍ଭ ହୋଇଥିବା ଖଣି ନିଲାମରେ ବର୍ତ୍ତମାନ ସୁଦ୍ଧା କେଜେଏସ୍ ଆହଲୁୱାଲିଆ ଅଧୀନରେ ଥିବା ନୂଆଗାଁ ଖଣି ଏବଂ ସୁନ୍ଦରଗଡ଼ ଜିଲା କୋଇଡ଼ାସ୍ଥିତ ନାରାୟଣପୋଷି ଆରିୟନ ମାଇନ୍ସ ଲୁହାପଥର ଖଣିକୁ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ହାତେଇବାରେ ସଫଳ ହୋଇଛି। ସେହିପରି ଆହଲୁୱାଲିଆ ଅଧୀନରେ ଥିବା କେନ୍ଦୁଝର ଜିଲାର ଠାକୁରାଣୀ କେ.ପି. ଏଣ୍ଟରପ୍ରାଇଜର୍ସ ଲୁହାଖଣିକୁ ଆର୍ସେଲର ମିତ୍ତଲ କମ୍ପାନୀ ହାତେଇଛି। ଏପରି କି ବଲଦାସ୍ଥିତ ସିରାଜୁଦ୍ଦିନ୍ ଆଣ୍ଡ ମାଇନ୍ସକୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ପୁନଃ ଆର୍ସେଲର ମିତ୍ତଲଠାରୁ ବହୁ ଅଧିକ ମୂଲ୍ୟର ନିଲାମ ଡାକି ସିରାଜୁଦ୍ଦିନ୍ କମ୍ପାନୀ ନିଜର ଅକ୍ତିଆରରେ ରଖିବାରେ ସକ୍ଷମ ହୋଇଛି। ଖବରଲେଖା ହେବା ପର୍ଯ୍ୟନ୍ତ ମଙ୍ଗଳବାର ଅତି ପ୍ରତିଦ୍ୱନ୍ଦ୍ୱିତା ଭାବେ କେଜେଏସ୍ ଆହାଲୁୱାଲିଆର ଗଣୁଆ ଲୌହ ଖଣିର ନିଲାମ ପ୍ରକ୍ରିୟା ଦ୍ରୁତ ଗତିରେ ଆଗେଇ ଚାଲିଛି। ତେବେ ଏହି ନିଲାମ ପ୍ରକ୍ରିୟାରେ ଗୋଟିଏ ତଥ୍ୟ ସ୍ପଷ୍ଟ ହୋଇଯାଇଛି ଯେ, ଦୀର୍ଘ ୫ ଦଶନ୍ଧିରୁ ୭ ଦଶନ୍ଧି ଧରି ଖଣି ଚଳାଇ ଆସୁଥିବା ଖଣି ଲିଜ୍‌ଧାରୀଙ୍କଠାରୁ ବହୁରାଷ୍ଟ୍ରୀୟ ଇସ୍ପାତ କମ୍ପାନୀ ଖଣି ଛଡ଼ାଇ ନେବାରେ ସକ୍ଷମ ହୋଇଛନ୍ତି। ଆସନ୍ତା ୫ ତାରିଖ ବୁଧବାର ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଜୁରୁଡିସ୍ଥିତ ଜିଲିଂ ଲଙ୍ଗାଲଟା ଲୌହ ଖଣି ନିଲାମ, ୬ରେ ରୋଇଡା-୨ ଲୌହ ଖଣି ନିଲାମ, ୭ରେ ଜଜାଙ୍ଗସ୍ଥିତ ରୁଙ୍ଗଟା ଲୌହ ଖଣି ନିଲାମ, ୮ରେ ମହୁଲସୁଖା ଲୌହ ଓ ମାଙ୍ଗାନିଜ୍ ଖଣି ନିଲାମ, ୯ରେ ନଦିଡିହୀସ୍ଥିତ ରୁଙ୍ଗ୍‌ଟା(ବିଆଇକୋ) ଲୌହ ଖଣି ନିଲାମ, ୧୦ରେ ମୟୂରଭଞ୍ଜ ଜିଲାର ଗୋରୁମହିଷାଣୀ ଲୌହ ଖଣି ନିଲାମ, ୧୧ରେ ନଦିଡିହୀସ୍ଥିତ ରୁଙ୍ଗଟା (ଫ୍ରିଗ୍ରେଡ୍) ନିଲାମ, ୧୨ ତାରିଖରେ କଳମଙ୍ଗସ୍ଥିତ ରୁଙ୍ଗଟା ଲୌହ ଓ ମାଙ୍ଗାନିଜ୍ ଖଣି , ୧୩ ତାରିଖରେ ସିଲିଯୋଡାସ୍ଥିତ ରୁଙ୍ଗଟା ଲୌହ ଖଣି ନିଲାମ, ୧୪ରେ ପଳସାସ୍ଥିତ ଜରିବାହାଲ ଲୌହ ଖଣି, ୧୫ରେ ସୁନ୍ଦରଗଡ଼ ଜିଲା କୋଇଡ଼ା ଖଣିମଣ୍ଡଳର ତେହେରାଇ ଲୌହ ଓ ମାଙ୍ଗାନିଜ୍ ଖଣି ନିଲାମ, ୧୬ରେ ଜଜାଙ୍ଗସ୍ଥିତ ଜୁରୁଡି ଲୌହ ଖଣି ନିଲାମ, ୧୭ରେ କାଟେସାହି ମାଙ୍ଗାନିଜ୍ ଖଣିର ନିଲାମ, ୧୮ରେ କାନ୍ଥର କୋଇଡ଼ା ମାଙ୍ଗାନିଜ୍ ଖଣି ଓ ମୟୂରଭଞ୍ଜ ଜିଲାର ବାଦାମ ପାହାଡ଼ ଲୌହ ଖଣିର ନିଲାମ ତାରିଖ ଧାର୍ଯ୍ୟ ହୋଇଛି। ସମସ୍ତ ୧୯ ଖଣିର ନିଲାମ ଶେଷ ହେବା ପରେ ନିଲାମଧାରୀଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ଅପରପକ୍ଷରେ କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଚାଲୁ ରହିଥିବା ଖଣିକୁ ରାଜନୈତିକସ୍ତରରେ ସୁରକ୍ଷା ଦେବା ପାଇଁ ଭରପୂର ପ୍ରୟାସ ଜାରି ରହିଥିବା ଦେଖିବାକୁ ମିଳିଛି; ଯାହାର ଏକ ଝଲକ ଦେଖିବାକୁ ମିଳିଥିଲା ଗତ ଜାନୁୟାରୀ ୩୧ ତାରିଖରେ ଆନନ୍ଦପୁର ବି.ଏନ୍. ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ଅବସରରେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ବିଭିନ୍ନ ଯୋଜନାକୁ ଖଣି ମାଲିକ ଡି.ଆର୍. ପଟ୍ଟନାୟକଙ୍କ ଭାଇ ତଥା ଇନ୍ଦ୍ରାଣୀ ପଟ୍ଟନାୟକ ଖଣି ମାଲିକାଣୀ ଇନ୍ଦ୍ରାଣୀ ପଟ୍ଟନାୟକଙ୍କ ଦେଢ଼ଶୁର ତଥା ବର୍ତ୍ତମାନର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଭୂୟସୀ ପ୍ରଶଂସା କରିଥିଲେ। ନବୀନ ପଟ୍ଟନାୟକଙ୍କ ଶିକ୍ଷା ଯୋଜନା ଓ ଅନ୍ୟାନ୍ୟ ଯୋଜନାକୁ ପ୍ରଶଂସା କରିବା ସହିତ ନବୀନ ଜଣେ ଭଲ ମୁଖ୍ୟମନ୍ତ୍ରୀ ବୋଲି ପିସିସି ସଭାପତି ନିରଞ୍ଜନ କହିଥିଲେ। ନିରଞ୍ଜନଙ୍କ ମୁହଁରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏଭଳି ପ୍ରଶଂସା ବାହାରିବାକୁ ନେଇ ଖଣି ଅଞ୍ଚଳରେ ବେଶ୍ ଆଲୋଡନ ପ୍ରକାଶ ପାଇଛି। ଏହା ପଛରେ କିଛି ଭିତିରିଆ ଉଦ୍ଦେଶ୍ୟ ରହିଥିବା ଜଣାପଡୁଛି। କାରଣ ନିରଞ୍ଜନଙ୍କ ଭାଇ ଏବଂ ତାଙ୍କ ଭାଇବୋହୂଙ୍କ ଅକ୍ତିଆରରେ ଏକାଧିକ ଖଣି ରହିଛି। ଏହାକୁ ସୁରକ୍ଷା ଦେବା ପାଇଁ ନିରଞ୍ଜନ ଏହିଭଳି ବାକ୍‌ଚାତୁରି ଦେଖାଇଛନ୍ତି ବୋଲି କୁହାଯାଉଛି। ଏପରି କି ଚର୍ଚ୍ଚା ହେଉଛି ଯେ, ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ତାଙ୍କ ଅଧୀନରେ ଥିବା ଖଣିଗୁଡିକୁ ରାଜ୍ୟ ସରକାରଙ୍କୁ ଦେଇଥିଲେ। ହେଲେ ପୂର୍ବତନ ଖଣି ମାଲିକ ନିରଞ୍ଜନ ପଟ୍ଟନାୟକ ମନ୍ତ୍ରୀ ହେବା ପରେ ନିଜ ଖଣିଗୁଡିକୁ ତାଙ୍କ ଭାଇଙ୍କୁ ହସ୍ତାନ୍ତର କରିଥିଲେ। ତେଣୁ ନିଜ ସମ୍ପର୍କୀୟଙ୍କ ଅଧୀନରେ ଥିବା ଖଣିକୁ ସୁରକ୍ଷା ଦେବାକୁ ନିରଞ୍ଜନ ଏପରି କହିଥିବା କୁହାଯାଉଛି। ଅନ୍ୟପକ୍ଷରେ ସାନି ନିଲାମରେ ଖଣିଗୁଡ଼ିକୁ ନୂଆନୂଆ ଆନ୍ତଃ ରାଜ୍ୟ ଓ ଅନ୍ତର୍ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ହାତେଉଥିବାରୁ ଉକ୍ତ ଖଣିଗୁଡ଼ିକରେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପୂର୍ବବତ କାର୍ଯ୍ୟ ମିଳିବ କି ସେମାନଙ୍କୁ ଛଟେଇ କରାଯିବ ସେନେଇ ଖଣି କର୍ମଜୀବୀମାନେ ଆଶଙ୍କାରେ ରହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣଙ୍କ ଇଚ୍ଛାନୁସାରେ କାର୍ଯ୍ୟ ସମ୍ପନ୍ନ ହୋଇପାରିବ। କିନ୍ତୁ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ତାଗିଦା କାରଣରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ ନ କଲେ ସମସ୍ୟା ଆସିପାରେ। ଦ୍ୱିଜା ନକ୍ଷତ୍ର ବ୍ୟବସାୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ରୋହିଣୀ ନକ୍ଷତ୍ର କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ସାମୟିକ ବିଚଳିତ ରହିବେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ଯାତ୍ରା, ଜମିଜମା କାରବାର, ବ୍ୟବସାୟିକ ସଂସ୍ଥା, ଆନୁଷ୍ଠାନିକ କାମରେ ସଫଳତା ମିଳିବ।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ସକାଳୁ ସକାଳୁ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ପାରିବାରିକ ସ୍ଥିତି, ନୂତନ କର୍ମାରମ୍ଭ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବନାହିଁ।

**କର୍କଟ** ପୁଷ୍ୟା ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ ବିବାଦୀୟ ଘଟଣାର ବିଜୟୀ ହେବେ। ଶିକ୍ଷା ଓ ପରୀକ୍ଷାରେ ସନ୍ତାନଙ୍କ କୃତି ଓ କୃତିତ୍ୱଲାଭ ସକାଶେ ମନ ଖୁସି ରହିବ। ପାରିବାରିକ କାମରେ ଭାବପ୍ରବଣତା ପରିହାର କଲେ କେତେକାଂଶରେ ଉପକୃତ ହେବେ। ନିଜସ୍ୱ ଚିନ୍ତାଧାରା ଉପଯୋଗ କରି କାମ ହାସଲ କରିପାରିବେ।

**ସିଂହ** ଏକାଧିକ କାମରେ ଅନୁପ୍ରବେଶ କରିବାରୁ ମାନସିକ ସ୍ଥିରତା ନ ରହିଲେ ମଧ୍ୟ ପ୍ରତ୍ୟେକ କାମ କରିବାକୁ ବାଧ ହେବେ। ମଘା ନକ୍ଷତ୍ରର ସାଧାରଣ କଥାରେ ବନ୍ଧୁମାନଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ସମସ୍ୟାକୁ ବଢ଼ାଇପାରେ। ସଭାସମିତିରେ ଯୋଗଦେଲେ ସମ୍ମାନିତ ହେବେ।

**କନ୍ୟା** ସ୍ଥଗିତ କାମକୁ ପୂରାଦମ୍‌ରେ କରି ସଫଳତା ହାସଲ କରିବେ। ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ବନ୍ଧୁବର୍ଗଙ୍କ ଚର୍ଚ୍ଚାକୁ ନେଇ ପ୍ରଶଂସା ଆଣିଦେବ। ବନ୍ଧୁମିଳନ ଅବକାଶରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ଆଶା ରହିଛି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଶୁଭକାର୍ଯ୍ୟରେ ଯୋଗଦେଇ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ତୁଳା** ପରିବାରର ବ୍ୟୟ ଭାର କ୍ରମଶଃ କମି ଆସିବାର ଏକପ୍ରକାର ମାନସିକ ପରିତୃପ୍ତି ଅନୁଭବ କରିବେ। କିନ୍ତୁ ଚାକିରିର କାର୍ଯ୍ୟକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ବନ୍ଧୁଙ୍କ ସମ୍ବନ୍ଧରେ ଭାବୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବିଶାଖା ନକ୍ଷତ୍ରର ଆଜି ଦିନସାରା ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ବିଛା** କର୍ମକ୍ଷେତ୍ରରେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟା ସୃଷ୍ଟି କରିବ। ବିବାଦୀୟ ଘଟଣାରେ ପରାଜୟ ଲଭିବେ କିନ୍ତୁ ବ୍ୟବସାୟ ମନ୍ଦ ହେବନି। ବନ୍ଧୁଙ୍କ ପରାମର୍ଶରେ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ଅନୁରାଧା ନକ୍ଷତ୍ରର କୌଣସି ବନ୍ଧୁ ସହ ସମ୍ପର୍କର ବିଚ୍ଛିନ୍ନ ମାନସିକ ସ୍ଥିରତାକୁ ନଷ୍ଟ କରିପାରେ।

**ଧନୁ** ମୂଳା ନକ୍ଷତ୍ର ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। ବ୍ୟବସାୟ କ୍ରମଶଃ ବହୁମୁଖୀ ଆକାର ଧାରଣ କରିବା ପାଇଁ ଯୋଜନା କରିପାରନ୍ତି। ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆନୁଷ୍ଠାନିକ କାମ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମକର** ଧନିଷ୍ଠା ନକ୍ଷତ୍ର ବନ୍ଧୁମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଦୀର୍ଘଦିନ ପରେ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ବାଣିଜ୍ୟ, ନିର୍ମାଣ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅପେକ୍ଷାକୃତ ଅସୁବିଧା ଭୋଗିବେ କିନ୍ତୁ କାମ ହୋଇଯିବ।

**କୁମ୍ଭ** ଖୁସିର ପରିବେଶ ଓ ସମୟ ବଦଳିଯିବା କାରଣରୁ ଅତୀତକୁ ସ୍ମରଣ କରି ଅନୁତାପ କରିବାକୁ ପଡିପାରେ। ଧନିଷ୍ଠା ନକ୍ଷତ୍ରର ଘରେ କିମ୍ବା ଯିବା ସମୟରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କୌଣସି କଥାକୁ ଭଲରୂପେ ବିଚାର ନ କରି ଅନ୍ୟଦ୍ୱାରା ପ୍ରଭାବିତ ହେଲେ ମସ୍ତବଡ଼ ଭୁଲ୍ କରିବେ।

**ମୀନ** ଉତ୍ତରଭାଦ୍ରପଦ୍ ନକ୍ଷତ୍ର ସାଧାରଣ ପରିଶ୍ରମରେ ବେଶି ସଫଳତା ମିଳିବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡିପାରେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଆପଣଙ୍କ ପାଇଁ ସମସ୍ୟାର କାରଣ ପାଲଟିବ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

ଆଜି ମାଘ ଶୁକ୍ଲପକ୍ଷର ସର୍ବସମ୍ମତ ଭୈମୀ(ବଡ଼)ଏକାଦଶୀ ବୁଧବାର, ଫେବୃୟାରୀ ୫ ତାରିଖ, କପୋତେଶ୍ୱର ଯାତ୍ରା ଓ ବ୍ୟାସ ସରୋବର ମେଳା, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜୟନ୍ତୀ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି, ରାଶି ନକ୍ଷତ୍ର-ମୃଗଶିରା/ବୃଷ,କର୍କଟ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀ ଉପବାସ, ସକାଳ ଘ୬।୫୩ମି. ମଧ୍ୟେ ଘ୧୦।୦୮ମି. ଗତେ ଘ୧୧।୩୮ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୧୦।୩୭ମି. ଗତେ ଘ୧୨।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ୧୨।୦୦ମି. ଗତେ ଘ୧।୨୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Bengali groom 32, 5'10", B.Tech (Electrical) Executive Engineer Jindal, Jajpur required working/ non working bride. Mobile- 9853462021. D-69008

Brahmin Administrator 35/5'9" Cuttack searching Bride (Odisha). 8338083380, 8480611745. D-68990

**Wanted fair, beautiful Software Engineer Bride for 1982 born fair, handsome, Brahmin Software Engineer working with an MNC in a senior position. Contact: 8658690884.** D-16506

Son age 29 caste-no-bar B.Tech IIT Madras MBA ISB working Consultant at Delhi 35 lakhs 6372748613. D-16553

Bride wanted for Gudia boy 5'-11" Bank PO, November 1992, established at Bhubaneswar-9938877923. D-68654

Now Matrimonial ads. only on Wednesday & Sunday Book 1 Get 1 FREE

Handsome Karan boy 1983/ 5'5", SBI Manager, "VAISNABI", 9238578590, 06742551286. D-68568

Son Age 30 Cast-no-bar B.Tech, M.Tech, NIT Rourkela Phd work Sinior Manager Bajaj Finance at Pune 8144589551. D-16508

Karan (Divorcee) Groom, 35yrs/ 5'6", B.Tech CET Bhubaneswar, MBA XIMB, Manager, Father Doctor, Caste-no-bar, 7008473567. D-67531

**GROOM WANTED**

46ବୟସ୍କା divorcee ନିଃସନ୍ତାନ Government ଚାକିରିଆ ଡେଲି ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460017. D-67930

Girl age 28 caste-no-bar B.Tech NIT Rourkela work Airport Authority of India Air Traffic Controller Officer 7008986005. D-16551

Girl age 30 Bengali B.Tech work Nationalised Bank Asst. Manager 7008986003. D-16552




**SALE**

2017, Swift Dzire (5,00,000) refinance available. 2012, Piagio Passanger Auto (70,000) Contact: 9178012971. D-16550




**SALE**

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ନୂଆ ତିନିତାଲା ଘର ବିକ୍ରିହେବ। ପ୍ଲଟ୍‌ସାଇଜ୍ 10ft x 43ft ହାତୀଶାଳ, ପୁରୀ। Contact No: 9452684397. D-68569

ଭୁବନେଶ୍ୱର ସୁନ୍ଦରପଦାରେ ଘରକଲା ଭଳି **plot/ AMRI Hospital 30'** ରାସ୍ତାକୁ ଲାଗି କିଣନ୍ତୁ। **9348767829.** D-68482

1630 sqft residential land for sale, near Police Academy, Dumduma, Near National Highway. Price - 2550 per sqft. Contact: 9861234908. D-68980

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର **Tamando** ଥାନାଠାରୁ **1k.m** ଦୂରତାରେ **yellowzone plot** ମିଳୁଅଛି। **8594954102.** D-68485

Book 3BHK duplex having land area 1400 sqft and construction area 2100 sqft, At Nandan Vihar, Patia Bhubaneswar. Price - 77 Lakhs. 9861234908. D-68979

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

Pipili Puri ନୂଆ NHକୁ ଲାଗି 30ft. road ଘରବାରି, ଇଲେକ୍ଟ୍ରିସିଟି ଓ ପାଚେରୀ ସହ 720/-ରେ plot କିଣନ୍ତୁ। 7978641199. D-68776

ଭୁବନେଶ୍ୱର କଟଣ ୧ ଗେଟ୍ ଠାରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

ନୂଆଗାଁ Petrolpumpରୁ 3km.ରେ ଘରବାରି ପ୍ଲଟ୍ ମିଳୁଛି। 8249776268, 8327774136. D-68571

ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possesion/ registration- 9937819395.** D-68481

30'road boundary, gharabari fully developed plot Gudiapokhari (KEC) 9937166932. D-68570

ଭୁବନେଶ୍ୱର ହଂସପାଳଛକରୁ **1.2km.** ଦୂରତାରେ ଘରବାରି **yellowzone plot 1750sqftକୁ 30,00,000/-** ମୌଜା- ହରିଦାସପୁର **9937025111.** D-68484

2Nos. 2175sqft. land for sale at Rajarani Mouza near Bramheswar Temple @2000/sqft., 9937927970. D-67532

Bhubaneswar new Railway stationରୁ 500 ମିଟର ଦୂରରେ yellowzone sqft. କୁ 600/-, Puri bypass road, Gudiapokhari Saimandirରୁ 500 ମିଟର ମଧ୍ୟରେ 30' ରାସ୍ତାଥାଇ ବର୍ଗଫୁଟକୁ 550/-, 9938846611, 8327714482. D-68572

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




1200sqft. fully furnished Office space having with Furniture available at 2nd floor, Bapuji Nagar Bhubaneswar @ 12000/- & 700sqft. at 3rd floor @ 7000/-, Contact: 7008485542. D-67533




Shivam logistic packers movers. Household/ car relocation countrywide. 9777044177, 9338461133. D-16351




Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Kasturi massage club, fully relaxed by expert lady, home service: 9178845612. D-68771

Newly open full body massage by ladies, gents therapist. 8018656899 D-60868

Ayurvedic full body massage by ladies, gents therapist. 7008773793 D-60869

Refresh your mind and soul with best therapy at Orchid Salon/Spa. 9937287222. D-68775

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Ayurvedic full body massage ladies and gents. Contact: 9861064981. D-68778

Refresh your body with smart and expert therapist. Contact: 8457855286. D-68989


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ସଂକ୍ଷେପରେ

### ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ସଭାରେ ପାଟିତୁଣ୍ଡ କରି ଯୁବକ ଅଟକ

**ଗୁଡଭେଲା ୪।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକା ଟୁକୁନି ସାହୁ ଏକ ବୈଠକରେ ଯୋଗ ଦେଇଥିଲେ । ଏହି ସମୟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ସଭାଗୃହରେ ପ୍ରବେଶ କରି ପାଟିତୁଣ୍ଡ କରିଥିଲେ । ଏହି ଘଟଣାରେ ତୁଷୁରା ପୋଲିସ ସଂପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଏ ନେଇ ଅଧିକ କିଛି କହିବାକୁ ମନା କରି ଦେଇଛି। ମନ୍ତ୍ରୀ ସାହୁଙ୍କୁ ଏ ନେଇ ସଂକ୍ରାନ୍ତରେ ପଚାରିବାରୁ ସେ ଏହି ପ୍ରସଙ୍ଗକୁ ଏଡାଇ ଯାଇଛନ୍ତି। ସୂଚନାଯୋଗ୍ୟ, ସଂପୃକ୍ତ ଯୁବକଙ୍କ ନାମରେ ସ୍ଥାନୀୟ ଥାନାରେ ଏକାଧିକ ମାମଲା ରହିଛି ।

### କାର୍ ସହ ୨୫ କେଜି ଗଞ୍ଜେଇ ଜବତ, ୩ ଗିରଫ

**ଭୁବନେଶ୍ୱର,୪।୨(ବ୍ୟୁରୋ):** ରାଜଧାନୀକୁ କାରରେ ଗଞ୍ଜେଇ ଚୋରା ଚାଲାଣବେଳେ ଶହୀଦନଗର ଥାନା ପୋଲିସ ଓ ଡ୍ରଗ୍ ଟାସ୍କଫୋର୍ସ ହାତରେ ଧରାପଡିଛି। ଆଶ୍ଚର୍ଯ୍ୟ ବିହାର ଛକରେ ମିଳିତ ଟିମ୍ ଉକ୍ତ କାର୍ ସହ ୨୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧୫ହଜାର ଟଙ୍କା ଓ ୩ ମୋବାଇଲ୍ ଫୋନ୍ ମଧ ଜବତ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳର ଶେକ୍ ଜାମିଲ. କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳର ଦୀପକ ଦିଗଲ ଓ ଗୌତମ ଦିଗଲ। ଏ ନେଇ ଶହୀଦନଗର ଥାନାରେ ନଂ.୫୯/୨୦ରେ ମାମଲା ରୁଜୁ ହୋଇଛି। ଏହି ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଶେକ୍ ଜାମିଲ। ଦୀପକ ଓ ଗୌତମଙ୍କ ସହଯୋଗରେ ରାଜଧାନୀ ଓ ଉପକଣ୍ଠ ଅଞ୍ଚଳକୁ ଗଞ୍ଜେଇ ଚୋରାରେ ଚାଲାଣ କରିଥାନ୍ତି। ମଙ୍ଗଳବାର ଭୋର୍ ସମୟରେ ଓଆର୦୨ବି୧୦୯୯ ନମ୍ବର ବିଶିଷ୍ଟ ମାରୁତି ଜେନ୍ କାରରେ ଗଞ୍ଜେଇ ଚୋରା ଚାଲାଣ ନେଇ ଡ୍ରଗ ଟାସ୍କଫୋର୍ସ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରିଥିଲା।

# ଓୟୁଏଟି କୁକୁଡ଼ା ଫାର୍ମ ସିଲ୍

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) କୁକୁଡ଼ା ଫାର୍ମକୁ ସିଲ୍ କରିଦିଆଯାଇଛି। ଫାର୍ମକୁ ସିଲ୍ କରିବା ସହ କର୍ତ୍ତୃପକ୍ଷ ଲାଲ୍ ପତାକା ମଧ ଲଗାଇଛନ୍ତି। ତିନିମାସ ପର୍ଯ୍ୟନ୍ତ ଫାର୍ମ ସିଲ୍ ରହିବ। ଏହାସହ ପ୍ରତି ୧୫ଦିନରେ ଥରେ ବିଶୋଧନ କରାଯିବ। ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ଫାର୍ମରେ କୁକୁଡ଼ା ପ୍ରଜନନକୁ ବନ୍ଦ କରାଯିବ ବୋଲି ପ୍ରାଣୀସମ୍ପଦ ନିର୍ଦ୍ଦେଶକ ରତ୍ନାକର ରାଉତ ସୂଚନା ଦେଇଛନ୍ତି। ଫାର୍ମ ସିଲ୍ କରାଯିବା ସମୟରେ ପ୍ରାଣୀସମ୍ପଦ ନିର୍ଦ୍ଦେଶକଙ୍କ ସମେତ ଖୋର୍ଦ୍ଧା ସିଡିଭିଓ, କେନ୍ଦ୍ରୀୟ ପ୍ରତିନିଧି ଦଳ ଓ ଓୟୁଏଟି କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀରେ କିଛିଦିନ ଲଗାତାର ଓୟୁଏଟି କୁକୁଡ଼ା ଫାର୍ମରେ ଶତାଧିକ କୁକୁଡ଼ା ମରୁଥିଲେ। ମୃତ୍ୟୁର କାରଣ ଜାଣିବା ପାଇଁ ଓୟୁଏଟି



ସିଲ୍ କରାଯାଇଥିବା ଓୟୁଏଟି କୁକୁଡ଼ା ଫାର୍ମ।

- ପ୍ରତି ୧୫ଦିନରେ ଥରେ ବିଶୋଧନ କରାଯିବ
- ବର୍ଷେ ପର୍ଯ୍ୟନ୍ତ ଫାର୍ମରେ କୁକୁଡ଼ା ପ୍ରଜନନ ବନ୍ଦ

ପକ୍ଷରୁ ଭୋପାଳସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜ୍‌କୁ ପରୀକ୍ଷା ପାଇଁ ନମୁନା ପଠାଯାଇଥିଲା। ଗତ ୨୭ ତାରିଖରେ ରିପୋର୍ଟ ଆସିବା ପରେ ବାର୍ଡ-ଫ୍ଲୁ ହୋଇଥିବା ଜଣାପଡ଼ିଥିଲା। ଏହାପରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ୨୮ତାରିଖରୁ କୁକୁଡ଼ାମରା ଅଭିଯାନ ଆରମ୍ଭ ହେଲା। କୁକୁଡ଼ାମରା ଅଭିଯାନ ଓ ରୋଗ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ୧୨ ଦ୍ରୁତ କାର୍ଯ୍ୟକାରୀ ଦଳ (ରାପିଡ୍ ରେସପନ୍ସ ଟିମ୍) ନିଯୁକ୍ତ ହୋଇଥିଲେ। ତନ୍ମଧ୍ୟରୁ ୭ ଦଳ କୁକୁଡ଼ାମରା କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅନ୍ୟ ୫ ଦଳ ନିରୀକ୍ଷଣ ଅଞ୍ଚଳରେ ରୋଗ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ଥିଲେ। ସଂକ୍ରମିତ ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳରେ ରାପିଡ୍ ରେସପନ୍ସ ଟିମ୍ ଓୟୁଏଟି କୁକୁଡ଼ା ଫାର୍ମର କୁକୁଡ଼ା ମାରିବା ସହ ମାଂସ ଦୋକାନ ଏବଂ ଅନ୍ୟାନ୍ୟ ଫାର୍ମରେ ଥିବା କୁକୁଡ଼ାଙ୍କୁ ମାରି ଗଭୀର ଗାତରେ ପୋତିଥିଲେ। ଅନ୍ୟପଟେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ଗତ ୩୦ ତାରିଖରେ ୩ ଜଣିଆ କେନ୍ଦ୍ରୀୟ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଠିକ୍ ସମୟରେ ଭୂତାଣୁ ଚିହ୍ନଟ କରାଯାଇ ପଦକ୍ଷେପ ନିଆଯାଇଥିବାରୁ ବାର୍ଡ-ଫ୍ଲୁ ରୋକାଯାଇ ପାରିଛି। ତେଣୁ ଭୟଭୀତ ନ ହେବାକୁ ପ୍ରତିନିଧି ଦଳ ପରାମର୍ଶ ଦେଇଛନ୍ତି।

# ଟଙ୍କିକିଆ କଏନ୍‌ରେ ମିନିଏଚର ପେଣ୍ଟିଂ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଭୁବନେଶ୍ୱରର ଗାୟତ୍ରୀ ମାଭୁରୁ ଟଙ୍କିକିଆ କଏନ୍‌ରେ ମିନିଏଚର ପେଣ୍ଟିଂ କରି ୱାର୍ଲଡ ରେକର୍ଡସ ଇଣ୍ଡିଆ (ଡବ୍ଲ୍ୟୁଆର୍‌ଆଇ)ରେ ସ୍ଥାନ ପାଇଛନ୍ତି। କଏନ୍‌ରେ ଏକାଧିକ ନିଆରା ତଥା ଭିନ୍ନ କ୍ଷୁଦ୍ର ଚିତ୍ରକଳାମାନ କରି ସେ ଏହି ରେକର୍ଡ ହାସଲ କରିଛନ୍ତି। ବଜାରକୁ ନୂଆ ଆସିଥିବା ଟଙ୍କିକିଆ ମୁଦ୍ରାର ଉପର ପାର୍ଶ୍ୱକୁ ଛୋଟ କାନ୍‌ଭାସ୍ ଭାବେ ବ୍ୟବହାର କରି ଆକର୍ଷଣୀୟ ଚିତ୍ରକଳା ପ୍ରସ୍ତୁତ କରିଥିବାବେଳେ ଏଥିରେ ସେ ଆକ୍ରିଲିକ୍ ପେଣ୍ଟିଂ କରିଥିଲେ। ଏହି ହାତତିଆରି ପୋଟ୍ରେଟ୍ ମାତ୍ର ୨୦ମିମି ବ୍ୟାସ ବିଶିଷ୍ଟ ହୋଇଥିବାରୁ ସେ ଏହି ବିରଳ ରେକର୍ଡ ହାସଲ କରିବାରେ ସଫଳ ହୋଇଛନ୍ତି।

ବହୁମୁଖୀ ପ୍ରତିଭାର ଅଧିକାରିଣୀ ଗାୟତ୍ରୀ ଏକାଧାରାରେ ଜଣେ ଚିତ୍ରଶିଳ୍ପୀ, କବି, ଶିକ୍ଷାବିତ୍, ସାମାଜିକ କର୍ମୀ ଓ ଉଦ୍ୟୋଗୀ। ସେ ଏକାସଙ୍ଗେ ୧୦ ଭିନ୍ନ




ଡବ୍ଲ୍ୟୁଆର୍‌ଆଇ ମେଡାଲ୍ ସହ ଗାୟତ୍ରୀ ମାଭୁରୁ।

**ଗାୟତ୍ରୀଙ୍କ ବିରଳ ରେକର୍ଡ**

ଭିନ୍ନ ସିରିଜରେ ମୋଟ ୧୦୦ କଏନକୁ ଚିତ୍ରିତ କରିଛନ୍ତି। ପ୍ରଭୁ ଶ୍ରୀଗଣେଶ, ଗୌତମ ବୁଦ୍ଧ, ବନ୍ଦ କବାଟ, ଫୁଲ, ସୂର୍ଯ୍ୟଦେବ, ଗ୍ରହ ଓ ଉପଗ୍ରହ, ପ୍ରଜାପତି, ନୌକା ଓ ଜାହାଜ, କୋଇ ଫିସ୍, ସିସ୍କେପ୍‌ସ, ସିନେରୀ ଆଦି ସିରିଜ ଉପରେ ସେ ଏହି ଚିତ୍ରକଳା କରିଥିଲେ। ତେବେ ୧୦୦ କଏନ୍‌କୁ ଚିତ୍ରିତ କରିବା ପାଇଁ ଗାୟତ୍ରୀଙ୍କୁ ପ୍ରାୟ ୧୦୦ ଘଣ୍ଟା ସମୟ ଲାଗିଥିଲା। ଜାନୁୟାରୀରେ ସେ ଏହି ୱାର୍ଲଡ୍ ରେକର୍ଡ ହାସଲ କରିବାରେ ସଫଳ ହୋଇଥିଲେ। ଅନ୍ୟପଟେ ଗାୟତ୍ରୀ ବିଭିନ୍ନ ସାମାଜିକ କାମରେ ମଧ୍ୟ ନିଜକୁ ନିୟୋଜିତ ରଖିଛନ୍ତି। ଗରିବ ଘରର ପିଲାଙ୍କ ନିକଟରେ ଶିକ୍ଷା ପହଞ୍ଚାଇବା ପାଇଁ ସେ ନିଜସ୍ୱ ଉଦ୍ୟମରେ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହାସହ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ସେ କାର୍ଯ୍ୟ କରୁଛନ୍ତି।

# ଦନ୍ତା ଆକ୍ରମଣରେ ଦୁଇ ମହିଳା ଆହତ

**ବଡ଼ସାହି,୪।୨(ସ୍ୱ.ପ୍ର):** ବଡ଼ସାହି ଥାନା ଅଧୀନ ଦେଉଳିଆ ପଞ୍ଚାୟତ ଗଦଗଦି ଗ୍ରାମର ଦୁଇ ମହିଳା ଦନ୍ତା ଆକ୍ରମଣରେ ଆହତ ହୋଇଛନ୍ତି। ମହିଳା ଦ୍ୱୟ ହେଲେ ସେହି ଗ୍ରାମର ଲକ୍ଷ୍ମୀ ଟୁଡୁ ଓ କାପୁରା ହେମ୍ବ୍ରମ। ବନବିଭାଗ ପକ୍ଷରୁ ଆହତମାନଙ୍କୁ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କକରାଯାଇଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଧାନ ଖାଇବାକୁ ଖଳା ମଧ୍ୟକୁ ପଶିଆସିଥିଲା। ବାରଣ୍ଡାରେ ଶୋଇଥିବା ମହିଳାମାନେ ହାତୀର ଶବ୍ଦ ଶୁଣି ଜୀବନ ବଞ୍ଚାଇବାକୁ ଦୌଡିଥିଲେ। ମାତ୍ର ଦନ୍ତାଟି ସେମାନଙ୍କୁ ଗୋଡାଇବା ସହ ଶୁଣ୍ଢରେ ଆକ୍ରମଣ କରିଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଖବରପାଇ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତେବେ ଦୀର୍ଘ ଦିନ ଧରି ଦନ୍ତାଟି ଗାଁ ଗଣ୍ଡାରେ ପଶି ଉତ୍ପାତ ଚଳାଇ ଆସୁଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖୁବଶୀଘ୍ର ଦନ୍ତାର ଗତିବିଧିକୁ ଲକ୍ଷ୍ୟ କରି ଶିମିଳିପାଳ ଜଙ୍ଗଲରେ ଛାଡିବାକୁ ଜନସାଧାରଣ ଦାବି କରିଛନ୍ତି।

ଶୁଭେଚ୍ଛା ବାର୍ତ୍ତା

ନିମାପଡ଼ା, କୁଅଁରପୁରସ୍ଥିତ ବାଣୀଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟିର ସମସ୍ତ ପୁରାତନ ଓ ନୂତନ କର୍ମକର୍ତ୍ତାମାନଙ୍କୁ ଶୁଭ ଅଭିନନ୍ଦନ। ଆସନ୍ତୁ ସମସ୍ତେ ମିଳିମିଶି ଏହି ପବିତ୍ର ଶିକ୍ଷାନୁଷ୍ଠାନକୁ ଆଗେଇ ନେବା ପାଇଁ ଆମେ ଦୃଢ଼ ସଂକଳ୍ପ ନେବା।

ଶୁଭେଚ୍ଛା ସହ...

ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ
ମାନ୍ୟବର ମନ୍ତ୍ରୀ, ସ୍କୁଲ ଓ ଗଣଶିକ୍ଷା ବିଭାଗ
ତଥା ସଭାପତି ପରିଚାଳନା ସମିତି

ଡଃ ଜ୍ୟୋସ୍ନାରାଣୀ ବସ୍ତିଆ
ଅଧକ୍ଷା
ଏବଂ କର୍ମଚାରୀ ବୃନ୍ଦ

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
- ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
- ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।
Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

Do you have a burning desire to excell....
NTC Industries Ltd.
a leading Tobacco manufacturing company, requires area wise Superstockists & Distributors.
Superstockist
For West Bengal, Odisha, Arunachal Pradesh, Assam, Meghalaya, Manipur, Mizoram, Nagaland and Tripura.
Distributor
For West Bengal, Bihar, Jharkhand, Odisha, Arunachal Pradesh, Assam, Meghalaya, Manipur, Mizoram, Nagaland and Tripura.
Applicants must have sound financial background with proper infrastructure. Preference will be given to those having similar experience in Tobacco/FMCG sectors.
Interested applicants may send an e-mail to sharad.lakhani16@gmail.com or call at +91 93246 59046 within 7 days.




# ଅପାରଗତା ନା ଅବହେଳା

ରାୟଗଡ଼ା ଜିଲାର ଉନ୍ନୟନରେ ବାଧକ ସାଜିଛି ଜିଲା ପ୍ରଶାସନ। ସରକାର ଓ ପ୍ରଶାସନର କାର୍ଯ୍ୟଦକ୍ଷତା ବିକାଶରେ ମୁଖ୍ୟ ଭୂମିକା ରହିଥାଏ। ସରକାର ମାନବ ସମ୍ବଳ ଓ ଭିତ୍ତିଭୂମିର ପ୍ରଗତି ନିମନ୍ତେ ଯେଉଁ ପରିମାଣର ଯୋଜନା ପ୍ରସ୍ତୁତ କରିବେ ସେହି ହିସାବରେ ବିକାଶ ହେବ। ଯୋଜନାର ସଫଳ ରୂପାୟନ ନିମନ୍ତେ ଅର୍ଥ ମୁଖ୍ୟ ଉପାଦାନ। କିନ୍ତୁ ରାୟଗଡ଼ା ଜିଲାରେ ସ୍ଥାନୀୟ ପ୍ରଶାସନର ଅପାରଗତା ଓ ଅବହେଳା ଯୋଗୁ ଏଠାକୁ ବିକାଶ ନିମନ୍ତେ ଆସୁଥିବା ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଜିଲାର ପ୍ରଗତିରେ ସ୍ଥାନୀୟ ପ୍ରଶାସନ କିପରି ବାଧକ ସାଜିଛି, ତାହା ଜିଲା ପ୍ରଶାସନର ଅଷ୍ଟାଦଶ ଜିଲା ଯୋଜନା କମିଟି ବୈଠକରେ ପ୍ରସ୍ତୁତ ରିପୋର୍ଟ ଦେଖିଲେ ତାହା ସ୍ପଷ୍ଟ ହେବ। ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ୨୦୧୭-୧୮ ଆର୍ଥିକ ବର୍ଷରେ ୮୨୭ କୋଟି ୧୦ ଲକ୍ଷ ୫୯ ହଜାର ଟଙ୍କା ଅନୁଦାନ ଆସିଥିଲା। ସମସ୍ତ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ୨୦୧୮-୧୯ ଆର୍ଥିକ ବର୍ଷରେ ୯୦୫ କୋଟି ୫୩ ଲକ୍ଷ ୫୪ ହଜାର ଟଙ୍କା ଅନୁଦାନ ଆସିଥିବା ବେଳେ ଖର୍ଚ୍ଚ ହୋଇଛି ୮୦୨ କୋଟି ୧୧ ଲକ୍ଷ ୩୩ ହଜାର ଟଙ୍କା, ଯାହା ପୂର୍ବ ଆର୍ଥିକ ବର୍ଷର ବ୍ୟୟଠାରୁ ମଧ୍ୟ କମ୍। ଜିଲାରେ ମୁଖ୍ୟତଃ ୧୫ଟି ବିଭାଗକୁ ୨୦୧୮-୧୯ ଆର୍ଥିକ ବର୍ଷରେ ୯୦୫ କୋଟି ୫୩ ଲକ୍ଷ ୫୪ ହଜାର ଟଙ୍କା ଅନୁଦାନ ମିଳିଥିଲା। ସେଥିରୁ ଜଳସେଚନ ବିଭାଗ, ଶକ୍ତି ବିଭାଗ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଜ୍ଞାନ ଓ ଜ୍ଞାନକୌଶଳ, ଜଙ୍ଗଲ ବିଭାଗ ଓ ହରିଜନ ଆଦିବାସୀ ଉନ୍ନୟନ ବିଭାଗ ଅନୁଦାନ ପ୍ରାପ୍ତ ରାଶିର ୧୦୦ ପ୍ରତିଶତ ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହାପରେ କ୍ରମାଗତ ଭାବେ ଅନୁଦାନ ପାଣ୍ଠିରୁ ସମାଜ କଲ୍ୟାଣ ବିଭାଗ ପ୍ରାୟ ୯୯.୭୬ ପ୍ରତିଶତ, ଜଳ ଯୋଗାଣ ବିଭାଗ ପ୍ରାୟ ୯୮ .୯୫ ପ୍ରତିଶତ, ସାମାଜ ମଙ୍ଗଳ (ଶିକ୍ଷା )ବିଭାଗ ୯୮.୪ପ୍ରତିଶତ, ଶିଳ୍ପ ବିଭାଗ ୯୫.୬ ପ୍ରତିଶତ, ସାଧାରଣ ସମସ୍ୟା, ସ୍ୱତନ୍ତ୍ର ଉନ୍ନୟନ, ସଙ୍କଟମୟ ମୁକାବିଲା ଏମ୍‌ପି ଓ ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରାୟ ୯୩ .୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛନ୍ତି। କିନ୍ତୁ ନିଜ ଅନୁଦାନ ପାଣ୍ଠିକୁ ଖର୍ଚ୍ଚ କରିବାରେ ସକ୍ଷମ ହୋଇ ନ ପାରିବାରେ ପ୍ରଥମ ସ୍ଥାନରେ ରହିଛି ସହରାଞ୍ଚଳ ଉନ୍ନୟନ ବିଭାଗ। ଏହା ନିଜର ପାଣ୍ଠି ୫ କୋଟି ୪୬ ଲକ୍ଷ ୨୮ ହଜାର ଟଙ୍କାରୁ ମାତ୍ର ୧ କୋଟି ୯୧ ଲକ୍ଷ ୪୦ ହଜାର ଖର୍ଚ୍ଚ କରିପାରିଛି। ଏହା ପଛକୁ ରହିଛି କୃଷି ବିଭାଗ (ପ୍ରାଣୀ ସମ୍ପଦକୁ ଛାଡ଼ି) କୃଷି ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଚାଷ ସମବାୟ ବିଭାଗ ୪୨ କୋଟି ୧୧ ଲକ୍ଷ ୩୯ ହଜାର ଟଙ୍କାରୁ ମାତ୍ର ୨୩ କୋଟି ୧୪ ଲକ୍ଷଟଙ୍କା ଖର୍ଚ୍ଚ କରିଛି। ସେହିଭଳି ୭୪.୬୮ ପ୍ରତିଶତ ସ୍ୱାସ୍ଥ୍ୟ ଓ ଜନ କଲ୍ୟାଣ ବିଭାଗରେ ମାତ୍ର ୭୬ ପ୍ରତିଶତ ଓ ଗ୍ରାମାଞ୍ଚଳ ଉନ୍ନୟନ ବିଭାଗ ମାତ୍ର ୭୭.୬୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛି। ଅନ୍ୟ ଏକ ଗୁରୁତ୍ୱ ବିଷୟ ହେଉଛି କ୍ରୀଡ଼ା ଓ ସଂସ୍କୃତି ବିଭାଗକୁ ମିଳିଥିବା ଅନୁଦାନ ୧ କୋଟି ଟଙ୍କାରୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହୋଇ ନ ଥିବା ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି। ଏହି ସମସ୍ତ ତଥ୍ୟ ପଦାକୁ ଆସିବା ପରେ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ନିଜର ଅପାରଗତା ଯୋଗୁ ଜିଲାରେ ଠିକ୍ ଭାବେ ଅନୁଦାନ ଖର୍ଚ୍ଚ କରିପାରିନାହାନ୍ତି। ଆଗାମୀ ଆର୍ଥିକ ବର୍ଷରେ ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ବର୍ତ୍ତମାନଠାରୁ ସରକାର ଓ ପ୍ରଶାସନ ସଜାଗ ରହିବା ଜରୁରୀ ହୋଇପଡ଼ିଛି।

– ଭାଗ୍ୟଶ୍ରୀ ମିଶ୍ର

# ବଲଦା ଲୁହାପଥର ଖଣି ହାତେଇଲା ସିରାଜୁଦ୍ଦିନ୍

ଭୁବନେଶ୍ୱର,୪।୨(ବ୍ୟୁରୋ)

କେନ୍ଦୁଝର ଜିଲାରେ ଥିବା ବଲଦା ଲୁହା ପଥର ଖଣିକୁ ସିରାଜୁଦ୍ଦିନ୍ ଆଣ୍ଡ କୋ ନିଜ ପାଖରେ ରଖିବାରେ ସମର୍ଥ ହୋଇଛି। ସୋମବାର ମଧରାତ୍ର ପରେ ମଧ ଏହି ଖଣିର ନିଲାମୀ ପ୍ରକ୍ରିୟା ଜାରି ରହିଥିଲା। ରାତି ୨ଟା ୪୧ ମିନିଟ୍‌ରେ ସେହି ଖଣିର ଲୁହାପଥର ବିକ୍ରିମୂଲ୍ୟର ୧୧୮.୦୫ ପ୍ରତିଶତ ପଏଣ୍ଟରେ ନିଲାମୀ ଶେଷ ହୋଇଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ଠାକୁରାଣୀ ଲୁହାପଥର ଖଣିକୁ ଆର୍ସେଲ ମିତ୍ତଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ହାତେଇଥିଲା। ଏହା ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ନୂଆଗାଁ ଓ ନାରାୟଣପୋଷି ଲୁହାପଥର ଖଣି ହାତେଇଛି। ଏହି ଦୁଇଟି ଖଣିରେ ମୋଟ୍ ୯୮୦ ନିୟୁତ ଟନ୍ ଲୁହାପଥର ଥିବା କୁହାଯାଇଛି। ନୂଆଗାଁ ଲୁହାପଥର ଖଣିରେ ପ୍ରାୟ ୭୯୦ ନିୟୁତ ଟନ୍ ଲୁହାପଥର ଗଚ୍ଛିତ ଥିବାବେଳେ ନାରାୟଣପୋଷି ଲୁହାପଥର ବ୍ଲକରେ ୧୯୦ ନିୟୁତ ଟନ୍ ରହିଥିବା ଆକଳନ କରାଯାଇଛି। ସେହିପରି ଶେଷ ଖବରସୁଦ୍ଧା ମଙ୍ଗଳବାର ସୁନ୍ଦରଗଡ ଜିଲାରେ ଥିବା ଗଣୁଆ ଖଣିର ନିଲାମୀ ଜାରି ରହିଥିଲା। ଏହି ଖଣିକୁ ହାତେଇବା ପାଇଁ କେଜେଏସ୍ ଆହଲୁୱାଲିଆ, ଜେଏସ୍‌ଡବ୍ଲ୍ୟୁ, ରୁଙ୍ଗଟା, ଶ୍ୟାମ୍ ଏବଂ ଅମଲଗମ୍ ପ୍ରଭୃତି ଚେଷ୍ଟା କରୁଛନ୍ତି। ଅନୁରୂପଭାବେ ବହୁଚର୍ଚ୍ଚିତ କେନ୍ଦୁଝର ଜିଲା ବଡବିଲ ତହସିଲରେ ଥିବା ଜିଲିଙ୍ଗ୍ ଲଙ୍ଗାଲୋଟା ଖଣିର ନିଲାମୀ ବୁଧବାର ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ହାତେଇବା ପାଇଁ ଆଦାନୀ କମ୍ପାନୀ ୮୦.୭୦ ପ୍ରତିଶତ ମୂଲ୍ୟ ରଖି ଆବେଦନ କରିଥିବା ଜଣାପଡିଛି। ତେଣୁ ଏହି ଖଣି କିଏ ହାତେଇପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଚାଲିଛି। ସମସ୍ତ ଖଣିର ନିଲାମ ଫେବୃୟାରୀ ୧୮ ସୁଦ୍ଧା ଶେଷ ହେବା ପରେ ନିଲାମଧାରୀଙ୍କୁ ଲେଟର ଅଫ ଇଣ୍ଟେଣ୍ଟ ପ୍ରଦାନ କରାଯିବ।

# ଜେଲରୁ ମୁକୁଳିଲେ ଆଇଏଏସ୍ ଅଫିସର ବିଜୟ କେତନ

ଭୁବନେଶ୍ୱର,୪।୨(ବ୍ୟୁରୋ)

ଲକ୍ଷେ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କୁ ସୋମବାର ହାଇକୋର୍ଟ ଜାମିନ ଦେଇଥିଲେ। ନିମ୍ନ ଅଦାଲତଙ୍କ ସର୍ତ୍ତ ନିର୍ଦ୍ଧାରଣ ପରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ବିଜୟ ଝାରପଡା ଜେଲରୁ ମୁକୁଳିଛନ୍ତି। ସେ ଜେଲରୁ ବାହାରିବା ପରେ ସିଧା କଟକସ୍ଥିତ ତାଙ୍କ ଘରକୁ ଯାଇଥିବା ଜଣାପଡିଛି। ତେବେ ଏହି ସମୟରେ ଜେଲ୍ ବାହାରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧିମାନେ ବିଜୟଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ପ୍ରତିକ୍ରିୟା ରଖି ସେ କହିଥିଲେ, କୋର୍ଟରେ ବର୍ତ୍ତମାନ ମାମଲା ବିଚାରାଧୀନ ରହିଥିବାରୁ କିଛି କହିବା ଠିକ୍ ହେବ ନାହିଁ। କୋର୍ଟ ଯାହା ନିଷ୍ପତ୍ତି ନେବେ ତାହା ମାନିନେବି ବୋଲି ବିଜୟ କହିଥିଲେ। ଝାରପଡା ଜେଲ୍ ଅଧୀକ୍ଷକ ଶୁଭକାନ୍ତ ମିଶ୍ର କହିଛନ୍ତି, ବିଜୟଙ୍କ ଜାମିନ ସଂକ୍ରାନ୍ତ ହାଇକୋର୍ଟଙ୍କ ଅର୍ଡର ମଙ୍ଗଳବାର ଅପରାହ୍ନ ସାଢେ ୫ଟାରେ ପହଞ୍ଚିଥିଲା। ଆବଶ୍ୟକ କାଗଜପତ୍ର କାର୍ଯ୍ୟ ସରିବା ପରେ ତାଙ୍କୁ ୬ଟାରେ ଜେଲରୁ ମୁକ୍ତ କରାଯାଇଥିଲା। ଅନ୍ୟପକ୍ଷରେ ସମାନ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା


ବିଜୟ କେତନ ଉପାଧ୍ୟାୟ।

- ମାମଲା ବିଚାରାଧୀନ ରହିଛି, କହିବା ଠିକ୍ ହେବ ନାହିଁ: ବିଜୟ
- ସହଯୋଗୀ ସନ୍ତୋଷଙ୍କୁ ବି ସର୍ତ୍ତମୂଳକ ଜାମିନ

ବିଜୟ କେତନଙ୍କ ସହଯୋଗୀ ସନ୍ତୋଷ ପଟ୍ଟନାୟକଙ୍କୁ ହାଇକୋର୍ଟ ମଙ୍ଗଳବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ଜାମିନର ସର୍ତ୍ତ ନିର୍ଦ୍ଧାରଣ କରିବେ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ଜାମିନ ଅର୍ଡର ପହଞ୍ଚିବା ପରେ ସେ ମଧ ଜେଲ୍‌ରୁ ବାହାରିବେ ବୋଲି ସୂଚନା ମିଳିଛି।

ଆଇଏଏସ୍ ଅଫିସର ବିଜୟ କେତନ ଉଦ୍ୟାନ କୃଷି ବିଭାଗର ନିର୍ଦ୍ଦେଶକ ଥିବାବେଳେ ଏକ ବିଲ୍ ପାସ୍ କରିବା ପାଇଁ ଏକଲକ୍ଷ ଟଙ୍କା ନେବା ଅଭିଯୋଗରେ ଡିସେମ୍ବର ୩୦ରେ ଗିରଫ ହୋଇଥିଲେ। ବିଜୟଙ୍କ ପାଇଁ ଉକ୍ତ ଟଙ୍କା ତାଙ୍କ ସହଯୋଗୀ ସନ୍ତୋଷ ଏକ ଘରୋଇ ସଂସ୍ଥାର ପ୍ରତିନିଧିଙ୍କଠାରୁ ନେଉଥିବାବେଳେ ଧରାପଡ଼ିଥିବା ଭିଜିଲାନ୍ସ ଦର୍ଶାଇଥିଲା। ଭିଜିଲାନ୍ସ ଉଭୟଙ୍କୁ ୫ ଦିନିଆ ରିମାଣ୍ଡରେ ନେଇ ପଚରାଉଚରା କରିଥିଲା। ଇତିମଧ୍ୟରେ ବିଜୟଙ୍କ ୨ଥର ଜାମିନ ଆବେଦନକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାନୁୟାରୀ ୮ ଓ ୧୩ରେ ଖାରଜ କରିଦେଇଥିଲେ। ସେ ଏହାକୁ ଚ୍ୟାଲେଞ୍ଜ କରି ଜାନୁୟାରୀ ୧୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରି କି ବିଜୟଙ୍କ ସ୍ତ୍ରୀ ଖବରଦାତା ସମ୍ମିଳନୀ କରି ସରକାରୀ ପିପି ଏବଂ ଭିଜିଲାନ୍ସ ଉପରେ ଦୋଷ ଦେଇଥିଲେ। କେତେଜଣ ଉପରିସ୍ଥ ଅଧିକାରୀ ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ।

TATA STEEL | TATA

ସର୍ବସାଧାରଣ ବିଜ୍ଞପ୍ତି

ରେଳ ଲାଇନ୍ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତି ଓ ଇଷ୍ଟ କୋଷ୍ଟ ରେଲୱେର ଏମ୍/ଏସ୍ ଟାଟା ଷ୍ଟିଲ ଲିମିଟେଡ୍/ଜେଜେପିଆର (ଆଲ୍‌ଫା କୋଡ୍ ଟିଏସ୍‌ଏଲ୍‌ଜେ ଏବଂ ସଂଖ୍ୟା କୋଡ୍-୧୨୧୨୧୦୬୪)ର ବେସରକାରୀ ସାଇଡିଂର ପରିସରରେ ଥିବା ଲୋକମାନଙ୍କୁ ଜଣାଇ ଦିଆଯାଉଛି ଯେ, ୨୫୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍ ଏସି ଓଭରହେଡ୍ ଟ୍ରାକ୍‌ସନ୍ ତାରରେ ନିମ୍ନଲିଖିତ ସେକସନ୍‌ରେ ଥିବା ତାରିଖ ଦିନ କିମ୍ବା ତା ପରେ ଶକ୍ତି ସଂଚାର କରାଯିବ । ସେହି ଦିନ ଏବଂ ସେହି ତାରିଖଠାରୁ ଓଭରହେଡ୍ ଟ୍ରାକ୍‌ସନ୍ ସବୁ ସମୟରେ ଚାର୍ଜ ଥିବାର ଗ୍ରହଣ କରାଯିବ ଓ ଅନୁମତି ପ୍ରାପ୍ତ ନଥିବା କୌଣସି ବ୍ୟକ୍ତି ଏହା ପାଖକୁ ଯିବେ ନାହିଁ କିମ୍ବା ଏହା ନିକଟରେ କାର୍ଯ୍ୟ କରିବେ ନାହିଁ ।

ଜେଜେପିଆର ନିକଟରୁ ଟିଏସ୍‌ଏଲ୍ ସାଇଡିଂର ବିଭିନ୍ନ ସ୍ଥାନର ବିଦ୍ୟୁତ୍‌କରଣର ବିବରଣୀ ନିମ୍ନରେ ଦିଆଗଲା:

| କ୍ରମିକ ସଂଖ୍ୟା | ବିବରଣୀ | ସ୍ଥାନଠାରୁ | ସ୍ଥାନ ପର୍ଯ୍ୟନ୍ତ | | ତାରିଖ |
|---|---|---|---|---|---|
| ୧. | ଲାଇନ୍ ସଂଖ୍ୟା ୭ ଓ ୧୭ ସର୍ଣ୍ଣିଂ ନେକ୍ କ୍ରସ୍‌ଓଭର | ୧୧/୨୩୨୬ ସିଏଚ୍. ୧୧/୬୨୪.୦୦ | ୧୧/୩୦୭୩ ସିଏଚ୍. ୧୧/୨୨୫.୫୦ | ୦.୩୯୯୫ | ୬.୨.୨୦୨୦ |
| ୨. | ଲାଇନ୍ ସଂଖ୍ୟା ୭ ଓ ୧୭ ସର୍ଣ୍ଣିଂ ନେକ୍ କ୍ରସ୍‌ଓଭର | ଟିଏସ୍‌ଏଲ୍- x/୦୬ ସିଏଚ୍.୧୧/୩୯୦.୫୦ | ଟିଏସ୍‌ଏଲ୍-୧୧/୦୮ ସିଏଚ୍. ୧୧/୧୮୦.୫୦ | ୦.୨୧୦ | ୬.୨.୨୦୨୦ |
| ମୋଟ ଟିକେଏମ୍ | | | | ୦.୬୦୯୫ | |
| ୩. | ଲାଇନ୍ ସଂଖ୍ୟା ୨୬ ଓ ୨୭ ସର୍ଣ୍ଣିଂ ନେକ୍ କ୍ରସ୍‌ଓଭର | ଟିଏସ୍‌ଏଲ/୦୯/୪୦ ସିଏଚ୍.୮୬୬.୨୫ | ଟିଏସ୍‌ଏଲ/୦୯/୨୦୬୧ ସିଏଚ୍.୫୭୬.୦୦ | ୦.୨୯୦୨ | ୧୫.୨.୨୦୨୦ |
| ମୋଟ ଟିକେଏମ୍ | | | | ୦.୨୯୦୨ | |

ମୁଖ୍ୟ ପ୍ରକଳ୍ପ, (ପାୱାର ସିଷ୍ଟମ୍)
ଟାଟା ଷ୍ଟିଲ ଲିମିଟେଡ୍

Registered Office: Bombay House, 24, Homi Mody Street, Fort, Mumbai – 400 001, India
Tel.: 022 66658282 Fax: 022 66657724
(CIN) – L27100MH1907PLC000260
website: www.tatasteel.com

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

# ସେନା ଦାନା ଖାଉଛନ୍ତି

ବର୍ତ୍ତମାନର କେନ୍ଦ୍ର ସରକାର ଜାତୀୟ ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବଡ଼ ପାଟିରେ କହୁଛନ୍ତି। ବଜେଟ ୨୦୨୦-୨୧ରେ ପ୍ରଯତ୍ନଶୀଳ ସମାଜ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେଥିରେ ଜାତୀୟ ସୁରକ୍ଷା ସରକାରଙ୍କ ଅଗ୍ରାଧିକାର ରହିଆସିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ହେଲେ ୩ ଫେବୃୟାରୀ ୨୦୨୦ରେ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିବା କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି)ଙ୍କ ରିପୋର୍ଟରୁ ଭାରତୀୟ ସେନାକୁ କିଭଳି ଅଣଦେଖା କରାଯାଉଛି ତାହାର ପ୍ରମାଣ ମିଳିଛି। ହିମାଳୟର ଲଦାଖ ଓ ସିଆଚେନ୍ ଗ୍ଲାସିୟର୍‌ର ଉଚ୍ଚତମ ସ୍ଥାନରେ ନିଯୁକ୍ତ ଯବାନମାନଙ୍କୁ ସର୍ବନିମ୍ନ ଆବଶ୍ୟକତା ଯଥା ଜୋତା, ସ୍ନୋ ଗଗ୍‌ଲ୍ସ, ଶୀତରୁ ରକ୍ଷା ପାଇବା ପାଇଁ ଠିକ୍ ପୋଷାକ ଦିଆଯାଉ ନାହିଁ ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ମନେପଡ଼େ ୨୦୧୭ରେ ଭାରତୀୟ ସୀମା ସୁରକ୍ଷା ବଳର କନ୍‌ଷ୍ଟେବଲ ଥିବା ତେଜ ବାହାଦୁର ଫେସ୍‌ବୁକ୍‌ରେ ଏକ ଭିଡିଓ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେନାର ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ଦେଉ ନ ଥିଲେ। ନିମ୍ନମାନର ଖାଦ୍ୟ ଦିଆଯିବା ସହ ଯବାନଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରୀକୁ ବିକ୍ରି କରିଦେଉଥିଲେ। ସେତେବେଳେ ବାହାଦୁରଙ୍କ ଦ୍ୱାରା ପୋଷ୍ଟ ହୋଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉପରେ ତଦନ୍ତ କରାଯାଇଥିଲା। ଭାରତ ପାଇଁ ଦୁର୍ଭାଗ୍ୟର ବିଷୟ ଯେ, ଏହି ଅଭିଯୋଗକୁ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ସମ୍ପୃକ୍ତ ଯବାନଙ୍କୁ ଚାକିରିରୁ ବହିଷ୍କାର କରି ଘଟଣାକୁ ଚାପି ଦିଆଯାଇଥିଲା। ଏବେ ସିଏଜିଙ୍କ ରିପୋର୍ଟ ସେନାରେ ଦେଖାଦେଇଥିବା ବାସ୍ତବ ସ୍ଥିତିକୁ ପଦାକୁ ଆଣିଛି।

ଗତ ଡିସେମ୍ବରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟରେ ଏକ ତଥ୍ୟ ଉପସ୍ଥାପନ କରି କହିଥିଲେ ଯେ, ବିଗତ ୩ ବର୍ଷରେ ତୁଷାର ସ୍ଖଳନ (ଆଭଲାନ୍‌ଶ) ଯୋଗୁ ୭୪ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଉଚ୍ଚତମ ବରଫାବୃତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ଯବାନମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକୃତରେ ଦେଖିଲେ ଯବାନମାନଙ୍କୁ ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଉ ନ ଥିବାରୁ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ପୂର୍ବରୁ କଫିନ୍ କିଣାରେ ଦୁର୍ନୀତିଠାରୁ ଆରମ୍ଭ କରି ଏବେ ସ୍ନୋ ଗଗ୍‌ଲ୍ସ, ପରିବେଶ ଉପଯୋଗୀ ଜୋତା ଓ ଶୀତବସ୍ତ୍ର ଯୋଗାଇ ଦିଆଯାଉ ନ ଥିବାରୁ ଯବାନମାନେ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିପାରୁନାହାନ୍ତି। ଏହା ମଧ୍ୟ ଅଭିଯୋଗ ହେଉଛି ଯେ, କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ଦିଆଯାଉଥିବାରୁ ସେମାନେ ଦୁର୍ବଳ ହୋଇପଡୁଛନ୍ତି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ସରକାର ଦାୟୀ। ଏଥିସହିତ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସେନାରେ ଥିବା ସର୍ବୋଚ୍ଚ ଅଧିକାରୀମାନେ ସିଧାସଳଖ ଉତ୍ତରଦାୟୀ।

ବିପିନ୍ ରାଓ୍ୱତ୍‌ଙ୍କ ଭଳି ବରିଷ୍ଠ ଅଧିକାରୀଙ୍କୁ ଅବସର ପରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଭଳି ପଦବୀ ଯଚାଯାଉଛି। କିନ୍ତୁ ତାଙ୍କୁ କେହି ପ୍ରଶ୍ନ କରିବାକୁ ନାହିଁ ଯେ, ତାଙ୍କର କାର୍ଯ୍ୟକାଳ ସମୟରେ ସେନାରେ ମାନ ପତନ ହେଲା କାହିଁକି। ରାଓ୍ୱତ୍‌ଙ୍କ ଭଳି ଲୋକ ରାଜନୈତିକ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି। ମାତ୍ର ସେହି ପଦପଦବୀରେ ଥିବା ବ୍ୟକ୍ତି ଏହି ଦେଶର ବ୍ୟବସ୍ଥା ଅନୁଯାୟୀ ନିର୍ବାଚିତ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଅଧିକ କ୍ଷମତାଶାଳୀ। ନିଜ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ଆଜିର କଦର୍ଯ୍ୟ ରାଜନୈତିକ ବାତାବରଣରୁ ଫାଇଦା ଉଠାଇବା ସହଜ ହୋଇପଡ଼ିଛି। ସେନାର ବରିଷ୍ଠ ଅଧିକାରୀମାନେ ତଳିଆ କର୍ମଚାରୀଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖି ଆବଶ୍ୟକ ସୁବିଧା ଯୋଗାଇ ଦେଉ ନ ଥିବାରୁ ଭାରତୀୟ ସେନାର ମନୋବଳ ଭାଙ୍ଗିଯାଉଛି। ସାଧାରଣତଃ ସେନାରେ ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଥାଏ। ସେଥିପାଇଁ କିଛି ଅସଙ୍ଗତି ଦେଖାଦେଲେ ମଧ୍ୟ କେହି ପାଟି ଫିଟାଇବାକୁ ସାହସ କରି ନ ଥାଆନ୍ତି। ସେହି ମୌନ ଅବସ୍ଥାର ସୁବିଧା ନେଇ ଉଚ୍ଚ ପାହ୍ୟା ଅଫିସରମାନେ ମାଲାମାଲ ହେଉଛନ୍ତି। ଗୋଟିଏ ପଟେ ଦେଶପ୍ରେମ ନାମରେ ଡେଙ୍ଗୁରା ପିଟାଯାଉଥିବା ବେଳେ ସେନାର ଦାନାରୁ ଚୋରି କରିବାକୁ ପଛାଉ ନ ଥିବା ଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସିଏଜି ରିପୋର୍ଟରୁ ବୁଝାପଡୁଛି।

ଭାରତୀୟ ସେନାର ଢାଞ୍ଚାକୁ ଦେଖିଲେ ଏହା କୌଣସି ଏକ ଆଧୁନିକ ଯୁଦ୍ଧ ଲଢ଼ିବା ପାଇଁ ସକ୍ଷମ ନୁହେଁ। ପାଶ୍ଚାତ୍ୟରେ ଯେଉଁ ଯୁଦ୍ଧାସ୍ତ୍ର ଓ ସାମଗ୍ରୀ ପୁରୁଣା ହୋଇଯାଉଛି, ତାହାକୁ ଗୋଟାଇବାରେ ଭାରତ ସରକାର ଆଗଭର ହେଉଛନ୍ତି। ରାଫାଲ୍ ଯୁଦ୍ଧ ବିମାନ କିଣିବା ଓ ସେଥିରେ ହୋଇଥିବା ଆର୍ଥିକ ହେରଫେର୍ ବିଷୟ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ୨୦୧୭ରେ ସିଏଜିଙ୍କ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ସେତେବେଳେ ଭାରତ ଯଦି କାହା ସହ ଯୁଦ୍ଧ କରିବସେ, ତେବେ ସେନା ନିକଟରେ ଥିବା ଯୁଦ୍ଧ ସାମଗ୍ରୀ ମାତ୍ର ୧୦ ଦିନ ପରେ ସରିଯିବ। ତେଣୁ ଭାରତ ସରକାର ଏଭଳି ବାସ୍ତବ ଦିଗକୁ ଗୁରୁତ୍ୱ ନ ଦେଇ କେବଳ ଜାତୀୟ ନିରାପତ୍ତା ପାଇଁ ଚିନ୍ତିତ ବୋଲି କହିଚାଲିଲେ ତାହା ମୂଳ ଲକ୍ଷ୍ୟ ପୂରଣ କରିପାରିବ ନାହିଁ।

# ଆଉ କେତେ ଦିନ



ବୈକୁଣ୍ଠନାଥ ମିଶ୍ର

ବିଗତ କିଛିବର୍ଷ ହେଲା ଭାରତୀୟ ରାଜନୀତିରେ ଏକ ବିଚିତ୍ର ପରମ୍ପରା ସୃଷ୍ଟି ହୋଇ ସାମାଜିକ ବିଧିବ୍ୟବସ୍ଥାକୁ କୀଟଦ୍ରଂଷ୍ଟ କରିଦେଲାଣି। ଏହା କ୍ରମେ ଏକ ଭୟଙ୍କର ଦୁଃସ୍ଥିତି ଆଡକୁ ମୁହାଁଇଛି। ନିର୍ବାଚନ ସମୟ ନିକଟତର ହେଲେ ଖୋଜାପଡ଼ନ୍ତି ଯୁବଗୋଷ୍ଠୀ। ସାମାନ୍ୟ କିଛି ପାରିଶ୍ରମିକ, ସୁସ୍ୱାଦୁ ଭୋଜନ ଓ ଉତ୍କଟ ପାନୀୟ ବିନିମୟରେ ଯୁବଗୋଷ୍ଠୀ ନେତାଙ୍କର ଜୟଜୟକାର କରନ୍ତି। ପ୍ରବଳ ଉତ୍ତେଜନାରେ ରଣହୁଙ୍କାର ଦେଇ ସେମାନେ ସମଗ୍ର ବାତାବରଣକୁ ଉଷ୍ମ କରି ରଖନ୍ତି। ସେମାନଙ୍କ ଦୁର୍ଦ୍ଦଣ୍ଡ ପ୍ରତାପ ସାଧାରଣରେ ଅସହ୍ୟ ହେଲେ ମଧ୍ୟ ଲୋକେ ଭୟରେ ନୀରବ ରହିବାକୁ ବାଧ୍ୟ ହୁଅନ୍ତି। ଭାରତ ଜନସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷରୁ କମ୍। ସେମାନଙ୍କ ମଧ୍ୟରେ ଏକ ସିଂହଭାଗ ହେଉଛନ୍ତି ୨୯ ବର୍ଷ ବୟସରୁ କମ୍। ସମସ୍ତ ରାଜନୈତିକ ଦଳ ନୀତି ଆଦର୍ଶ ନିର୍ବିଶେଷରେ ସେମାନଙ୍କୁ ନିର୍ବାଚନ ଯୁଦ୍ଧରେ ନିୟୋଜିତ କରି ବ୍ୟାପକ ଫାଇଦା ହାସଲ କରି ଚାଲିଛନ୍ତି। ଯୁବଗୋଷ୍ଠୀକୁ ନାନା କୁକାର୍ଯ୍ୟରେ ବିନିଯୋଗ କରାଯିବା ଦ୍ୱାରା ଭବିଷ୍ୟତରେ ସେମାନେ ଯେକୌଣସି ମନ୍ଦ କାର୍ଯ୍ୟ ପାଇଁ ପଶ୍ଚାତ୍‌ପଦ ହେଉନାହାନ୍ତି।

ରାଲି, ସାଧାରଣ ସଭା କିମ୍ବା ପ୍ରତିବାଦ ସଭାରେ ନେତାଙ୍କ ଗୁଣଗାନ ଓ ଜୟଜୟକାର କରିବା ପାଇଁ ଯୁବଶକ୍ତିର ବ୍ୟାପକ ସହଯୋଗ ନେତାମାନେ ଆବଶ୍ୟକ କରନ୍ତି। ଯେଉଁ ଦଳ ବା ନେତା ଯୁବଶକ୍ତି ମାଧ୍ୟମରେ ନିଜର ଫାଇଦା ହାସଲ କରନ୍ତି, ବାସ୍ତବରେ ସେମାନେ ଯୁବଗୋଷ୍ଠୀର ସଶକ୍ତୀକରଣ ପାଇଁ ଚେଷ୍ଟିତ ଥିବାପରି ମନେହୁଏ ନାହିଁ। ସେମାନଙ୍କୁ କେବଳ 'ୟୁଜ୍ ଆଣ୍ଡ ଥ୍ରୋ' ପରି ବ୍ୟବହାର କରାଯାଏ। ବାହାଘର ପରେ ବେଦି ମୁହଁ ପୋଡ଼ା ନ୍ୟାୟରେ ନିର୍ବାଚନ ପରେ ସେମାନେ ଅଲୋଡ଼ା ହୁଅନ୍ତି। କାମ ବେଳେ ଲୋଡ଼ା ପଡ଼ନ୍ତି ଓ କାମ ଶେଷରେ ସେମାନଙ୍କୁ ଏପରି ବ୍ୟବହାର କରାଯାଏ ସତେଯେପରି ସେମାନେ ଖୁବ୍ ଅଚିହ୍ନା ଓ ଅପରିଚିତ। ନିର୍ବାଚନ ପରେ ପୁରୁଖା ବୟସ୍କ କର୍ମୀମାନଙ୍କୁ ଯେତେ ଗୁରୁତ୍ୱ ଦିଆଯାଏ, ଯୁବଗୋଷ୍ଠୀ କ୍ଷେତ୍ରରେ ପ୍ରାୟ ସେପରି ହୁଏ ନାହିଁ। କାରଣ ଯୁବଗୋଷ୍ଠୀର ନେତାଙ୍କଠାରୁ ଯେଉଁ ପ୍ରତ୍ୟାଶା ଥାଏ, ବୟସ୍କଙ୍କ କ୍ଷେତ୍ରରେ ପ୍ରାୟ ସେପରି ନ ଥାଏ। ଯୁବଗୋଷ୍ଠୀ ତାଙ୍କ ନେତାଙ୍କଠାରୁ ଚାକିରି, ବ୍ୟବସାୟ କିମ୍ବା ଠିକାଦାରି ପ୍ରଭୃତିର ପ୍ରାପ୍ତି ଆଶା ରଖନ୍ତି। ନେତା ମଧ୍ୟ ଭଲଭାବେ ଜାଣନ୍ତି ଯେ ଏତେସଂଖ୍ୟକ ବ୍ୟକ୍ତିଙ୍କୁ ଥଇଥାନ କରିବା ସମ୍ଭବ ନୁହେଁ। ୮୦ ଦଶକରେ ଜାନକୀବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏବଂ କିଛି ମାତ୍ରାରେ ବିଜୁବାବୁଙ୍କ ସମୟରେ ମୁଷ୍ଟିମେୟ ଅନୁଗତ ଯୁବନେତାଙ୍କୁ ସରକାରୀ ଚାକିରି କିମ୍ବା ରାଜନୀତିରେ ଥଇଥାନ କରି ପୁରସ୍କୃତ କରାଯାଉଥିଲା, ହେଲେ ସେ ସମୟ ଆଉ ନାହିଁ। ତେଣୁ କ୍ଷମତା ହାସଲ ପରେ ପ୍ରତ୍ୟାଶା କମ୍। ଅଧିକନ୍ତୁ ବୟସ୍କମାନେ ଯୁବକର୍ମୀଙ୍କ ପରି ଏତେ ପ୍ରତିକ୍ରିୟାଶୀଳ ନୁହନ୍ତି। ଶିକ୍ଷିତ ବେକାର ଯୁବଗୋଷ୍ଠୀ ହିଁ ନିର୍ବାଚନ ଯୁଦ୍ଧରେ ନେତାଙ୍କର ବଳ।

ବର୍ତ୍ତମାନ ଚତୁରତାର ସହ ଦେଶର ଶିକ୍ଷା ବ୍ୟବସ୍ଥାକୁ ଉଚ୍ଚ ପାଠୁଆ ଓ ଅପାଠୁଆ (କେବଳ ସାକ୍ଷର ମାତ୍ର) ଶ୍ରେଣୀ ସୃଷ୍ଟି ଉଦ୍ଦେଶ୍ୟରେ ଦୁଇଭାଗରେ ବିଭକ୍ତ କରାଯାଇଛି। ନେତା ଓ ଉଚ୍ଚ ସରକାରୀ ଅଧିକାରୀଙ୍କ ପିଲାମାନେ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁନାହାନ୍ତି। ସେମାନଙ୍କ ପିଲା ଯେଉଁ ଅନୁଷ୍ଠାନରେ ଅଧ୍ୟୟନ କରନ୍ତି ତାହା ଦରିଦ୍ର ତଥା ସ୍ୱଳ୍ପ ଆୟକାରୀ ମାତାପିତାଙ୍କ ପାଇଁ ସ୍ୱପ୍ନ। ଶ୍ରେଣୀବିହୀନ ସମାଜବାଦୀ ଚେହେରା ଅନ୍ତରାଳେ ଶ୍ରେଣୀ ସୃଷ୍ଟିର ଭୟଙ୍କର ମାନସିକତା ଲୁକ୍କାୟିତ। ଦରିଦ୍ର ଛାତ୍ରୀଛାତ୍ରଙ୍କ ପକ୍ଷେ ମହତ୍ତର ଶିକ୍ଷା ଦିବାସ୍ୱପ୍ନ। କ୍ୱଚିତ୍ ଯୋଗଜନ୍ମା କେବେ କୌଣସି ଉଚ୍ଚସ୍ତରକୁ ଉଠିଲେ ତା' ପାଇଁ ନାନା ପ୍ରତିବନ୍ଧକ ଓ ଝଡ଼ଝଞ୍ଜା। ତାକୁ ସହିବାକୁ ହୁଏ ନାନା ଲାଞ୍ଛନା, ଅପମାନ ଓ ର୍‍ୟାଗିଂର ଅବ୍ୟକ୍ତ ଯନ୍ତ୍ରଣା। ବେଳେବେଳେ ଅକାଳ ମୃତ୍ୟୁକୁ ମଧ୍ୟ ବରଣ କରିବାକୁ ପଡ଼େ। ଆଜକୁ ପ୍ରାୟ ୧୦ ବର୍ଷ ତଳେ ମୋର ଜଣେ ଅତି ମେଧାବୀ ବନ୍ଧୁପୁତ୍ର ମେରାଇନ ଇଞ୍ଜିନିୟର ହୋଇ ଏକମାତ୍ର ଓଡ଼ିଆ ଭାବେ ଏକ ବିଦେଶୀ ଜାହାଜ କମ୍ପାନୀରେ ଯୋଗଦେବାର ଦୁଇମାସ ପରେ ଅନ୍ତର୍ଦ୍ଧାନ ହୋଇଗଲା। କେବଳ ଏକ ବାର୍ତ୍ତା ତା' ପରିବାରକୁ ଆସିଲା ଯେ ଅସାବଧାନତାରୁ ନୀଳ ଦରିଆର ଅନନ୍ତ ବୁକୁରେ ସେ ସଲିଳ ସମାଧି ଲାଭ କରିଛି। କିନ୍ତୁ ମୋର ବନ୍ଧୁର ବିଶ୍ୱାସ ତା'ର କିଛି ଅଣଓଡ଼ିଆ ସାଥୀ ତାକୁ ଦରିଆକୁ ଠେଲିଦେଲେ। ପୁତ୍ର ଚିନ୍ତାରେ ବନ୍ଧୁ ମୋର ପାଗଳପ୍ରାୟ ଓ ବନ୍ଧୁପତ୍ନୀ ଆରପାରିରେ।

ଆଜିକାଲି ଦରିଦ୍ରର ଭଙ୍ଗା କୁଡ଼ିଆ ମଧ୍ୟକୁ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟ ପ୍ରବେଶ କରିବାକୁ କୁଣ୍ଠାବୋଧ କଲେଣି। ଦିନଥିଲା ସରସ୍ୱତୀ ଓ ଲକ୍ଷ୍ମୀ ଦୁଇ ସମାନ୍ତର ସରଳରେଖା ପରି ପରସ୍ପରଠାରୁ ଦୂରରେ ରହୁଥିଲେ। ସରସ୍ୱତୀ ଥିଲେ ଲକ୍ଷ୍ମୀ ନାହାନ୍ତି ଏବଂ ଲକ୍ଷ୍ମୀ ଥିଲେ ସରସ୍ୱତୀ ନାହାନ୍ତି। କବିବର ରାଧାନାଥ 'ଦରବାର' କାବ୍ୟରେ ମହାମହିମ ପଠାଣି ସାମନ୍ତଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି- 'ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା, ଦାରିଦ୍ର୍ୟ ତୁମର ସଙ୍ଗୀ ହେଲା ସଦା।' ଅର୍ଥାତ୍- କବି ଓ ପଣ୍ଡିତମାନେ ବରଦାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିବାରୁ ଲକ୍ଷ୍ମୀ ତାଙ୍କଠାରୁ ଦୂରେଇ ଯାଆନ୍ତି। ସେହିପରି ଲକ୍ଷ୍ମୀଙ୍କର ପ୍ରସନ୍ନତା ପ୍ରାପ୍ତ ହୋଇଥିବା ବ୍ୟକ୍ତି ସଦା ମୂର୍ଖତା ଓ ଦୁଷ୍ଟବୁଦ୍ଧିସମ୍ପନ୍ନ, ଯାହା ଘଟିଥିଲା ମହାମାନୀ ଦୁର୍ଯ୍ୟୋଧନ କ୍ଷେତ୍ରରେ। ଦୁର୍ଯ୍ୟୋଧନର କାନ୍ଧରେ ଲକ୍ଷ୍ମୀ ବିରାଜମାନ କରୁଥିବାରୁ ବାଗ୍‌ଦେବୀ ସରସ୍ୱତୀଙ୍କର ତାଙ୍କଠାରେ ଶୁଭଦୃଷ୍ଟି ନ ଥିଲା। ତେଣୁ ସେ ସମସ୍ତ ବିପରୀତ ବୁଦ୍ଧି ଓ ଖଳ ପ୍ରକୃତିର ଅଧିକାରୀ ଥିଲା। ଆଜି କିନ୍ତୁ ସେ ସମୟ ନାହିଁ। ଲକ୍ଷ୍ମୀଙ୍କ ବିରାଜିତ ସ୍ଥଳରେ ସରସ୍ୱତୀଙ୍କୁ ବାଧ୍ୟକରି ଉପସ୍ଥିତ କରାଯାଉଛି। ଫଳରେ ଧନୀ ସନ୍ତାନ କେବଳ ଉଚ୍ଚ ଶିକ୍ଷାରେ ପ୍ରବେଶ କରିପାରୁଛି। ଅଧୁନା ଉଚ୍ଚଶିକ୍ଷା କ୍ଷେତ୍ର ଏପରି ବ୍ୟୟବହୁଳ ହୋଇଛି ଯେ ଦରିଦ୍ର ଛାତ୍ରର ପ୍ରବେଶ ଅସମ୍ଭବ ହୋଇପଡିଛି। ଦରିଦ୍ର ଗ୍ରାମୀଣ କିମ୍ବା ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ପିଲାମାନେ କେବଳ ଦଣ୍ଡମୁକ୍ତ, ଅଣ୍ଡାଯୁକ୍ତ ସରକାରୀ ବିଦ୍ୟାଳୟର ଶୋଭାବର୍ଦ୍ଧନ କରିବାରେ ସହାୟକ ହେବା ତାଙ୍କ କପାଳରେ ଲେଖାଯାଇଛି। ଟଙ୍କିକିଆ ଚାଉଳ ପାଉଥିବା, ଭଙ୍ଗା ଚାଳଘରେ ଦିନରେ ସୂର୍ଯ୍ୟ ଓ ରାତିରେ ତାରା ଦେଖୁଥିବା କିମ୍ବା ଆହାର କେନ୍ଦ୍ରରେ ପାଞ୍ଚଟଙ୍କିଆ ଆହାର ସଂଗ୍ରହ କରୁଥିବା ମା' ବାପାଙ୍କ ପିଲା ଯେତେବେଳେ ସରକାର ପ୍ରଦତ୍ତ ଜୋତା, ପୋଷାକ ପରିଧାନ କରି ପିଠିରେ କ୍ୟାରିବ୍ୟାଗ୍‌ରେ ଅପଢ଼ା ବହିଖାତା ଧରି ସରକାରୀ ସାଇକେଲ ଚଳାଇ ଗାଁ ଦାଣ୍ଡରେ ବିଦ୍ୟାଳୟ ଯାଉଥାଏ, ସେ ଦୃଶ୍ୟ ମା'ବାପାଙ୍କ ନିଷ୍କରୁଣ ଦାରିଦ୍ର୍ୟ ପ୍ରତି ଏକ ଶକ୍ତ ଉପହାସ। ସେମାନେ ଭାବନ୍ତି ଆମପରି ଦରିଦ୍ରଙ୍କ ପାଇଁ ଏ କିପ୍ରକାର ବଦାନ୍ୟତା। ସେହି 'ଦରବାର' କାବ୍ୟରେ କବିବର ପୁଣି ଲେଖିଛନ୍ତି- 'ମୋତି ମୂଲ କାହୁଁ ବୁଝିବ ଶବର, ମୋତି ଫିଙ୍ଗି କରେ ଗୁଞ୍ଜାରେ ଆଦର।'

ଏଭଳି ଆର୍ଥିକ ତଥା ସାମାଜିକ ଦୁଃସ୍ଥିତି ମଧ୍ୟରେ ଥିବା ମଣିଷମାନେ କେବେ ଯେ ସମାଜର ସାମୂହିକ ସ୍ରୋତରେ ସାମିଲ ହେବେ, ତାହା ଈଶ୍ୱରଙ୍କୁ ଜଣା। ବିଶ୍ୱପ୍ରସିଦ୍ଧ ଦାର୍ଶନିକ କାର୍ଲମାର୍କ୍ସଙ୍କ ଶ୍ରେଣୀହୀନ, ଶୋଷଣବିହୀନ ସାମାଜିକ ମତବାଦ ଏକ ଦୁଃସ୍ୱପ୍ନ ପରି ମନେହେଲାଣି। ଧନୀ ଅଧିକରୁ ଅଧିକ ଧନୀ ହୋଇ ଚାଲିଥିବା ବେଳେ ଗରିବ ନିଃସ୍ୱତର ହେବାରେ ଲାଗିଛି। ପେଟରେ ଓଦାକନା ଦେଇ ଅଧାଦିନ ଉପବାସରେ ରହୁଥିବା ମଣିଷଟି ତା' ଝିଅପୁଅଙ୍କ ଭବିଷ୍ୟତକୁ ନେଇ କି ସ୍ୱପ୍ନ ବା ଦେଖିପାରିବ? ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇ ନିର୍ମମ ନିର୍ଯାତନା ସହ ଦେହରେ ଅସାଧ୍ୟ ବ୍ୟାଧି ଧରି ଭିଟାମାଟିକୁ ଫେରୁଥିବା ମଣିଷଟିର ଭାଗ୍ୟଆକାଶ ସବୁଦିନ ଅନ୍ଧାର। ଫସଲହାନି ଯୋଗୁ ବ୍ୟାଙ୍କ ଓ ସାହୁକାର ଋଣ ଶୁଝିପାରୁ ନ ଥିବା ଚାଷୀଟିକୁ ପିଲାଙ୍କ ଭବିଷ୍ୟତ ସ୍ୱପ୍ନ ଦେଖିବା ମନା। ରାଜତନ୍ତ୍ରର ଲୋପ ପରେ ଗଣତନ୍ତ୍ରର ପ୍ରତିଷ୍ଠା ସତ୍ତ୍ୱେ ସେମାନଙ୍କ ଭାଗ୍ୟଆକାଶ ଅନ୍ଧକାରମୟ।

ଭାରତ ବୟସ୍କମାନଙ୍କ ଦ୍ୱାରା ଶାସିତ ଏକ ଯୁବ ଅଧ୍ୟୁଷିତ ଦେଶ। ସପ୍ତଦଶ ଲୋକ ସଭାରେ ମାତ୍ର ୧୨ ପ୍ରତିଶତ ସଦସ୍ୟଙ୍କ ବୟସ ୪୦ ବର୍ଷରୁ କମ୍, କିନ୍ତୁ ପ୍ରଥମ ଲୋକ ସଭାରେ ୪୦ ବର୍ଷ ବୟସରୁ କମ୍ ସଦସ୍ୟଙ୍କ ସଂଖ୍ୟା ମୋଟ ସଭ୍ୟସଂଖ୍ୟାର ୨୬ ପ୍ରତିଶତ ଥିଲା। ବୟସ୍କଙ୍କ ସଂଖ୍ୟାଗରିଷ୍ଠତା ଥିବାରୁ ଯୁବସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉନାହିଁ। ବୟସ୍କ ନେତାମାନେ ଯେଉଁ ଯୁବଗୋଷ୍ଠୀ ପାଇଁ ତତ୍ପର ତାହା ହେଉଛି ନିଜ ସନ୍ତାନ। ନିଜ ପୁତ୍ରକନ୍ୟାଙ୍କୁ ଉତ୍ତରାଧିକାର ପ୍ରଦାନ କରିବାର ମୋହ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଆଚ୍ଛନ୍ନ କଲାଣି। ସାଧାରଣ ପରିବାରର ସନ୍ତାନମାନେ ଅଧିକ ପ୍ରତିଭାବାନ ହୋଇଥିଲେ ମଧ୍ୟ ସେମାନଙ୍କ ପ୍ରତିଭା ଉନ୍ମେଷର ସୁଯୋଗ ନାହିଁ। ୬୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ଜଣେ ସରକାରୀ ସେବା ପାଇଁ ଅଯୋଗ୍ୟ ହୁଏ। ତେଣୁ ଏକ ନିର୍ଦ୍ଦିଷ୍ଟ ବୟସସୀମା ସ୍ପର୍ଶ କଲେ ନେତାମାନେ ଯୁବଗୋଷ୍ଠୀକୁ ବାଟ ଛାଡ଼ିଦେଇ ସନ୍ନ୍ୟାସ ନେବା ଉଚିତ। ଯୁବଶକ୍ତିର ସୁବିନିଯୋଗ ଦେଶ ପ୍ରଗତିର ପରିଚାୟକ। ଯୁବ ବାହିନୀ ଗଠନ ଅପେକ୍ଷା ଯୁବନିଯୁକ୍ତି ସର୍ବାଦୌ କରଣୀୟ। ଉଚ୍ଚଶିକ୍ଷିତ ଯୁବଗୋଷ୍ଠୀର ଆଜି ଗୋଟିଏ ପ୍ରଶ୍ନ 'ଏମିତି ଆଉ କେତେଦିନ?'

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ନିରର୍ଥକ ହେଉଛି ଜନଶୁଣାଣି

ଦେବ ରଞ୍ଜନ

ଆଜି ଓଡିଶାବାସୀ ଯେଉଁ ସବୁ ଦୁର୍ବିପାକର ସାମ୍ନା କରୁଛନ୍ତି ତାହା କଦାପି ପ୍ରକୃତିଜନିତ ନୁହେଁ ବରଂ କ୍ଷମତାରେ ଥିବା ମଣିଷକୃତ। ପ୍ରକୃତି ଓ ମଣିଷର ଲାଭମନୋବୃତ୍ତି ମଧ୍ୟରେ ଯେଉଁ ସଙ୍ଘାତ ରହିଛି ତାହାର ତୀବ୍ରତାକୁ କିଛି କମାଇଦେବା ଲାଗି ପରିବେଶ ଆଇନ ତିଆରି ହୋଇଥିଲା। କିନ୍ତୁ ତାହା ମଧ୍ୟ କାର୍ଯ୍ୟକାରୀ ନ ହେବା ହେତୁ ଅନିଶ୍ଚିତ ଜଳବାୟୁ ସମଗ୍ର ମାନବ ସମାଜକୁ ଅନ୍ଧାରକୁ ଟାଣିନେଲାଣି।

କୌଣସି ସ୍ଥାନରେ କିଛି ବି ବୃହତ୍ ପ୍ରକଳ୍ପ କରିବା ଆଗରୁ, ଯେମିତି କି ନଦୀବନ୍ଧ ଯୋଜନା, ବୃହତ୍ କାରଖାନା, ବନ୍ଦର ଓ ଖଣି ଇତ୍ୟାଦି, ସରକାରଙ୍କଠାରୁ ପରିବେଶ ଅନୁମତି ନେବା ଆବଶ୍ୟକ ହୋଇଥାଏ। ଯଦି ଏହି ବ୍ୟବସ୍ଥା ରହିଛି ତେବେ ଓଡିଶାର ନଦୀ ପାଣିକୁ ଏତେ ବେଶି କ୍ଷତିକାରକ ଧାତବ ପଦାର୍ଥ ଆସିଲା କେମିତି। କେମିତି ବାୟୁମଣ୍ଡଳରେ ଏତେ ପରିମାଣର କାର୍ବନ ଡାଇଅକ୍ସାଇଡ ରହିଲା ଓ ମାଟିର ଉର୍ବରତା କମିଲା? ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପରିବେଶ ଅନୁମତି ଦେବା ପୂର୍ବରୁ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ସ୍ଥାନୀୟ ଲୋକଙ୍କ ମତାମତ ନେବାର ଏକ ପ୍ରସ୍ତାବ ରଖିଥିଲେ। ଏହା ପୂର୍ବରୁ ନ ଥିଲା। କିନ୍ତୁ ବହୁ ସଂଗଠନ ଦାବି କରିବା ପରେ ୧୯୯୭ ମସିହାରେ ଜନ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେଲା ଓ ୨୦୦୬ ମସିହାଠାରୁ ଏହା ବାଧ୍ୟତାମୂଳକ କରାଗଲା। ଜନଶୁଣାଣି ହୋଇ ନ ଥିଲେ ପରିବେଶ ମଞ୍ଜୁରୀ ଦିଆଯିବ ନାହିଁ, ଏଭଳି ନିୟମ ରହିଲା। ଏଥିଲାଗି ବୃହତ୍ ପ୍ରକଳ୍ପ ସଂକ୍ରାନ୍ତ ସମସ୍ତ ତଥ୍ୟ ଓ ପରିବେଶ ଉପରେ ପ୍ରଭାବ ବିଷୟରେ ଲୋକେ ବୁଝିଲା ଭଳି ଭାଷାରେ ଲେଖି ପ୍ରସ୍ତାବିତ ଅଞ୍ଚଳରେ ବାଣ୍ଟିବା ଲାଗି ଆଇନ ରହିଲା। ଉଦ୍ଦେଶ୍ୟ ଥିଲା ଯେ ଲୋକେ ସତକଥା ଜାଣିବେ ଓ ଜନଶୁଣାଣିରେ ଆସି ନିଜ ମନ୍ତବ୍ୟ ଦେବା ପରେ କମ୍ପାନୀ ଆବଶ୍ୟକ ପରିବର୍ତ୍ତନ କରିବ ଓ ସେହି ଅନୁସାରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଆଇନ ଅନୁସାରେ ଜନଶୁଣାଣିରେ ଲୋକେ ଦେଇଥିବା ମତ ଅନୁସାରେ କାମ ହେଉଛି କି ନାହିଁ ତାହାକୁ ପ୍ରତି ଛଅମାସରେ ଅନୁଧ୍ୟାନ କରି ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଦେଲାପରେ ଯାଇ ପୁଣି ଛଅମାସ ଲାଗି କମ୍ପାନୀକୁ ଅନୁମତି ମିଳିବ। ସତରେ କେତେ ସୁନ୍ଦର ବ୍ୟବସ୍ଥା? କିନ୍ତୁ ହେଲା କ'ଣ?

ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ରିପୋର୍ଟ ଅନୁସାରେ ଓଡ଼ିଶାର ୧୯ଟି ନଦୀ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ୨୦୧୩ ମସିହାର ତଥ୍ୟ ଅନୁସାରେ କୋଇଲାଭିତ୍ତିକ ପାୱାର ପ୍ଲାଣ୍ଟରୁ ଦ୍ୱିତୀୟ ସର୍ବାଧିକ କାର୍ବନ ଡାଇଅକ୍ସାଇଡ ନିର୍ଗତ ହେଉଛି, ଯାହା ଓଜୋନ ସ୍ତର କମାଇବା ହେତୁ ଦିନର ତାପମାତ୍ରାରେ ଅଧିକ ବୃଦ୍ଧି ଘଟୁଛି। ଓଡ଼ିଶାରେ ୧୦ଟି ବୃହତ୍ ଥର୍ମାଲ ପାୱାର ପ୍ଲାଣ୍ଟ ରହିଛି ଓ କାର୍ବନ ଡାଇଅକ୍ସାଇଡ କ୍ରମାଗତ ଭାବରେ ବଢ଼ିବା ହେତୁ ୨୧୦୦ ମସିହା ବେଳକୁ ପ୍ରତି ବର୍ଷ ୪୨,୦୦୦ ଲୋକ ମୃତ୍ୟୁବରଣ କରୁଥିବେ। ୨୦୧୦ରୁ ୨୦୧୮ ମଧ୍ୟରେ ଓଡିଶା ସମେତ ପାଞ୍ଚଟି ରାଜ୍ୟରେ ୬୦୦୦ ପାଖାପାଖି ଲୋକ ତାପମାତ୍ରା ବୃଦ୍ଧି ହେତୁ ମୃତ୍ୟୁବରଣ କରିଛନ୍ତି।

କୌଣସି ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଜନଶୁଣାଣି ଏକମାତ୍ର ପ୍ରକ୍ରିୟା, ଯେଉଁଠି ସ୍ଥାନୀୟ ଲୋକଙ୍କର ପ୍ରକଳ୍ପ ସମ୍ପର୍କରେ କିଛି ମତଦେବାର ସୁଯୋଗ ରହିଛି। ହେଲେ ଜଣାଶୁଣାଣି ପ୍ରକ୍ରିୟାଟିକୁ କ୍ରମଶଃ କେବଳ ମତାମତ ବା କନ୍ସଲଟେଶନ ମଧ୍ୟରେ ସୀମିତ କରିଦିଆଗଲା। ଏହା ଅନୁମତି ବା କନ୍‌ସେଣ୍ଟ ତାଲିକାରେ ରହିଲା ନାହିଁ। ଫଳରେ ଲୋକେ ଯାହା ବି ମତ ଦିଅନ୍ତୁ ନା କାହିଁକି ପ୍ରଦୂଷଣ ବୋର୍ଡ ଓ ଜିଲା ପ୍ରଶାସନ ଏହାକୁ କେବଳ ଏକ ପରମ୍ପରା ଭାବେ ଧରିନେଇ 'ଜନଶୁଣାଣି ସଫଳ ହେଲା ଓ ଏହାପରେ ପରିବେଶ ଅନୁମତି ମିଳିବାରେ ଅସୁବିଧା ନାହିଁ' ବୋଲି ପ୍ରାୟ ପ୍ରକଳ୍ପ କ୍ଷେତ୍ରରେ ରିପୋର୍ଟ ଦେଲେ। ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜର କର୍ମଚାରୀ ଅଭାବ ଦେଖାଇ କମ୍ପାନୀଙ୍କ ଦ୍ୱାରା ପ୍ରସ୍ତୁତ ଛଅମାସିଆ ରିପୋର୍ଟକୁ କେବଳ ତାରିଖ ବଦଳାଇ ପରିବେଶ ମନ୍ତ୍ରଣାଳୟକୁ ପଠାଇଲେ ଓ ଅତ୍ୟଧିକ ପ୍ରଦୂଷଣ କରୁଥିବା କମ୍ପାନୀକୁ ମଧ୍ୟ ଅନୁମତିପତ୍ର ଦେଲେ। ଆଜି ସେହି ସବୁ ଅଞ୍ଚଳରେ ଯେଉଁ ପରିବେଶଜନିତ କ୍ଷତି ହେଉଛି ଓ ଲୋକେ ମୃତ୍ୟୁବରଣ କରୁଛନ୍ତି ସେଥି ପାଇଁ ସେମାନେ ଉତ୍ତରଦାୟୀ ରହିଲେ କି? ଏହି ବିଶ୍ୱାସଘାତକତା ହେତୁ କ୍ରମଶଃ ସ୍ଥାନୀୟ ଲୋକେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉପରୁ ଆସ୍ଥା ହରାଉଛନ୍ତି। ଭାରତରେ ଆଜି ପ୍ରାୟ ଜନ ଆନ୍ଦୋଳନରେ ଏହା ଏକ ରଣନୀତି ହୋଇଛି ଯେ ମୂଳରୁ ଜନଶୁଣାଣିକୁ ଆଦୌ କରେଇ ନ ଦିଆଯାଉ, ଯାହାଦ୍ୱାରା ପ୍ରକଳ୍ପ ବନ୍ଦ ହୋଇଯିବ ଓ ଅଞ୍ଚଳର ପରିବେଶ ଅନ୍ତତଃ କ୍ଷତିରୁ ବଞ୍ଚିଯିବ। ନିକଟରେ ଉତ୍ତରାଖଣ୍ଡରେ ଯମୁନା ନଦୀର ଏକ ଧାରାରେ ପ୍ରସ୍ତାବିତ ହାଇଡ୍ରୋ ପ୍ରୋଜେକ୍ଟର ଜନଶୁଣାଣିକୁ ଲୋକେ ବିରୋଧ କରି ପ୍ରକଳ୍ପକୁ ବନ୍ଦ କରିଦେଲେ।

ଆଜି ଓଡ଼ିଶାରେ କ୍ରମାଗତ ଭାବରେ ବାତ୍ୟା ହେବା ଆଗକୁ ଏକ ବିରାଟ ବିପଦର ସୂଚନା ଦେଉଛି। ଓଡିଶା ଉପକୂଳରେ ଥିବା ବିସ୍ତୃତ ସମୁଦ୍ର ଜଳର ଉତ୍ତାପ କ୍ରମାଗତ ଭାବରେ ବଢୁଥିବା ହେତୁ ବାତ୍ୟା ହେଉଥିବା ବୈଜ୍ଞାନିକମାନେ କହିଲେଣି। ଏହାର ଅନ୍ୟତମ କାରଣ ହେଲା ନଦୀରେ ଭାରି ଖଣିଜ ଓ ପ୍ରଦୂଷିତ ଦ୍ରବ୍ୟ ସମୁଦ୍ରଗର୍ଭକୁ ଯାଉଛି। ଯେଉଁ ସବୁ ଅଞ୍ଚଳରେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ଜରୁରୀ ସେହି ସବୁ ଅଞ୍ଚଳରେ ଜଙ୍ଗଲ ନ ହେବା ହେତୁ ଜଳସ୍ତର ମଧ୍ୟ କମିବାରେ ଲାଗିଛି। ଗ୍ରୀଷ୍ମ ଋତୁରେ ଦିନର ଉତ୍ତାପ ଅତ୍ୟଧିକ ବୃଦ୍ଧି ହେତୁ ଛୁଆ ଓ ବୟସ୍କମାନେ ମୃତ୍ୟୁବରଣ କରୁଛନ୍ତି। ଏହାର ନିରାକରଣ ଲାଗି ଜନଶୁଣାଣିରେ ଲୋକଙ୍କ ସହିତ 'ପରାମର୍ଶ' ଅପେକ୍ଷା ପ୍ରଭାବିତ ଲୋକଙ୍କ 'ଅନୁମତି' ନିଆଯିବାର ବ୍ୟବସ୍ଥା ରହିବା ଜରୁରୀ। ଏହାଦ୍ୱାରା ଅନ୍ତତଃ ଏହି ସଭ୍ୟତା ହୁଏତ ଆଉ କିଛି ବର୍ଷ ଧ୍ୱଂସରୁ ବର୍ତ୍ତିଯିବ।

ମୋ- ୯୪୩୭୭୬୨୨୭୨, ଇମେଲ: debasar11@yahoo.co.in

## ଏଇ ଭାରତରେ

ଦେଶରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହେବାର ବହୁ ପୂର୍ବରୁ ଗ୍ରାମୀଣ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଅଭିଯାନ ଚଳାଇଛନ୍ତି ତାମିଲନାଡୁର ମରାଚି ସୁବୁରାମନ। ତାମିଲନାଡୁ ସମେତ ଦେଶର ୨୬ଟି ରାଜ୍ୟରେ ସେ ୧ ଲକ୍ଷରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରିସାରିଛନ୍ତି। ବିଜ୍ଞାନରେ ସ୍ନାତକ ତଥା ବିଏଡ୍ ପାସ୍ ସୁବୁରାମନଙ୍କୁ ଏବେ ବୟସ ୭୦। ୧୯୮୬ରେ ସେ ସୋସାଇଟି ଫର୍ କମ୍ୟୁନିଟି ଅର୍ଗାନାଇଜେଶନ ଆଣ୍ଡ୍ ପିପୁଲ୍ସ ଏଜୁକେଶନ(ଏସ୍‌ସିଓପିଇ) ପ୍ରତିଷ୍ଠା କରି ତା' ମାଧ୍ୟମରେ ପାଇଖାନା ନିର୍ମାଣ କରୁଛନ୍ତି। ଏହାର ନାମ ରଖିଛନ୍ତି ଇକୋସାନ୍। ଏଥିରେ ପାଣିର ଆବଶ୍ୟକତା ବହୁତ କମ୍ ପଡୁଛି। ପ୍ରଥମେ ତାମିଲନାଡୁର କାଳୀପାଲାୟମ ଗାଁରେ ୨୦୦୦ରେ ଏଭଳି ପାଇଖାନା ନିର୍ମାଣ କରିଥିଲେ। ପରେ ୨୦୦୫ରେ କମ୍ୟୁନିଟି ଟଏଲେଟ ସିଷ୍ଟମ ଆରମ୍ଭ କରିଥିଲେ। ଏହି ସିଷ୍ଟମରେ ମହିଳା ଓ ପୁରୁଷଙ୍କ ଲାଗି ପ୍ରତ୍ୟେକ ୭ଟି ଲେଖାଏ ଓ ବୃଦ୍ଧ ଏବଂ ଭିନ୍ନକ୍ଷମଙ୍କ ଲାଗି ଅଲଗା ପାଇଖାନା ନିର୍ମାଣ କରାଯାଉଛି। ଏବେ ସୁଦ୍ଧା ସୁବୁରାମନ ଏସ୍‌ସିଓପିଇ ମାଧ୍ୟମରେ କେବଳ ତିରୁଚିରାପଲ୍ଲୀ ଜିଲାରେ ୨୦ ହଜାରରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରିସାରିଲେଣି। ବିହାର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ଆସାମରେ ସେ ବେଶି ପାଇଖାନା ନିର୍ମାଣ କରିବାକୁ ଯାଜନା କରିଛନ୍ତି। ସେ ବିଭିନ୍ନ ବେସରକାରୀ ସଂସ୍ଥା ସହଯୋଗରେ ଗ୍ରାମୀଣ ବିକାଶ ଯୋଜନା ମାଧ୍ୟମରେ ଏହି ଅଭିଯାନ ଜାରି ରଖିଛନ୍ତି। ୬ମାସରୁ ବର୍ଷେ ମଧ୍ୟରେ ପ୍ରତ୍ୟେକ ପାଇଖାନାରୁ ୪୦୦କେଜି ଓ କମ୍ୟୁନିଟି ପାଇଖାନାରୁ ୧,୭୭୭ କେଜି ଯାହା ଖତ ବାହାରୁଛି ତାହାକୁ କୃଷକମାନଙ୍କୁ ମାଗଣାରେ ଯୋଗାଇଦେଉଛନ୍ତି।

## ଚିରନ୍ତନୀ

ସେ ପଛେ ହେଉ ମୋର ଛଳନାଛାୟା
କେବଳ ନୟନର ମୋହନ ମାୟା
କେବଳ ଧମନୀର ଚପଳ ଗତି
ଯୁକତିହୀନ ଏକ ଭାଷାର ଯତି
ହେଲେ ହେଁ ମାୟାମୋହ ସପନ-
ଅତିହିଁ ଆପଣାର ଆପଣ
ସେ ଯଉବନ-ସୁରା ଝରୁ ଏ ଦେହ ମନେ
ଉଠୁ ତା' ରଙ୍ଗିମା ଉକୁଟି ଆଖିକୋଣେ,
ଜୀବନ-ସୁରା ଢାଳୁ ପୀରତି-ରୂପା ସାକୀ
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି।
(ଦୁଇଟି କଳା ଆଖି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | 3 | | A | 9 | | | | | | | | | 6 |
| | | | 5 | C | 2 | | | 3 | A | | | | | |
| | C | | | | | | 4 | 6 | | 9 | D | | | |
| | | | | 0 | | | 5 | | 2 | | | | E | |
| | 5 | 7 | | 6 | E | D | | | 3 | | 4 | | | A |
| | | | | | B | C | 0 | | | 4 | 3 | | | 8 |
| 3 | | | | | 7 | 2 | 8 | | 5 | 1 | E | | 9 | |
| 1 | | | | | | | | B | | D | C | E | | 2 |
| | | | 2 | | | | 7 | | 8 | | | | | |
| D | 9 | C | | 4 | | A | | | | | | | | |
| | | 1 | 4 | 7 | | | | | | | | | | |
| | | 9 | | | C | 5 | | 7 | | 8 | | | 2 | |
| 6 | 4 | | | 3 | | | | | 0 | | B | | | |
| | 3 | | E | | 1 | | | 8 | | | | | B | 5 |
| 8 | | D | | | 5 | | 2 | | 7 | 6 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | 7 | 8 | D | E | 9 | 2 | 5 | 3 | A | 4 | B | 1 | 0 |
| E | 3 | 4 | B | 1 | 0 | 6 | C | 7 | 2 | D | 8 | A | 5 | 9 |
| 5 | 1 | B | 2 | 6 | 4 | 3 | A | 0 | C | 7 | 9 | E | D | 8 |
| D | 0 | 9 | A | 5 | 7 | 8 | 1 | 4 | B | E | 6 | C | 3 | 2 |
| 8 | A | 2 | C | 3 | 9 | B | E | D | 1 | 5 | 0 | 4 | 7 | 6 |
| 9 | D | 5 | E | 2 | C | A | 0 | 3 | 8 | B | 7 | 1 | 6 | 4 |
| B | C | 0 | 9 | 7 | 5 | 2 | D | 6 | 4 | 1 | E | 3 | 8 | A |
| A | E | 1 | 6 | 8 | 3 | 4 | 7 | B | 5 | 9 | D | 0 | 2 | C |
| 2 | 7 | 8 | 0 | 4 | B | C | 5 | 1 | 6 | 3 | A | D | 9 | E |
| 6 | 4 | 3 | D | A | 1 | E | 9 | 8 | 0 | C | 2 | 7 | B | 5 |
| 7 | 9 | C | 4 | 0 | A | 5 | B | 2 | D | 8 | 1 | 6 | E | 3 |
| 0 | 5 | D | 3 | E | 8 | 1 | 6 | C | 9 | 4 | B | 2 | A | 7 |
| 3 | 2 | 6 | 1 | 9 | D | 7 | 4 | A | E | 0 | 5 | 8 | C | B |
| 4 | 8 | E | 7 | B | 2 | D | 3 | 9 | A | 6 | C | 5 | 0 | 1 |
| 1 | B | A | 5 | C | 6 | 0 | 8 | E | 7 | 2 | 3 | 9 | 4 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ବଡ଼ିଆଙ୍କ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ହେଉ

ମହାଶୟ,

ସେସୁ ତରଫରୁ ବିଦ୍ୟୁତ୍ କାଟ ଅଭିଯାନ ପ୍ରାୟ ପ୍ରତ୍ୟେକ ଦିନ ଚାଲିଛି। ଗରିବ ଲୋକର ପାନ, ଜଳଖିଆ ଦୋକାନ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ବିଦ୍ୟୁତ୍ ବିଭାଗ ଯଦି ପ୍ରଥମରୁ ଏଭଳି କାର୍ଯ୍ୟ ହାତକୁ ନେଇଥାନ୍ତା, ଲୋକେ ଯେ ଯାହାର ବିଲ୍ ପୈଠ କରିଥାନ୍ତେ। ଅବଶ୍ୟ ଲୋକେ ସରକାରଙ୍କ ଏହି ନିୟମ କିଭଳି କାର୍ଯ୍ୟକାରୀ ହେଉଛି ତା' ଉପରେ ନଜର ରଖିଛନ୍ତି। ପ୍ରଶ୍ନ ଉଠୁଛି କେବଳ ଗରିବ ଉପରେ ଚଢ଼ଉ କାହିଁକି? ବିଦ୍ୟୁତ୍ ବିଲ୍, ପାଣି ବିଲ୍ ଆଦି ବାକି ରଖିଥିବା ନେତା ଓ ଶିଳ୍ପପତିମାନଙ୍କ ଉପରେ ବି ଚଢ଼ଉ କରାଯାଉ। ସେମାନଙ୍କର କେତେ ଟଙ୍କା ବିଦ୍ୟୁତ୍ ବକେୟା ରହିଛି ତାହା ଗଣମାଧ୍ୟମରେ ପ୍ରକାଶ ପାଉ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଉଚ୍ଚାକାଙ୍କ୍ଷାର ବାସ୍ତବତା

କେନ୍ଦ୍ର ସରକାର ଆଗାମୀ ୫ ବର୍ଷ ପାଇଁ ଅନେକ ଉଚ୍ଚାକାଙ୍କ୍ଷୀ ଲକ୍ଷ୍ୟ ପୋଷଣ କରିଛନ୍ତି। ସେଥିରୁ ଗୋଟିଏ ହେଉଛି ଆଗାମୀ ୨୦୨୪ ସୁଦ୍ଧା ଦେଶର ପ୍ରତ୍ୟେକ ପରିବାରକୁ ପାଇପ୍ ଜଳ ଯୋଗାଇଦେବା। ସରକାରୀ ତଥ୍ୟ ଅନୁସାରେ, ଏବେ ସୁଦ୍ଧା ୧୮ ପ୍ରତିଶତ ଘରକୁ ପାଇପ୍ ଜଳ ଯୋଗାଇ ଦିଆଯାଇଛି। ଏନ୍‌ଡିଏ (୧) ସରକାରଙ୍କ ୫ ବର୍ଷ ଶାସନ ସମେତ ଗତ ୭୦ ବର୍ଷ ମଧ୍ୟରେ ମାତ୍ର ୧୮ ପ୍ରତିଶତ ଘରକୁ ପାଇପ୍ ଜଳ ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ୫ ବର୍ଷ ମଧ୍ୟରେ ଅବଶିଷ୍ଟ ୮୨ ପ୍ରତିଶତ ଘରକୁ କିପରି ଏହି ଯୋଜନାରେ ସାମିଲ କରାଯାଇପାରିବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଉଚ୍ଚାକାଙ୍କ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିବାରେ କୌଣସି ଦୋଷ ନାହିଁ। ମାତ୍ର ଏହା ବାସ୍ତବତା ଉପରେ ଆଧାରିତ ନ ହେଲେ ବିଶ୍ୱାସଯୋଗ୍ୟ ହୋଇପାରିବ ନାହିଁ। ପରେ ସରକାର ସମାଲୋଚିତ ଓ ଉପହସିତ ହେବା ସାର ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୀବନ୍ତଙ୍କ ଶରୀରରେ ଲାଗିଲା ମୃତାଙ୍କ କିଡ୍‌ନୀ

## ରାଜ୍ୟର ପ୍ରଥମ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ସଫଳ

- ଆପୋଲୋରେ ୪ ଘଣ୍ଟାର ଅସ୍ତ୍ରୋପଚାର ପରେ କଢ଼ା ହେଲା ୨ କିଡ୍‌ନୀ
- ରାତି ଅଧରେ ସ୍ୱତନ୍ତ୍ର ଗ୍ରୀନ୍ କରିଡରରେ କଟକ ନିଆଗଲା
- ଏସ୍‌ସିବିରେ ଗୋଟିଏ କିଡ୍‌ନୀର ହେଲା ପ୍ରତିରୋପଣ
- ପ୍ରିୟଙ୍କାଙ୍କ ପରିବାର, ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଶଂସା

କଟକ ଅଫିସ/ ଭୁବନେଶ୍ୱର, ୪।୨ (ବ୍ୟୁରୋ)

ରାଜ୍ୟରେ ପ୍ରଥମଥର ହୋଇଥିବା କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ଅପରେଶନ ସଫଳ ହୋଇଛି। ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଓ କଟକ ଏସ୍‌ସିବି ମେଡିକାଲ ଡାକ୍ତରଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଆପୋଲୋ ହସ୍ପିଟାଲରେ ୪ ଘଣ୍ଟାର ଅସ୍ତ୍ରୋପଚାର ପରେ ଜଣେ ମୃତ ମହିଳାଙ୍କ ଶରୀରରୁ କିଡ୍‌ନୀ ବାହାର କରି ଏସ୍‌ସିବିରେ ଜଣେ ରୋଗୀଙ୍କ ଶରୀରରେ ସଫଳ ପ୍ରତିରୋପଣ କରାଯାଇଛି। ସୋମବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ମଙ୍ଗଳବାର ସକାଳେ ଶେଷ ହୋଇଛି। କିଡ୍‌ନୀଦାତାଙ୍କ ପରିବାରବର୍ଗ ଓ ଅସ୍ତ୍ରୋପଚାରରେ ସାମିଲ ଡାକ୍ତରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମଧ୍ୟ ସମସ୍ତଙ୍କୁ ପ୍ରଶଂସା କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଆପୋଲୋ ହସ୍ପିଟାଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂରା ପ୍ରକ୍ରିୟା ସମ୍ପର୍କରେ ସୂଚନା ଦିଆଯାଇଛି। ଏହି କିଡ୍‌ନୀ ପ୍ରତିରୋପଣ ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଅଙ୍ଗଦାତା ପ୍ରିୟଙ୍କାରାଣୀ ପାତ୍ରଙ୍କ ପରିବାରବର୍ଗ ସହମତି


ଝିଅ ତନ୍‌ଭିଙ୍କ ସହ ପ୍ରିୟଙ୍କାରାଣୀ (ଫାଇଲ ଫଟୋ)

ପ୍ରକାଶ କରିବାରୁ ଏହା ସମ୍ଭବ ହୋଇପାରିଛି। ଏହି ଅବସରରେ ଆପୋଲୋ କର୍ତ୍ତୃପକ୍ଷ ପ୍ରିୟଙ୍କାଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ମିଳିଥିବା ସୂଚନାନୁସାରେ, ଗଞ୍ଜାମ ଜିଲା ଦିଗପହଣ୍ଡି ସହର ରାଣୀସାହିର ପ୍ରିୟଙ୍କାରାଣୀ ରାଜୁ(୨୬) ଗତ ୨୬ ତାରିଖ ଅପରାହ୍ଣରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ଡାକ୍ତର ତାଙ୍କୁ ମସ୍ତିଷ୍କ ମୃତ(ବ୍ରେନ୍ ଡେଡ୍) ଘୋଷଣା କରିଥିଲେ। ପ୍ରିୟଙ୍କାଙ୍କ ସ୍ୱାମୀ ଭି. ସମୀର ରାଜୁ ଓ ଶ୍ୱଶୁର ଭି. ଧର୍ମାରାଜୁ ଧୈର୍ଯ୍ୟ ନ ହରାଇ ପ୍ରିୟଙ୍କାଙ୍କ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହସ୍ପିଟାଲ ପକ୍ଷରୁ ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲା। ନିର୍ଦ୍ଦେଶ ମିଳିବା ପରେ ରାତି ପ୍ରାୟ ୧୧ଟାରେ ପ୍ରିୟଙ୍କାଙ୍କ ଶରୀରରୁ କିଡ୍‌ନୀ କଢ଼ାଯିବା ନେଇ ବିଧିବଦ୍ଧ ସୂଚନା ଦିଆଯାଇଥିଲା। ସେପଟେ କାଡାଭେରିକ ଟ୍ରାନ୍ସପ୍ଲାଣ୍ଟ ବ୍ୟବସ୍ଥାରେ ପ୍ରିୟଙ୍କାଙ୍କ କିଡ୍‌ନୀ ଅନ୍ୟ ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ଏସ୍‌ସିବି ମେଡିକାଲର ଏକ ଡାକ୍ତରୀ ଦଳ ଆପୋଲୋ ହସ୍ପିଟାଲରେ ପହଞ୍ଚିଥିଲେ। ପ୍ରତିରୋପଣ ସମ୍ପର୍କିତ ଆବଶ୍ୟକ ସମସ୍ତ ଅନୁମତି ଓ କାଗଜପତ୍ର ସରିବାପରେ ରାତି ପ୍ରାୟ ୧ଟାରେ ଅସ୍ତ୍ରୋପଚାର ଆରମ୍ଭ ହୋଇଥିଲା। ଆପୋଲୋ ହସ୍ପିଟାଲର ଡାକ୍ତର ନିଶିତ୍ ମହାନ୍ତି ଓ ଡାକ୍ତର ବିବେକାନନ୍ଦ ପଣ୍ଡାଙ୍କ ସହ ଡ. ସମୀରନ୍ ଦାସ ଅଧିକାରୀ ଓ ଡ. କେସି ଶତପଥୀଙ୍କ ଉଦ୍ୟମରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଅସ୍ତ୍ରୋପଚାର ପରେ ପ୍ରିୟଙ୍କାଙ୍କ ଶରୀରରୁ ୨ଟି କିଡ୍‌ନୀ ବାହାର କରାଯାଇଥିଲା। ସେଥିରୁ ଗୋଟିଏ କିଡ୍‌ନୀ ଧରି ଡାକ୍ତରୀ ଟିମ୍ ଭୋର୍ ୪ଟା ୨୫ରେ ଏସ୍‌ସିବିରେ ପହଞ୍ଚିଥିଲେ। ଭୁବନେଶ୍ୱରରୁ କଟକକୁ ନେବାବେଳେ ଆମ୍ବୁଲାନ୍ସର ବ୍ୟବସ୍ଥା ହୋଇଥିବାବେଳେ ଟ୍ରାଫିକ ସମସ୍ୟାର ମୁକାବିଲା ପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡର କରାଯାଇଥିଲା। ଏସ୍‌ସିବିରେ ଚିକିତ୍ସିତ ହେଉଥିବା ବରଗଡ଼ ଅଞ୍ଚଳର ଫିରୋଜ ସାହୁ(୩୧)ଙ୍କ ଶରୀରରେ କିଡ୍‌ନୀ ପ୍ରତିରୋପଣ ପାଇଁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ଭୋର୍ ପ୍ରାୟ ୫ଟା ୧୫ରେ କିଡ୍‌ନୀ ପ୍ରତିରୋପଣ ଅସ୍ତ୍ରୋପଚାର ଆରମ୍ଭ ହୋଇ ସକାଳ ସାଢେ ୮ଟାରେ ଶେଷ ହୋଇଥିଲା। ୟୁରୋଲୋଜି ବିଭାଗ ମୁଖ୍ୟ ଡା. ଦଣ୍ଡେଶ୍ୱର ହୋତାଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଡାକ୍ତରୀ ଟିମ୍ ଏହି ଅସ୍ତ୍ରୋପଚାରରେ ସାମିଲ୍ ଥିଲେ। ଅସ୍ତ୍ରୋପଚାର ସଫଳ ହୋଇଥିବାବେଳେ ଫିରୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ବୋଲି ଏସ୍‌ସିବି ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ପ୍ରିୟଙ୍କାଙ୍କ ଅନ୍ୟ ଗୋଟିଏ କିଡ୍‌ନୀ ଆପୋଲୋ ହସ୍ପିଟାଲରେ ଟ୍ରାନ୍ସପ୍ଲାଣ୍ଟ ପାଇଁ ରଖାଯାଇଛି। ମଙ୍ଗଳବାର ୬ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ଲୋକଙ୍କୁ ଡକାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା କାହା ଶରୀରରେ ପ୍ରତିରୋପଣ କରାଯାଇନଥିଲା। ତେବେ ଖୁବ୍‌ଶୀଘ୍ର ପ୍ରିୟଙ୍କାଙ୍କ ଦ୍ୱିତୀୟ କିଡ୍‌ନୀକୁ ଟ୍ରାନ୍ସପ୍ଲାଣ୍ଟ କରାଯିବ ବୋଲି ଆପୋଲୋ କର୍ତ୍ତୃପକ୍ଷ କହିଛନ୍ତି।

## ସଂକ୍ଷେପରେ

### ଜନ୍ତୁ ଶିକାର ପାଇଁ ଫାଶ ପକାଇ ୪ ଗିରଫ

ଦେବଗଡ଼,୪।୨(ଡି.ଏନ୍.ଏ.): ଦେବଗଡ଼ ସହର ଉପକଣ୍ଠ ବୋଡିନାଳୀ ନିକଟସ୍ଥ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଫାଶ ପକାଇବା ଅଭିଯୋଗରେ ବନ ବିଭାଗ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବଗଡ଼ରେ ରହି ଶ୍ରମିକ ଭାବେ କାମ କରୁଥିବା ରିଆମାଳ ଥାନା ଅଧୀନ ତେନ୍ତୁଲାବାହାଲ ଗ୍ରାମର କାର୍ତ୍ତିକ କିଷାନ(୪୦),ରେଙ୍ଗାଲନାଳୀ ଗ୍ରାମର ଭୋଳେଶ୍ୱର ଭୋଇ(୫୫),ଚାଙ୍ଗୁଡିଆ ଗ୍ରାମର ବିଦ୍ୟା ଉଦାବର (୨୪) ଓ ବାଘିଆବନ୍ଧ ଗ୍ରାମର ପ୍ରତାପ ଡୁଙ୍ଗଡୁଙ୍ଗ(୩୫)। ସୋମବାର ସନ୍ଧ୍ୟାରେ ଦେବଗଡ଼ ବନାଞ୍ଚଳ ଅନ୍ତର୍ଗତ ବୋଡିନାଳୀ ନିକଟସ୍ଥ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଅଭିଯୁକ୍ତମାନେ ଜିଆଇ ତାରରେ ନିର୍ମିତ ଫାଶ ବସାଇଥିଲେ। ରାତିରେ ପାଟ୍ରୋଲିଂ କରୁଥିବା ଦେବଗଡ଼ ଫରେଷ୍ଟର ପ୍ରସନ୍ନ କୁମାର ସାହୁ ଏ ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ଭୋର ୪ରୁ ସେହି ସ୍ଥାନରେ ଛକି ରହିଥିଲେ। ସକାଳ ପ୍ରାୟ ୬ ଟାରେ କାର୍ତ୍ତିକ, ଭୋଳେଶ୍ୱର , ବିଦ୍ୟା ଓ ପ୍ରତାପ ସକାଳ ପ୍ରାୟ ୬ ଟାରେ ସେଠାକୁ ଯାଇ ଫାଶଗୁଡ଼ିକୁ ଦେଖୁଥିବା ସମୟରେ ସେଠାର ଛକିରହିଥିବା ବନ କର୍ମଚାରୀମାନେ ସେମାନଙ୍କୁ ଗିରଫ କରିଥିଲେ। ଏଥିସହ ସେମାନଙ୍କ ନିକଟରୁ ଫାଶଗୁଡ଼ିକ ଜବତ କରାଯାଇଥିଲା।

### ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ମିଳୁ: ଆଚାର୍ଯ୍ୟ

ନୂଆଦିଲ୍ଲୀ, ୪।୨: ସରକାର ଦେଶ ମଧ୍ୟରେ ସାମଗ୍ରୀ ଉତ୍ପାଦନ ଉପରେ ଫୋକସ କରିବାର ଆବଶ୍ୟକତା ରହିଛି। ଘରୋଇ ବଜାରରେ ଗୁଣବତ୍ତା ପ୍ରଡକ୍ଟ ମାନୁଫାକଚରିଂ ହେବାର ଆବଶ୍ୟକତା ରହିଛି। ଏହା ହେଲେ ଲୋକମାନେ ସ୍ଥାନୀୟ ପ୍ରଡକ୍ଟ କ୍ରୟ କରିବାକୁ ଆଗଭର ହେବ ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମଙ୍ଗଳବାର କହିଛନ୍ତି। ଏକ ଉନ୍ନତ ଆଗାମୀ କାଲି ଲାଗି ଦେଶବାସୀ ସ୍ଥାନୀୟ ପ୍ରଡକ୍ଟ କ୍ରୟ କରିବାକୁ ବଜେଟ ଅଧିବେଶନ ଅବସରରେ ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆହ୍ୱାନ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବରେ ଆଚାର୍ଯ୍ୟ କହିଛନ୍ତି ଯେ, ପ୍ରଡକ୍ଟର ଗୁଣବତ୍ତା ରହିଲେ ହିଁ ଲୋକମାନେ କିଣିବାକୁ ବିଚାର କରିବେ। ମାତ୍ର ଗୁଣବତ୍ତା ବିହୀନ ପ୍ରଡକ୍ଟକୁ ଲୋକ କିଭଳି କିଣିବେ। ଏଭଳି ସ୍ଥିତିରେ ସରକାର ସ୍ଥାନୀୟ ଉତ୍ପାଦନକୁ ଉତ୍ସାହିତ କରିବା ଉଚିତ। କିନ୍ତୁ ଦେଶରେ ବର୍ତ୍ତମାନ ସେଭଳି ସ୍ଥିତି ନାହିଁ। ଦେଶର ମହାନ ଲିଡରମାନେ ସ୍ଥାପନ କରିଥିବା ୟୁନିଟଗୁଡ଼ିକୁ ଏବେ ବିକ୍ରି କରାଯାଉଥିବା ସେ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ସେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ତମ ବର୍ଷ ପାଳନ କରାଯାଉଛି। କିନ୍ତୁ ଦେଶରେ ଏବେ ହିଂସାର ବାତାବରଣ ଉପୁଜିଛି। ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଥିବା ଅହିଂସା ଶବ୍ଦକୁ ସମ୍ବିଧାନର ପ୍ରସ୍ତାବନାରେ ସ୍ଥାନିତ କରିବାକୁ ସେ ମତ ଦେଇଛନ୍ତି। କେନ୍ଦ୍ରର ଜଳ ଜୀବନ ମିଶନକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ବିଦ୍ରୁପ କରି କହିଛନ୍ତି, ଏହି ଯୋଜନା ଲାଗି ୩.୬ ଲକ୍ଷ କୋଟି ଆବଶ୍ୟକ ପଡିବ ବୋଲି ରାଷ୍ଟ୍ରପତି ଅଭିଭାଷଣରେ କହିଥିଲେ। ମାତ୍ର ବଜେଟରେ କେନ୍ଦ୍ର ସରକାର ଏଥି ଲାଗି ମାତ୍ର ୧୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହାବାଦ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଅବହେଳା, ଉପକୂଳ ପର୍ଯ୍ୟଟନ ଲାଗି ଓଡିଶାରେ ଏକ ବିସ୍ତୃତ ବେଳାଭୂମି ରହିଥିବା ବେଳେ କେନ୍ଦ୍ର ସରକାର ଏହାକୁ ଧ୍ୟାନ ଦେଉ ନ ଥିବା ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ବିଧାନସଭାରେ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର,୪।୨(ବ୍ୟୁରୋ): ଓଡ଼ିଶା ବିଧାନସଭା ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରାଙ୍ଗଣରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଚସ୍ପତି ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମେତ ବିଧାନସଭାର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶାଶ୍ୱତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ସ୍ମୃତିରେ ସଙ୍ଗୀତ ପରିବେଷଣ କରିଥିଲେ।



## ବିଇଓ, ଡିଇଓ ଅଫିସ୍ କର୍ମଚାରୀଙ୍କୁ ୬ବର୍ଷ ପରେ ବଦଳି

ଭୁବନେଶ୍ୱର,୪।୨(ବ୍ୟୁରୋ)

ବଲାଙ୍ଗୀର ଶିକ୍ଷା ଜିଲା ଅଧୀନରେ ଥିବା ବିଇଓ(ବ୍ଲକ ଶିକ୍ଷା ଅଧିକାରୀ) ଅଫିସରେ କାର୍ଯ୍ୟରତ ଜଣେ ବରିଷ୍ଠ କିରାଣିଙ୍କ ଜାଲିଆତି ଘଟଣା ସାମ୍ନାକୁ ଆସିବାପରେ ଚେତିଛନ୍ତି ସରକାର। ଏଣିକି ବ୍ଲକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୬ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିବା କିରାଣୀମାନଙ୍କୁ ବଦଳି କରାଯିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆ ସରିଥିବା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି ଯେ, ଶିକ୍ଷା ବର୍ଷ ଆରମ୍ଭରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଏନେଇ ଯେଉଁମାନେ ପ୍ରସ୍ତାବ ପଠାଇଛନ୍ତି ତାକୁ ଦେଖାଯାଇ କାର୍ଯ୍ୟକାରୀ ହୋଇସରିଲାଣି। ଯେଉଁମାନେ ଏନେଇ ପ୍ରସ୍ତାବ ପଠାଇ ନାହାନ୍ତି ସେମାନଙ୍କୁ ତୁରନ୍ତ ଏ ଦିଗରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବ୍ୟବସ୍ଥା କରାଯାଉଛି। କୌଣସି ଟେବୁଲରେ ବା ଅଫିସରେ ୬ ବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ କେହି କର୍ମଚାରୀ ରହିପାରିବେ ନାହିଁ। ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ କ୍ଷେତ୍ରରେ କାହାକୁ ବଦଳି କରାଯିବ ନ ଯିବ ସେନେଇ କୌଣସି ନିର୍ଦ୍ଦିଷ୍ଟଭାବେ ନିଷ୍ପତ୍ତି ନିଆଯାଇନାହିଁ ବୋଲି ସେ କହିଛନ୍ତି। ମନ୍ତ୍ରୀ ଦାଶ ଆହୁରି କହିଛନ୍ତି ଯେ, ଆସନ୍ତା ଶିକ୍ଷାବର୍ଷରୁ ଯେଉଁ ଶିକ୍ଷକମାନେ ନିଜ ନିକଟସ୍ଥ ବିଦ୍ୟାଳୟକୁ ବଦଳି ହେବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଯିବ। ଏ ନେଇ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଦ୍ୟାଳୟରେ ପିଲାମାନଙ୍କ କରୋନା ଚିକିତ୍ସା ଉପରେ ପ୍ରତିକ୍ରିୟା ରଖି ସମୀର କହିଛନ୍ତି, ଯଦି କୌଣସି ଛାତ୍ରୀଛାତ୍ର ସ୍କୁଲରେ ପଢୁଥିବା ସମୟରେ ଅସୁସ୍ଥ ଜଣାପଡେ କିମ୍ବା କିଛି ବିଲକ୍ଷଣ ସେମାନଙ୍କ ଶରୀରରେ ପରିଲକ୍ଷିତ ହୁଏ, ତୁରନ୍ତ ସେମାନଙ୍କୁ ଡାକ୍ତରଖାନା ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯାହା ନିଷ୍ପତ୍ତି ନେଇଛି ସେହି ଅନୁଯାୟୀ ପଦକ୍ଷେପ ନିଆଯିବ। ସ୍କୁଲ ପିଲାଙ୍କୁ ଥଣ୍ଡା କିମ୍ବା ଜ୍ୱରର ଲକ୍ଷଣ ଦେଖାଦେଲେ ତୁରନ୍ତ ଶିକ୍ଷକ ପିଲାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

## ଆହତ ମହିଳାଙ୍କୁ ଡାକ୍ତରଖାନା ନେଲେ ମନ୍ତ୍ରୀ

ସଇଁତଲା, ୪।୨ (ଡି.ଏନ.ଏ.)

ମଙ୍ଗଳବାର ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଷାଣ୍ଡପାଲି ଛକରେ ବାଇକରୁ ପଡ଼ି ଜଣେ ମହିଳା ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ବିଧାୟିକା ତଥା ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ନିଜ ଗାଡ଼ିରେ ଆଣି ଡ଼ାକ୍ତରଖାନାରେ ଭର୍ତ୍ତି କରି ମାନବିକତାର ପରିଚୟ ଦେଖାଇଛନ୍ତି। ସୂଚନା ଅନୁଯାୟୀ, ଦେଓଗାଁ ବ୍ଲକ ଉଡ଼ାର ପଞ୍ଚାୟତ ଲୁହୁରେନପାଲି ଗ୍ରାମର ସଞ୍ଜୁ ଜାଲ (୨୮) ସ୍ୱାମୀ ସୁବାସଙ୍କ ସହ ବାଇକରେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ମାୟାମୁଣ୍ଡା ଗ୍ରାମକୁ ଯାଉଥିଲେ। ଷାଣ୍ଡପାଲି ଛକଠାରେ ହଠାତ ସଞ୍ଜୁ ବାଇକରୁ ପଡ଼ିଥିଲେ। ଏହି ସମୟରେ ମନ୍ତ୍ରୀ ସାହୁ ଗୁଡ଼ଭେଲା ବ୍ଲକକୁ ଏକ ଘରୋଇ କାମରେ ଯାଉଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ସଇଁତଲାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ


ମନ୍ତ୍ରୀ ଟୁକୁନି ସାହୁ ଆହତ ମହିଳାଙ୍କୁ ଡାକ୍ତରଖାନା ନେଉଛନ୍ତି।

ଉପସ୍ଥିତ ଥିବା ଡା. ସୌମ୍ୟ ରଞ୍ଜନ ନାୟକ ଆହତଙ୍କ ଚିକିତ୍ସା କରିଥିଲେ। ଯଦି ମହିଳାଙ୍କ ଅବସ୍ଥା ଗୁରୁତର ଥାଏ ତେବେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲକୁ ପଠାଯିବା ସହ ଯାହା ଖର୍ଚ୍ଚ ହେବ ତାହା ସରକାର ବହନ କରିବେ ବୋଲି ମନ୍ତ୍ରୀ ସାହୁ କହିଥିଲେ। ମହିଳାଙ୍କ ସ୍ୱାସ୍ଥବସ୍ଥା ଠିକ୍ ଥିବା ଡ଼ା. ନାୟକ କହିଛନ୍ତି।

## ଖଣ୍ଡଗିରି ମେଳାରେ ପାର୍କିଂ ନାଁରେ ଶୋଷଣ

ଭୁବନେଶ୍ୱର, ୪।୨ (ବ୍ୟୁରୋ): ଖଣ୍ଡଗିରି ମେଳାରେ ପାର୍କିଂ ନାଁରେ ଶୋଷଣ ଚାଲିଛି। ପ୍ରତିବାଦ କଲେ ଗୁଣ୍ଡାମାନେ ଧମକ ଦେବା ସହ ଆକ୍ରମଣ କରୁଛନ୍ତି। ଖଣ୍ଡଗିରି ମେଳା ପାଇଁ ସ୍ଥାନୀୟ ଅଞ୍ଚଳରେ ୩ ସ୍ଥାନରେ ପାର୍କିଂ ପାଇଁ ବିଏମ୍‌ସି ଅନୁମତି ଦେଇଛି। ୧ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁମତି ଦିଆଯିବା ସହ ଫି ନିର୍ଦ୍ଧାରଣ କରାଯାଇଛି। ୨ ଘଣ୍ଟା ପାଇଁ ବିଏମ୍‌ସି ପାର୍କିଂ ସ୍ଥଳୀରେ ବାଇକ୍ ପାଇଁ ୫ଟା ଓ ୪ ଘଣ୍ଟା ପାଇଁ ୧୦ଟଙ୍କା ଧାର୍ଯ୍ୟ କରାଯାଇଛି। ମାତ୍ର ଟେଣ୍ଡର ନେଇଥିବା ବ୍ୟକ୍ତିମାନେ ମନଇଚ୍ଛା ଲୋକଙ୍କୁ ଶୋଷଣ କରୁଛନ୍ତି। ଗାଡ଼ି ଥୋଇଲେ ଲୋକଙ୍କଠାରୁ ୨୦ ଟଙ୍କା ଫି ନିଆଯାଉଛି। ଏ ସମ୍ପର୍କରେ ବିଏମ୍‌ସିର ସ୍ଥାନୀୟ ଜୋନ୍‌ର ଡେପୁଟି କମିଶନର ରବିନାରାୟଣ ଜେଠୀ କହିଛନ୍ତି, ମେଳାକୁ ଆସୁଥିବା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପାର୍କିଂ ବ୍ୟବସ୍ଥା କରାଯାଇଛି। ଗାଇଡ୍ ଲାଇନ୍ ଉଲ୍ଲଂଘନ କଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସହକାରୀ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୪।୨



ମଦ୍ୟପାନ କରି ବିଦ୍ୟାଳୟକୁ ଯିବା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳର ଜଣେ ସହକାରୀ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ବଳିଷ୍ଠ ପ୍ରମାଣକୁ ଭିତ୍ତିକରି ବ୍ଲକ ଶିକ୍ଷାଧିକାରୀ (ବିଇଓ) ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ହେଲେ ଶେଷଦେବ ବେହେରା। ସଲଗୁଡା ପଞ୍ଚାୟତ ନେଡ଼ିପଦର ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ଅବସ୍ଥାପିତ ଥିଲେ। ପ୍ରତିଦିନ ମଦ୍ୟପାନ କରି ବିଦ୍ୟାଳୟକୁ ଆସୁଥିବା ଓ ପିଲାଙ୍କୁ ପାଠ ନ ପଢ଼ାଇବା ନେଇ ତାଙ୍କ ନାମରେ ଅଭିଯୋଗ ରହିଥିଲା। ସୋମବାର ମଧ୍ୟ ସହକାରୀ ଶିକ୍ଷକ ଜଣକ ନିଶାସକ୍ତ ହୋଇ ବିଦ୍ୟାଳୟରେ ହୋହଲ୍ଲା କରୁଥିଲେ। କେହି ଜଣେ ତାଙ୍କର ଏଭଳି କାରନାମାର ଭିଡିଓ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ପାଖକୁ ପଠାଇଥିଲେ। ଡିଇଓ ବିକାଶ ଚନ୍ଦ୍ର ପ୍ରଧାନ ତୁରନ୍ତ ଏହାର ତଦନ୍ତ କରିବାକୁ ବିଇଓ ବିନୋଦ ବିହାରୀ ଦିଗାଲଙ୍କୁ କହିଥିଲେ। ବିଇଓ ଦିଗାଲ ସିଆରସିସି କୈଳାସ ଚନ୍ଦ୍ର କହଁରଙ୍କୁ ମଙ୍ଗଳବାର ଉକ୍ତ ବିଦ୍ୟାଳୟକୁ ପଠାଇଥିଲେ। ସିଆରସିସି କହଁର ତଦନ୍ତ ପାଇଁ ଯାଇଥିବା ବେଳେ ଶେଷଦେବ ମଦ୍ୟପାନ କରି ବସିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପଚାରିବାରୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିପାଇଁ ତାଙ୍କୁ ନିଲମ୍ବନ କରାଯାଇଥିବା ବିଇଓ ଦିଗାଲ ପ୍ରକାଶ କରିଛନ୍ତି।

## ମୃତ ରେଳ କର୍ମଚାରୀଙ୍କ ପରିବାରକୁ ୪୮ ଘଣ୍ଟାରେ ପେନ୍‌ସନ

ଭୁବନେଶ୍ୱର, ୪।୨

ଗତ ଜାନୁୟାରୀ ୨୮ ଦିନ ଖୋର୍ଦ୍ଧାରୋଡ଼ ଷ୍ଟେସନଠାରେ ରେଳପଥର ପଣ୍ୟବାହୀ ଟ୍ରେନରେ କାର୍ଯ୍ୟରତ ଗାର୍ଡ ପ୍ରଭୁଦତ୍ତ ବେହେରାଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ପରିବାରବର୍ଗଙ୍କୁ ୪୮ ଘଣ୍ଟା ମଧ୍ୟରେ ପେନସନ ସହିତ ଅନ୍ୟାନ ପାଉଣା ପ୍ରଦାନ ନେଇ ରେଳପଥ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ଉଭୟ ଫାଇନାନ୍ସ ଓ ପର୍ସନେଲ ବିଭାଗ କର୍ମଚାରୀମାନଙ୍କ ଚେଷ୍ଟା ଯୋଗୁଁ ରେକର୍ଡ ସୃଷ୍ଟି ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଶଶୀକାନ୍ତ ସିଂହ ୩୧ରେ ସମସ୍ତ ପେନସନ ପୁସ୍ତିକା ଏବଂ


ମୃତକଙ୍କ ପରିବାରକୁ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ପ୍ରବନ୍ଧକ ପେନସନ ପୁସ୍ତିକା ପ୍ରଦାନ କରୁଛନ୍ତି।

ସମସ୍ତ ଦେୟର ପାଉଣା ପ୍ରଦାନ କରିଛନ୍ତି। ସ୍ୱର୍ଗତ ବେହେରାଙ୍କର ଗତ ୨୮ ତାରିଖ ଦିନ ଖୋର୍ଦ୍ଧାରୋଡ଼ଠାରୁ ପଲାସା ପର୍ଯ୍ୟନ୍ତ ଟ୍ରେନରେ ଡ୍ୟୁଟି ଥିଲା। ରାତ୍ରି ୨ଘ.୩୮ମି.ରେ ଟ୍ରେନ ଛାଡିବା ପାଇଁ ସିଗ୍ନାଲ ଦେବାପରେ ତାଙ୍କ ଦେହ ଅକସ୍ମାତ ଖରାପ ହୋଇଥିଲା। ଟ୍ରେନ ଷ୍ଟାର୍ଟ ହେବାପାଇଁ ଟ୍ରେନ ଚାଳକ ବେହେରାଙ୍କଠାରୁ କିଛି ସଂକେତ ପାଇ ନ ଥିଲେ। ଟ୍ରେନ ଚାଳକ ସଙ୍ଗେସଙ୍ଗେ ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ରାତ୍ର ୨ଘ.୫୦ମି.ରେ ଟ୍ରେନ ଗାର୍ଡ ଭ୍ୟାନରେ ଅଚେତ ଅବସ୍ଥାରେ ବେହେରାଙ୍କୁ ଠାବ କରାଯାଇଥିଲା। ତୁରନ୍ତ ତାଙ୍କୁ ସେଠାରୁ ରେଳପଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ସ୍ୱର୍ଗତ ବେହେରାଙ୍କ ସ୍ତ୍ରୀ, ଦୁଇଟି ପୁଅ ଏବଂ ଜଣେ ବିବାହିତ ଝିଅ ଅଛନ୍ତି। ପରିବାରର ଯେପରି କୌଣସି ଆର୍ଥିକ ଅସୁବିଧା ନହୁଏ ସେଥିପାଇଁ ରେଳପଥ ପ୍ରଶାସନ ଏଭଳି ପଦକ୍ଷେପ ଗ୍ରହଣ କରିଛି।

PARADIP PORT TRUST
e-Tender Call Notice
Name of the work : Upkeeping of Railway Yard outside Harbour area (From Eco. Rly. Boundary to Bauriapalanda Level Crossing) for the year 2020-21. Estimated cost : ₹ 93,18,435. Last date and time of submission : 22.02.2020 up to 17.00 hrs. Refer our website for details : https://eprocure.gov.in/eprocure/app
Executive Engineer
PRD, PPT
PPT/PR/648/19-20 Dt :04.02.2020

PARADIP PORT TRUST
e-TENDER CALL NOTICE
Name of the work : "Upkeeping of ADB Railway Yard (From PPL Level Crossing to ATBK Level Crossing) for the year 2020-21". Estimated cost : Rs.73,41,645/-. Last date & time of submission : Dt.22/02/2020 upto 17:00 Hrs. Refer our website for details : https://eprocure.gov.in/eprocure/app
Executive Engineer (PRD)
PPT/PR/644/19-20 Dt-04.02.2020

REGIONAL PASSPORT OFFICE, BHUBANESWAR
TENDER NOTICE
क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की आपूर्ति के लिए बोलियां आमंत्रित की जा रही है, जिनके विवरण निम्नानुसार है:-
Regional Passport Office, Bhubaneswar is inviting the tender for hiring of car, details of which are as follows:

| क्रमांक Sl. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid submission End Date | Tender ID |
|---|---|---|---|---|
| 1 | किराये पर कार (निविदा दस्तावेज में विवरण) Hiring of Car (Details in Tender Document) | 05.02.2020 | 26.02.2020 | 2020_MEA_541258_1 |

उपरोक्त वर्णित निविदा आईडी का उपयोग करके, निविदा दस्तावेज www.eprocure.gov.in से डाउनलोड किया जा सकता है।
Tender document may be downloaded from website www.eprocure.gov.in using tender id mentioned above.
Regional Passport Officer, Bhubaneswar



“ ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ। -ଜନ୍ ରସ୍କିନ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୪ତମ ପ୍ରତିଷ୍ଠା ଦିବସ, ସଂସ୍କୃତି ଭବନ କନଫରେନ୍ସ ହଲ, ମ୍ୟୁଜିୟମ କମ୍ପ୍ଲେକ୍ସ, ବିଜେବି ନଗର, ପୂର୍ବାହ୍ନ ୧୦ଟା ୩୦।
- ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ, ବୀର ସୁରେନ୍ଦ୍ର ସାଏ ନଗର, ଅପରାହ୍ନ ୩ଟା ୩୦।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଖଣ୍ଡଗିରି ଉଦୟଗିରି ମହୋତ୍ସବ-୨୦୨୦, ଓଟିଡିସି ପାନ୍ଥିକା, ଖଣ୍ଡଗିରି, ସନ୍ଧ୍ୟା ୬ଟା ୩୦।
- ରେଡ ସ୍ୱସ୍ତିକ ସୋସାଇଟି ଓଡ଼ିଶା ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ଖେଳିବା ପାଇଁ ବେଲଜିୟମ ଦଳ ଭୁବନେଶ୍ୱରରେ ପହଞ୍ଚିବ, ବିଜୁପଟ୍ଟନାୟକ ବିମାନବନ୍ଦର, ରାତ୍ର ୯ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞ, ଅଗ୍ନିସ୍ଥାପନ, ଡମରା, ମା' ମଙ୍ଗଳା ପୀଠ, ସକାଳ ୮ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ଜଳଯାତ୍ରା, ବେଣୁପୁର, ଶ୍ରୀ ନୀଳକଣ୍ଠେଶ୍ୱର ଦେବ ପୀଠ, ପୂର୍ବାହ୍ନ ୧୦ଟା।
- ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ସନ୍ଧ୍ୟା ୭ଟା।

# ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ, କନଷ୍ଟେବଲ ଗିରଫ

### ରଙ୍ଗିଲା ପୋଲିସ ବାବୁ

- ବିବାହ ବାହାନା ଦେଖାଇ ଏକାଧିକଥର ବଳାତ୍କାର ଅଭିଯୋଗ
- ଗୁରୁତର ଅବସ୍ଥାରେ ଯୁବତୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର,୪।୨(ବ୍ୟୁରୋ)

ବିବାହ ଆଳରେ ଯୁବତୀଙ୍କୁ ବଳାତ୍କାର କରି ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଜଣେ ଯବାନ ସୋମବାର ଗିରଫ ହୋଇଥିଲେ। ମଙ୍ଗଳବାର ଆଉ ଏକ ଘଟଣା ପଦାକୁ ଆସିଛି। ପୋଲିସ ବାବୁଙ୍କ ଦ୍ୱାରା ବାରମ୍ବାର ବଳାତ୍କାରର ଶିକାର ହୋଇଥିବା ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଏସ୍‌ଏସ୍‌ବି ବାଟାଲିୟନର କନ୍‌ଷ୍ଟେବଲ କଟକର ରାଜେଶ ଦାସଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ରାଜେଶ ଏସ୍‌ଏସ୍‌ବି ବାଟାଲିୟନରେ ୪ବର୍ଷ ହେବ କନ୍‌ଷ୍ଟେବଲ ଭାବେ ଚାକିରି କରୁଥିବାବେଳେ ଭିଆଇପିଙ୍କ ଏସ୍କର୍ଟ ଭ୍ୟାନ୍‌ରେ କାର୍ଯ୍ୟ କରନ୍ତି। ସେ ୩ବର୍ଷ ତଳେ ବିବାହ କରିଥିବାବେଳେ କଟକରେ ତାଙ୍କ ସ୍ତ୍ରୀ ଓ ପିଲା ରହୁଛନ୍ତି। ଦୁଇବର୍ଷ ତଳେ ଭୁବନେଶ୍ୱରରେ ଡ୍ୟୁଟି ସମୟରେ ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଯୁବତୀ ଜଣକ ରାଜଧାନୀରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଫୋନ୍ ନମ୍ବର ଦିଆନିଆ ପରେ ଦୁଇ ବନ୍ଧୁ ଭାବେ ଦୁହେଁ କଥା ହେଉଥିଲେ। ରାଜେଶ ଅବିବାହିତ ବୋଲି ଯୁବତୀଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବନ୍ଧୁତ୍ୱ ପ୍ରେମରେ ପରିଣତ ହୋଇଥିଲା। ରାଜେଶ ବିବାହ କରିବାକୁ କହି ଯୁବତୀଙ୍କୁ ଲଜ୍, ହୋଟେଲ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗତ କିଛିଦିନ ହେବ ରାଜେଶଙ୍କୁ ବିବାହ କରିବା ପାଇଁ କହିଥିଲେ। କିନ୍ତୁ ରାଜେଶ ନାନା ଆଳ ଦେଖାଇ ଏଡାଇ ଚାଲିଥିଲେ। ଶେଷରେ ଯୁବତୀଙ୍କ ଫୋନ୍ ନ ଉଠାଇବାରୁ ରାଜେଶଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ ପରେ ରାଜେଶ ବିବାହିତ ଥିବା ଓ ସେ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣକ ଜାଣିବା ପରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଅଭିଯୁକ୍ତ ରାଜେଶଙ୍କୁ ଥାନାକୁ ଉଠାଇ ନେଇଥିଲା। ଯୁବତୀ ଜଣକ ବିବାହ କରିବା ପାଇଁ କହିଥିଲେ ମଧ୍ୟ ରାଜେଶ ମନା କରିଦେଇଥିଲେ। ସୋମବାର ରାତିରେ ପ୍ରତାରଣାର ଶିକାର ହୋଇଥିବା ଉକ୍ତ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଯୁବତୀ ଜଣକ ସୁସ୍ଥ ହେଉଥିବାବେଳେ ଏବେବି ରାଜେଶଙ୍କୁ ବିବାହ କରିବାକୁ କହୁଥିବା ପୋଲିସ କହିଛି।




ମଙ୍ଗଳବାର ସୂଚନା ଭବନଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ବାରଙ୍ଗ,୪।୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଚନ୍ଦକା ଗ୍ରାମର ଜୟକୃଷ୍ଣ ବେହେରା(୩୨)। ଗୁରୁତର ଦୀପକ ବେହେରାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ଏକ ସ୍ଥାନକୁ ରାଜମିସ୍ତ୍ରି ଆଣିବା ପାଇଁ ସୋମବାର ରାତିରେ ଜୟକୃଷ୍ଣ ଓ ଦୀପକ ଏକ ବାଇକ୍(ଓଡି୦୨-ଏଜେଡ-୪୭୭୧)ରେ ଯାଉଥିଲେ। ଅନ୍ଧାରୁଆ ଗ୍ରାମ ନିକଟରେ ଏକ ଅଜଣା ଗାଡି ସେମାନଙ୍କ ବାଇକ୍ ପଛକୁ ଧକ୍କା ଦେଇ ଖସି ପଳାଇଥିଲା। ଫଳରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ପାଚେରିକୁ ଧକ୍କା ଦେବା ସହ ଉଭୟ ତଳେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଜୟକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୪/୨୦)ରୁଜୁକରି ତଦନ୍ତ ଚଳାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈକି ଗଡ଼ିଲି ଚାଉଳ ଧୋଇଲି**
**ମାଡ଼ିଲି ମଣ୍ଡା ଗାଗର**
**ମା'କୁ କହିବ କାନ୍ଦିବ ନାହିଁ**
**ଜୋଇଁ ତା' ଗୁଣ ସାଗର।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡ଼ିଲେ ମଧ୍ୟ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖଦୁର୍ଦ୍ଦଶାକୁ ନେଇ ମନ ଉଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାଳେ ନାଳେ ଗଲି ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜବନରେ ଦେହ ଛୁଆଁଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖା ଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିବାହ ପାଇଁ ଜିଦ୍ ଧରି ହାତ କାଟିଲେ ଯୁବତୀ

### ଗର୍ଭ ନଷ୍ଟ ପାଇଁ ହସ୍ପିଟାଲ ଆଣି ଛାଡ଼ି ପଳାଇଲେ ପ୍ରେମିକ

ଭୁବନେଶ୍ୱର,୪।୨(ବ୍ୟୁରୋ): ପ୍ରେମ ବ୍ୟାପାରକୁ ନେଇ ଇନ୍‌ଫୋସିଟି ଥାନାଞ୍ଚଳରେ ଅପ୍ରୀତିକର ଘଟଣା ଘଟିଛି। ବିବାହ ପାଇଁ ଜିଦ୍ ଧରି ଜଣେ ମୁସଲିମ୍ ସମ୍ପ୍ରଦାୟ ଯୁବତୀ ହାତ କାଟି ଗୁରୁତର ହୋଇଛନ୍ତି। ଏପରିସ୍ଥଳେ ଯୁବତୀଙ୍କ ଗର୍ଭ ନଷ୍ଟ ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣି ତାଙ୍କୁ ପ୍ରେମିକ ଜଣକ ଛାଡ଼ି ଚାଲିଯାଇଛନ୍ତି। ଘଟଣାକୁ ନେଇ ପ୍ରେମିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ତାଙ୍କୁ ବ୍ଲାକ୍‌ମେଲିଂ କରି ବିବାହ ପାଇଁ ଚାପ ପକାଉଥିବା ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି। କିନ୍ତୁ ଯୁବତୀ ଭିନ୍ନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଛି। ଗର୍ଭବତୀ ହୋଇଥିବାରୁ ଯୁବକ ତାଙ୍କୁ ଗର୍ଭନଷ୍ଟ ମେଡିସିନ ଖାଇବାକୁ ଦେଇଥିଲେ। ଏହାସତ୍ତ୍ୱେ ଗର୍ଭ ନଷ୍ଟ ହୋଇ ନ ଥିଲା। ଅଧିକ ଯନ୍ତ୍ରଣା ହେବାରୁ ଯୁବକ ତାଙ୍କୁ ହସ୍ପିଟାଲରେ ଛାଡ଼ି ପଳାଇଥିଲେ। ଡାକ୍ତର ଚିକିତ୍ସା କରିବା ସମୟରେ ଏସମ୍ପର୍କରେ ଜାଣିବା ପରେ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ଘର କୋରାପୁଟରେ ହୋଇଥିବାବେଳେ ଇନ୍‌ଫୋସିଟି ଥାନା ନନ୍ଦନବିହାର ଅଞ୍ଚଳରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ନୟାପଲ୍ଲୀର ଉକ୍ତ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କଥିଲା। ୬ମାସ ତଳେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିବାବେଳେ ଇତିମଧ୍ୟରେ ସେ ଗର୍ଭବତୀ ହୋଇଥିଲେ। ମଙ୍ଗଳବାର ସକାଳେ ଯୁବତୀ ପ୍ରେମିକଙ୍କ ରୁମ୍‌କୁ ଆସି ବିବାହ କରିବାକୁ ଜିଦ୍ ଧରିଥିଲେ। ନିରାଶ ହେବାରୁ ହାତ କାଟିଥିଲେ। ପୂର୍ବାହ୍ନରେ ଯୁବକ ଇନ୍‌ଫୋସିଟି ଥାନାକୁ ଯାଇ ତାଙ୍କୁ ଯୁବତୀ ବ୍ଲାକ୍‌ମେଲିଂ କରୁଥିବା ଅଭିଯୋଗ କରିଥିଲେ। ଏହି ସମୟରେ ଯୁବତୀ ଆସି ତାଙ୍କୁ ବାହାରକୁ ଡାକି ନେଇଥିଲେ। ଉଭୟ ପୋଲିସକୁ କିଛି ନ ଜଣାଇ ଚାଲିଯାଇଥିଲେ। ପରେ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ଗର୍ଭ ନଷ୍ଟ କରିବା ପାଇଁ ଯାଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଯୁବତୀ ଗର୍ଭବତୀ ଅଛନ୍ତି କି ଯୁବକଙ୍କୁ ଫସାଇବାକୁ ଏପରି ଅଭିଯୋଗ ଆଣିଛନ୍ତି ମେଡିକାଲ ପରୀକ୍ଷା ପରେ ଜଣାପଡିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି।

## କ୍ରିକେଟ: ସତ୍ୟବିହାର ଚାମ୍ପିୟନ

ବାଲିଅନ୍ତା,୪।୨(ଡି.ଏନ୍.ଏ.)

ପାଣ୍ଡରା ଗ୍ରାମର ମା' ସୁନେଶ୍ୱରୀ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସତ୍ୟବିହାର ଟିମ୍ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନୟାପଲ୍ଲୀର ଗୁଡମର୍ଣ୍ଣିଂ ଟିମ୍‌କୁ ପରାସ୍ତ କରି ସତ୍ୟବିହାର ଟିମ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ, ଯିଜ୍ଞାଶିଷ ମହାପାତ୍ର, ସୁଶାନ୍ତ ଆଚାର୍ଯ୍ୟ, ଭଗବାନ ସୁବୁଦ୍ଧି, ସଞ୍ଜୟ ଦାସ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ ଓ ରନର୍ସ ଅପ ଟିମକୁ ପୁରସ୍କୃତ କରିଥିଲେ। ଗଦାଧର ସୁବୁଦ୍ଧି, ଶିବପ୍ରସାଦ ମହାରଣା, ଏକାଦଶୀ ବେହେରା, ଗଗନ ବେହେରା, ତ୍ରିଲୋଚନ ବେହେରା ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

# ମଧୁବାବୁଙ୍କ ସ୍ମରଣ ବିନା ଏକ ସମୃଦ୍ଧ ଓଡ଼ିଶାର କଳ୍ପନା ଅସମ୍ଭବ

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ଓ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ସମ୍ମାନିତ ଅତିଥିଭାବେ ଯୋଗଦେଇ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ମରଣ ବିନା ଏକ ସମୃଦ୍ଧ ଓଡ଼ିଶାର ଚିତ୍ର କଳ୍ପନା କରିହେବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମଧୁବାବୁ ଉତ୍କଳ ସମ୍ମିଳନୀକୁ ନୂତନ ଦିଗ୍‌ଦର୍ଶନ ଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଏହାର ଭୂମିକାକୁ ପ୍ରଭାବଶାଳୀ କରିଥିଲେ ବୋଲି ସେ କହିଥିଲେ। ଆଜିର ପିଢ଼ି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମଙ୍ଗରାଜ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଲେନିନ୍ ମହାନ୍ତି ଯୋଗଦେଇ କହିଥିଲେ ଯେ, ମଧୁବାବୁ ଓଡ଼ିଆ ଜାତିକୁ ସ୍ୱପ୍ନର ଭାଷା ଶିଖାଇଛନ୍ତି। ତାଙ୍କର ଜାତିପ୍ରୀତି, ଉଚ୍ଚାଭିଳାଷ ଓ ପ୍ରଗତିମନ୍ତ୍ର ଆଜି ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି। ଉତ୍କଳ ଗୌରବ ସ୍ୱପ୍ନର ବିଭିନ୍ନ ସଫଳ ରୂପାୟନ ଫଳରେ ଆଜି ଓଡ଼ିଆ ଜାତି ଦେଶ ବିଦେଶରେ ପ୍ରଶଂସିତ ହେଉଛି ବୋଲି ମହାନ୍ତି କହିଥିଲେ। ବରିଷ୍ଠ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ସମୃଦ୍ଧି ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ କ୍ରମେ ମଧୁବାବୁ ବିଭିନ୍ନ ପ୍ରତିକୂଳତା ସହ ସଂଗ୍ରାମ କରି ସ୍ୱାଭିମାନର ବାର୍ତ୍ତା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚାକିରି କରାଇଦେବାକୁ କହି ୧୫ ଲକ୍ଷ ଠକେଇ

ଭୁବନେଶ୍ୱର,୪।୨(ବ୍ୟୁରୋ)

କେନ୍ଦ୍ରୀୟ ଆଇଓସିଏଲରେ ଚାକିରି କରାଇ ଦେବା ଆଳରେ ବାଲେଶ୍ୱର ଜିଲାର ଜଣେ ଯୁବକଙ୍କଠାରୁ ୧୫ ଲକ୍ଷ ଠକେଇ ହୋଇଛି। ଏ ନେଇ ଠକେଇର ଶିକାର ହୋଇଥିବା ଯୁବକ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀଙ୍କ ସୂଚନା ମୁତାବକ, କିଛିଦିନ ହେବ ବାଲେଶ୍ୱର ଜିଲାର ସାଗର କୁମାର ପାଢ଼ୀ ନାମକ ଯୁବକ ଖଣ୍ଡଗିରି ଥାନା ଅଞ୍ଚଳରେ ରହି ପାଠ ପଢୁଥିଲେ। ଏହି ସମୟରେ ଦୁଇଜଣ ଦଲାଲ ସୁରେଶ ବାରିକ ଓ ବିଜେନ୍ଦ୍ର ସିଂ ମିଶି ସାଗରକୁ କେନ୍ଦ୍ରୀୟ ଆଇଓସିଏଲ୍‌ରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଥିଲେ। ଚାକିରି ପାଇବାକୁ ହେଲେ ସେଠାରେ ୧୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ମଧ୍ୟ କହିଥିଲେ। ଚାକିରି ଆଶାରେ ସାଗର ୧୫ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ। ପରେ ସାଗର ଚାରୋଟି ଫେଜରେ ଏମାନଙ୍କୁ ଚେକ୍ ଓ ନଗଦ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ଦୁଇଜଣ ଦଲାଲ ସାଗରକୁ ୨ ମାସ ଭିତରେ ଚାକିରିରେ ନିଯୁକ୍ତି ଦେବାକୁ କହି ଏକ ନକଲି ନିଯୁକ୍ତିପତ୍ର ଦେଇଥିଲେ। ଏହି ନକଲି ପତ୍ରକୁ ନେଇ ସାଗର ଆଇଓସିଏଲ୍‌କୁ ଯାଇ ପହଞ୍ଚିବା ପରେ ଜାଣିବାକୁ ପାଇଥିଲେ ସେ ଠକାମିର ଶୀକାର ହୋଇଛନ୍ତି। ୨ ଜଣ ଦଲାଲ୍ ତାଙ୍କୁ ନକଲି ନିଯୁକ୍ତି ପତ୍ର ଦେଇ ୧୫ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ପରେ ସାଗର ଖଣ୍ଡଗିରି ଥାନାକୁ ଆସି ଅଭିଯୋଗ କରିଥିଲେ।

# ଦୋକାନ ଘର ବିକ୍ରି ଆଳରେ ୫୮ ଲକ୍ଷ ଠକେଇ

ଭୁବନେଶ୍ୱର,୪।୨(ବ୍ୟୁରେ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକ ଅଞ୍ଚଳରେ ଜଣେ ମହିଳାଙ୍କୁ ଦୋକାନ ଘର ବିକ୍ରି କରିବା ଆଳରେ ୫୮ ଲକ୍ଷାଧିକ ଟଙ୍କା ଠକେଇ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଡୁମଡୁମା ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ କର୍ମଚାରୀ ମମତା ବେହେରା ଏହି ଠକେଇର ଶୀକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଲଡର ଜଣଙ୍କ ନିଜକୁ ଏକ ନାମୀଦାମୀ କମ୍ପାନୀର ଚେୟାରମ୍ୟାନ ପରିଚୟ ଦେଇଥିଲେ। ୨୦୧୫ରେ ଦୋକାନ ଘର ବିକ୍ରି କରିବା ଆଳରେ ୨୯ ଲକ୍ଷ ଟଙ୍କାର ୨ ଟି ଚେକ ଜରିଆରେ ୫୮ ଲକ୍ଷ ଟଙ୍କା ତାଙ୍କଠାରୁ ନେଇ ପରବର୍ତ୍ତୀ ସମୟରେ ଆଉ ଧରାଛୁଆଁ ଦେଉନାହାନ୍ତି। ନୟାଗଡ ଅଞ୍ଚଳର ଜଣେ ରାଜନେତାଙ୍କ ଛତ୍ରଛାୟା ରହିଥିବାରୁ ସେ ଅନେକ ଜମାକାରୀଙ୍କ ଟଙ୍କା ନେଇ ଘର ଦେବା ବଦଳରେ ଦିନ ଗଡେଇ ଚାଲିଥିବା କହିଛନ୍ତି। ଏପରି ଅନେକ ଲୋକଙ୍କଠାରୁ ବିଲଡର ଜଣଙ୍କ ଠକେଇ କରି ଫେରାର ରହିଥିବାରୁ ମମତା ଅଭିଯୁକ୍ତଙ୍କ ବିରୋଧରେ ଉଚିତ କାର୍ଯ୍ୟାଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବାକୁ ଗଣମାଧ୍ୟମ ଜରିଆରେ କରିଛନ୍ତି। ଗତ ୧୭ ତାରିଖରେ ଥାନାରେ ଉକ୍ତ ଠକ ବିଲଡରଙ୍କ ନାମରେ ମମତା ଅଭିଯୋଗ ଆଣିଛନ୍ତି। ଏ ନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, ଠକେଇରେ ସମ୍ପୃକ୍ତ ବିଲଡର ଜଣଙ୍କୁ ଧରିବା ନେଇ ପୋଲିସ ସମସ୍ତ ପ୍ରକାର ପ୍ରୟାସ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ପ୍ରାଥମିକ ତଦନ୍ତ ପରେ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହରଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା ବୁଝନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
7664091295



ବଲିଉଡ୍‌ର 'ରଙ୍ଗିଲା ଗର୍ଲ' ଭାବେ ପରିଚିତ ଉର୍ମିଳା ମାତୋଣ୍ଡକର ମଙ୍ଗଳବାର ୪୬ ବର୍ଷରେ ପାଦ ଥାପିଛନ୍ତି। ସେ ୧୯୭୪ ଜାନୁୟାରୀ ୪ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମା ରୁକ୍‌ଶାନା ସୁଲ୍‌ତାନା ଜଣେ ମୁସଲମାନ୍ ଥିବାବେଳେ ପିତା ଶିବିନ୍ଦର ସିଂ ଜଣେ ପଞ୍ଜାବୀ ହିନ୍ଦୁ। ୧୯୮୩ରେ ଉର୍ମିଳା ଶିଶୁ କଳାକାର ଭାବେ 'ମାସୁମ୍' ଫିଲ୍ମରେ ଅଭିନୟ କରିଥିଲେ। ପରେ ୧୯୯୨ରେ ରାମଗୋପାଳ ବର୍ମାଙ୍କ ଫିଲ୍ମ 'ରଙ୍ଗିଲା'ରେ ଉର୍ମିଳାଙ୍କୁ ମିଳିଥିଲା ଷ୍ଟାର ଡମ୍। ରାମଗୋପାଳଙ୍କ ସହିତ ଉର୍ମିଳାଙ୍କ ପ୍ରେମ ସମ୍ପର୍କ ନେଇ ଚର୍ଚ୍ଚା ହୋଇଥିଲା।

# 'ୱାର୍କ ଫ୍ରମ୍ ହୋମ୍'ରୁ ନିଃସଙ୍ଗତା



**ୱାଶିଂଟନ:** ବଦଳିଛି କାମ କରିବାର ତରିକା। ଏହାକୁ ଆହୁରି ସୁବିଧା କରିଦେଇଛି ଅନ୍‌ଲାଇନ ନେଟ୍‌ୱାର୍କିଂ। ଘରେ ରହି କରାଯାଇପାରୁଛି ଗୋଟିଏରୁ ବଡ଼ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାମ। ହେଲେ ଏହାର ପ୍ରଭାବରେ ପ୍ରଭାବିତ ହେଉଛି ମାନସିକତା। ବିଶେଷ କରି ଏପରି କାର୍ଯ୍ୟ ଯୁବପିଢ଼ିଙ୍କୁ ଅବସରଗ୍ରସ୍ତ କରାଉଛି। ସେମାନେ ଖୁବ୍ କମ୍ ବୟସରୁ ନିଃସଙ୍ଗତା ଭଳି ଗମ୍ଭୀର ମାନସିକ ରୋଗର ଶିକାର ହେଉଛନ୍ତି। ଆମେରିକା ପକ୍ଷରୁ ଜାରି କରାଯାଇଥିବା ଲୋନ୍‌ଲିନେସ୍ ଇଣ୍ଡେକ୍ସର ଏପରି ତଥ୍ୟ ଏବେ ଘରେ ରହି କାମ କରିବା ଅର୍ଥାତ୍ 'ୱାର୍କ ଫ୍ରମ୍ ହୋମ୍' ବିଷୟରେ ଚିନ୍ତା କରିବାକୁ ବାଧ କରିଛି।

ଇଣ୍ଡେକ୍ସରେ ପ୍ରକାଶିତ ତଥ୍ୟରେ କୁହାଯାଇଛି, ଘରେ ବସି କାମ କରିବା ଦ୍ୱାରା ଘରକୁ ଲୋକଙ୍କ ଯିବା ଆସିବା କମିଯାଉଛି; ଯାହା ମାନସିକ ଅବସାଦର ମୁଖ୍ୟକାରଣ। ଏ ବିଷୟରେ ବିଧିବଦ୍ଧ ତଥ୍ୟ ହାସଲ କରିବା ଲାଗି ୧୦,୨୦୦ ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। ସେମାନଙ୍କୁ ବିଭିନ୍ନ ପ୍ରକାରର ୨୦ଟି ପ୍ରଶ୍ନ ପଚରାଯାଇଥିଲା। ଏହାକୁ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ ଏବଂ ଲସ୍‌ଏଞ୍ଜିଲସ୍ ୟୁନିଭର୍ସିଟିର ଲୋନ୍‌ଲିନେସ୍ ସ୍କେଲ ଆଧାରରେ ଯାଞ୍ଚ କରାଯାଇଥିଲା।

ଜଣେ ଆମେରିକୀୟ ହାରାହାରି ଜୀବନ କାଳ ମଧ୍ୟରେ ୯୦ ହଜାର ଘଣ୍ଟା କାମ କରିଥାଏ। ଏହାର ଏକ ବଡ଼ ଭାଗ ଘରେ ରହି କାମ କରିବାରେ ଯାଇଥାଏ। ଏହି ସମସ୍ୟା ପୁରୁଣା ପିଢ଼ିଙ୍କ ପରିବର୍ତ୍ତେ ଯୁବବର୍ଗଙ୍କ ମଧ୍ୟରେ ବେଶି ଦେଖିବାକୁ ମିଳୁଛି। ସର୍ଭେରେ ସାମିଲ ହୋଇଥିବା ୪୮% ଯୁବପିଢ଼ି କହିଥିଲେ ସେମାନେ ନିଃସଙ୍ଗତାର ଶିକାର ହୋଇଛନ୍ତି। ଅନ୍ୟପଟେ ୨୮% ବୟସ୍କ ସମାନ ମତ ରଖିଥିଲେ। ଯୁବବର୍ଗଙ୍କ ନିକଟରେ ଦେଖାଯାଉଥିବା ଏପରି ମାନସିକ ଚାପର ପ୍ରମୁଖ କାରଣ ପ୍ରଯୁକ୍ତି ବିଦ୍ୟାର ବିକାଶ। ଅତ୍ୟଧିକ କାମ ଏବଂ କାମ କରିବା ସଂସ୍କୃତି ପାଇଁ ଅଧିକାଂଶ ଏପରି ସମସ୍ୟାରେ ଜୁଝି ହେଉଛନ୍ତି। ସେମାନଙ୍କୁ ଆରାମ କରିବାକୁ ଯଥେଷ୍ଟ ସମୟ ମିଳୁନାହିଁ। ଏହାର ଅନ୍ୟତମ କାରଣ ସୋସିଆଲ ମିଡିଆ। ଯୁବତୀଯୁବକ ମୋବାଇଲ ଫୋନ୍, ଗ୍ୟାଜେଟ୍, କମ୍ପ୍ୟୁଟର ଭଳି ଯନ୍ତ୍ର ସହ ଅଧିକ ଜଡ଼ିତ ରହୁଛନ୍ତି। ପରିବାର ଲୋକଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ସୋସିଆଲ ମିଡିଆ ଦୁନିଆରେ ବୁଡ଼ି ରହିବା ସେମାନଙ୍କୁ ବିଷାଦଗ୍ରସ୍ତ କରାଉଛି।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି, ସୋସିଆଲ ମିଡିଆରେ ସକ୍ରିୟ ରହୁଥିବା ଅଧିକାଂଶ ବ୍ୟକ୍ତିଙ୍କଠାରେ ଏକଲାପଣର ଶିକାର ହେବା ଆଶଙ୍କା ଅଧିକ। ୭୦% ୟୁଜର ଏହି କାରଣରୁ ନିଃସଙ୍ଗତାକୁ ଡାକି ଆଣିଥିବା ଅଭିଯୋଗ କରିଛନ୍ତି। ବର୍ଷେ ପୂର୍ବେ ଏହା ୫୩% ଥିଲା। ସର୍ଭେରେ ସାମିଲ ହୋଇଥିବା ଏବଂ ସୋସିଆଲ ମିଡିଆ କମ୍ ବ୍ୟବହାର କରୁଥିବା ୫୧% ଲୋକ ଏହି ସମସ୍ୟା ଭୋଗୁଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ,୨୦୧୮ରେ ୫୪% ଆମେରିକୀୟ ଯୁବବର୍ଗ ମାନସିକ ଅବସାଦଗ୍ରସ୍ତ ଥିବାବେଳେ ୨୦୧୯ରେ ଏହା ବୃଦ୍ଧି ଘଟି ୬୧%ରେ ପହଞ୍ଚିଛି।

**ଆମେରିକା ପକ୍ଷରୁ ଜାରି କରାଯାଇଥିବା ଲୋନ୍‌ଲିନେସ୍ ଇଣ୍ଡେକ୍ସର ତଥ୍ୟ**

# ହୀନାଙ୍କ ଆକାଉଣ୍ଟ 'ହ୍ୟାକ୍‌ଡ'




**ମୁମ୍ବାଇ:** ହୀନା ଖାନ୍। ଟିଭି ପରଦାର ଚର୍ଚ୍ଚିତ ତଥା ବିବାଦୀୟ ଚେହେରା। ଲୋକପ୍ରିୟ ଟେଲି ସିରିୟଲ୍ 'ୟେ ରିସ୍ତା କ୍ୟା କେହେଲାତା ହୈ'ରେ ଦୀର୍ଘ ବର୍ଷ ଧରି ମୁଖ୍ୟ ଭୂମିକାରେ ଅଭିନୟ ଏବଂ ବିବାଦୀୟ ଟିଭି ରିଆଲିଟି ଶୋ 'ବିଗ୍ ବସ୍'ରେ ଅଂଶ ଗ୍ରହଣ କରି ଘରେ ଘରେ ପରିଚିତ ହୀନା ଏବେ ବଲିଉଡ୍‌ରେ ପାଦ ରଖିସାରିଲେଣି। ତେବେ ଆପଣ ଭାବୁଥିବେ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ ହ୍ୟାକ୍ ହେଲା କେମିତି? ହଁ ହ୍ୟାକ୍ ତ ହୋଇଛି। ତାଙ୍କୁ ବ୍ଲାକ୍‌ମେଲ୍ ବି କରାଯାଉଛି। କିନ୍ତୁ ପ୍ରକୃତ ଜୀବନରେ ନୁହେଁ, ତାଙ୍କ ଡେବ୍ୟୁ ଫିଲ୍ମରେ। ଫିଲ୍ମ 'ହ୍ୟାକ୍‌ଡ'ରୁ ବଲିଉଡ୍ ଏଣ୍ଟ୍ରି କରିବାକୁ ଯାଉଛନ୍ତି ହୀନା। ସେ ଜଣେ ଏଭଳି ଯୁବତୀଙ୍କ ଭୂମିକାରେ ନଜରକୁ ଆସିବେ, ଯାହାଙ୍କୁ ଏକ ତରଫା ପ୍ରେମ କରି ଜଣେ ଯୁବକ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ହ୍ୟାକ୍ କରିବା ସହ ବ୍ଲାକ୍‌ମେଲ୍ ମଧ୍ୟ କରୁଛି। ଟିଭି ପରଦାରୁ ବଲିଉଡ୍‌ର ବିଗ୍ ସ୍କ୍ରିନ୍। ହୀନାଙ୍କ ପାଇଁ ସହଜ ନ ଥିଲା। ଏହି ଫିଲ୍ମରେ ନିଜର ଭୂମିକାକୁ ଯଥାସମ୍ଭବ ବାସ୍ତବିକ ରୂପ ଦେବାକୁ ସେ ସ୍ୱତନ୍ତ୍ର ପ୍ରସ୍ତୁତି କରିଥିଲେ। ମାଧୁରୀ ଦୀକ୍ଷିତଙ୍କ 'ଅଞ୍ଜାମ୍' ଏବଂ ଜୁହି ଚାୱଲାଙ୍କ 'ଡର୍' ଫିଲ୍ମ ଦେଖି ସେ ପ୍ରେରଣା ନେଇଥିଲେ। ଏନେଇ ସେ କହିଛନ୍ତି, "ଏହି ଫିଲ୍ମଗୁଡ଼ିକ ମୁଁ ପୂର୍ବରୁ ମଧ୍ୟ ଦେଖିଛି। ହେଲେ ପୁଣି ଦେଖିଲି। ଯେତେବେଳେ କେହି ଜଣେ ତୁମକୁ ପିଛା କରେ, ସେତେବେଳେ ମାନସିକ ଅବସ୍ଥା ଓ ଭାବାତ୍ମକ ସ୍ଥିତି କିପରି ହୋଇଥାଏ, ତାହା ଏହି ଫିଲ୍ମ ଦେଖି ମୁଁ ଶିଖିଲି।" ଜୁହିଙ୍କ ଭୂମିକାରୁ ମୁଁ ଶିଖିଲି କିଭଳି ଏକ ସ୍ୱତନ୍ତ୍ର ଏବଂ ହସଖୁସିରେ ଜୀବନ ବିତାଉଥିବା ଝିଅର ମନରେ ଡର ବା ଭୟ ବସିଯାଏ। ମାଧୁରୀ ଓ ଜୁହି ନିଜ ନିଜ ଫିଲ୍ମରେ ଉଚ୍ଚକୋଟୀର ଅଭିନୟ କରିଛନ୍ତି। ମୁଁ ଖୁସି ଯେ ଫିଲ୍ମ ଦେଖିବା ପରେ ମୋତେ ଅଭିନୟ କରିବାରେ ସହଜ ବୋଧ ହୋଇଥିଲା। ତେବେ 'ଅଞ୍ଜାମ୍' ଓ 'ଡର୍'ଠାରୁ ଆମ ଫିଲ୍ମ ସମ୍ପୂର୍ଣ୍ଣ ଭିନ୍ନ ବୋଲି ହୀନା କହିଛନ୍ତି।

ଅନ୍ୟପଟେ ହୀନାଙ୍କ ଡେବ୍ୟୁ ଫିଲ୍ମ 'ହ୍ୟାକ୍‌ଡ'ର ନିର୍ଦ୍ଦେଶନା ବିକ୍ରମ ଭଟ୍ଟ ଦେଇଥିବାବେଳେ ରୋହନ ଶାହ ଏବଂ ମୋହିତ୍ ମାଲହୋତ୍ରା ଫିଲ୍ମରେ ଅନ୍ୟତମ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ଆସନ୍ତା ୭ରେ ରିଲିଜ୍ ହେବ।

# ଦୁଇ ଯୁବକ କାଢ଼ିଲେ ସମୁଦ୍ରରୁ ୪ ହଜାର ଟନ୍ ପ୍ଲାଷ୍ଟିକ୍




**ୱାଶିଂଟନ:** ସମୁଦ୍ରରେ ପ୍ଲାଷ୍ଟିକ୍ ବର୍ଜ୍ୟର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ପୃଥିବୀ ସାରା ସଚେତନତା ଅଭିଯାନ ଜାରି ରହିଛି। ଏହି ମର୍ମରେ ଆମେରିକା ଫ୍ଲୋରିଡ଼ାର ୨ ଜଣ ଯୁବକ ଗତ ୩ ବର୍ଷ ମଧ୍ୟରେ ସମୁଦ୍ରରୁ ୪ ହଜାର ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାର କରିଛନ୍ତି। ଏଣ୍ଡ୍ର୍ୟୁ କୁପର ଏବଂ ଏଲେକ୍ସ ସୁଲେଜ୍ ୨୦୧୭ରେ ୪-ଓସିନ୍ ନାମକ ଏକ କମ୍ପାନୀ ସ୍ଥାପନା କରିଥିଲେ। ପରବର୍ତ୍ତୀ ସମୟରେ କମ୍ପାନୀରେ ୩୦୦ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଥିଲା। ବର୍ଜ୍ୟ ପ୍ଲାଷ୍ଟିକ୍‌ରୁ ଅନ୍ୟ ବ୍ୟବହାର ଉପଯୋଗୀ ସାମଗ୍ରୀ ନିର୍ମାଣ ଏହି କମ୍ପାନୀ ଦ୍ୱାରା କରାଯାଉଛି। ସମୁଦ୍ରରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ପାଇଁ ୬ଟି ଜାହାଜକୁ କାମରେ ଲଗାଯାଇଛି। ଆମେରିକାର ବିଭିନ୍ନ ଉପକୂଳବର୍ତ୍ତୀ ଅଞ୍ଚଳରେ ଏସବୁ ଜାହାଜ ବୁଲିବୁଲି ସମୁଦ୍ରରୁ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରିଥାନ୍ତି। ପରେ ଏହାକୁ ସଫା କରାଯାଇ ନୂଆ ଉତ୍ପାଦ ପ୍ରସ୍ତୁତ କରାଯାଇଥାଏ।

# ସର୍ବବୃହତ୍ ଆବାସିକ କଲୋନୀ



**୧୩,୫୦୦ ଆପାର୍ଟମେଣ୍ଟରେ ରହିବେ ୩୦ ହଜାର ଲୋକ**

**କାଏରୋ:** ମିଶରର ରାଜଧାନୀ କାଏରୋରେ ପୃଥିବୀର ସର୍ବବୃହତ୍ ଆବାସିକ କଲୋନୀ ନିର୍ମାଣ କରାଯାଉଛି। ଏଠାରେ ନିର୍ମିତ ହେବାକୁ ଥିବା ୩୫୦୦ ଆପାର୍ଟମେଣ୍ଟରେ ୩୦ ହଜାର ଲୋକ ରହିପାରିବେ ବୋଲି କୁହାଯାଉଛି। ଏହି କଲୋନୀକୁ ଗିନିଜ୍ ରେକର୍ଡରେ ସ୍ଥାନୀତ କରାଯାଇଛି। ଏହାର ନିର୍ମାଣରେ ୩ ହଜାର ୮ଶହ ୭୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ଏଠାରେ ଶପିଂ ମଲ୍, ଫିଲ୍ମ ହଲ୍, ପାର୍କ ଆଦି ସହିତ ଅନ୍ୟ ବିଳାସପୂର୍ଣ୍ଣ ସୁବିଧା ରହିବ। ଏହା ସହିତ ପିଲାଙ୍କ ପାଇଁ କଲେଜ ଆଦି ମଧ୍ୟ ଏଠାରେ ରହିବାର ବ୍ୟବସ୍ଥା କରାଯାଇଛି। ଏଠାରେ ୪୦ ଏକର ପରିମିତ ଜମିରେ ବୃହତ୍ ପାର୍କ ରହିବ ବୋଲି ବିଲ୍ଡର କହିଛନ୍ତି। ୨୦୨୫ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କୁହାଯାଉଛି। ଏଠାରେ ଥିବା ଫ୍ଲାଟ୍‌ର ଦାମ ୩୫ ଲକ୍ଷରୁ ୮୭ ଲକ୍ଷ ଟଙ୍କା ମଧ୍ୟରେ ରହିଛି।

# ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ବେଟି ବଚାଓ-ବେଟି ପଢ଼ାଓ ବାର୍ତ୍ତା



**ଗାନ୍ଧିନଗର:** ସରକାର 'ବେଟି ବଚାଓ-ବେଟି ପଢ଼ାଓ' ଯୋଜନା ଆରମ୍ଭ କରିଛନ୍ତି। ଏନେଇ ସଚେତନତା ବାର୍ତ୍ତା ଦେଶବ୍ୟାପୀ ଜାରି ରହିଛି। ଗୁଜରାଟ କେୱଡ଼ିଆଠାରେ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଲେଜର ଲାଇଟ୍ ମାଧ୍ୟମରେ ବେଟି ବଚାଓ-ବେଟି ପଢ଼ାଓ ବାର୍ତ୍ତା ଦିଆଯାଇଛି। ୧୮୨ ମିଟର ଉଚ୍ଚ ସର୍ଦ୍ଦାରଙ୍କ ପ୍ରତିମୂର୍ତ୍ତି ଏଭଳି କରାଯାଇଛି। ସର୍ଦ୍ଦାରଙ୍କ ପ୍ରତିଭାର ହୃଦୟସ୍ଥଳରେ ବାଳିକା ଫଟୋ ରହିଥିବାବେଳେ ଏଥିରେ ବେଟି ବଚାଓ-ବେଟି ପଢ଼ାଓ ସଚେତନତା ବାର୍ତ୍ତା ରହିଛି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ଏହି ବାର୍ତ୍ତା ନେଇ ସଚେତନତା ସୃଷ୍ଟି କରାଯିବାର ପ୍ରୟାସ କରାଯାଉଥିବା କୁହାଯାଉଛି। ସୂଚନାଯୋଗ୍ୟ, ଗୋଟିଏ ବର୍ଷରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିବା ପାଇଁ ୪୦ ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସିଛନ୍ତି।

# କରୋନା ଭାଇରସରେ ପୀଡ଼ିତ ବୃଦ୍ଧ ଦମ୍ପତିଙ୍କ 'ଶେଷ ଗୁଡ୍‌ବାଏ' ଭିଡିଓ



**ବେଜିଂ:** ସାରା ବିଶ୍ୱକୁ ଡରାଉଛି କରୋନା ଭାଇରସ। ଚାଇନାରେ ଏବେ କରୋନା ଭାଇରସରେ ୪୨୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ହଜାରୁ ଊର୍ଦ୍ଧ୍ୱ ଲୋକ ଏବେ ଏଥିରେ ଆକ୍ରାନ୍ତ ଅଛନ୍ତି। ଏହି କରୋନା ଭାଇରସରେ ପୀଡିତ ଚାଇନାର ଏକ ବୃଦ୍ଧ ଦମ୍ପତିଙ୍କ ଭିଡିଓ ଏବେ ସମସ୍ତଙ୍କ ଆଖିରେ ଲୁହ ଆଣିଦେଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଏହି ଦମ୍ପତି କରୋନା ଭାଇରସରେ ପୀଡିତ ଥିବାବେଳେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ପୂର୍ବରୁ ଉଭୟେ ଶେଷଥର ପାଇଁ ପରସ୍ପରକୁ ଗୁଡବାୟ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଯାହା ଦେଖିବା ପରେ ଯେ କେହି କାନ୍ଦି ପକାଇବ। ଇଣ୍ଟର୍‌ନେଟରେ ଏବେ ଏହି ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଜଣେ ସୋସିଆଲ ମିଡିଆ ୟୁଜର ଏହି ଭିଡିଓକୁ ଅପ୍‌ଲୋଡ କରିବା ପରେ କ୍ୟାପ୍‌ଶନରେ ଲେଖିଛନ୍ତି, ଏକ ଯୋଡିର ଅର୍ଥ କ'ଣ ହୋଇପାରେ? ୮୦ ବର୍ଷ ବୟସରେ ୨ ବରିଷ୍ଠ ରୋଗୀ ଆଇସିୟୁରେ ଗୁଡବାୟ କହିବା, ହୁଏତ ଏହା ସେମାନଙ୍କର ଶେଷଥର ସାକ୍ଷାତ୍ ହୋଇଥାଇପାରେ। ଏବେ ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୫ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

**୧। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ପଠିତ କବିତାରେ କାହାକୁ ସର୍ବସହଣୀ କୁହାଯାଇଛି ?
(ଖ) ମହାମାନବର ଶଙ୍ଖନାଦରେ କ'ଣ ପ୍ରଶମିତ ହେଉ ବୋଲି କବି କହିଛନ୍ତି ?
(ଗ) ଉଷାଙ୍କ ବନ୍ଦନା କରି ସୀତା କାହାର ମଙ୍ଗଳ ସମ୍ପାଦନ ପାଇଁ ପ୍ରାର୍ଥନା କରିଥିଲେ ?
(ଘ) କ'ଣ ଦେଖି ମୀନମାନେ ତରୀ ଗର୍ଭରେ ପଡ଼ି ପ୍ରାଣ ଦେବେ ?
(ଙ) ରାବଣଙ୍କୁ କିଏ 'ଦେବରିପୁ' ବୋଲି ସମ୍ବୋଧନ କରିଥିଲେ ?

**୨। ଶୂନ୍ୟସ୍ଥାନ ପୂରଣ କର।** [1×5=5
(କ) ସମ୍ମୁଖେ ତବ ________ ରଚଇ ମୋହମମତାର ନୀର।
(ଖ) ସତୀଙ୍କ ତମସା ଅଙ୍କରେ ଘେନି ସ୍ନେହେ ଆଲିଙ୍ଗିଲା ________।
(ଗ) ନିବର୍ତ୍ତି ଅବନୀ ହେଉଛି ________।
(ଘ) ବିତରଣେ ସାଗର କି ________ ପଚାରିଲା।
(ଙ) ପାଣ୍ଡବେ ନୋହନ୍ତି ଯେ ଦ୍ରୋପତୀ ________।

**୩। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଜନ୍ମଭୂମିର କେଉଁ ଦୃଶ୍ୟ ଲେଖକଙ୍କ ଆଖିଆଗରେ ଭାସିଯାଉଛି ?
(ଖ) ଜଡ଼ ବିଜ୍ଞାନ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?
(ଗ) ଗାଁ ଗହଳରେ ଇଂରେଜି ପଢୁଆ ବି.ଡ଼ି.ଓ. ଏବଂ ପଞ୍ଚାୟତ ଇଞ୍ଜିନିୟରଙ୍କ ଉଦାହରଣ ଦେଇ ଲେଖକ କି ମନ୍ତବ୍ୟ ଦେଇଛନ୍ତି ?
(ଘ) ନବୀନ ସନ୍ନ୍ୟାସୀଗଣ କିପରି ପରିବାରରୁ ଆସିଥିଲେ ?
(ଙ) ସୂର୍ଯ୍ୟାସ୍ତ ନିଲାମ ଆଇନ ପ୍ରଣୟନ ହେବା ଫଳରେ ଓଡ଼ିଆ ଜାତିର କି କ୍ଷତି ହେଲା ?

**୪। 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।** [1×5=5

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗୋପାଳ ଛୋଟରାୟ | ବାବୁରାମ |
| ଆଧୁନିକ ପତ୍ରିକା | ଅର୍ଥନୀତି କ୍ଷେତ୍ର |
| ସ୍ୱାମୀ ପ୍ରେମାନନ୍ଦ | ଧାନ୍ୟ |
| ସ୍ୱଦେଶୀର ବ୍ୟବହାର | ପ୍ରାସାଦ |
| ସ୍ୱର୍ଣ୍ଣଶୀର୍ଷ | ପ୍ରଗତିବାଦୀ ଆଭିମୁଖ୍ୟ |
| | ଭରସା |

**୫। ଗୋଟିଏ ବାକ୍ୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖ।** [1×5=5
(କ) ମିଶ୍ରବାବୁଙ୍କ କାରଖାନାର ଫାଳେ ଏକାଥରକେ ଭୁଷୁଡ଼ି ପଡ଼ିବାର ଆଶଙ୍କା ବୋଧହେଲା କାହିଁକି ?
(ଖ) ରାଜେଶ୍ୱରୀ କେଉଁ ପାଞ୍ଚଜଣଙ୍କୁ ସଭାଗୃହ ଛାଡ଼ିଯିବାକୁ ନିର୍ଦ୍ଦେଶ ଦେଲେ ?
(ଗ) ଶିଶୁ ମନ ନେଇ ନଟବରବାବୁଙ୍କ ମନରେ କେଉଁ ଦୃଢ଼ ପ୍ରତିଜ୍ଞା ଥିଲା ?
(ଘ) ଅର୍ଜୁନ କାହାକୁ ଉପରକୁ ଉଠାଇଆଣିବା କଥା ଗଳ୍ପରେ କୁହାଯାଇଛି ?
(ଙ) କେଉଁ କଥାରେ ମହାରାଜା ସଭାସଦ୍‌ମାନଙ୍କର ପରାମର୍ଶ ଲୋଡ଼ିଛନ୍ତି ?

**୬। ଗୋଟିଏ ଶବ୍ଦରେ ଉତ୍ତର ଲେଖ।** [1×5=5
(କ) ସୁନ୍ଦ ଓ ଉପସୁନ୍ଦ କାହାର ପୁଅ ?
(ଖ) "ଏକା ଧରମା ମରିଗଲେ କିଛି କ୍ଷତି ନାହିଁ। ସବୁ ଦିନକୁ ଏ ଶିଳ୍ପୀକୁଳ ବଞ୍ଚିରହୁ।" – ଏ ଉକ୍ତିଟି କିଏ କହିଛି ?
(ଗ) "ତୁମରି ନାମ ଦାନବଦଳିନୀ। ତୁମେଇ ମା' ଦୁର୍ଗା ଦୁର୍ଗତିନାଶିନୀ" – ଏ ଉକ୍ତିଟି କାହାର ?
(ଘ) ମଦନ ଓ ବସନ୍ତ ଅଦୃଶ୍ୟରେ କାହାର ପଥ ଅନୁସରଣ କରୁଥିଲେ ?
(ଙ) ନରସିଂହଦେବ ସୂର୍ଯ୍ୟଦେବତାଙ୍କୁ କ'ଣ ବୋଲି କହିଛନ୍ତି ?

**୭। ଗୋଟିଏ ବାକ୍ୟରେ ଉତ୍ତର ଲେଖ।** [1×5=5
(କ) ଆସତ୍ତି କ'ଣ ?
(ଖ) ବାକ୍ୟରେ ସମ୍ବୋଧନ ପଦ କେଉଁଠାରେ ବସେ ?
(ଗ) ବିଜୁବାବୁ ଓଡ଼ିଶାରେ କାହାକୁ ଅଜଣା ନୁହଁନ୍ତି – ଏହାକୁ ପ୍ରଶ୍ନସୂଚକ ବାକ୍ୟରେ ପରିଣତ କର।
(ଘ) ରକ୍ମିଣୀ- ବର୍ଣ୍ଣରୂପ ଲେଖ।
(ଙ) ଯାହା କରିବା ଉଚିତ ତାହା କର। – ସଂକ୍ଷେପରେ ପ୍ରକାଶ କର।

**୮। ଅଶୁଦ୍ଧି ସଂଶୋଧନ କର।** [1×5=5
(କ) ଆନୁସଙ୍ଗୀକ
(ଖ) ଭୂବନେଶ୍ୱର
(ଗ) ପୌରହିତ୍ୟ
(ଘ) ଶଶୀଭୂସଣ
(ଙ) ସଂକ୍ଷିପ୍ତରେ

**୯। ନିମ୍ନଲିଖିତ ରୂଢ଼ି / ଲୋକବାଣୀର ଅର୍ଥ ଲେଖ।** [1×5=5
(କ) ଅରଣ୍ୟ ରୋଦନ
(ଖ) କାଠ ହୋଇଯିବା
(ଗ) ଜିରାରୁ ଶିରା କାଢ଼ିବା
(ଘ) ଉଡ଼ିଗଲା ଚଢ଼େଇର ପର ଗଣିବା
(ଙ) ତୁଣ୍ଡ ବାଇଦ ସହସ୍ର କୋଶ

**୧୦। ଠିକ୍ ଥିଲେ ☑ ଚିହ୍ନ ଓ ଭୁଲ୍ ଥିଲେ ☒ ଚିହ୍ନ ଦିଅ।** [1×5=5
(କ) ଚୈତନ୍ୟ ଦାସଙ୍କ ବିଷ୍ଣୁଗର୍ଭ ପୁରାଣ ଦାଣ୍ଡିବୃତ୍ତରେ ଲିଖିତ।
(ଖ) ବଙ୍ଗଳାଶ୍ରୀ ଛନ୍ଦରେ ପ୍ରତି ପଦର ଅକ୍ଷର ସଂଖ୍ୟା ଷୋହଳ।
(ଗ) ଉପମା ଅଳଙ୍କାର ଶବ୍ଦାଳଙ୍କାରର ଅନ୍ତର୍ଭୁକ୍ତ।
(ଘ) ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ – ଏଥିରେ ରୂପକ ଅଳଙ୍କାର ପ୍ରଯୁକ୍ତ।
(ଙ) ଯାହାକୁ ତୁଳନା ଦିଆଯାଏ ତାହା ଉପମେୟ।

### PART – II (SUBJECTIVE)

**11.** (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [7
ପଠିତ କବିତା ଅବଲମ୍ବନରେ ରାବଣର କୂଟନୀତି ସଂପର୍କରେ ଆଲୋଚନା କର।
କିମ୍ବା, ପଠିତ କବିତାକୁ ଆଧାର କରି ଚିଲିକାର ସାୟଂକାଳୀନ ଦୃଶ୍ୟ ବର୍ଣ୍ଣନା କର ।

(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)। [5
"ଅମାପ ଧରିଲୁଁ ଦେଏ ଟିକେ ମତେ
ନିଦା ହେଉ ମୋର ଛାତି
ନିଜେ ଦୁଃଖ ସହି ଏ ଜଗତ ପାଇଁ
ଲାଗିପଡ଼େ ଦିନ ରାତି ।"

କିମ୍ବା, "ଶୁଭ୍ର ସଉରଭ ରସିକେ
ଶୁଭ ସମ୍ପାଦିନୀ ହୁଅ ରଘୁବଂଶିକେ ।"

**12.** (କ) ପ୍ରାୟ ୧୨୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [7
ମାତୃଭାଷା ଶିକ୍ଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ - ଆଲୋଚନା କର।
କିମ୍ବା, ଗ୍ରାମରେ ଦେଖାଯାଉଥିବା ଏକପରିବାରତ୍ୱ ପରମ୍ପରା ସମ୍ପର୍କରେ ପଠିତ ପ୍ରବନ୍ଧକୁ ଭିତ୍ତି କରି ବର୍ଣ୍ଣନା କର।

(ଖ) ସପ୍ରସଙ୍ଗ ସରଳାର୍ଥ ଲେଖ (ପ୍ରାୟ ୫୦ଟି ଶବ୍ଦରେ)। [5
ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା।
କିମ୍ବା, ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ।

**୧୩ ।** ପ୍ରାୟ ୨୫୦ଟି ଶବ୍ଦ ମଧ୍ୟରେ ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧ ଲେଖ। [10
(କ) **ଆଦର୍ଶ ଛାତ୍ର:**
(ଉପକ୍ରମ - ଆଦର୍ଶ ଛାତ୍ରର ଗୁଣ - ଆଦର୍ଶ ଛାତ୍ରର କର୍ତ୍ତବ୍ୟ - ଛାତ୍ରର ମଧୁର ବ୍ୟବହାର - ଉପସଂହାର)
(ଖ) **ତୁମର ପ୍ରିୟ ଖେଳାଳି:**
(ଉପକ୍ରମ – ପ୍ରିୟ ଖେଳାଳିଙ୍କ ପରିଚୟ - ଖେଳରେ କୃତିତ୍ୱ - ଉପସଂହାର)
(ଗ) **ଓଡ଼ିଶାର କୃଷି ଓ କୃଷକ:**
(ଉପକ୍ରମ – ଓଡ଼ିଶାର ପୁରାତନ କୃଷି ପ୍ରଣାଳୀ – ବର୍ତ୍ତମାନର କୃଷି ପ୍ରଣାଳୀ – କୃଷିପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ – କୃଷିକର୍ମରେ ସାହାଯ୍ୟ ଓ ସହାନୁଭୂତି – ଉପସଂହାର)

**୧୪ ।** ପ୍ରାୟ ୧୦୦ଟି ଶବ୍ଦରେ ପତ୍ର/ଦରଖାସ୍ତ ଲେଖ। [6
ତୁମେ ତୁମର ଭବିଷ୍ୟତ ନେଇ କ'ଣ ଚିନ୍ତାକରୁଛ ସେ ବିଷୟରେ ମାଆଙ୍କ ନିକଟକୁ ଏକ ପତ୍ର ଲେଖ।
କିମ୍ବା, ତୁମ ପରିବାର ପାଇଁ ଏକ ପଡ଼ିପତ୍ର ଯୋଗାଇଦେବା ପାଇଁ ଯୋଗାଣ ବିଭାଗ ଅଧିକାରୀଙ୍କୁ ଦରଖାସ୍ତଟିଏ ଲେଖ।

**୧୫ ।** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। ପ୍ରତିଟି ଉତ୍ତର ପ୍ରାୟ ୨୫ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ। [2×5=10

ମାନବୀୟ ମୂଲ୍ୟବୋଧଗୁଡ଼ିକ ହେଉଛି ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା। ସେଗୁଡ଼ିକର କୌଣସି ସ୍ଥୂଳରୂପ ନାହିଁ। ଏହି ଅରୂପ ତତ୍ତ୍ୱଗୁଡ଼ିକ ଆମ ହୃଦୟରେ ମୁଦ୍ରିତ ହୋଇ ରହିଛି। ଆମେ ଯାହାସବୁ ପଢୁଛୁ ଓ ଲେଖୁଛୁ ତାହା ପାର୍ଥିବ ଓ ଲୌକିକ ଶିକ୍ଷା ସହିତ ସମ୍ବନ୍ଧିତ। ଏହାକୁ ପ୍ରକୃତ ଅର୍ଥରେ ଶିକ୍ଷା ବୋଲି କୁହାଯାଇ ପାରିବ ନାହିଁ। ଯାହା ପ୍ରକୃତ ଶିକ୍ଷା ତାହା ହେଉଛି ଏଜୁକେୟାର, ଏଜୁକେୟାର ଅର୍ଥ ଆମର ଅନ୍ତର୍ନିହିତ ମୂଲ୍ୟବୋଧଗୁଡ଼ିକୁ ବାହାରକୁ ବାହାର କରିବା। ସେଗୁଡ଼ିକ ଆମ ହୃଦୟରେ ଅନ୍ତର୍ନିହିତ ଅଛି; କିନ୍ତୁ ଆମେ ସେଗୁଡ଼ିକୁ ଦେଖିପାରୁ ନାହୁଁ। ସେଗୁଡ଼ିକୁ ଆତ୍ମାନୁସନ୍ଧାନ ମାଧ୍ୟମରେ ପ୍ରକଟ କରିବାକୁ ହେବ। ପ୍ରକୃତ ସାଧନା, ଆମ ହୃଦୟରେ ବିଦ୍ୟମାନ ଶାନ୍ତି, ସତ୍ୟ ଓ ତ୍ୟାଗକୁ ଜାଣିବା ଓ ପ୍ରକଟ କରିବାରେ ନିହିତ। ଆମେ ଯେଉଁ କାର୍ଯ୍ୟ କରୁ ତାହା ହେଉଛି କର୍ମ। କର୍ମ ପାଇଁ ହିଁ ମନୁଷ୍ୟର ଜନ୍ମ। ପୃଥିବୀରେ ତା'ର ଜୀବନଯାପନ ଓ ଶେଷରେ ତା'ର ମୃତ୍ୟୁର ମଧ୍ୟ କାରଣ ଅଟେ। ମନୁଷ୍ୟର ଜୀବନ କର୍ମ ଉପରେ ନିର୍ଭର କରେ। କର୍ମ ବିନା ମାନବ ଜୀବନ ହୋଇ ନ ପାରେ। ଜଗତର ଆଧାର ହେଉଛି କର୍ମ। ଯଜ୍ଞାଦି ଆଧ୍ୟାତ୍ମିକ ସାଧନା ମଧ୍ୟ କର୍ମର ରୂପ। ଜଗତର କଲ୍ୟାଣ ଓ ମଙ୍ଗଳ ଏହି ଆଧ୍ୟାତ୍ମିକ ସାଧନାଗୁଡ଼ିକ ଉପରେ ନିର୍ଭର କରେ। ଅତଏବ, ପ୍ରତ୍ୟେକ ନିହାତି ପକ୍ଷେ କିଛି ନା କିଛି କର୍ମ ସମ୍ପାଦନ କରିବା ଉଚିତ। ନିଜର କର୍ମ ସମ୍ପାଦନ ମାଧ୍ୟମରେ କର୍ତ୍ତବ୍ୟ କରି ବ୍ୟକ୍ତି ଭଗବତ୍ ଉପଲବ୍ଧି ପାଇଁ ପ୍ରୟାସ କରିବା ଉଚିତ।

ପ୍ରଶ୍ନ: (କ) ଅରୂପ ତତ୍ତ୍ୱ କହିଲେ କ'ଣ ବୁଝାଯାଉଛି ?
(ଖ) ପ୍ରକୃତ ଶିକ୍ଷା ଆମେ କାହାକୁ କହିପାରିବା ?
(ଗ) କର୍ମର ମନୁଷ୍ୟ ଜୀବନ ସହ କି ସମ୍ପର୍କ ରହିଛି ?
(ଘ) କର୍ମ ବିନା ମାନବ ଜୀବନ ହୋଇ ନ ପାରେ କାହିଁକି ?
(ଙ) ବ୍ୟକ୍ତି କେଉଁ ଗୁଣ ମାଧ୍ୟମରେ ଭଗବତ୍ ଉପଲବ୍ଧି କରିପାରେ ?

### ANSWER: PART – I (OBJECTIVE)

୧। (କ) ମାଟି (ଖ) ଦୁଃଖଜ୍ୱାଳା (ଗ) ସଂସାରର (ଘ) ମଶାଲ (ଙ) ଶୁକ ସାରଣ

୨। (କ) କୁହେଳି (ଖ) ତରଙ୍ଗ-କରେ (ଗ) ନିଷ୍ଫଳ (ଘ) ପାଞ୍ଚ (ଙ) ପାଞ୍ଚବସ୍ତ୍ର

୩। (କ) ରାଶି ରାଶି ଶାଳତରୁ ମଧ୍ୟରେ ତଟିନୀ-ବେଷ୍ଟିତ-ଭଞ୍ଜ-କୀର୍ତ୍ତି-କିରୀଟିନୀ ତାଙ୍କର ଜନ୍ମଭୂମିର ଦୃଶ୍ୟ ଲେଖକଙ୍କ ଆଖିଆଗରେ ଭାସିଯାଉଛି। (ଖ) ଜଡ଼ ବିଜ୍ଞାନ ଦୁଇଭାଗରେ ବିଭକ୍ତ; ଯଥା - ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ। (ଗ) ଇଂରେଜି ପଢୁଆ ବି.ଡ଼ି.ଓ. ଓ ଇଞ୍ଜିନିୟରମାନେ ଇଂରେଜିରେ କଥା ହେଲାବେଳେ ବିଚରା ପଞ୍ଚାୟତ ସରପଞ୍ଚ କିଛି ବୁଝି ନ ପାରି ଶଙ୍କୁଚିତଭାବେ ଠିଆହୋଇଥାଏ। (ଘ) ନବୀନ ସନ୍ନ୍ୟାସୀଗଣ ଉଚ୍ଚଶିକ୍ଷିତ ଓ ସ୍ୱଚ୍ଛଳ ପରିବାରରୁ ଆସିଥିଲେ। (ଙ) ସୂର୍ଯ୍ୟାସ୍ତ ନିଲାମ ଆଇନ ଦ୍ୱାରା ଓଡ଼ିଆ ଜାତି ଦାରିଦ୍ର୍ୟଭିତରେ ରହି ନାନା କୁସଂସ୍କାରରେ ବୁଡ଼ିରହିବାକୁ ବାଧ୍ୟ ହେଲା।

୪।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଗୋପାଳ ଛୋଟରାୟ | ଭରସା |
| ଆଧୁନିକ ପତ୍ରିକା | ପ୍ରଗତିବାଦୀ ଆଭିମୁଖ୍ୟ |
| ସ୍ୱାମୀ ପ୍ରେମାନନ୍ଦ | ବାବୁରାମ |
| ସ୍ୱଦେଶୀର ବ୍ୟବହାର | ଅର୍ଥନୀତି କ୍ଷେତ୍ର |
| ସ୍ୱର୍ଣ୍ଣଶୀର୍ଷ | ଧାନ୍ୟ |

୫। (କ) ମିଶ୍ରବାବୁଙ୍କ ଖପୁରିତଳ କାରଖାନାର ଗୁଡ଼ାଏ ନଟ୍ ଏକାବେଳକେ ଢିଲା ହୋଇଯିବାରୁ ତାଙ୍କ କାରଖାନାର ଫାଳେ ଏକାଥରକେ ଭୁଷୁଡ଼ିପଡ଼ିବାର ଆଶଙ୍କା ବୋଧହେଲା। (ଖ) ଯେଉଁମାନେ ପ୍ରଥମରୁ ତାଙ୍କର ନେତୃତ୍ୱ ଗ୍ରହଣକରିବାକୁ କୁଣ୍ଠିତ ଥିଲେ, ରାଜେଶ୍ୱରୀ ସେମାନଙ୍କୁ ସଭାଗୃହ ଛାଡ଼ିଯିବାକୁ ନିର୍ଦ୍ଦେଶ ଦେଲେ। (ଗ) ବୋଉକୁ ସୁଖରେ ରଖିବାକୁ ଶିଶୁ ମନ ନେଇ ନଟବରବାବୁଙ୍କ ମନରେ ଦୃଢ଼ ପ୍ରତିଜ୍ଞା ଥିଲା। (ଘ) ଅର୍ଜୁନ ତାଙ୍କର ତୀକ୍ଷ୍ଣ ଶରରେ ପୃଥିବୀର କଠିନ ଆବରଣକୁ ଭେଦ କରି ପୁନର୍ବାର ଝରଣାର ସ୍ରୋତକୁ ଉପରକୁ ଉଠାଇଆଣିବା କଥା କୁହାଯାଇଛି। (ଙ) ମହାରାଜା ଚାହୁଁଥିଲେ ତାଙ୍କର ଉତ୍ତରାଧିକାରୀ ଏକମାତ୍ର କନ୍ୟା ରାଜନନ୍ଦିନୀ ରାଜେଶ୍ୱରୀ ହୁଅନ୍ତୁ– ଏହି କଥା ପାଇଁ ସେ ସଭାସଦ୍‌ମାନଙ୍କର ପରାମର୍ଶ ଲୋଡ଼ିଛନ୍ତି।

୬। (କ) ନିକୁମ୍ଭାସୁର (ଖ) ଧରମା (ଗ) ଇନ୍ଦ୍ରଙ୍କର (ଘ) ତିଳୋତ୍ତମାଙ୍କର (ଙ) ସ୍ୱୟଂ ନାରାୟଣ

୭। (କ) ବାକ୍ୟରେ ଥିବା ପଦଯୋଜନା ବା ସୌନ୍ଦର୍ଯ୍ୟ ହେଉଛି ଆସତ୍ତି। (ଖ) ବାକ୍ୟରେ ସମ୍ବୋଧନ ପଦ ଆରମ୍ଭରେ ବା ଶେଷରେ ବସେ। (ଗ) ବିଜୁବାବୁଙ୍କୁ ଓଡ଼ିଶାରେ କିଏ ନ ଜାଣେ ? (ଘ) ରଉକ୍‌ମ୍‌ଇନ୍‌ଈ (ଙ) କର୍ତ୍ତବ୍ୟ କର

୮। (କ) ଆନୁଷଙ୍ଗିକ (ଖ) ଭୁବନେଶ୍ୱର (ଗ) ପୌରୋହିତ୍ୟ (ଘ) ଶଶିଭୂଷଣ (ଙ) ସଂକ୍ଷେପରେ

୯। (କ) ବୃଥା ପ୍ରାର୍ଥନା (ଖ) କାତର ହେବା (ଗ) ଅଯଥା ଦୋଷ ଦେଖାଇବା (ଘ) ଅତିବୁଦ୍ଧିଆ (ଙ) ଲୋକ ମୁଖର କଥା ବହୁଦୂର ପ୍ରସରିଯାଏ

୧୦। (କ) ☑ (ଖ) ☒ (ଗ) ☒ (ଘ) ☒ (ଙ) ☑

### ANSWER: PART – II (SUBJECTIVE)

୧୧। (କ) ରାଜବଂଶୋଦ୍ଭବ ଉପେନ୍ଦ୍ର ଭଞ୍ଜ ରାଜସିଂହାସନରେ ବସିବାର ସୌଭାଗ୍ୟରୁ ବଂଚିତ ହୋଇଥିଲେ ହେଁ ଉତ୍କଳର ସାରସ୍ୱତ ରାଜ୍ୟରେ ମୁକୁଟବିହୀନ ସମ୍ରାଟ ହେବାର ଗୌରବ ଅର୍ଜନ କରିଛନ୍ତି। ମଧ୍ୟଯୁଗୀୟ ଏହି ବରେଣ୍ୟ ବିନ୍ଧାଣୀଙ୍କର ବିଷୟ ନିର୍ବାଚନ, ଅଳଙ୍କାର ପ୍ରୟୋଗ, ଶବ୍ଦଗୁମ୍ଫନ କୌଶଳ ଅନନ୍ୟ।

ରାମକାବ୍ୟ 'ବୈଦେହୀଶ ବିଳାସ' କାବ୍ୟାନ୍ତର୍ଗତ "ରାଘବଙ୍କ ଯାତ୍ରାନୁକୂଳ କବିତାରେ କବି ରାବଣର କୂଟନୀତି ସଂପର୍କରେ ଆଲୋକପାତ କରିଛନ୍ତି।

ପର ଦାରା ହରଣ କରି ରାବଣ ନିଶ୍ଚୁପ ନଥିଲା। ଖବର ପାଇଲା, ରାମଚନ୍ଦ୍ର ସେତୁବାନ୍ଧି ଲଙ୍କା ଆକ୍ରମଣର ଆୟୋଜନ କରୁଛନ୍ତି। ଦେବ-ଦାନବ-ମାନବ ମନରେ ଆତଙ୍କ ସୃଷ୍ଟି କରିଥିବା ରାବଣର ଯୁଦ୍ଧକୁ ଭୟ ନଥିଲା; ତଥାପି ଶତ୍ରୁକୁ ସାମାନ୍ୟ ଭାବିବା ଅନୁଚିତ-ଏହା ରାବଣକୁ ଜଣାଥିଲା। ଯୁଦ୍ଧର ଅଯଥା ଘନଘଟାକୁ ଏଡ଼େଇବା ପାଇଁ ସେ କୂଟନୀତିର ଆଶ୍ରୟ ନେଇଥିଲା। ବିଭୀଷଣ ଜାଣିଥିଲା ରାବଣକୁ ବଧ କରିବାର ଭେଦ ଓ ରାବଣ ମଧ୍ୟ ଜାଣିଥିଲା ହନୁମାନ ଓ ଅଙ୍ଗଦାଦି ବାନରଙ୍କର ଶକ୍ତିର ପରାକ୍ରମ। କୌଶଳରେ ଯଦି ବିଭୀଷଣ ଓ ଅଙ୍ଗଦକୁ ରାମଙ୍କଠାରୁ ପୃଥକ୍ କରାଯାଏ; ତେବେ ଶକ୍ତିହୀନ ରାମ ଲଙ୍କା ଆକ୍ରମଣରୁ ନିବୃତ୍ତ ରହିବେ।

ବିଚକ୍ଷଣ ବୁଦ୍ଧିସଂପନ୍ନ ତଥା ମାୟାବୀ ମନ୍ତ୍ରୀ ଶୁକ ସାରଣଙ୍କୁ ରାବଣ ଦୂତ କରି ବିଭୀଷଣ ଓ ଅଙ୍ଗଦଙ୍କ ନିକଟକୁ ପଠାଇଲା। ରାବଣର ମନ୍ତ୍ରଣା ଅନୁସାରେ ଶୁକ ସାରଣ ବିଭୀଷଣଙ୍କୁ କହିଲେ ଯେ, ରାବଣ "ଜ୍ୟେଷ୍ଠଭ୍ରାତା, ପିତୃତୁଲ୍ୟ। ଯଦି ସେ କିଛି କଟୁ କଥା କହିଛନ୍ତି, ତାହା ଭୁଲିଯାଇ ଲଙ୍କାକୁ ପ୍ରତ୍ୟାବର୍ତ୍ତନପୂର୍ବକ ରାଜୈଶ୍ୱର୍ଯ୍ୟ ଭୋଗକରନ୍ତୁ। ଉଚ୍ଚକୁଳେ ଜନ୍ମହୋଇ ରାମଙ୍କ ପାଖରେ ଶରଣ ପଶିବା ବଂଶ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ଅଙ୍ଗଦକୁ କହିଲେ ଯେ, ରାମଚନ୍ଦ୍ର ବିନା ଦୋଷରେ ଅଙ୍ଗଦ ପିତା ବାଳିକୁ ହତ୍ୟାକରିଥିଲେ। ପିତୃହନ୍ତାର ପ୍ରତିଶୋଧ ନନେଇ ରାମଙ୍କୁ ସାହାଯ୍ୟ କରିବା ତା'ର ଧର୍ମ ନୁହେଁ। କବିଙ୍କ ଭାଷାରେ –

*"ବୋଲ ଅଙ୍ଗଦକୁ ପିତୃ ଭକ୍ତି ପୁଣ୍ୟ*
*ବାଦ ରଚାଇ ପିତୃବ୍ୟ ବାହୁଡ଼ାଇ ସୈନ୍ୟ।"*

ବରଂ ପିତୃବ୍ୟ ସୁଗ୍ରୀବଙ୍କସହ ବାନର ସେନାଙ୍କୁ ନେଇ ସ୍ୱରାଜ୍ୟକୁ ଫେରିଯିବା ଉଚିତ ହେବ। ରାବଣର କୂଟନୀତି ଯଦିଓ ବିଭୀଷଣ ଓ ଅଙ୍ଗଦଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା; ତଥାପି ରାବଣ ଯେ କୂଟନୀତିଜ୍ଞ ଥିଲା ଏହା ସ୍ୱୀକାର୍ଯ୍ୟ।

**କିମ୍ବା,** ସୂର୍ଯ୍ୟରେ ରଶ୍ମି, ଚନ୍ଦ୍ରରେ ଜ୍ୟୋତ୍ସ୍ନାପରି ମଣିଷ ଜୀବନରେ ପ୍ରକୃତି ସ୍ୱତଃ ଓ ସ୍ୱାଭାବିକ। ରୂପପ୍ରେମୀ ରାଧାନାଥଙ୍କ ପ୍ରକୃତି କାବ୍ୟ 'ଚିଲିକା' ସତେଯେମିତି ପ୍ରକୃତି ପାଦତଳେ ଅନର୍ଘ ଅର୍ଘ୍ୟ। ରାଧାନାଥ ରାୟଙ୍କ କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ପାର୍ବତୀ, ମହାଯାତ୍ରା ଆଦି କାବ୍ୟକଳା ଓଡ଼ିଆ ସାହିତ୍ୟର ଭୂତି ଓ ବିଭୂତି।

ଅନନ୍ତ ବିଶ୍ୱବ୍ରହ୍ମାଣ୍ଡ ପ୍ରକୃତିର ଲୀଳାକ୍ଷେତ୍ର। 'ଚିଲିକା' ଖଣ୍ଡକାବ୍ୟରୁ ଉଦ୍ଧୃତ 'ଚିଲିକାରେ ସାୟଂତନ' କବିତାରେ କବି ଚିଲିକାର ସାଂଧ୍ୟକାଳୀନ ଦୃଶ୍ୟର ଏକ ମନୋରମ ଚିତ୍ର ପ୍ରଦାନ କରିଛନ୍ତି।

ବାରୁଣୀ ଗଗନରେ ଦିନନାଥ ବୁଡ଼ିବୁଡ଼ି ଯାଉଥିବାବେଳେ ପ୍ରାଚୀ ଗଗନରେ ଅନ୍ଧାର ମାଡ଼ିମାଡ଼ି ଆସେ। ସମୁଦ୍ର ମୁହାଣରେ ମୀନଜୀବୀମାନଙ୍କର ନୌକାଗୁଡ଼ିକ ଛାୟାଚିତ୍ରଭଳି ଦୃଶ୍ୟମାନ ହୁଅନ୍ତି। ଭାଲେରି ଶିଖରରେ ସନ୍ଧ୍ୟାତାରା ମୀନଜୀବୀଙ୍କୁ ଗୃହାଗତ ପାଇଁ ସଚେତନ କରେ। ଘରକୁ ଫେରିବାର ଉଲ୍ଲାସ ସେମାନଙ୍କ ମନମତାଣିଆ ସଂଗୀତ ମୂର୍ଚ୍ଛନାରୁ ସ୍ପଷ୍ଟ ବାରିହୁଏ। କବିସୂର୍ଯ୍ୟଙ୍କ ଗୀତାମୃତ ଚିଲିକା ମାରୁତ ବୋହିଆଣେ ଚିଲିକାର ତଟଦେଶକୁ। ଚିଲିକାର ନୀଳବକ୍ଷରେ ରାଜତ୍ୱ କରେ ସଂଗୀତର ଧ୍ୱନି। କବିଙ୍କ ଭାଷାରେ –

*"ଉଲ୍ଲାସର ଆତ୍ମା ପ୍ରାୟେ ଗୀତ ତାନ*
*ହ୍ରଦ ନୀଳ ବକ୍ଷେ କରେ ଅଧିଷ୍ଠାନ।"*

ଗୃହାଗତବେଳେ ମୀନଜୀବୀମାନେ ମୀନ ଧରିବାର ଏକ ଅଭିନବ ଉପାୟ ଅବଲମ୍ବନ କରନ୍ତି। ନାବରେ ମଶାଲ ଜାଳିଦେବାରୁ ମୀନମାନେ ଆକର୍ଷିତ ହୋଇ ନାବମଧ୍ୟକୁ ଲମ୍ଫଦିଅନ୍ତି। ତରଙ୍ଗର ଉତ୍‌ଥାନ ପତନ ଦ୍ୱାରା ନାବ ଓ ମଶାଲମାନ ବେଳେବେଳେ ଦେଖା ହୋଇ ପୁଣି ଅନ୍ତର୍ହିତ ହେବାର ଦୃଶ୍ୟ କବିଙ୍କ ମନରେ ଭାବାନ୍ତର ସୃଷ୍ଟିକରିଛି।

ଜ୍ୟୋତ୍ସ୍ନା-ବିଧୌତ ରଜନୀ କବିଙ୍କୁ ପ୍ରତୀୟମାନ ହୋଇଛି ସତେଯେମିତି ସମଗ୍ର ସୃଷ୍ଟି ପାରଦରେ ଧୌତ ହୋଇଛି। ହ୍ରଦର ବକ୍ଷସ୍ଥଳରେ ଦ୍ୱୀପ, ଶୈଳରାଜିର ପ୍ରତିବିମ୍ବ ସ୍ପଷ୍ଟ ଦୃଶ୍ୟମାନ ହୁଏ। ବୃକ୍ଷର କୋମଳ ଚିକ୍‌କଣ ପତ୍ର ଓ ଉପଳଖଣ୍ଡ ଉପରେ ଚନ୍ଦ୍ର ଜ୍ୟୋତ୍ସ୍ନା ପ୍ରତିଫଳିତ ହୁଏ। ଛାୟାମିଶ୍ରିତ ଚନ୍ଦ୍ରାଲୋକରେ ସମଗ୍ର ବନସ୍ଥଳୀ ସର୍ପବିଭୂଷିତ ବିଭୂତିଭୂଷଣ ଶିବଙ୍କପରି ପ୍ରତୀୟମାନ ହୁଏ। କବିଙ୍କ ଭାଷାରେ -

*"ସର୍ପେ ଚିତ୍ର ଚନ୍ଦ୍ର- ଚୂଡ଼ ତନୁ ଭଳି*
*ଛାୟା-ମିଶ୍ର କରେ ଶୋଭେ ବନସ୍ଥଳୀ।"*

'ଚିଲିକାରେ ସାୟଂତନ' କବିତାରେ କବି ସାଧାରଣକୁ ଅସାଧାରଣ, ଲୌକିକକୁ ଅଲୌକିକତାରେ ପରିଣତ କରିଛନ୍ତି।

(ଖ) ଉକ୍ତ ପଦ୍ୟାଂଶଟି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ରଚିତ 'ସର୍ବଂସହା ମାଟି' କବିତାରୁ ଉଦ୍ଧୃତ। ମାଟି ମାଆପରି ଧୈର୍ଯ୍ୟଶୀଳା ହୋଇ ଜଗତ କଲ୍ୟାଣ ପାଇଁ କବି କିପରି ବ୍ୟଗ୍ର ହୋଇଛନ୍ତି, ତାହା ଏଠାରେ ବର୍ଣ୍ଣିତ।

କବି ମାଟିକୁ ମାଆଠାରୁ ଭିନ୍ନ ଭାବି ନାହାନ୍ତି। ମାଟି ମାଆ ସ୍ନେହମୟୀ ଓ ଧୈର୍ଯ୍ୟଶୀଳା। ସନ୍ତାନମାନଙ୍କର ସର୍ବବିଧ ମଙ୍ଗଳ ପାଇଁ ତା'ର ଜୀବନକୁ ଉତ୍ସର୍ଗ କରିଦେଇଛି। ତା' ସନ୍ତାନମାନଙ୍କର ସବୁପ୍ରକାର ଅଳିଅର୍ଦ୍ଦଳି ହସିହସି ସହିଛି। ଅମାପ ତା'ର ଧୈର୍ଯ୍ୟ, ଅସୀମ ତା'ର ସହିବାର ଶକ୍ତି। ସେହି ଅମାପ ଧୈର୍ଯ୍ୟରୁ କଣିକାଏ କବି ମାଟିମାଆକୁ ମାଗିଛନ୍ତି। ସେହି ଧୈର୍ଯ୍ୟଶକ୍ତି ବଳରେ କବି ଜଗତର ମଙ୍ଗଳପାଇଁ କାମ ଚ଼ରି ପାରିବେ ବୋଲି ଆଶାବାଦୀ ହୋଇଛନ୍ତି।

**କିମ୍ବା,** ଉକ୍ତ ପଦ୍ୟାଂଶଟି ସ୍ୱଭାବକବି ଗଙ୍ଗାଧର ମେହେରଙ୍କର 'ମଙ୍ଗଳେ ଅଇଲା ଉଷା' କବିତାରୁ ସଂଗୃହୀତ'। ଏଠାରେ କବି ସତୀ ସୀତାଙ୍କର ବିଶାଳ ହୃଦୟର ପରିଚୟ ଦେଇଛନ୍ତି।

ନାରୀର ସତୀତ୍ୱ ଭାରତୀୟ ସଂସ୍କୃତିର ଏକ ମହନୀୟ ଦିଗ। ଲୋକ ମୁଖରେ କଳଙ୍କିତା ହୋଇ ସୀତା ଶ୍ରୀରାମଙ୍କ ଦ୍ୱାରା ନିର୍ବାସିତା ହେଲେ। ରାଜଦୁଲାଳୀ, ରାଜବଧୂ ସୀତା ଆଶ୍ରିତା ହେଲେ ବାଲ୍ମୀକିଙ୍କ ଆଶ୍ରମରେ। ସୀତାଙ୍କୁ ସାନ୍ତ୍ୱନା ଦେବାପାଇଁ ଉଷାଙ୍କର ଆବିର୍ଭାବ ହୋଇଛି। ଶଯ୍ୟା ତ୍ୟାଗକରି ସୀତା ଉଷାଙ୍କର ପାଦ ବନ୍ଦନା କରି ତାଙ୍କୁ ତିମିରବିଧ୍ୱଂସୀ କହି ପ୍ରଶଂସା କରିଛନ୍ତି। ଉଷା ମଙ୍ଗଳମୟୀ। ଏହି ସମୟରେ ସମଗ୍ର ସଂସାର ଶୁଭ୍ର ଜ୍ୟୋତିରେ ଜ୍ୟୋତିର୍ମୟ ହୋଇଉଠେ। ତେଣୁ ମଙ୍ଗଳପ୍ରଦାୟିନୀ ଉଷାଙ୍କ ଚରଣତଳେ ସୀତା ଶରଣାଗତା ହୋଇଛନ୍ତି। ସ୍ୱାମୀଙ୍କଦ୍ୱାରା ନିର୍ବାସିତା ହୋଇ ମଧ୍ୟ ତାଙ୍କ ହୃଦୟରେ ରାମଙ୍କପ୍ରତି କୌଣସି ଅଭିମାନ ନଥିଲା; ସ୍ୱ-ସୁଖପାଇଁ ମଧ୍ୟ ନଥିଲା ତାଙ୍କ ହୃଦୟରେ କାମନା; ବରଂ ରଘୁବଂଶୀ ଶ୍ରୀରାମଙ୍କର ଜୀବନ ଶୁଭଙ୍କର ହେଉବୋଲି ଉଷାଙ୍କ ନିକଟରେ ସୀତା ନିବେଦନ କରିଥିଲେ।

୧୨। (କ) ଆଧୁନିକ ପ୍ରବନ୍ଧସାହିତ୍ୟର ଅନ୍ୟତମ ପ୍ରବୀଣ ପ୍ରାବନ୍ଧିକ ତଥା ବିଶିଷ୍ଟ ଧ୍ୱନିତତ୍ତ୍ୱବିତ୍ ପ୍ରଫେସର ଗୋଲକ ବିହାରୀ ଧଳ ଓଡ଼ିଆ ସାହିତ୍ୟରେ ବେଶ୍ ପରିଚିତ। ପଠିତ "ମାତୃଭାଷା ଓ ଲୋକଶିକ୍ଷା" ପ୍ରବନ୍ଧଟି ତାଙ୍କ ରଚିତ 'ଓଡ଼ିଆ କେବେ' ପୁସ୍ତକରୁ ସଂଗୃହୀତ। ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ ଓଡ଼ିଆମାନଙ୍କୁ ମାତୃଭାଷାପ୍ରତି ସଚେତନ ହେବାପାଇଁ ଯେଉଁ ସୁଚିନ୍ତିତ ପରାମର୍ଶ ପ୍ରଦାନକରିଛନ୍ତି, ତାହା ବର୍ଣ୍ଣନା କରାଯାଇଛି।

ମାତୃଭାଷାର ମହତ୍ତ୍ୱ ପ୍ରତିପାଦନ କରିବାପାଇଁ ଲେଖକ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଅଭିମତକୁ ଉପଲକ୍ଷ୍ୟ ଦେଇ ଲେଖିଛନ୍ତି - "ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟପରି ମୂଲ୍ୟବାନ ମନେକରୁଥିଲେ।" ବାସ୍ତବରେ ମାତୃସ୍ତନର କ୍ଷୀର ପାନକଲେ ଯେପରି ସନ୍ତାନ ହୃଷ୍ଟପୁଷ୍ଟ ଓ ଆରୋଗ୍ୟତା ଲାଭକରିଥାଏ- ସେହିପରି ମାତୃଭାଷାର ମାଧ୍ୟମରେ ଶିକ୍ଷାଲାଭ କରି ମାନବ ଜ୍ଞାନୀ, ଅଭିଜ୍ଞ ଓ ଦୂରଦର୍ଶୀ ହୋଇପାରିଥାଏ। ବିଦେଶୀ ଭାଷାରେ ଯେତେ ପାରଦର୍ଶୀ ହେଲେ ମଧ୍ୟ ମାନବ ସମ୍ପୂର୍ଣ୍ଣ ଜ୍ଞାନୀ ପଦବାଚ୍ୟ ହୋଇପାରେ ନାହିଁ।

ମାନବର ସର୍ବବିଧ ଉନ୍ନତି ମୂଳରେ ମାତୃଭାଷାର ଅସ୍ତିତ୍ୱ ବିଦ୍ୟମାନ - ଯାହାକୁ ଅସ୍ୱୀକାର କରି ଦେଶ ଓ ଜାତିର ପ୍ରଗତି ସ୍ୱପ୍ନବତ୍ ରହିଯିବ। ଗଣତନ୍ତ୍ର ଦେଶରେ ଶିକ୍ଷାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ; ମାତ୍ର ଏହି ଶିକ୍ଷା ବିଦେଶୀ ଭାଷାରେ ପ୍ରଚଳନ କରାଗଲେ ତାହା ନିରର୍ଥକ। ମାତୃଭାଷାର ମାଧ୍ୟମରେ ଶିକ୍ଷାଦାନ ହିଁ ଦେଶ ଓ ଜାତିର ସର୍ବାଙ୍ଗୀନ ଉନ୍ନତି ସାଧନ କରିବାସହ ଶିକ୍ଷାର ବିକାଶକୁ ସାର୍ଥକ କରେ। ଲେଖକଙ୍କ ମତରେ, "ସମୂହ ଜନତାକୁ ଅଳ୍ପସମୟ ମଧ୍ୟରେ ଶିକ୍ଷିତ କରିବାକୁ ହେଲେ ମାତୃଭାଷା ହିଁ ସର୍ବୋତ୍କୃଷ୍ଟ ମାଧ୍ୟମ। ବିଦେଶୀ ଭାଷାରେ ସମୂହ ଶିକ୍ଷାର ଉଦାହରଣ ପୃଥିବୀରେ କେଉଁଠି ବୋଧେ ହୁଏ ନାହିଁ।"

ମାତୃଭାଷାରେ ଶିକ୍ଷାପ୍ରାପ୍ତ ହେଲେ ମାନବର ଜ୍ଞାନାର୍ଜନର ମାର୍ଗ ସହଜ ଓ ସୁଗମ ହୁଏ। ଲେଖକଙ୍କ ମତରେ, ଏକଶହ ପୃଷ୍ଠାର ଓଡ଼ିଆ ପୁସ୍ତକକୁ ଯେତେ କମ୍ ସମୟରେ ପଢ଼ି ହୃଦ୍‌ବୋଧ କରାଯିବ ସେହି ସଂଖ୍ୟକ ପୃଷ୍ଠାର ଇଂରେଜି ପୁସ୍ତକକୁ ଅପେକ୍ଷାକୃତ ଅଧିକ ସମୟ ଲାଗିବାସହ ତାହା ପାଠକ ପାଖରେ ଦୁର୍ବୋଧ ବୋଧ ହେବ। ଲେଖକଙ୍କର ମତରେ "ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତାହା ହୁଏ ନାହିଁ।" ତେଣୁ କରି ବିଶିଷ୍ଟ ଓଡ଼ିଆ ଲେଖକ ହୋଇ ମଧ୍ୟ ଅନ୍ନଦାଶଙ୍କର ରାୟ ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ମାତୃଭାଷା ବଙ୍ଗଳାପ୍ରତି ଅନୁରକ୍ତ ରହି ଅଧିକ ଆତ୍ମସମ୍ମାନ ଲାଭକରିଥିଲେ।

ଦେଶର କୃଷି, ଶିଳ୍ପ ଓ ରାଜନୀତି କ୍ଷେତ୍ରରେ ମଧ୍ୟ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷକଟିଏ ମାତୃଭାଷାର ପୁସ୍ତକରେ ଚାଷସମ୍ବନ୍ଧୀୟ ତଥ୍ୟକୁ ଭଲ ଭାବରେ ଉପଲବ୍ଧି କରି କୃଷିର ଉନ୍ନତି ସାଧନ କରିଥାଏ; ମାତ୍ର ଇଂରେଜି ଭାଷାରେ ଲିଖିତ କୃଷିସମ୍ବନ୍ଧୀୟ ଜ୍ଞାନକୁ ଆମ ଦେଶର କୃଷକ ସହଜରେ ବୁଝିପାରିବ ନାହିଁ; ଫଳରେ କୃଷକମାନେ କୃଷିକ୍ଷେତ୍ରରୁ ଉପଯୁକ୍ତ ଜ୍ଞାନ ଆହରଣରୁ ଦୂରେଇଯିବେ ଓ କୃଷିର ଉନ୍ନତି ଅସମ୍ଭବ ହେବ। ଲେଖକଙ୍କ ମତରେ, "କୃଷକଙ୍କଠାରୁ ଦୂରରେରହି ଯେଉଁ କୃଷି, ସେଥିରେ ଋଷିଙ୍କ ଶ୍ରାଦ୍ଧ ବି ହୋଇପାରିବ ନାହିଁ।" ସେହିପରି ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ବିଜ୍ଞାପନମାନ ରାସ୍ତାଘାଟ ଓ କାନ୍ଥବାଡ଼ରେ ଛତୁ ଫୁଟିଲାପରି ଦେଖାଯାଏ; ମାତ୍ର ମାତୃଭାଷାର ଲେଖାବ୍ୟତୀତ ଇଂରେଜି ବିଜ୍ଞାପନ ସର୍ବସାଧାରଣଙ୍କ ପାଇଁ ନିରର୍ଥକ ଅଟେ। ଲେଖକଙ୍କ ମତରେ - "ଇଂରେଜୀରେ ଯାହା ଲେଖାହୋଇଛି ଅନ୍ଧ ଆଗରେ ବତି ଜାଳିଲାପରି ତା' ସେଇମିତି ରହିଯାଇଛି।"

ସେହିପରି ଶାସନକ୍ଷେତ୍ରରେ ସରକାରଙ୍କର ଲୋକକଲ୍ୟାଣ ପାଇଁ ସମସ୍ତ ଯୋଜନା ଇଂରେଜି ମାଧ୍ୟମରେ ହେଉଥିବାରୁ ତାହା ସାଧାରଣ ଜନତାପାଇଁ ମୂଲ୍ୟହୀନ ହୋଇଯାଉଛି। ପୃଥିବୀର ପ୍ରାୟ ସମସ୍ତ ସଭ୍ୟ ଦେଶମାନେ ସେମାନଙ୍କର ଜନସାଧାରଣଙ୍କୁ ମାତୃଭାଷାରେ ଶିକ୍ଷା ଓ ଶାସନ ଚଳାଇବାର ଅଧିକାରଦେଇ ଆଶାତୀତ ସଫଳତା ଲାଭକରିଛନ୍ତି।

ଅତଏବ ଏହିସବୁଦୃଷ୍ଟିରୁ ବିଚାରକଲେ ମାତୃଭାଷା ହିଁ ଦେଶ ଓ ଜାତିର ପ୍ରଗତିର ପରିଚାୟକ - ଏହା ଯଥାର୍ଥ ଅଟେ।

**କିମ୍ବା,** ସ୍ୱୀୟ ସାରସ୍ୱତ ପ୍ରତିଭା ପ୍ରଭାରେ ଆଧୁନିକ ଓଡ଼ିଆ ପ୍ରବନ୍ଧଜଗତକୁ ସମୁଜ୍ଜ୍ୱଳ କରିଯାଇଛନ୍ତି ପ୍ରସିଦ୍ଧ ଐତିହାସିକ ତଥା ଗବେଷକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ। ତାଙ୍କ ଅମର ଲେଖନୀନିଃସୃତ 'ଇତିହାସ ଓ କିମ୍ବଦନ୍ତୀ', 'ମୋ ସମୟର ଓଡ଼ିଶା' ପ୍ରଭୃତି ଅମ୍ଳାନକୃତି ତାଙ୍କୁ କରିଛି ମରଣବିଜୟୀ। 'ପ୍ରବନ୍ଧମାନସ'ରୁ ସଂଗୃହୀତ 'ଜନ୍ମଭୂମି' ପ୍ରବନ୍ଧରେ ପ୍ରାବନ୍ଧିକ ପ୍ରସଙ୍ଗକ୍ରମେ ପଲ୍ଲୀବୁକୁରେ ଗଢ଼ିଉଠିଥିବା ଏକ ପରିବାରତ୍ୱର ପରଂପରା ସଂପର୍କରେ ଆଲୋଚନା କରିଛନ୍ତି।

ଗୋଟିଏ ପରିବାରର ସମସ୍ତ ସଦସ୍ୟ ଯେପରି ପରସ୍ପର ମଧ୍ୟରେ ସଂପର୍କର ରଜ୍ଜୁରେ ଆବଦ୍ଧ ହୋଇଥାଆନ୍ତି ଏବଂ ସେହି ମଧୁର ମମତାବୋଳା ସଂପର୍କ ସେମାନଙ୍କୁ ସୁଖଦୁଃଖରେ ସମଭାଗୀ କରାଇବା ସହ ବଞ୍ଚିବାର ରାହା ଦେଖାଇ ସଂସାରରଥକୁ ଅଗ୍ରସର କରାଏ, ସେହିପରି ପଲ୍ଲୀକୋଳରେ ବିଭିନ୍ନ ଜାତି, ଧର୍ମ ତଥା ସଂପ୍ରଦାୟର ଲୋକେ ବାସକରୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକ ମଧୁର ସମ୍ବନ୍ଧ ପରିଲକ୍ଷିତ ହୁଏ। ଗୋଟିଏ ପରିବାର ପରି ସେମାନେ କେହି କାହାର ଭାଇ, ଭଉଣୀ, କକା, ଖୁଡ଼ୀ ଭାବରେ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି। ଏହି ମଧୁର ସମ୍ବନ୍ଧ ହିଁ ପଲ୍ଲୀର ଏକପରିବାରତ୍ୱର ପରଂପରା। ଏହି ପରମ୍ପରା ସେମାନଙ୍କ ସ୍ନେହମମତାବୋଳା ମମତ୍ୱବୋଧର ପ୍ରତିଫଳନ ଯାହା ସହରୀ ସଭ୍ୟତାରେ ପରିଦୃଷ୍ଟ ହୁଏ ନାହିଁ।

ପଲ୍ଲୀକୋଳର ଏହି ମଧୁର ସଂପର୍କ ମଧ୍ୟରେ ବାଲ୍ୟଲୀଳା ଶେଷ ପରେ ଉଚ୍ଚଶିକ୍ଷା ଲାଭକରି ଯୁବକଟି ଯେତେବେଳେ ଅର୍ଥୋପାର୍ଜନ ନିମନ୍ତେ ସହରକୁ ଚାଲିଯାଏ, ସେଠାରେ ଦୀର୍ଘକାଳ ଅବସ୍ଥାନ କରିବାପରେ ଜନ୍ମଭୂମି ସହିତ ସେହି ମଧୁର ସଂପର୍କର ସୂତାଖିଅଟି କ୍ରମଶଃ କ୍ଷୀଣ ହୋଇଯାଏ। ଗ୍ରାମର ସମସ୍ତ ବ୍ୟକ୍ତି ତାଙ୍କ ପାଇଁ ହୋଇଯାଆନ୍ତି ସାତପର। ପ୍ରାବନ୍ଧିକଙ୍କ ଭାଷାରେ – "ଗ୍ରାମଟିଯାକର ଭାଇଭଉଣୀ, କକାଖୁଡ଼ୀ, ମାମୁମାଇଁ, ମଉସାମାଉସୀ ସବୁ ପର ହୋଇଗଲେଣି।''

ବାସ୍ତବିକ ସହରର ଚାକଚକ୍ୟତା ଭିତରେ ବୁଡ଼ିରହିଥିବା ବିଳାସବ୍ୟସନରେ ଶିକ୍ଷିତମାନଙ୍କର ଏକପ୍ରକାର ପୁନର୍ଜନ୍ମ ହୋଇଯାଏ। ସେମାନେ ହରାଇବସନ୍ତି ପଲ୍ଲୀବୁକୁର ସାରମାଉସୀର ସ୍ନେହବୋଳା ସମ୍ବୋଧନ ଓ ଗୋବିନ୍ଦାଭାଇର ବିଶ୍ୱାସକୁ। ଗ୍ରାମର ଶିଶୁମାନଙ୍କପାଇଁ ସେମାନେ ହୁଅନ୍ତି ଜେବ୍ରା ବା ଜିରାଫ୍। ସେମାନଙ୍କ ସଂଗରେ ପଲ୍ଲୀବୁକୁର ଶୋଭା ଉପଭୋଗ କରିବାକୁ ବେକାର ଯୁବଗୋଷ୍ଠୀ ମଧ୍ୟ ମାନସିକତାକୁ ହରାଇବସନ୍ତି। ଏକପରିବାରତ୍ୱର ମାନସିକତାର ସୂତ୍ରଟି ତାଙ୍କ ପାଇଁ ସଂପୂର୍ଣ୍ଣ ଭିନ୍ନ ହୋଇଯାଏ।

ଅନ୍ୟ ଏକପରିବାରତ୍ୱର ପ୍ରତୀକ ଗ୍ରାମର ଶୃଙ୍ଖଳିତ କର୍ମ ଯୋଜନା। ଗ୍ରୀଷ୍ମର ନିରାଟ ଝାଞ୍ଜି, ବର୍ଷାର ଝଡ଼ ଓ ହେମନ୍ତର ଶୀତକୁ ଖାତିର ନକରି ସେମାନେ ସମବେତ ଯତ୍ନରେ ଧରଣୀକୁ ଶସ୍ୟଶ୍ୟାମଳା କରନ୍ତି। ରଜ ପ୍ରଭୃତି ବିବିଧ ପର୍ବକୁ ଉଦ୍‌ବେଳ ମନରେ ଦୋଳି ଖେଳି ମହାସମାରୋହରେ ପାଳନ କରନ୍ତି। ପର୍ବ ପାଳନ ତଥା ଶୃଙ୍ଖଳିତ କର୍ମ ସଂପାଦନ ଭିତରେ ସେମାନେ ସମସ୍ତେ ସତେଯେପରି ଗୋଟିଏ ପରିବାରର ସଦସ୍ୟ ଭାବେ ପ୍ରତୀୟମାନ ହୁଅନ୍ତି; କିନ୍ତୁ ପ୍ରାବନ୍ଧିକଙ୍କ ପରି ସହରୀ ବାବୁମାନଙ୍କର ଏଥିରେ ଅଂଶଗ୍ରହଣ କରିବାପାଇଁ ସେମାନଙ୍କର ନୈତିକ ଶକ୍ତିକୁ ହରାଇବସିଥାନ୍ତି। କାରଣ ସେମାନେ ଗ୍ରାମବାସୀ ହୋଇନଥାନ୍ତି, ସେମାନେ ସାଜିଥାନ୍ତି ଅଭିଜାତ ଶ୍ରେଣୀର ଅନ୍ତର୍ଗତ ସହରୀବାବୁ।

(ଖ) "ଭାରତର......................ଆଧ୍ୟାତ୍ମିକତା ।"

ଉଦ୍ଧୃତାଂଶଟି ଲେଖକ ବଂଶୀଧର ସାମନ୍ତରାୟଙ୍କର 'ସଭ୍ୟତା ଓ ବିଜ୍ଞାନ' ଶୀର୍ଷକ ପ୍ରବନ୍ଧର ଅଂଶବିଶେଷ ଅଟେ । ଏଠାରେ ଲେଖକ ଭାରତୀୟ ସଂସ୍କୃତି ଓ ସଭ୍ୟତାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଛନ୍ତି ।

ଭାରତୀୟମାନେ ଚିରଦିନ ଆତ୍ମସଂଯମ ଓ ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇଛନ୍ତି । ପାଶ୍ଚାତ୍ୟ ସଭ୍ୟତା ଭୋଗବାଦ ଓ ବୈଷୟିକ ଉନ୍ନତିକୁ ଗୁରୁତ୍ୱ ଦେଉଥିଲାବେଳେ ଭାରତୀୟମାନେ ତ୍ୟାଗ ଓ ସଂଯମକୁ ସେମାନଙ୍କ ଜୀବନର ପରମ ପାଥେୟରୂପେ ଗ୍ରହଣକରିଥିଲେ । ବିଷୟଭୋଗକୁ ସେମାନେ ମହାଜଞ୍ଜାଳ ରୂପେ ଗ୍ରହଣକରିଥିଲେ । ତ୍ୟାଗ ଓ ଆତ୍ମସଂଯମ ମାଧ୍ୟମରେ ସେ ଯେଉଁ ବିଷୟର ଅଧିକାରୀ ହେଉଥିଲେ ତାହା ପାଶ୍ଚାତ୍ୟ ଭୋଗବାଦୀମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲା । ପାଶ୍ଚାତ୍ୟ ସଭ୍ୟତାର ବୈଷୟିକ ଉନ୍ନତି ଇଚ୍ଛାକୃତ ହୋଇଥିଲାବେଳେ ଭାରତୀୟମାନଙ୍କର ବୈଷୟିକ ଉନ୍ନତି ତ୍ୟାଗମାର୍ଗର ସ୍ୱତଃସମ୍ଭୂତ ନିଦର୍ଶନ ଯାହା ପ୍ରକାରାନ୍ତରେ ତା'ର ଆଧ୍ୟାତ୍ମିକ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରେ ।

**କିମ୍ବା,** "ମାତୃଭାଷାରେ .............. ହୁଏ ନାହିଁ।"

ଉକ୍ତ ଗଦ୍ୟାଂଶଟି ପଠିତ 'ସାହିତ୍ୟ ସିନ୍ଧୁ' ପୁସ୍ତକର 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧରୁ ଆନୀତ। ଏଠାରେ ପ୍ରାବନ୍ଧିକ ଶ୍ରୀଯୁକ୍ତ ଗୋଲୋକବିହାରୀ ଧଳ ଭାବପ୍ରକାଶ ନିମନ୍ତେ ମାତୃଭାଷାହିଁ ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରତିପାଦନ କରିଛନ୍ତି।

ମନୁଷ୍ୟ ଜନ୍ମରୁ ଯେଉଁ ଭାଷାରେ ଭାବ ଗ୍ରହଣ ଓ ପ୍ରକାଶ କରିଥାଏ, ତାହାହିଁ ତା'ର ମାତୃଭାଷା। ସେହି ଭାଷାରେ କାର୍ଯ୍ୟକରିବା ପାଇଁ ତା' ମନରେ ଯେଉଁ ସ୍ୱାଭାବିକ ଉତ୍ସାହ ଆସେ, ଅନ୍ୟ ଭାଷାରେ ତାହା ସମ୍ଭବ ହୁଏ ନାହିଁ। ଶହେ ପୃଷ୍ଠାର ଓଡ଼ିଆ ବହି ପଢ଼ିବାକୁ ଆମକୁ ଯେତିକି ସମୟ ଲାଗେ, ସେତିକି ପୃଷ୍ଠାର ଇଂରେଜି ବହି ପଢ଼ିବାକୁ ଆମକୁ ଅଧିକ ସମୟ ତଥା ଅଧିକ ମାନସିକ ପରିଶ୍ରମ କରିବାକୁ ପଡ଼େ। ସେଥିପାଇଁ ଓଡ଼ିଆରେ କବିତା ଲେଖି ଖ୍ୟାତି ଅର୍ଜନ

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

# ନିର୍ଦ୍ଦେଶାଳୟରୁ ୨୧ କୃଷି ଅଧିକାରୀ ବିଦା

ଭୁବନେଶ୍ୱର,୪।୨(ବ୍ୟୁରୋ)

ଡେପୁଟେଶନରେ ଆସି କୃଷି ନିର୍ଦ୍ଦେଶାଳୟରେ ଦୀର୍ଘଦିନ ଧରି ରହିଥିବା ୨୧ଜଣ ଅଧିକାରୀ ବିଦା ହୋଇଛନ୍ତି। କୃଷି ମନ୍ତ୍ରୀ ଅରୁଣ ସାହୁଙ୍କ ନିର୍ଦ୍ଦେଶ ପରେ ସେମାନଙ୍କ ଡେପୁଟେଶନ ବାତିଲ କରାଯିବା ସହିତ ସେମାନଙ୍କୁ ବିଭିନ୍ନ ଜିଲାକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ମୁତାବକ, ରାଜ୍ୟର ବିଭିନ୍ନ ସ୍ଥାନରେ ନିଯୁକ୍ତ ହୋଇଥିବା ସହକାରୀ କୃଷି ଅଧିକାରୀମାନେ ଡେପୁଟେଶନରେ ଆସି କୃଷି ନିର୍ଦ୍ଦେଶାଳୟରେ ଦୀର୍ଘଦିନ ଧରି ରହିଆସୁଥିଲେ। ଏମାନଙ୍କୁ ଭଲ କାମ କରିବା ସକାଶେ ନିର୍ଦ୍ଦେଶାଳୟକୁ ଅଣାଯାଇଥିଲା। କିନ୍ତୁ ବାରମ୍ବାର ତାଗିଦ କରାଯିବା ସତ୍ତ୍ୱେ ଏମାନଙ୍କ ମଧ୍ୟରୁ ଅନେକ ଅଧିକାରୀ କାମ କରୁ ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ରାଜଧାନୀରେ ରହିବା ପରଠାରୁ ଜିଲାକୁ ଫେରିବା ପାଇଁ ମଙ୍ଗୁ ନ ଥିଲେ। ନିର୍ଦ୍ଦେଶାଳୟରେ ରହିବା ପାଇଁ କଳେବଳେ ଲାଗି ପଡୁଥିଲେ। ଇତିମଧ୍ୟରେ ଏହି ସରକାରୀ ଅଧିକାରୀମାନଙ୍କୁ ପଦୋନ୍ନତି ମିଳିଛି। ମାତ୍ର ପଦୋନ୍ନତି ମିଳିବା ପରେ ମଧ୍ୟ ଏମାନଙ୍କ ମଧ୍ୟରୁ ବହୁ ଅଧିକାରୀ ନିର୍ଦ୍ଦେଶାଳୟରେ ରହିବା ଲାଗି ଉଦ୍ୟମ କରିଆସୁଥିଲେ। ମାତ୍ର କୃଷିମନ୍ତ୍ରୀ ଏହା ଜାଣିବା ପରେ ତୁରନ୍ତ ଏହି ଅଧିକାରୀମାନଙ୍କୁ ସେମାନଙ୍କ ମୂଳ ଜିଲା ସମେତ ଅନ୍ୟ ସ୍ଥାନକୁ ପଠାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିକାରୀମାନେ କନ୍ଧମାଳ, ସୁବର୍ଣ୍ଣପୁର, ନୟାଗଡ଼, ଢେଙ୍କାନାଳ, ପୁରୀ, ବରଗଡ଼, କେନ୍ଦ୍ରାପଡ଼ା, ଗଞ୍ଜାମ ଆଦି ଜିଲାକୁ ବଦଳି ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବିଭାଗର ଅନ୍ୟ ଦପ୍ତରକୁ ପଠାଇ ଦିଆଯାଇଛି। ଏହାସହ ରାଜ୍ୟର ମୋଟ ୨୭୨ଜଣ ଅଧିକାରୀଙ୍କୁ ମଧ୍ୟ ପଦୋନ୍ନତି ମିଳିଛି। ଆସନ୍ତା ୧୦ତାରିଖ ମଧ୍ୟରେ ପଦୋନ୍ନତି ପାଇଥିବା ସମସ୍ତ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ମିଳିଥିବା ସ୍ଥାନରେ ଯୋଗଦେବାକୁ କୁହାଯାଇଛି। ସେହିପରି ନିର୍ଦ୍ଦେଶାଳୟରେ ଥିବା ୨୧ ଅଧିକାରୀଙ୍କୁ ତୁରନ୍ତ ନିଜ ସ୍ଥାନରେ ଦାୟିତ୍ୱ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି।

## ହୋଟେଲ ସୂର୍ଯ୍ୟାଂଶୁ ଉପରେ ଆୟକର ବିଭାଗର ଚଢ଼ାଉ

ଭୁବନେଶ୍ୱର,୪।୨(ବ୍ୟୁରୋ)

ମଙ୍ଗଳବାର ଆୟକର ବିଭାଗ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ହୋଟେଲ ସୂର୍ଯ୍ୟାଂଶୁ ଉପରେ ଚଢ଼ାଉ କରାଯାଇଥିଲା। ଟିକସ ଫାଙ୍କୁଥିବା ନେଇ ହୋଟେଲ ନାମରେ ଅଭିଯୋଗ ଆସିଥିଲା। ଏହି ଆଧାରରେ ଆୟକର ବିଭାଗର ଏକ ଟିମ୍ ହୋଟେଲରେ ଚଢ଼ାଉ କରି ୩ଘଣ୍ଟା ଧରି ବ୍ୟବସାୟ ସହ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଉକ୍ତ ଟିମ୍ କିଛି କାଗଜପତ୍ର ନେଇ ଯାଇଥିବାବେଳେ ପ୍ରମାଣ ମିଳିଲେ ସୂର୍ଯ୍ୟାଂଶ ହୋଟେଲ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆୟକର ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଶଗଡ଼ରେ ଯାଇ ପ୍ରତିବାଦ ଜଣାଇଲେ ବିଧାୟକ



ବିଧାୟକ ଓ ଭାଜପା ନେତାମାନେ ଶଗଡ଼ରେ ଶୋଭାଯାତ୍ରାରେ ଯାଉଛନ୍ତି।

ପାରଳାଖେମୁଣ୍ଡି, ୪।୨ (ସ୍ୱ.ପ୍ର.)

ସରକାରଙ୍କ ଚାଷୀମାରଣ ନୀତି ଓ ପରିବହନ ବିଭାଗ କାର୍ଯ୍ୟକୁ ନାପସନ୍ଦ କରି ମଙ୍ଗଳବାର ଗଜପତି ଜିଲା ଭାଜପା ପକ୍ଷରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ପାରଳାଖେମୁଣ୍ଡି ବସ୍‌ଷ୍ଟାଣ୍ଡରୁ ଏହି ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ସମେତ ଅନ୍ୟ ଭାଜପା ନେତାମାନେ ଶଗଡ଼ରେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଳ ପକ୍ଷରୁ ଏକ ବିକ୍ଷୋଭ ସଭାର ଆୟୋଜନ କରାଯାଇଥିଲା। ପ୍ରଶାସନର ମନମୁଖି ଶାସନ ଏବଂ କୃଷକମାରଣ ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ କହିଥିଲେ। ଜିଲାରେ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଏଯାଏ ଅନେକ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇନି। ପଞ୍ଜୀକୃତ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ମିଳିନି, ଏହା ମଧ୍ୟରେ ବର୍ଷା ହେଲେ ଚାଷୀ ଅନେକ କ୍ଷତି ସହିବେ ବୋଲି ବିଧାୟକ କହିଥିଲେ। ସେହିଭଳି ପରିବହନ ବିଭାଗ ପକ୍ଷରୁ ବିନା କାରଣରେ ଜରିମାନା ଆଦାୟ କରାଯାଉଥିବା ଭାଜପା ଅଭିଯୋଗ କରିଛି। ବିଭାଗ ପକ୍ଷରୁ ଯେଉଁଭଳିଭାବେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା କରାଯାଉଛି ତାହା ବେଆଇନ ବୋଲି ଦଳ କହିଛି। ଏସବୁକୁ ବନ୍ଦ କରାଯାଉ ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ମଣ୍ଡି ସୁପରିଚାଳନା କରିବା ସହ ପରିବହନ ବିଭାଗ ପକ୍ଷରୁ ବିନା କାରଣରେ ଜରିମାନା ଆଦାୟ ବନ୍ଦ କରିବାକୁ ଦଳ ପକ୍ଷରୁ ପୂର୍ବରୁ ପ୍ରଶାସନକୁ କୁହାଯାଇଥିଲା। କିନ୍ତୁ ଏ ସବୁ ସମସ୍ୟାର ସମାଧାନ ନ ହେବାରୁ ଦଳ ବିକ୍ଷୋଭ ପ୍ରଦର୍ଶନ କରିବାକୁ ବାଧ୍ୟ ହୋଇଛି ବୋଲି ଭାଜପା ନେତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ଅନୀତା ରାଣୀ ବେହେରା, ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, କାଶୀନଗର ବ୍ଲକ ଅଧ୍ୟକ୍ଷ ସି.ଏଚ୍. ସିମାଦ୍ରୀ, ପୂର୍ବତନ ନଗରପାଳ ପି.କ୍ରିଷ୍ଣା, ନୃସିଂହ ଚରଣ ପଟ୍ଟନାୟକ, ଜମିଦାର ପଟ୍ଟନାୟକ ପ୍ରମୁଖଙ୍କ ସହ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

## କଳିଙ୍ଗ ନାଟ୍ୟ ମହୋତ୍ସବରେ 'ଧର୍ମ ମଙ୍ଗଲ୍'

ଭୁବନେଶ୍ୱର,୪।୨(ବ୍ୟୁରୋ)



ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ୪ଦିନିଆ ମହୋତ୍ସବର ୨ୟ ସନ୍ଧ୍ୟାରେ ବଙ୍ଗଳା ନାଟକ 'ଧର୍ମ ମଙ୍ଗଲ୍' ମଞ୍ଚସ୍ଥ ହୋଇଥିଲା। ପଶ୍ଚିମବଙ୍ଗର ବୀରଭୂମ୍ ସଂସ୍କୃତି ବାହିନୀ ବୀରଭୂମ୍ ପକ୍ଷରୁ ମଞ୍ଚସ୍ଥ ନାଟକର ନିର୍ଦ୍ଦେଶନା ଦେବା ସହ ରଚନା କରିଥିଲେ ଉଜ୍ଜ୍ୱଳ ମୁଖାର୍ଜୀ। ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବିଶିଷ୍ଟ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ପ୍ରାକ୍ତନ ଆଇପିଏସ୍ ଅଧିକାରୀ ବଟକୃଷ୍ଣ ସାହୁ, ଗୌରହରି ଦାସ ଓ ସାଧାରଣ ସମ୍ପାଦକ ଧୀର ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଅଭିନେତ୍ରୀ ମନିଷା ରଥଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ନାଟକ ନିର୍ଦ୍ଦେଶକ ଉଜ୍ଜ୍ୱଳ ମୁଖାର୍ଜୀଙ୍କୁ ନାଟ୍ୟାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏନ୍‌ଆର୍‌ଆର୍‌ଆଇ ଓ ରେଭେନ୍‌ଶା ମଧ୍ୟରେ ଏମ୍‌ଓୟୁ

କଟକ ଅଫିସ, ୪।୨



ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁସାରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଜ୍ଞାନର ଛାତ୍ରୀଛାତ୍ର ଓ ମେଧାବୀମାନେ ଏନ୍‌ଆର୍‌ଆର୍‌ଆଇରେ କୃଷି ଉପରେ ଗବେଷଣାତ୍ମକ ଜ୍ଞାନ ଅଧ୍ୟୟନ କରିପାରିବେ। ସେହିପରି ଏନ୍‌ଆର୍‌ଆର୍‌ଆଇର ମେଧାବୀମାନେ ମଧ୍ୟ ବିଶ୍ୱବିଦ୍ୟାଳୟରୁ ଗବେଷଣାତ୍ମକ ଶିକ୍ଷା ପାଇପାରିବେ। ଏଥିପାଇଁ ଉଭୟ ପ୍ରତିଷ୍ଠାନର ଲାବୋରେଟୋରିରେ ଛାତ୍ରୀଛାତ୍ରଙ୍କୁ ସୁବିଧା ଯୋଗାଇଦିଆଯିବ। ଉଭୟ ପ୍ରତିଷ୍ଠାନର ଅଧ୍ୟାପକ ଓ ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଗବେଷଣା କରିବେ ବୋଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଏହି ଅବସରରେ ସୂଚନା ଦେଇଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଆର୍‌ଆର୍‌ଆଇର ସଂଯୋଜିକା ପରମେଶ୍ୱର ସି, ବୈଜ୍ଞାନିକ ସଂଘମିତ୍ରା ସାମନ୍ତରାୟ, ଡ. ତ୍ରିଲୋଚନ ମିଶ୍ର, ପ୍ରଫେସର ପଦନ କୁମାର ଜେନା, ପି.କେ. ମହାପାତ୍ର, ପ୍ରଫେସର ଲୁନା ସାମନ୍ତଙ୍କ ସମେତ ଉଦ୍ଭିଦବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ବହୁ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ପ୍ରଥମ ଭାଷା ଓଡ଼ିଆ (FIRST LANGUAGE ODIA)

କରିଥିବା ଢେଙ୍କାନାଳରେ ଜନ୍ମିତ ଅନ୍ନଦାଶଙ୍କର ରାୟ ଓଡ଼ିଆ ଛାଡ଼ି ବଙ୍ଗଳାରେ ଲେଖିଲେ। ଏ ଦେଶରେ ଦେଢ଼ଶହ ବର୍ଷକାଳ ଇଂରେଜି ଶିକ୍ଷା ଦିଆଗଲେ ମଧ୍ୟ ଆଜି ଶତକଡ଼ା ଦେଢ଼ଜଣ ଭାରତୀୟ ଇଂରେଜି ଶିଖିପାରି ନାହାନ୍ତି। କାରଣ, ନିଜକୁ ପ୍ରକାଶ କରିବାପାଇଁ ମାତୃଭାଷା ହିଁ ସବୁଠାରୁ ସହଜ ଓ ସ୍ୱାଭାବିକ ମାଧ୍ୟମ। ତେଣୁ ଏହି ଭାଷାର ସ୍ୱାଭାବିକ ସ୍ଫୂର୍ତ୍ତି ଅନ୍ୟ ଭାଷାରେ ଦୁର୍ଲଭ।

**୧୩। (କ)** ପୃଥିବୀରେ ପରିପୂର୍ଣ୍ଣ ହୋଇ ରହିଛି ଅନେକ ବୃକ୍ଷ । ସବୁ ବୃକ୍ଷରେ ଫୁଲ ଫୁଟେନା, ସବୁ ଫୁଲର ସୁମଧୁର ମହକ ନ ଥାଏ। ସବୁ ସୁରଭିତ ସୁମନ ଦେବଯୋଗ୍ୟ ନୁହଁନ୍ତି। ସବୁ ପ୍ରାଣୀ ମାନବ ନୁହଁନ୍ତି। ସବୁ ମାନବ ଶିଶୁ ନୁହଁନ୍ତି। ସବୁ ଶିଶୁ ଛାତ୍ର ନୁହଁନ୍ତି। ଫୁଲର ଦେବତାଙ୍କ ଶରରରେ ଶୋଭା ପାଇଲା ପରି ଯୋଗ୍ୟତା ନ ଥିଲେ ତାହାକୁ ଯେପରି ଦେବତାଙ୍କ ଲାଗି ଯଚାଯାଏନା, ସେପରି ଛାତ୍ରର କେତେକ ନିର୍ଦ୍ଦିଷ୍ଟ ଗୁଣ ଲକ୍ଷଣ ନ ଥିଲେ ସେ ଆଦର୍ଶ ହୋଇପାରେନା। ଛାତ୍ରଜୀବନ ମାନବ ଜୀବନ ଗଠନର ମୂଳ ଅଧ୍ୟାୟ। ଛାତ୍ରତ୍ୱ ପ୍ରାପ୍ତିର ଦୁର୍ଲଭ ଜୀବନକୁ ଆଦର୍ଶମୟ କରି ଗଢ଼ିତୋଳିବା ପ୍ରତିଟି ବିଦ୍ୟାର୍ଥୀର କର୍ତ୍ତବ୍ୟ ହେବା ବିଧେୟ।

ଛାତ୍ରଜୀବନ ସ୍ନିଗ୍ଧକୁସୁମର ସୁକୋମଳ ଶଯ୍ୟା ନୁହେଁ; ବରଂ ଏହା ହେଉଛି ବହୁ ସାଧନା ଓ ତପସ୍ୟାର କଠୋର ପଥ। ବିଦ୍ୟାର ପଥ, ଆରୋହୀର ପଥ, ମଧୁମକ୍ଷିକା ମଧୁସଂଗ୍ରହ କରି ମଧୁକୋଷ ନିର୍ମାଣ କରିବାପରି। ଛାତ୍ର ସର୍ବଦା ବିଭିନ୍ନ ପାଠ୍ୟପୁସ୍ତକ ଅଧ୍ୟୟନ କରି ଜ୍ଞାନ କୋଷରେ ପରିଣତ ହେବା ଉଚିତ। ଉଚ୍ଚ ଆକାଂକ୍ଷା ବା ଉଚ୍ଚ ଅଭିଳାଷ ପୋଷଣ ଛାତ୍ରର ଆଦର୍ଶ। ଇଂରାଜୀରେ ଏକ ପ୍ରବାଦ ଅଛି – "Pitch your hope high" ।

ସମୟାନୁବର୍ତ୍ତିତା ଓ ନିୟମାନୁବର୍ତ୍ତିତା ଆଦର୍ଶ ଛାତ୍ରକୁ ଉଚ୍ଚ ସୋପାନକୁ ଉନ୍ନୀତ କରାଏ। ସମୟାନୁବର୍ତ୍ତିତା ସକଳ କାର୍ଯ୍ୟର ଆତ୍ମାସ୍ୱରୂପ। ଏତଦ୍‌ବ୍ୟତୀତ ସଂଯମ ଓ ଶୃଙ୍ଖଳା ସାଧାରଣ ଛାତ୍ରକୁ ମହନୀୟ ସ୍ତରକୁ ନେଇଯାଏ। ନିୟମିତ ପଠନ, ଭୋଜନ ଓ ଶୟନ ଆଦର୍ଶ ଛାତ୍ରର ଯଥାର୍ଥ ପରିଚାୟକ। ଛାତ୍ରର ବ୍ୟବହାର ବିଧିରେ ନମ୍ରତା, ବିନୟୀଭାବ ପରିସ୍ଫୁଟ ହେବା ଆବଶ୍ୟକ। ମଧୁର ବ୍ୟବହାରଦ୍ୱାରା ସମସ୍ତେ ପରିତୃପ୍ତ ହୁଅନ୍ତି ଏବଂ ସମସ୍ତଙ୍କ ଆଶୀର୍ବାଦ ଛାତ୍ର ଉପରେ ପ୍ରତିଫଳିତ ହୁଏ। ତେଣୁ ସଂସ୍କୃତରେ ଏକ ଆପ୍ତବାକ୍ୟ ରହିଅଛି :

"ପ୍ରିୟବାକ୍ୟ ପ୍ରଦାନେନ ସର୍ବେତୁ ଷ୍ୟନ୍ତି ଜନ୍ତବଃ
ତସ୍ମାତ୍ ତ ଦେବ ବକ୍ତବ୍ୟଂ, ନଚନେକା ଦରିଦ୍ର୍ୟତା" ।

ଛାତ୍ର ଜୀବନ ଅତି ମହତ୍ତ୍ୱପୂର୍ଣ୍ଣ। ଏହା ଆତ୍ମଗଠନର ଉପଯୁକ୍ତ ସମୟ; କିନ୍ତୁ ସମସ୍ତ ଗୁଣ ଥାଇ ଚରିତ୍ର ନଥିଲେ ସେ ଆଦର୍ଶ ଛାତ୍ରର ପଦବାଚ୍ୟ ନୁହେଁ। ବିନ୍ଦୁଏ ବିଷଦ୍ୱାରା ଯେପରି ଅମୃତଭାଣ୍ଡଟି ବିଷମୟ ହୋଇଉଠେ, ସେପରି ଚରିତ୍ରରେ ସାମାନ୍ୟ ଦାଗ ଲାଗିଲେ ଛାତ୍ରର ଆଦର୍ଶ, ମହତ୍ତ୍ୱ ଲୋପପାଏ। ସୁତରାଂ ସେ ମନେରଖିବା ଉଚିତ –

"If wealth is lost nothing is lost.
If health is lost something is lost.
If character is lost everything is lost."

ଚଳନ୍ତି କାଳର ଛାତ୍ର ଓ ପ୍ରାଚୀନ ଛାତ୍ର ମଧ୍ୟରେ ଅନୁଭୂତ ହେଉଛି ଆକାଶପାତାଳର ତଫାତ୍। ଆଜିର ଛାତ୍ର ମଧ୍ୟରେ ଭରିରହିଛି ଅଦମ୍ୟ ଅର୍ଥଲାଳସା ଓ କ୍ଷମତା। ସେମାନେ ରାଜନୀତିକ ଆଦର୍ଶଠାରୁ ଦୂରେଇଯାଇ କ୍ଷମତା ରାଜନୀତି ଆଡ଼କୁ ନିଆଁ ଦେଖି ପତଙ୍ଗ ଧାଇଁଲାପରି ଆକୃଷ୍ଟ ହେଉଛନ୍ତି। ସେମାନଙ୍କ ନୈତିକତାର ଘୋର ଅବକ୍ଷୟ ଘଟିଛି। ରାଜନୀତିର ପଙ୍କିଳ ପୁଷ୍କରିଣୀରେ ସେମାନେ ବୁଡ଼ଦେଇ ହୋଇଛନ୍ତି କଳଙ୍କିତ।

ଆଜିର ଛାତ୍ର ଆସନ୍ତାକାଲିର ଭବିଷ୍ୟତ କର୍ଣ୍ଣଧାର। ଏହି ଧାରଣା ସେ ନିଜ ଭିତରେ ପ୍ରାପ୍ତକଲେ ହେବ ବିଶ୍ୱବିଜୟୀ। ତେଣୁ ଛାତ୍ରଜୀବନ ପରି ମହାର୍ଘ ଜୀବନକୁ ଉଚ୍ଚତର କରିବା ହେଉଛି ସାଧନାପୂତ ଜୀବନର ପବିତ୍ର ତପସ୍ୟା। ଏହି ତପସ୍ୟାର ସିଦ୍ଧି ହିଁ ଗୋଟିଏ ସୁନ୍ଦର ବିଶ୍ୱ ନିର୍ମାଣ କରିବ। ବିଶ୍ୱାମିତ୍ରଟିଏ ହୋଇ ସେ ବିଶ୍ୱ ମିତ୍ରରେ ପରିଣତ ହେବ।

**(ଖ)** କେଉଁ ଅନାଦିକାଳରୁ ସାଧାରଣ ମଣିଷର କ୍ରୀଡ଼ାକସରତ ପ୍ରତି ଅହେତୁକ ଦୁର୍ବଳତା ରହି ଆସିଛି । ତେଣୁ ତା'ର ଏହି ଖିଆଲିପଣକୁ ବଞ୍ଚାଇ ରଖିବା ପାଇଁ ଅଲମ୍ପିକଠାରୁ ଆରମ୍ଭ କରି ବିଶ୍ୱକପ୍ କ୍ରିକେଟ ଖେଳ ପର୍ଯ୍ୟନ୍ତ ନାନାବିଧ ପ୍ରତିଯୋଗିତା ଦେଶବିଦେଶରେ ତଥା ପୃଥିବୀର କୋଣ ଅନୁକୋଣରେ ଅନୁଷ୍ଠିତ ହେବାରେ ଲାଗିଛି । ଏଇ ପରିପ୍ରେକ୍ଷୀରେ କ୍ରିକେଟ ଖେଳର ଚାହିଦା ଖୁବ୍ ଅଧିକ । ସେହି ଖେଳର ଖେଳାଳିମାନଙ୍କ ପ୍ରତି ମୋ ପରି ଅନେକଙ୍କର ଅହେତୁକ ଆକର୍ଷଣ ତଥା ଦୁର୍ବଳତା ରହିଛି । ବିଗତ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ଏହି ଖେଳଟି ସମଗ୍ର ବିଶ୍ୱରେ ସମସ୍ତଙ୍କର ପ୍ରିୟଭାଜନ ହୋଇ ଉଠିଛି । ବିଶେଷତଃ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ମୋ ପରି ସବୁ କ୍ରୀଡ଼ାପ୍ରେମୀଙ୍କର ଆକର୍ଷଣୀୟ ହୋଇପାରିଛି । ବିଶ୍ୱର ବିଭିନ୍ନ ଦେଶରେ ଖ୍ୟାତିସଂପନ୍ନ ଖେଳାଳି ରହିଥିଲେହେଁ ଆମ ଭାରତର ବହୁ ବିଖ୍ୟାତ କ୍ରିକେଟ ଖେଳାଳି ମୋ ପରି ଅନେକ କ୍ରୀଡ଼ାପ୍ରେମୀଙ୍କର ଆକର୍ଷକ ତଥା ପ୍ରିୟଭାଜନ ହୋଇ ରହିପାରିଛନ୍ତି । ସୁନୀଲଗାଭାସ୍କରଙ୍କ ଠାରୁ ଆରମ୍ଭ କରି ବିରାଟ କୋହଲି ପର୍ଯ୍ୟନ୍ତ ବହୁ ଭାରତୀୟ କ୍ରିକେଟ ଖେଳାଳି ମୋର ଶ୍ରଦ୍ଧାଭାଜନ ହୋଇଥିଲେ ହେଁ ବିଖ୍ୟାତ କ୍ରିକେଟ ଖେଳାଳି ମାଷ୍ଟର ବ୍ଲାଷ୍ଟର ସଚ୍ଚିନ୍ ତେନ୍ଦୁଲକର ମୋର ସବୁଠାରୁ ପ୍ରିୟ ଖେଳାଳି ଅଟନ୍ତି ।

ମୋର ପ୍ରିୟ ଖେଳାଳିଙ୍କ ପୂରା ନାମ ସଚ୍ଚିନ ତେନ୍ଦୁଲକର । ଡାକନାମ ଟେଣ୍ଡାଲ୍ୟା, ଲିଟିଲ ମାଷ୍ଟର । ୧୯୭୩ ମସିହା ଏପ୍ରିଲ ୨୪ ତାରିଖରେ ସେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିଲେ । ବାପା ରମେଶ ତେନ୍ଦୁଲକର ଜଣେ ମରାଠୀ ଔପନ୍ୟାସିକ । ମାଆ ରଜନୀ ତେନ୍ଦୁଲକର ଜଣେ ବୀମା କମ୍ପାନୀର କର୍ମଚାରୀ । ବାପା ନିଜର ପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ସଚ୍ଚିନ ଦେବବର୍ମନଙ୍କ ନାମାନୁସାରେ ସାନ ପୁଅଟିର ନାମ ସଚ୍ଚିନ ରଖିଥିଲେ । ବଡ଼ଭାଇ ଅଜିତ ଓ କୋଚ୍ ରମାକାନ୍ତ ଆଚରେକଙ୍କର ପ୍ରେରଣା ହିଁ ତାଙ୍କୁ ଏତେ ବଡ଼ କ୍ରିକେଟ ଖେଳାଳି ହେବାରେ ସହାୟତା କରିଛି । ମୁମ୍ବାଇ ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିରରେ ଶିକ୍ଷା ଆରମ୍ଭ କରିଥିବା ଏଇ ଯୋଗଜନ୍ମା ଖେଳାଳି ଜଣକ ବିଦ୍ୟାଳୟ ଜୀବନରୁ ହିଁ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ । ୧୯୮୮ ମସିହାରେ ଏକ ଆନ୍ତଃବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତାରେ ସେ ନିଜର ସାଥୀ ବିନୋଦ କାମ୍ବଲିଙ୍କ ସହିତ ମିଶି ୬୬୪ ରନ୍‌ର ବିଶାଳ ରନ୍ ସ୍କୋର କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଆଉ ସେହିଦିନଠାରୁ ତାଙ୍କ ଖେଳାଳି ଜୀବନର ବିଜୟ ଯାତ୍ରା ଗତି କରି ଚାଲିଥିଲା ।

୧୯୮୯ ମସିହା ନଭେମ୍ବର ମାସର ୧୫ ତାରିଖରେ ସଚ୍ଚିନ୍ ମାତ୍ର ୧୬ବର୍ଷ ବୟସରେ ପାକିସ୍ତାନ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳି କ୍ରିକେଟ୍ ଜୀବନ ଆରମ୍ଭ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ୧୫ ରନ୍ କରି ସେ ପାକିସ୍ତାନର ଆକ୍ରମକ ପେସ୍ ବୋଲର୍ ୱାକର ୟୁନିସ୍‌ଙ୍କ ବଲରେ ଆଉଟ୍ ହେଲେ । ମାତ୍ର ପାକିସ୍ତାନ ସିରିଜରେ ମୋଟ ୨୧୫ ରନ୍ ସଂଗ୍ରହ କରିଥିଲେ । ୧୯୯୦ ମସିହାର ଇଂଲଣ୍ଡ ଗସ୍ତ ସଚ୍ଚିନଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା । ଇଂଲଣ୍ଡର ପେସ୍ ବୋଲରଙ୍କୁ ସଫଳ ସାମନା କରି ୧୧୯ ରନ୍‌ର ଅପରାଜିତ ଇଂନିସ୍ ଖେଳି ଜୀବନର ପ୍ରଥମ ଶତକ ହାସଲ କରିଥିଲେ । ଏହାପରଠାରୁ ତାଙ୍କର ବିଜୟ ବୈଜୟନ୍ତୀ ସଗର୍ବେ ଉଡ଼ିବାରେ ଲାଗିଲା । ବିଶ୍ୱର ସର୍ବାଧିକ ଟେଷ୍ଟଶତକ ହାସଲକାରୀ ବ୍ରାଡ୍‌ମ୍ୟାନ୍‌ଙ୍କର ରେକର୍ଡ ଭାଙ୍ଗି ସେ କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱର ଜଣେ ଚର୍ଚ୍ଚିତ ଖେଳାଳି ପାଲଟିଗଲେ ।

ବିଶ୍ୱର ଏମିତି କୌଣସି ସ୍ପିନର୍ ନାହାନ୍ତି, ଯେଉଁମାନଙ୍କ ବିରୋଧରେ ସଚ୍ଚିନ୍ ବୃହତ୍ ସ୍କୋର କରି ନାହାନ୍ତି । ଅଷ୍ଟ୍ରେଲିଆର ସେନ୍‌ୱର୍ଣ୍ଣ, ଶ୍ରୀଲଙ୍କାର ମୁଥିଆ ମୂରଲୀଧରନ, ପାକିସ୍ତାନର ସାକଲେନ୍ ମୁସ୍ତାକ ଓ ଇଂଲଣ୍ଡର ଗ୍ରାମ୍ ସ୍ୱାନ୍– ସମସ୍ତେ ସଚ୍ଚିନଙ୍କ ଶିକାର ହୋଇଛନ୍ତି । ଟେଷ୍ଟ ମ୍ୟାଚ୍‌ରେ ୧୪୬୯୨ ଓ ଦିନିକିଆରେ ୧୭୪୯୮ ରନ୍ କରି ସେ ବିଶ୍ୱ କ୍ରିକେଟରେ ରେକର୍ଡ ସ୍ଥାପନ କରିଛନ୍ତି । ପ୍ରଥମ ବ୍ୟାଟ୍ସମ୍ୟାନ୍ ଭାବେ ଟେଷ୍ଟରେ ମୋଟ ୫୦ଟି ଶତକ ଓ ଦିନିକିଆରେ ୪୬ଟି ଶତକ ହାସଲ କରିଛନ୍ତି । ଉଭୟ ଟେଷ୍ଟ ଓ ଦିନିକିଆ ମ୍ୟାଚ୍‌କୁ ମିଶାଇ ୩୦ ହଜାର ରନ୍ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ କ୍ରିକେଟ ଖେଳାଳି । ଲଣ୍ଡନର ମ୍ୟାଡାମ୍ ତୁସାଦ୍‌ଙ୍କ ମହମ ପ୍ରତିମୂର୍ତ୍ତି ସଂଗ୍ରହାଳୟରେ ସ୍ଥାନ ପାଇବାରେ ସଚ୍ଚିନ ପ୍ରଥମ ଭାରତୀୟ ଖେଳାଳି । ୨୦୧୩ ମସିହା ନଭେମ୍ବର ମାସ ୧୬ ତାରିଖରେ ମୁମ୍ବାଇ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଭାରତ ସହିତ ୱେଷ୍ଟଇଣ୍ଡିଜର କ୍ରିକେଟ ପ୍ରତିଯୋଗିତା ଚାଲିଥାଏ । ସଚ୍ଚିନ ନିଜ ଜୀବନର ୨୦୦ତମ ଟେଷ୍ଟ ଖେଳି ଖେଳାଳି ଜୀବନର ଦୀର୍ଘ ୨୪ ବର୍ଷର କାର୍ଯ୍ୟରେ ପୂର୍ଣ୍ଣଚ୍ଛେଦ ପକାଇଦେଲେ । ଅର୍ଥାତ୍ ନିଜ ଖେଳାଳି ଜୀବନରୁ ଅବସର ନେବା କଥା ଘୋଷଣା କରି ସମସ୍ତଙ୍କୁ ଚକିତ କରାଇଦେଲେ । ମୋର ଏହି ପ୍ରିୟ ଖେଳାଳିଙ୍କୁ ରାଜ୍ୟସଭାର ସଦସ୍ୟ ଭାବରେ ମନୋନୀତ କରାଯାଇଛି । ଏପରିକି ୨୦୧୩ ମସିହାରେ ଭାରତର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନ 'ଭାରତରତ୍ନ' ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା।

କ୍ରିକେଟ ଖେଳରୁ ସେ ଅବସର ନେଲେ ମଧ୍ୟ କ୍ରିକେଟ ତାଙ୍କୁ ଅବସର ଦେଇ ନାହିଁ । କ୍ରିକେଟ ପିଚ୍‌କୁ ମନ୍ଦିର ବୋଲି ମନେ କରୁଥିବା ଏହି ମହାନ୍ ଖେଳାଳି ସର୍ବଦା କ୍ରିକେଟ ପ୍ରତି ଆପଣାର ଆନୁଗତ୍ୟ ପ୍ରଦର୍ଶନ କରିଥାନ୍ତି । ଶାରୀରିକ ଭାବେ ଜାତୀୟଦଳରୁ ସେ ଅବସର ନେଇଥିଲେ ହେଁ ତାଙ୍କର ହୃଦୟ ସର୍ବଦା ଦଳ ସହ ରହିଛି ଓ ଦେଶପାଇଁ ଖେଳୁଛି । ନିଜ ଦେଶର କ୍ରିକେଟଦଳ ସର୍ବଦା ସଫଳ ହେଉ; ଏହା ତାଙ୍କ ଅନ୍ତରର ଗଭୀରତ ପ୍ରଦେଶରୁ ବାହାରି ଆସିଥାଏ । ନିଜର ଦେଶ, ତଥା ଭାଇ ଓ ମାଆ ବାପାଙ୍କୁ ସର୍ବଦା ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିବା ଏଇ ବିଖ୍ୟାତ ଖେଳାଳି ଜଣକ କେବଳ ମୋର କାହିଁକି ସମସ୍ତ କ୍ରିକେଟପ୍ରେମୀଙ୍କର ସେ ପ୍ରିୟ ଖେଳାଳି ହୋଇ ରହିଛନ୍ତି ଓ ରହିଥିବେ ମଧ୍ୟ ।

**(ଗ)** ଧରାଧାମରେ ବଞ୍ଚିରହିବା ନିମନ୍ତେ ଖାଦ୍ୟ ହିଁ ପ୍ରତ୍ୟେକ ପ୍ରାଣୀର ମୁଖ୍ୟ ଉପାଦାନ, ଯାହା କୃଷି ମାଧ୍ୟମରେ କୃଷକ ସାହାଯ୍ୟରେ ଉତ୍ପାଦିତ ହୋଇଥାଏ। ଗ୍ରୀଷ୍ମର ପ୍ରଖର ରୌଦ୍ରତାପରେ ବର୍ଷାର ଅବିରାମ ବାରିଧାରାରେ ତଥା ଶୀତର ପ୍ରଚଣ୍ଡ ଶୈତ୍ୟପୀଡ଼ାରେ ପୀଡ଼ିତ ହୋଇ ମଧ୍ୟ ଯେଉଁ ମାନବାତ୍ମା ବିଶ୍ୱର ଜୀବଜଗତକୁ ଖାଦ୍ୟ ଯୋଗାଏ ସେହି ପରମ ତ୍ୟାଗୀ, ଉତ୍ସର୍ଗୀକୃତ ବ୍ୟକ୍ତି ହିଁ କୃଷକ। ଜାତିର ମେରୁଦଣ୍ଡ, ଦେଶର ଭିତ୍ତିଭୂମି ଆଉ ପ୍ରାଣିଜଗତର ଏହି ଖାଦ୍ୟଦାତା କୃଷକ ରୂପେ ସର୍ବତ୍ର ପରିଚିତ।

ପ୍ରାକୃତିକ ପରିସ୍ଥିତି ତଥା ପରିବେଶ ଦୃଷ୍ଟିରୁ ଓଡ଼ିଶା ଏକ କୃଷି-ପ୍ରଧାନ ରାଜ୍ୟ। ସ୍ଥୂଳତଃ ଏହି ରାଜ୍ୟର ପ୍ରାୟ ଶତକଡ଼ା ଅଶିଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବନ ନିର୍ବାହ କରିଥାନ୍ତି। ତେବେ ସାମଗ୍ରିକ ଭାବେ ଓଡ଼ିଶାର ପ୍ରାକୃତିକ ଅବସ୍ଥିତି ଉପରେ ଦୃଷ୍ଟିପାତ କଲେ ଅନୁଭବ ହୁଏ ଯେ ଏହାର ପୂର୍ବ ଉପକୂଳ ଅଞ୍ଚଳ ବହମାନ ନଦୀଗୁଡ଼ିକର ପଟୁମାଟିଦ୍ୱାରା ଉର୍ବର ଏବଂ କେନାଲ ମାଧ୍ୟମରେ ଜଳସେଚିତ ହୋଇ ବିଭିନ୍ନ ଫସଲ ଉତ୍ପାଦନର ପ୍ରକୃଷ୍ଟ କ୍ଷେତ୍ରରୂପେ ପରିଗଣିତ। ଉତ୍ତର, ପଶ୍ଚିମ ତଥା ଦକ୍ଷିଣାଂଶ ଅନୁର୍ବର ଏବଂ ସେହି ଅଞ୍ଚଳରେ ଜଳସେଚନ ସୁବିଧା ଉପଲବ୍ଧ ନୁହେଁ। ଏଣୁ ଏହିଠାରେ ବାସ କରୁଥିବା ଗିରିଜନ ଓ ଆଦିମ ଅଧିବାସୀଗଣ ଉନ୍ନତ ଧରଣର କୃଷି କାର୍ଯ୍ୟ କରିପାରନ୍ତି ନାହିଁ। ତେବେ ଓଡ଼ିଶାର କୃଷିଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ଧାନ, ମୁଗ, ବାଜରା, ମକା, ବିରି, କୋଳଥ ଆଦି ପ୍ରଧାନ ଯେଉଁଗୁଡ଼ିକୁ କୃଷକ କ୍ଷେତରେ ଉତ୍ପାଦନ କରିଥାଏ।

ଓଡ଼ିଶାର କୃଷି ଓ କୃଷକ ସମ୍ବନ୍ଧୀୟ ସନ୍ଦର୍ଭ ପାଠ କଲାବେଳେ ସ୍ୱତଃ ହଳେ ବଳଦ ଓ ଗୋଟିଏ ଲଙ୍ଗଳ ସହ କୃଷିକ୍ଷେତ୍ରରେ କାର୍ଯ୍ୟରତ ଜଣେ ଦୁଃସ୍ଥ ମନୁଷ୍ୟର ପ୍ରତିଛବି ସ୍ମୃତିକୁ ଆସିଥାଏ- ସେହି ମନୁଷ୍ୟ ହିଁ କୃଷକ, ଯାହାକୁ ଦେଶର ଗଠକ, ଜାତିର ନିର୍ମାତା କହି ସୁସ୍ଥ ମନୁଷ୍ୟମାନେ ସମ୍ବୋଧନ କରିଥାନ୍ତି। ଯେଉଁ ଦୁର୍ବଳ ମନୁଷ୍ୟ ଜଣକ ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ, ଶ୍ରାବଣୀର ବର୍ଷନ୍ତ ଜଳଧାରା ମଧ୍ୟରେ ନିଜ ଜୀବନକୁ ବିପନ୍ନ କରି କୃଷିକ୍ଷେତ୍ରରେ ବ୍ୟସ୍ତ ରହେ, ଯାହାର ଉତ୍ପାଦିତ ଶସ୍ୟ ବିଶ୍ୱମାନବର କ୍ଷୁଧା ଦୂରୀକରଣର ଏକମାତ୍ର ପାଥେୟ, ସେହି କୃଷକ ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ଅବହେଳିତ – ନିଃସହାୟ- ନିରନ୍ନ ଆଉ ଦୁଃଖ, କ୍ଳେଶ, ଦାରିଦ୍ର୍ୟ ଜର୍ଜରିତ। ଏହା ହିଁ ତା'ର ଭାଗ୍ୟର ବିଡ଼ମ୍ବନା।

ଆନନ୍ଦର କଥା, କୃଷି ଓ କୃଷକ ପ୍ରତି ଜାତୀୟ ସରକାରଙ୍କର ଦୃଷ୍ଟିକୋଣ ସୃଜନଶୀଳ ତଥା ଗଠନମୂଳକ ହେବାରେ ଲାଗିଛି। ଆଜି ଆଉ ପୂର୍ବପରି ସାହୁକାର ବା ଜମିଦାରମାନଙ୍କର ଅତ୍ୟାଚାରରେ କୃଷକ ବ୍ୟଥିତ ନୁହେଁ। ସରକାର ବିହନ ଯୋଗାଣ, ବଳଦ କ୍ରୟ ଓ ସାର ଯୋଗାଣ କ୍ଷେତ୍ରରେ କୃଷକ ପ୍ରତି ସମ୍ବେଦନଶୀଳ ହୋଇଛନ୍ତି। ରିହାତି ଦରରେ ତଥା ସ୍ୱଳ୍ପ ସୁଧରେ କୃଷି ଉପକରଣ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଆବଶ୍ୟକ କ୍ଷେତ୍ରରେ ସୁଧ ଛାଡ଼ କରିଦିଆଯାଉଛି, କିମ୍ବା ବ୍ୟାଙ୍କ ମାଧ୍ୟମରେ ଋଣ ମଞ୍ଜୁର କରାଯାଇ କୃଷକର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରାଯିବାର ଉଦ୍ୟମ କରାଯାଉଛି। ଚକବନ୍ଦୀ ନିୟମର ପ୍ରୟୋଗ ଓ ଜଳସେଚନର ବିପୁଳ ପ୍ରସାର ଘଟାଇ ସରକାର ଅଧିକ ଶସ୍ୟ ଅମଳର ପ୍ରୋତ୍ସାହନ କୃଷକ ପାଇଁ ସୃଷ୍ଟି କରୁଛନ୍ତି। କୃଷକର ପାରିବାରିକ ସମୃଦ୍ଧି ଘଟାଇବା ଲକ୍ଷ୍ୟରେ କୃଷି 'ବୀମା ଯୋଜନା' କାର୍ଯ୍ୟକାରୀ କରାଯାଉଛି। ଦୂରଦର୍ଶନ, ରେଡ଼ିଓ ଓ ଚଳଚ୍ଚିତ୍ର ମାଧ୍ୟମରେ ଉନ୍ନତ ବିହନ, ଆଧୁନିକ କୃଷି ଉପକରଣ ସହ କୃଷିପ୍ରଣାଳୀ ତଥା ଉତ୍ପାଦନ ବୃଦ୍ଧିର ବିଭିନ୍ନ ବିଜ୍ଞାନସମ୍ମତ ଉପାୟ ଅନୁସରଣର ଦୃଶ୍ୟ ତଥା ପରାମର୍ଶ ପ୍ରଦର୍ଶନ କରାଯାଉଛି।

ଜଣେ ଶିକ୍ଷକର ଆଦର୍ଶ ନେଇ କୃଷକ ତା'ର ଜୀବନ ନିର୍ବାହ କରେ। ଅବଶ୍ୟ ଶ୍ରେଣୀ କୋଠରିରେ କେତେକ ଛାତ୍ର-ଛାତ୍ରୀଙ୍କୁ ଶିକ୍ଷା ଦେବାରେ ତା'ର କାର୍ଯ୍ୟ ସୀମିତ ନୁହେଁ। ପରନ୍ତୁ ସେ ଶିକ୍ଷା ଦିଏ ବିଶ୍ୱମାନବକୁ। ଏହି ଶିକ୍ଷା ପୁସ୍ତକସ୍ଥ ବିଦ୍ୟାର ନୁହେଁ, ଏହା ଚେତନାର ଶିକ୍ଷା-ଆତ୍ମାର ଶିକ୍ଷା- କର୍ମପ୍ରବଣତାର ଆଉ ଆଶାବାଦର ଶିକ୍ଷା। କର୍ମନିର୍ବାହ କ୍ଷେତ୍ରରେ ଫଳ ଲାଭକୁ ଆଶା ନ ରଖି, ଦୁଃଖ-କ୍ଳେଶ-ଯନ୍ତ୍ରଣାକୁ ଭ୍ରୂକ୍ଷେପ ନ କରି କେବଳ ନିଜପାଇଁ ନୁହେଁ, ବିଶ୍ୱ ଜୀବନର ଅଭିବୃଦ୍ଧି ପାଇଁ ତ୍ୟାଗ ଆଉ ବଳିଦାନର ଶିକ୍ଷା। କୁହନ୍ତୁ, ଏଭଳି ଶିକ୍ଷକର ପ୍ରତିଦାନ ଅଛି କି? ବହୁ ଅସୁବିଧାକୁ ସେ ପାଥେୟ କରି ତା'ର କୁଟୁମ୍ବ ପ୍ରତିପୋଷଣ କରୁଥିବା ଚିତ୍ର ସ୍ମୃତିକୁ ଆସିଥାଏ। କୃଷକର ସନ୍ତାନମାନେ ଆର୍ଥିକ ଅନଟନରୁ ସୁଷମ ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ। ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବା ଏବଂ ଶିକ୍ଷାଲାଭ କରିବାରେ ଅର୍ଥାଭାବ ହିଁ କୃଷକ ପାଇଁ ଘୋର ଅନ୍ତରାୟ ସୃଷ୍ଟି କରେ। ଶିକ୍ଷାଭାବରୁ କୃଷକର ଅବସ୍ଥାର ଉନ୍ନତି ହୋଇପାରେ ନାହିଁ କିମ୍ବା ସେ ତା'ର ଅସୁବିଧାର ପ୍ରତିକାର ପାଇଁ ସରକାରଙ୍କର ତଥା ଶିକ୍ଷିତ ସମାଜର ଦୃଷ୍ଟି ଆକର୍ଷଣ କରିପାରେ ନାହିଁ। ଶାରୀରିକ ତଥା ମାନସିକ ଅସନ୍ତୁଳନ ତା'ର ସମୃଦ୍ଧିର ମାନଦଣ୍ଡକୁ ଦୋଦୁଲ୍ୟମାନ କରିଦିଏ।

କୃଷି ହିଁ ଆମର ଜାତୀୟ ସମ୍ପଦ ଆଉ କୃଷକ ହିଁ ଆମ ଜାତୀୟ ସମୃଦ୍ଧି-ନୌକାର କାଣ୍ଡାରି। ସ୍ଥୂଳତଃ କୃଷକର ପାରିବାରିକ, ଆର୍ଥିକ ଓ ନୈତିକ ଜୀବନର ସମୃଦ୍ଧି ସାଧନ ନିମନ୍ତେ ପ୍ରତ୍ୟେକଙ୍କର ତଥା ଜାତୀୟ ସରକାରଙ୍କର ଅକୁଣ୍ଠ ସାହାଯ୍ୟର କ୍ଷେତ୍ର ଉନ୍ମୁକ୍ତ ହେବା ବାଞ୍ଛନୀୟ। 'ଜୟ କିଷାନ୍' ଧ୍ୱନି କେବଳ ଆହ୍ୱାନର ପାଥେୟ ନ ହୋଇ ଅବଦାନର ଅବଲମ୍ବନ ହେଉ- ଏହା ହିଁ ନୂତନ ଶତାବ୍ଦୀର ଅଭୀପ୍ସା।

**୧୪। (କ)**

ପୁରୀ,
ତା: ୦୫.୦୨.୨୦୨୦

ପୂଜ୍ୟା ବୋଉ,

ମୋର ପ୍ରଣାମ ନେବୁ। ବାପାଙ୍କୁ ପ୍ରଣାମ। ଘରେ ଅନ୍ୟ ଗୁରୁଜନମାନଙ୍କୁ ପ୍ରଣାମ ଜଣାଇ ଦେବୁ। ଆଶା ଭଲରେ ଥିବୁ। ମୋର ଭବିଷ୍ୟତର ଲକ୍ଷ୍ୟ ବିଷୟରେ ଏ ଚିଠିରେ ତୋ' ପାଖକୁ ଲେଖୁଛି।

ବୋଉଲୋ, ଆଜି ଦେଖୁଛି ଯିଏ ଭଲ ପାଠ ପଢ଼ିଲା, ସିଏ ଡାକ୍ତର, ଇଞ୍ଜିନିୟର୍ ହେବାକୁ ଚାହୁଁଛି ହେଲେ ତା' ପାଠର କି ମୂଲ୍ୟ ରହିଲା ? ତେଣୁ ମୁଁ ଭଲ ପାଠ ପଢ଼ି ଜଣେ ଭଲ ଅଧ୍ୟାପକ ହେବାକୁ ଲକ୍ଷ୍ୟ ରଖିଛି। ସେଥିପାଇଁ ମତେ ଏବେ ଠାରୁ ପରିଶ୍ରମ କରି ନିଜର କ୍ୟାରିଅର୍‌କୁ ଗଢ଼ିବାକୁ ହେବ। ଏମ୍.ଏ. ପରୀକ୍ଷାରେ ପାସ୍ କଲାପରେ ମୁଁ ଉଚ୍ଚତର ଗବେଷଣାପାଇଁ ପରୀକ୍ଷା ଦେବି। ସେଥିରେ ଉତ୍ତୀର୍ଣ୍ଣ ହୋଇ ଅଧ୍ୟାପନା କାର୍ଯ୍ୟ କରିବି। ଭଲ ଅଧ୍ୟାପକଟିଏ ହୋଇ କିଛି ସୁନାଗରିକ ଗଠନ କରିବି। ତୁ ତ ଜାଣୁ, ବାପା ଶିକ୍ଷକ ହୋଇଥିବାରୁ ତାଙ୍କୁ କେତେ ସମ୍ମାନ ମିଳୁଛି। ମୁଁ କଲେଜରେ ଶିକ୍ଷାଦାନ କରିବି। ତା' ସହିତ ଭଲ ଲେଖକଟିଏ ହେବି। ମୋ ଲେଖାରେ ସାମାଜିକ ସ୍ତରରେ ହେଉଥିବା ସମସ୍ତ ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ଜନ ସମାଜକୁ ଚେତାବନୀ ଦେବି। ଭଲ ମଣିଷ ହୋଇ ଭଲ ମଣିଷ ଗଢ଼ିବାରେ ମୋର ସବୁ ସମୟକୁ ବିନିଯୋଗ କରିବି। କାରଣ ବର୍ତ୍ତମାନର ସମାଜରେ ଭଲ ମଣିଷର ଘୋର ଅଭାବ ଦେଖା ଦେଇଛି। ତେଣୁ ଏ ସମାଜପାଇଁ ସେବା କରିବାର ଅଭିପ୍ରାୟ ନେଇ ମୁଁ ଏପରି ଏକ ଲକ୍ଷ୍ୟ ସ୍ଥିର କରିସାରିଛି। ବୋଉଲୋ ! ଏସବୁ ପଛରେ ତୋ'ର ଆଉ ବାପାଙ୍କର ଆଶୀର୍ବାଦ ଲୋଡ଼ା। ସେହି ବଳରେ ବଳବାନ୍ ହୋଇ ମୁଁ ଭବିଷ୍ୟତର କର୍ମ ଯୋଜନାରେ ଜୟୀ ହେବି। ଘରକଥା ଲେଖି ଚିଠିଟିଏ ଦେବୁ।

ତୋର ସ୍ନେହର
**ଧୃତିତପା**

| ଠିକଣା | ଟିକେଟ |
|---|---|
| ପ୍ରେରକ | ଗ୍ରାହକ |
| ଧୃତିତପା ମିଶ୍ର | ଶକୁନ୍ତଳା ମିଶ୍ର |
| ମିଶ୍ର ସାହି | ସା/ପୋ-ଓଟରକେରା |
| ଜି-ପୁରୀ | ଜି- ପୁରୀ |
| ପିନ୍- | ପିନ୍- |

**କିମ୍ବା,**

ମାନନୀୟ ଶ୍ରୀଯୁକ୍ତ ଯୋଗାଣ ବିଭାଗ ନିରୀକ୍ଷକ, ଭୁବନେଶ୍ୱର,
ମହୋଦୟେଷୁ ।

ବିଷୟ : ଏକ ପଡ଼ିକାର୍ଡ଼ ଯୋଗାଣ ନିମିତ୍ତ।

ମହାଶୟ,

ନିବେଦ୍ୟାଭିପ୍ରାୟ ଏହି କି ଯେ ମୁଁ ଲଳିତ କୁମାର ସାହୁ ଗତ ୧୦ ବର୍ଷ ଧରି ଭୁବନେଶ୍ୱର ଶାନ୍ତିପଲ୍ଲୀରେ ବାସକରିଆସୁଛି। ମୋର ପରିବାରରେ ସର୍ବମୋଟ ୧୦ଜଣ ସଦସ୍ୟ ରହୁଛନ୍ତି; ମାତ୍ର ଦୁଃଖର ବିଷୟ ମୋ ପରିବାର ପାଇଁ ଏ ପର୍ଯ୍ୟନ୍ତ ପଡ଼ିକାର୍ଡଟିଏ ମିଳିଲା ନାହିଁ। ବାରମ୍ବାର ଦରଖାସ୍ତ ଦେଲେ ମଧ୍ୟ ମତେ ଏଥିରୁ ବଞ୍ଚିତ କରାଯାଇଛି। ପଡ଼ିକାର୍ଡଟିଏ ନ ଥିବାରୁ କଣ୍ଟ୍ରୋଲ୍ ସାମଗ୍ରୀ ପାଇବା ମୋ ପକ୍ଷରେ ସ୍ୱପ୍ନ ହୋଇଯାଉଛି। ଏପରିକି ନିତ୍ୟବ୍ୟବହାର୍ଯ୍ୟ କିରୋସିନି ଟିକିଏ ମିଳିବା ସମ୍ଭବ ହେଉ ନାହିଁ।

ଏଣୁ ବିନୀତ ଅନୁରୋଧ କରେ କି ଆପଣ କୃପା ପରବଶ ହୋଇ ମୋ ପରିବାର ପାଇଁ ଏକ ପଡ଼ିକାର୍ଡ ଯୋଗାଣର ବିହିତ ବ୍ୟବସ୍ଥା କରିଲେ ମୁଁ ଉପକୃତ ହେବି।

ଆପଣଙ୍କର ବିଶ୍ୱସ୍ତ
ଲଳିତ କୁମାର ସାହୁ

ଶାନ୍ତିପଲ୍ଲୀ,
ତା-୦୫.୦୨.୨୦୨୦
ଶାନ୍ତିପଲ୍ଲୀ, ଶହୀଦନଗର

ପ୍ରାପ୍ତେଷୁ
ଶ୍ରୀଯୁକ୍ତ ଯୋଗାଣ ବିଭାଗ ନିରୀକ୍ଷକ, ଭୁବନେଶ୍ୱର

**୧୫। (କ)** ସତ୍ୟ, ଶାନ୍ତି, ଧର୍ମ, ପ୍ରେମ ଓ ଅହିଂସା- ଏହି ମାନବୀୟ ମୂଲ୍ୟବୋଧ ଗୁଡ଼ିକର କୌଣସି ସ୍ଥୂଳରୂପ ନଥିବାରୁ ଏଗୁଡ଼ିକୁ ଅରୂପ ତତ୍ତ୍ୱ ବୋଲି କୁହାଯାଇଛି। **(ଖ)** ଆମେ ଯାହା ଲେଖାପଢ଼ା କରୁଛୁ ତାହା ପ୍ରକୃତ ଶିକ୍ଷା ନୁହେଁ। ମଣିଷ ନିକଟରେ ଥିବା ଅନ୍ତର୍ନିହିତ ମୂଲ୍ୟବୋଧଗୁଡ଼ିକୁ ପ୍ରକଟ କରାଇବା ହେଉଛି ପ୍ରକୃତ ଶିକ୍ଷା। ଆତ୍ମାନୁସନ୍ଧାନ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିବ। **(ଗ)** ଆମେ କରୁଥିବା କାର୍ଯ୍ୟକୁ କର୍ମ ବୋଲି କହୁ। କର୍ମ କରିବାପାଇଁ ହିଁ ମନୁଷ୍ୟ ସଂସାରରେ ଜନ୍ମନେଇଛି। କର୍ମ ଉପରେ ତା'ର ଜୀବନ ନିର୍ଭରଶୀଳ। କର୍ମଯୋଗୁଁ ଜୀବନଯାପନ କରେ ଓ ମୃତ୍ୟୁର କାରଣ ମଧ୍ୟ ହୁଏ କର୍ମ। **(ଘ)** କର୍ମ ହେଉଛି ଆଧାର। ଯେଉଁ ମଣିଷ କର୍ମ କରେ ନାହିଁ, ତା'ର ଜୀବନ ନାହିଁ ବୋଲି ଧରିନେବାକୁ ପଡ଼ିବ। **(ଙ)** ଆଧ୍ୟାତ୍ମିକ ସାଧନା ମଧ୍ୟ କର୍ମର ଅନ୍ତର୍ଭୁକ୍ତ। ପ୍ରତ୍ୟେକ ମଣିଷ କିଛି ନା କିଛି କର୍ମ କରିବା ଉଚିତ ଯେଉଁଥିରେ ଜଗତର କଲ୍ୟାଣସାଧନ ହେଉଥିବ। ସେହିପରି କର୍ମ ମାଧ୍ୟମରେ ମଣିଷ ଭଗବତ୍ ଉପଲବ୍ଧ କରିପାରେ।

❑❑❑



ଅତି ମାତ୍ରାରେ ଗାମ୍ଭୀର୍ଯ୍ୟ ଅନେକ ସମୟରେ ଅହଂଭାବର ସୂଚନା ଦିଏ।
- ଲାଭାଟର

## ସଂକ୍ଷେପରେ

### ତରୁଣକାନ୍ତ ସାହୁ ହେଲେ ମିଷ୍ଟର ଓଡ଼ିଶା ଏସିଆ ଇଣ୍ଟରନ୍ୟାଶନାଲ



**କଟକ ଅଫିସ, ୪।୨:** ଜାନୁୟାରୀ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ଗ୍ଲୋବାଲ ମିଷ୍ଟର ଏବଂ ମିସ୍ଟ୍ରେସ୍ ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡ଼ିଏ ଅଞ୍ଚଳର ତରୁଣକାନ୍ତ ସାହୁ ମିଷ୍ଟର ଓଡ଼ିଶା ଏସିଆ ଇଣ୍ଟରନ୍ୟାଶନାଲ୍ ଟାଇଟଲ୍ ହାସଲ କରିଥିଲେ। ତେବେ ଏଥିରେ ଭାଗନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୨୦ ଜଣ ମଧ୍ୟରେ ରହି ତରୁଣକାନ୍ତ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେ ମାଆବାପା ଓ ଟ୍ରେନରଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

### 'ଆମେଜିଙ୍ଗ୍ କେବିକେ ରିଜିୟନ୍ ଆଣ୍ଡ୍ ଲର୍ଡ ରାମ୍ସ ଟ୍ରେଲ୍' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୪।୨(ବ୍ୟୁରୋ):** ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଅବସରପ୍ରାପ୍ତ ମହା-ପ୍ରବନ୍ଧକ ବିଷ୍ଣୁ ମୋହନ ପଣ୍ଡାଙ୍କ ଦ୍ୱାରା ରଚିତ 'ଆମେଜିଙ୍ଗ୍ କେବିକେ ରିଜିୟନ୍ ଆଣ୍ଡ୍ ଲର୍ଡ ରାମ୍ସ ଟ୍ରେଲ୍' ପୁସ୍ତକ ଦିଲ୍ଲୀରେ ଲୋକାର୍ପିତ ହୋଇଯାଇଛି। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ୍, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏମ୍ଏସ୍ଏମ୍ଇ, ପଶୁ ଓ ମତ୍ସ୍ୟସମ୍ପଦ ମନ୍ତ୍ରଣାଳୟର କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୁସ୍ତକକୁ ଲୋକାର୍ପିତ କରିଥିଲେ। ପୁସ୍ତକରେ ଓଡ଼ିଶାର କେବିକେ ଜିଲାର ବିଭିନ୍ନ ଦର୍ଶନୀୟ ସ୍ଥାନ, ଧାର୍ମିକ ସ୍ଥିତି, ଇତିହାସ, କଳା ଓ ସଂସ୍କୃତି, ପର୍ବପର୍ବାଣି, ସ୍ଥାପତ୍ୟ, ଜନଜାତି ସମ୍ପ୍ରଦାୟଙ୍କ ଅଞ୍ଚଳ ଯେଉଁଠି ପ୍ରଭୁ ରାମଙ୍କ ସହ ଜଡ଼ିତ ବିଭିନ୍ନ କିମ୍ବଦନ୍ତୀ ରହିଛି ସେ ବିଷୟରେ ବର୍ଣ୍ଣିତ ହୋଇଛି। ପୁସ୍ତକଟି ଆଗାମୀ ଦିନରେ ଆମାଜନ୍, ଓମ୍ବୁକ୍ସ ଏବଂ ଅର୍ଥ ସପ୍ରେସ୍‌ରେ ଉପଲବ୍ଧ ହେବ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜଗନ୍ନାଥ ଧାମରୁ ବଦ୍ରିନାଥ

- ସାଧୁଙ୍କ ଦଣ୍ଡପ୍ରଣାମ ଯାତ୍ରା ଆରମ୍ଭ
- ୩ ବର୍ଷରେ ପହଞ୍ଚିବାକୁ ରଖିଛନ୍ତି ଲକ୍ଷ୍ୟ

**ପୁରୀ ଅଫିସ, ୪।୨**

ଭଗବାନ୍‌ଙ୍କ ପ୍ରତି ବିଶ୍ୱାସ ଥିଲେ ସବୁକିଛି ସମ୍ଭବ। କିନ୍ତୁ ଏଥିପାଇଁ ଦରକାର ନିଷ୍ଠା, ଏକାଗ୍ରତା ଏବଂ ସମର୍ପଣଭାବ। ଆଉ ବିଶ୍ୱାସ ହିଁ ଅସମ୍ଭବକୁ ସମ୍ଭବରେ ପରିଣତ କରାଇବାକୁ ସାହସ ଦେଇଥାଏ। ଲକ୍ଷ୍ୟ ଦୂର ହେଉ କି ସ୍ୱପ୍ନ ପୂରଣ କରିବା ସହଜ ନ ଥାଉ, ବିଶ୍ୱାସ ହିଁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ଏମିତି ମହାପ୍ରଭୁଙ୍କ ସ୍ୱପ୍ନାଦେଶକୁ ବିଶ୍ୱାସ କରି କଠିନ ଯାତ୍ରା ଆରମ୍ଭ କରିଛନ୍ତି ଝାଡ଼ଖଣ୍ଡର ଜଣେ ସାଧୁ। ତାଙ୍କ ନାମ ବଡ଼ ଝାଡ଼ଖଣ୍ଡୀ ବାବା। ମଙ୍ଗଳବାର ସେ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରି ପୁରୀରୁ ଦଣ୍ଡପ୍ରଣାମ ଯାତ୍ରା ଆରମ୍ଭ କରିଛନ୍ତି। ଆଉ ଏମିତି ଦଣ୍ଡ ପ୍ରଣାମ କରି କରି ଯିବେ ସୁଦୂର ବଦ୍ରିନାଥ। ଜଗନ୍ନାଥ ଧାମରୁ ବଦ୍ରିନାଥ ଯାତ୍ରା, ତାହା ପୁଣି ଦଣ୍ଡ ପ୍ରଣାମ କରି କରି। ଯେ କେହି ଶୁଣିଲେ ବି ଚକିତ ହୋଇପଡ଼ିବେ। କିନ୍ତୁ ଏଭଳି ଯାତ୍ରାରେ ବାହାରିଛନ୍ତି ବଡ଼ ଝାଡଖଣ୍ଡୀ ବାବା।



ବଡ଼ ଝାଡଖଣ୍ଡୀ ବାବା ଦଣ୍ଡ ପ୍ରଣାମ କରି ଯାଉଛନ୍ତି।

ଏପରି କରିବା ପଛର କାରଣ ବି ହେଉଛି ବେଶ୍ ଚମତ୍କାର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଦଣ୍ଡ ପ୍ରଣାମରେ ବଦ୍ରିନାଥ ଯାତ୍ରା କରିବାକୁ ବଡ଼ ଝାଡଖଣ୍ଡି ବାବାଙ୍କୁ ସ୍ୱପ୍ନାଦେଶ ହୋଇଛି। ତେଣୁ ସାଥୀରେ ସାନ ଝାଡ଼ଖଣ୍ଡୀ ବାବାଙ୍କୁ ଧରି ସେ ଝାଡ଼ଖଣ୍ଡରୁ ପୁରୀରେ ପହଞ୍ଚିଥିଲେ। ମଙ୍ଗଳବାର ଶ୍ରୀମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ସିଂହଦ୍ୱାରରୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ବଡ଼ଦାଣ୍ଡରେ ସେ ଦଣ୍ଡ ପ୍ରଣାମ କରି ଆଗକୁ ବଢୁଥିବାବେଳେ ତାଙ୍କ ପଛରେ ସାନ ଝାଡ଼ଖଣ୍ଡୀ ବାବା ଚାଲି ଚାଲି ଯାଉଥାନ୍ତି। ଯେ କେହି ଦେଖୁଥାନ୍ତି, ସେମାନେ କିଛି ସମୟ ଅଟକି ଚାହୁଁଥାନ୍ତି।

ତେବେ ତାଙ୍କର ଏହି ଯାତ୍ରା ସମ୍ପର୍କରେ ବଡ଼ ଝାଡଖଣ୍ଡି ବାବା କୌଣସି ପ୍ରତିକ୍ରିୟା ଦେବାକୁ ଚାହିଁ ନ ଥିଲେ। ସାନ ଝାଡ଼ଖଣ୍ଡୀ ବାବା କହିଥିଲେ, ପ୍ରତିଦିନ ଏମିତି ୫ କି.ମି. ଯିବା ଲାଗି ସେ ଲକ୍ଷ୍ୟ ରଖିଛନ୍ତି। ରାତିରେ ବିଭିନ୍ନ ଧର୍ମାନୁଷ୍ଠାନରେ ରହିବେ। କିନ୍ତୁ ୩ବର୍ଷ ମଧ୍ୟରେ ବଦ୍ରିନାଥ ମଧ୍ୟରେ ପହଞ୍ଚିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏହି ଯାତ୍ରା ସମୟରେ ସେମାନେ କୌଣସି ଗାଡ଼ି ବ୍ୟବହାର କରିବେ ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ। ସେ ଚାହିଁଲେ ସବୁକିଛି ସମ୍ଭବ। ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ନିଶ୍ଚିତ ସଫଳ ହେବ ବୋଲି ସାନ ଝାଡ଼ଖଣ୍ଡୀ ବାବା ଆଶା ରଖିଛନ୍ତି।




## ଜଗତର ମଙ୍ଗଳ ପାଇଁ ଚାଲିଛି ହୋମଯଜ୍ଞ

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ସାଧୁସନ୍ଥମାନେ ଆସି ପହଞ୍ଚିଛନ୍ତି ଖଣ୍ଡଗିରି ମାଘ ମେଳାରେ। ଜଗତର ମଙ୍ଗଳ ପାଇଁ ଏହି ସନ୍ଥମାନେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାରେ ତପସ୍ୟା କରୁଥିବାବେଳେ ସେମାନଙ୍କ ଦର୍ଶନ କରି ପୁଣ୍ୟ ଅର୍ଜନ କରିବାକୁ ଭିଡ଼ ଜମାଉଛନ୍ତି ସାଧାରଣ ଲୋକେ। ମଙ୍ଗଳବାର ମେଳାର ୪ର୍ଥ ଦିନରେ ହୋମଯଜ୍ଞ ସହ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପୂର୍ବପୁରୁଷରୁ ଚାଲି ଆସୁଥିବା ପ୍ରଥାକୁ ବଜାୟ ରଖି ଲୋକେ ହୋମଯଜ୍ଞ କରିବା ସହ ଅନ୍ନଛତ୍ର ମାଧ୍ୟମରେ ମାଗଣାରେ ଖାଦ୍ୟ ବଣ୍ଟନ କରୁଛନ୍ତି। ଏହା ଆସନ୍ତା ଅଗିରା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ



ଖଣ୍ଡିଗିର ଉଦୟଗିରି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଆଗାମୀ ଦିନରେ ସାଧୁସନ୍ଥଙ୍କ ଏକ ସମ୍ମିଳନୀ ଆୟୋଜନ କରାଯିବ। ସେହିପରି ପ୍ରତ୍ୟେକ ଦିନ ଭାଗବତ ପଢ଼ାଯିବା ସହ ହନୁମାନ ଚାଳିଶା ଓ ପ୍ରବଚନ ମଧ୍ୟ ଚାଲିଛି। ମନ୍ଦିର ପାଦଦେଶରେ ନାଗା ବାବା, ବେଦାନ୍ତି, ରାମାନନ୍ଦୀ ଓ କୃଷ୍ଣାନନ୍ଦୀ ବାବା ଆସି ତପସ୍ୟା କରୁଛନ୍ତି। ବିଶ୍ୱଶାନ୍ତି ପାଇଁ ସମସ୍ତେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ, ଆତ୍ମାନାରାୟଣ ସେବା ଆଦି କରୁଛନ୍ତି। ହରିବୋଲ ଓ ହୁଳହୁଳିରେ ମେଳା ପରିସର କମ୍ପୁଛି।

ଅନ୍ୟପକ୍ଷରେ କୁନିକୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମିନାବଜାରର ଆନନ୍ଦ ନେଉଛନ୍ତି। ଚଟ୍‌ପଟି ଖାଦ୍ୟ ସାଙ୍ଗକୁ ରାମଦୋଳି, ବ୍ରେକ୍‌ଡ୍ୟାନ୍ସ ଦୋଳିର ଭରପୂର ମଜା ଉଠାଉଛନ୍ତି। ମେଳାକୁ ଆସୁଥିବା ଲୋକେ ପ୍ରଥମେ ଖଣ୍ଡଗିରିର ଅଧିଷ୍ଠିତ ଦେବୀ ବାରଭୂଜା ଓ ଜୈନ ମନ୍ଦିର ଦର୍ଶନ କରୁଛନ୍ତି। ଏଥିପାଇଁ ମା'ଙ୍କ ପୀଠରେ ଅଧିକ ଜନଗହଳି ହେଉଥିବାବେଳେ ଅପରାହ୍ନ ୪ଟା ପରଠାରୁ ମେଳାରେ ଭିଡ଼ ଜମୁଛି। ସନ୍ଧ୍ୟା ହେବା ମାତ୍ରେ ଖଣ୍ଡଗିରି-ଉଦୟଗିରି ପାଦଦେଶରେ ଗାଡ଼ିମୋଟର ସମ୍ପୂର୍ଣ୍ଣ ଜାମ୍ ହୋଇଯାଉଛି। ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ପରିସ୍ଥିତିକୁ ଆୟତ କରିବା ସମ୍ଭବ ହେଉନାହିଁ। ଏଭଳିସ୍ଥଳେ ବୁଧବାରଠାରୁ ଖଣ୍ଡଗିରିରେ ଯାତ୍ରା ମହାସମର ଆରମ୍ଭ ହେବାକୁ ଥିବାବେଳେ ଟ୍ରାଫିକ୍ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି। ଏପଟେ ଯାତ୍ରା ମହାସମର ଆରମ୍ଭ ହେଉଥିବାରୁ ଯାତ୍ରାପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ତେବେ ଗତବର୍ଷର ବିବାଦ ପାଇଁ ଚଳିତବର୍ଷ ଯାତ୍ରାରେ ନଗ୍ନତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ରାତି ୧୦ଟାରେ ଉଠିବ ମହାଦୀପ

**ପୁରୁଣା ଭୁବନେଶ୍ୱର,୪।୨ (ଡି.ଏନ.ଏ.)**

ଆସନ୍ତା ୨୧ ତାରିଖରେ ମହାଶିବରାତ୍ରି। ଏଥିପାଇଁ ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ନୂତନ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଅସ୍ଥାୟୀ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ମଙ୍ଗଳବାର ପ୍ରଥମ ପ୍ରସ୍ତୁତି ବୈଠକରେ ଶ୍ରୀଜୀଉଙ୍କ ନୀତି ନିର୍ଘଣ୍ଟ ହୋଇଛି। ରାତି ୧୦ଟା ସୁଦ୍ଧା ମହାଦୀପ ଉଠିବ ବୋଲି ସ୍ଥିର ହୋଇଛି। ଏଥିସହ ମହାଶିବରାତ୍ରି ପାଇଁ ସମୟ ସୂଚୀ ନିର୍ଦ୍ଧାରଣ କରାଯାଇଛି। ମଙ୍ଗଳ ଆଳତି ଓ ଅବକାଶ ଭୋର୍ ୩ରୁ ସାଢେ ୩ଟା, ସାହାଣମେଲା ଦର୍ଶନ ସାଢେ ୩ଟାରୁ ପୂର୍ବାହ୍ନ ୧୧ଟା, ରୋଷ ହୋମ ସକାଳ ସାଢେ ୬ଟା, ଛାମୁ ପରିଷ୍କାର ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା, ମହାସ୍ନାନ ଓ ବେଶ ମଧ୍ୟାହ୍ନ ୧୨ଟାରୁ ମଧ୍ୟାହ୍ନ ୧୨ଟା ୪୫, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଶ୍ରୀଜୀଉଙ୍କ ଓ ଠାକୁରାଣୀଙ୍କ ବଲ୍ଲଭ ଓ ଶ୍ରୀ ଜୀଉଙ୍କ ସକାଳ ଧୂପ ମଧ୍ୟାହ୍ନ ୧୨ଟା ୪୫ରୁ ଅପରାହ୍ନ ସାଢେ ୨ଟା, ଶ୍ରୀଭୁବନେଶ୍ୱରୀଙ୍କ ସକାଳ ଧୂପ ଅପରାହ୍ନ ସାଢେ ୨ଟାରୁ ଅପରାହ୍ନ ୨ଟା ୪୫, ଭୋଗ ମଣ୍ଡପ ଅପରାହ୍ନ ୨ଟା ୪୫ରୁ ୩ଟା ୪୫ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ସାହାଣମେଲା ଦର୍ଶନ ଅପରାହ୍ନ ୩ଟା ୪୫ରୁ ୪ଟା ୪୫, ଛାମୁ ପରିଷ୍କାର ଅପରାହ୍ନ ୪ଟା ୪୫ରୁ ୫ଟା ୧୫, ଶ୍ରୀଜୀଉଙ୍କ ବେଶ ଅପରାହ୍ନ ୫ଟା ୧୫ରୁ ୫ଟା ୪୫, ବୀର କିଶୋରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ଓ ଭୁବନେଶ୍ୱର ଦ୍ୱିପ୍ରହର ଧୂପ ଅପରାହ୍ନ ୫ଟା ୪୫ରୁ ରାତି ୭ଟା, ଶ୍ରୀଜୀଉଙ୍କ ପହୁଡ ସନ୍ଧ୍ୟା ୭ଟାରୁ ୭ଟା ୧୦, ଶ୍ରୀଜୀଉଙ୍କ ସନ୍ଧ୍ୟା ଆଳତି ଓ ଟେରାଫିଟା ୭ଟା ୧୦ରୁ ସାଢେ ୭ଟା ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ଶ୍ରୀଜୀଉଙ୍କ ମାଜଣା ଓ ବେଶ ରାତି ସାଢେ ୭ଟାରୁ ୮ଟା ୧୦, ଯାତ୍ରା ପୂଜା ଓ ବେଢ଼ା ପରିକ୍ରମା ରାତି ୮ଟା ୧୦ରୁ ୮ଟା ୫୫, ସନ୍ଧ୍ୟାଧୂପ ଓ ତୀର୍ଥ ଜଳ ଆନୟନ ରାତି ୮ଟା ୪୫ରୁ ୧୦ଟା, ମହାଦୀପ ଦର୍ଶନ ରାତି ୧୦ଟା, ସାହାଣମେଲା ଦର୍ଶନ ରାତି ୧୦ଟାରୁ ୧୧ଟା, ଭୁବନେଶ୍ୱରୀଙ୍କ ସନ୍ଧ୍ୟା ଧୂପ ଓ ପୂଜା, ଶ୍ରୀ ଜୀଉଙ୍କ ଛାମୁ ପରିଷ୍କାର ରାତି ୧୧ଟାରୁ ସାଢେ ୧୧ଟା, ଚାରିପ୍ରହର ପୂଜା ରାତି ସାଢେ ୧୧ଟାରୁ ସାଢେ ୩ଟା, ହରିହର ଭେଟ ଭୋର ସାଢେ ୩ଟାରୁ ସାଢେ ୪ଟା, ବଡସିଂହାର ଓ ପହୁଡ ଭୋର ସାଢେ ୪ଟାରୁ ୫ଟା୧୫ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ସୂଚନା ଦେଇଛନ୍ତି। ପରେ ଆଉ ଏକ ବୈଠକ ବସି ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



କାଜଲ



ମୁନା



ମୃତ୍ୟୁଞ୍ଜୟ



ଟିଟୁ



ରାଜେଶ



ଟିଉ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ୩୦୦ ପିଲାଙ୍କୁ ଫୁଟ୍‌ବଲ୍ ମ୍ୟାଚ୍ ଦେଖାଇଲା ରାଉଣ୍ଡ୍‌ଟେବୁଲ



ଫୁଟ୍‌ବଲ୍ ମ୍ୟାଚ୍ ଦେଖୁଥିବା ପିଲାଙ୍କ ସହ ରାଉଣ୍ଡ୍‌ଟେବୁଲ୍‌ର ସଦସ୍ୟ।

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ରାଉଣ୍ଡ୍‌ଟେବୁଲ ଇଣ୍ଡିଆ (ଆର୍‌ଟିଆଇ)ର ଭୁବନେଶ୍ୱର ସର୍କଲ ରାଉଣ୍ଡ୍‌ଟେବୁଲ ୫୩ର ସଦସ୍ୟ ତଥା ଟାବ୍‌ଲରମାନେ ୩୦୦ ଆର୍ଥିକ ଅନଗ୍ରସର ପିଲାଙ୍କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଇଣ୍ଡିଆନ୍ ସୁପରଲିଗ୍(ଆଇଏସ୍‌ଏଲ୍) ମ୍ୟାଚ୍ ଦେଖାଇଛନ୍ତି। ଓଡ଼ିଶା ଫୁଟ୍‌ବଲ କ୍ଲବ ଏବଂ ଗୋଆ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିବା ଏହି ମ୍ୟାଚ୍‌କୁ ପିଲାମାନେ ବେଶ୍ ଆଗ୍ରହର ସହ ଦେଖିଥିଲେ। କମ୍ୟୁନିଟି ସର୍ଭିସ କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ଆର୍‌ଟିଆଇ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରତର ୧୧୯ ସହରରେ ରାଉଣ୍ଡଟେବୁଲ ଇଣ୍ଡିଆର ପ୍ରାୟ ୩୨୫ ଟେବୁଲ ରହିଥିବାବେଳେ ଏଥିରେ ବ୍ୟବସାୟୀ, ଉଦ୍ୟୋଗୀ, ଟେକ୍ନୋକ୍ରାଟ୍ ଏବଂ ଅନ୍ୟାନ୍ୟ ପେସାଦାରମାନେ ସଦସ୍ୟଭାବେ ରହିଛନ୍ତି। ରାଉଣ୍ଡ୍‌ଟେବୁଲ ଇଣ୍ଡିଆ ୧୭ ଅଞ୍ଚଳରେ ବିଭକ୍ତ ଏବଂ ଏହାର ପ୍ରତି ଅଞ୍ଚଳର ନିଜସ୍ୱ ବୋର୍ଡ ରହିଛି। ଏହାର ସଦସ୍ୟମାନେ ସମାଜର ମଙ୍ଗଳ ଦିଗରେ ସେବା ପ୍ରଦାନ କରିଥାନ୍ତି।

## ଆଜି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉଠିବ**

**ପୁରୀ ଅଫିସ, ୪।୨**

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିବେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରାଯିବ। ବିଶେଷକରି ଶ୍ରୀମନ୍ଦିର ହେରିଟେଜ କରିଡର, ସୁପ୍ରିମ୍‌କୋର୍ଟରେ ଦାୟର ହୋଇଥିବା ସତ୍ୟପାଠ, ଶ୍ରୀମନ୍ଦିର ବଜେଟ ସମେତ ପ୍ରାୟ ୧୦ଟି ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିର ଭିତରକୁ ବାହାର ଅଙ୍ଗାର ପ୍ରବେଶ ଓ ମହାପ୍ରସାଦ ସାମଗ୍ରୀର ମାନକୁ ନେଇ ଗତ କିଛିଦିନ ତଳେ ବେଶ୍ ଚର୍ଚ୍ଚା ହୋଇଥିଲା। ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ସ୍ଥାନ ପାଇବ ବୋଲି କୁହାଯାଉଛି। ତେବେ ଅଦିନିଆ ରଥଯାତ୍ରାକୁ ନେଇ ବୈଠକ ବେଶ୍ ସରଗରମ ହୋଇପାରେ। ନିକଟରେ ଇସ୍କନ ପକ୍ଷରୁ ମୁମ୍ବାଇରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀମନ୍ଦିର ସେବାୟତ, ଭକ୍ତ, ଗବେଷକ, ବୁଦ୍ଧିଜୀବୀ ସମସ୍ତେ ଏହାକୁ ନିନ୍ଦା କରିଥିବାବେଳେ ଇସ୍କନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏକାଧିକ ସଙ୍ଗଠନ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର ଏ ପ୍ରସଙ୍ଗ ବୈଠକରେ ଉଠାଇବା ଲାଗି ପୂର୍ବରୁ ସୂଚନା ଦେଇସାରିଛନ୍ତି। ତେବେ ଶ୍ରୀମନ୍ଦିର ବଜେଟ୍‌କୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ। ଅର୍ଥ ସବ୍ କମିଟି ରିପୋର୍ଟ ଓ ସେବାୟତ କଲ୍ୟାଣ ସବ୍ କମିଟି ରିପୋର୍ଟ ମଧ୍ୟ ଅନୁମୋଦନ କରାଯିବ ବୋଲି ଜଣାପଡ଼ିଛି।

## ଅଦିନିଆ ରଥଯାତ୍ରାକୁ ନେଇ ପୁଣି ଏତଲା

**ପୁରୀ ଅଫିସ, ୪।୨:** ଇସ୍କନ ପକ୍ଷରୁ ଅତିଥିରେ ମୁମ୍ବାଇରେ ଅନୁଷ୍ଠିତ ରଥଯାତ୍ରାକୁ ନେଇ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ବିଶେଷକରି ପୁରୀରେ ଏହାକୁ ଘୋର ବିରୋଧ କରାଯାଇଛି। ବାରମ୍ବାର ଇସ୍କନ ବିଧି ପରମ୍ପରାକୁ ବେଖାତିର କରୁଥିବାରୁ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକଙ୍କ ସମେତ ବିଭିନ୍ନ ସଙ୍ଗଠନ ଦୃଢ ନିନ୍ଦା କରୁଛନ୍ତି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଇସ୍କନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦିଆଯାଇଛି। ଏ ନେଇ ପୁଣି ମଙ୍ଗଳବାର ସିଂହଦ୍ୱାର ଥାନାରେ ଏତଲା ଦେଇଛି ଆନନ୍ଦ ବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟି। ବାରମ୍ବାର ଇସ୍କନ ଏଭଳି ପରମ୍ପରା ବିରୋଧରେ ଯାଉଛି, ଯାହାକି ସନାତନ ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ତେଣୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ପକ୍ଷରୁ ଏତଲାରେ ଦର୍ଶାଯାଇଛି।



ଆନନ୍ଦ ବଜାର ବ୍ରାହ୍ମଣ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଏତଲା ଦେଉଛନ୍ତି।



ନିର୍ବୋଧମାନଙ୍କ ଅଭିଧାନରେ ହିଁ
ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ସଚେତନ

**ଭୁବନେଶ୍ୱର,୪।୨(ବ୍ୟୁରୋ :** ପଚ୍ଚାମୁଣ୍ଡାଇ ଏମ୍ଏନ୍ ହାଇସ୍କୁଲର ୨୦୦୫ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ଶାନ୍ତିସ୍ତୂପ ଧଉଳିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଛାତ୍ରୀଛାତ୍ର ଯୋଗଦେଇ ବିଗତ ଦିନର ବିଦ୍ୟାଳୟ ସମ୍ପର୍କିତ ସ୍ମୃତିକୁ ସାଉଁଟିଥିଲେ। ଏହାସହ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଧଉଳିକୁ ପିକ୍‌ନିକ୍‌ରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ସଚେତନ କରାଯାଇଥିଲା। ପ୍ରତ୍ୟେକ ପିଲା ଗୋଟିଏ ଲେଖାଏଁ ଗଛ ଲଗାଇବାକୁ କୃଷି ବୈଜ୍ଞାନିକ ସେକ୍ ମହମ୍ମଦ ସୈଫୁଲ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ବିଭିନ୍ନ ବୃଦ୍ଧାଶ୍ରମରେ ନୂଆବର୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଅର୍ପିତା ପାଣ୍ଡବ ନୃତ୍ୟ ପରିବେଷଣ କରିଥିବାବେଳେ ଅଚ୍ଚଳପ୍ରଜ୍ଞ ଜୀବନଦାସ ଆଧାତ୍ମିକ ଚେତନା ଉପରେ ଆଲୋଚନା କରିଥିଲେ। ପ୍ରଶାନ୍ତ କୁମାର ସାହୁ, ସତ୍ୟରଞ୍ଜନ ସାହୁ, ଦିବ୍ୟଜ୍ୟୋତି ଦାସ, ଅନିଲ କୁମାର ସାହୁ, ସେକ୍ ମହମ୍ମଦ ସୈଫୁଲଙ୍କ ସମେତ ବହୁ ଛାତ୍ରୀଛାତ୍ର ଏଥିରେ ଯୋଗଦେଇ ପରସ୍ପର ସହ ଭାବର ଆଦାନପ୍ରଦାନ କରିଥିଲେ। ରାଜକୁମାର ରାଉତ ଏବଂ ସମ୍ବିତ୍ ଜୟବିଶ୍ୱ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ସହାୟତା

ଭୁବନେଶ୍ୱର,୪।୨:ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ଡାକରା ବିଶେଷଣେଶ୍ୱର ମନ୍ଦିରକୁ ଏକ ୱାଟରକୁଲର ପ୍ରଦାନ କରାଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ଉପକ୍ଷେତ୍ରୀୟ ପ୍ରବନ୍ଧକ ହରିଶ ଚନ୍ଦ୍ର ସିହ୍ନା, ଆର୍‌ବିଡିଏମ୍ ମାନସ ଜି.ମହାରଣା, ଏ.କେ. ମୁଦୁଲି, ସୀମାଞ୍ଚଳ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ୩୫ବର୍ଷ ପରେ ସ୍ୱ ମନ୍ଦିରକୁ ଫେରିବେ ସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା

**ବାଳକାଟୀ,୪।୨(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ବାଳକାଟୀ ଅଞ୍ଚଳର ଆରାଧ ଠାକୁର ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ସ୍ୱ ମନ୍ଦିର ପ୍ରବେଶକୁ ନେଇ ସମୟ ସ୍ଥିର ହୋଇଥିବା ଜଣାପଡିଛି। ଏଥିଲାଗି ସରପଞ୍ଚ ଭାଗ୍ୟଧର ନନ୍ଦୀ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସୂଚନାଥାଉ କି, ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିର ମାର୍ପତଦାର, ପୂଜକ ଓ ଗ୍ରାମବାସୀଙ୍କ ମଧରେ ବାଦବିବାଦ ଯୋଗୁ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ୧୯୮୫ ମସିହା ଠାରୁ ସ୍ଥାନୀୟ ମା' ବୁଲ୍ଲାଦେବୀଙ୍କ ମନ୍ଦିରରେ ପୂଜାପାଇ ଆସୁଥିଲେ। କିଛି ମାସ ପୂର୍ବେ ଦେବୋତ୍ତର କମିଶନର ମନ୍ଦିର ସୁପରିଚାଳନା ପାଇଁ ଏକ ମଧବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଗଠନ କରିଥିଲେ। ଟ୍ରଷ୍ଟ ବୋର୍ଡ ନିରୀକ୍ଷକ ନୀରଜ କୁମାର ଛୋଟରାୟଙ୍କ ଅଧକ୍ଷତାରେ ଗତ ୨୨ତାରିଖରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଗ୍ରାମବାସୀ, ମନ୍ଦିର ପରିଚାଳନା ଟ୍ରଷ୍ଟ ଓ ଅଭିଯୋଗକାରୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀମାନେ ଚଳନ୍ତି ପ୍ରତିମାଙ୍କୁ ଫେରାଇ ଆଣିବାକୁ ନିବେଦନ କରିଥଲେ। ସମସ୍ତ ବାଦବିବାଦ ଭୁଲି ସ୍ୱ ମନ୍ଦିରକୁ ଚଳନ୍ତି ପ୍ରତିମାଙ୍କୁ ଫେରାଇ ଆଣିବାକୁ ସହମତି ପ୍ରକାଶ ପାଇଥିଲା। ଆସନ୍ତା ୧୭ ତାରିଖରେ ଚଳନ୍ତି ପ୍ରତିମା ସ୍ୱ ମନ୍ଦିରକୁ ପ୍ରବେଶ କରିବା ଲାଗି ଦିନ ଧାର୍ଯ୍ୟ ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ଯୁବକଙ୍କୁ ଆକ୍ରମଣ କରି ବାଇକ୍ ଲୁଟିଲେ

**ପୁରୀ ଅଫିସ, ୪।୨:** କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମେଡିକାଲ ଛକରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି କେତେଜଣ ଦୁର୍ବୃତ୍ତ ବାଇକ ଲୁଟି ନେଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଆହତ ଯୁବକ ହେଲେ ଲୋକନାଥ ରୋଡର ଅଜୟ କୁମାର ଦଳାଇ।

# ଶିଶୁପାଳଗଡ଼ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ

**ପୁରୁଣା ଭୁବନେଶ୍ୱର,୪।୨ (ଡି.ଏନ.ଏ.)**

- ଆବଶ୍ୟକ ସ୍ଥଳେ ଉଚ୍ଛେଦ କରାଯିବ: ଏଏସ୍ଆଇ
- ୯ ବର୍ଷ ହେଲା କେହି ଯତ୍ନବାନ ନ ଥିଲେ
- ରାମପାର୍ଟରେ ଥିବା ୮ ପ୍ରବେଶ ଦ୍ୱାରକୁ ପ୍ରଥମେ ସୁରକ୍ଷା ଦିଆଯିବ



ଐତିହ୍ୟ ଶିଶୁପାଳଗଡ଼ ଅଞ୍ଚଳ ପ୍ରତି ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯତ୍ନବାନ କେହି ନ ଥିଲେ। ଖନନ ଓ ଗବେଷଣା କାର୍ଯ୍ୟ ଠପ ହୋଇପଡ଼ିଥିଲା। ଏଏସ୍ଆଇ ପୁରାତତ୍ତ୍ୱ ଅଧୀକ୍ଷଣ ଅଧିକାରୀ ଅରୁଣ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାରଠାରୁ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ୨୨୦୦ ବର୍ଷ ତଳେ ଓଡ଼ିଆ କଳା, ଭାସ୍କର୍ଯ୍ୟ ଓ ସମୃଦ୍ଧିର ପ୍ରମାଣକୁ ମାଟି ତଳୁ ଉଦ୍ଧାର କରି ସମଗ୍ର ବିଶ୍ୱରେ ଏହାକୁ ପରିଚିତ କରାଇବାକୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ପୁରାତତ୍ତ୍ୱବିତ୍ ପ୍ରଫେସର ଆର.କେ. ମହାନ୍ତିଙ୍କ ସହ ଡେକାନ ୟୁନିଭରସିଟି, କାଲିଫର୍ଣ୍ଣିଆ ୟୁନିଭରସିଟି ଗବେଷକ ଖନନ ଓ ଗବେଷଣା ତ୍ୱରାନ୍ୱିତ କରାଯିବ ବୋଲି ଜଣାପଡିଛି। ଅଧିକାଂଶ ଅଞ୍ଚଳ ଏବେ ବୁଦା ଓ ଜଙ୍ଗଲ ଭଳି ରହିଥିବାରୁ ସେଗୁଡିକୁ ପରିଷ୍କାର କରିବାକୁ ବିଭାଗ କାର୍ଯ୍ୟ ଆରମ୍ଭ କରିଛି। ସମଗ୍ର ଶିଶୁପାଳ ସମେତ ଗଡ଼ର ରାମପାର୍ଟ (ସୁରକ୍ଷା ପ୍ରାଚୀର) ୮ ଗୋଟି ପ୍ରବେଶ ଦ୍ୱାରକୁ ପ୍ରଥମ ପର୍ଯ୍ୟାୟରେ ସୁରକ୍ଷା ଦେବା ସହ ଏହାର ସୌନ୍ଦର୍ଯ୍ୟକରଣ ଓ ଭାଙ୍ଗିରୁଜି ଯାଇଥିବା ଅଂଶଗୁଡ଼ିକୁ ପୁନରୁଦ୍ଧାର କରାଯିବ। ଅନ୍ୟ ଐତିହ୍ୟ ଅଞ୍ଚଳରେ ଯେଉଁଭଳି ନୀତିନିୟମ ଓ କଟକଣା ରହିଛି, ଏଠାରେ ମଧ ସେହିଭଳି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଘୋଷଣା ହୋଇଥିବା ଜମିଗୁଡ଼ିକୁ ସଂରକ୍ଷିତ ଅଞ୍ଚଳ ବୋଲି ଧରାଯାଏ। ପୂର୍ବରୁ ଅନେକଥର ଏଗୁଡ଼ିକୁ ସଂରକ୍ଷିତ କରିବାକୁ ଚିଠି ଲେଖି ରାଜ୍ୟ ସରକାରଙ୍କୁ ଏଏସ୍ଆଇ ପକ୍ଷରୁ ଜଣାଯାଇଥିଲା। ଯେହେତୁ ଏହିସବୁ ଅଞ୍ଚଳ ସରକାରୀ ରେକର୍ଡ ଅନୁଯାୟୀ ଚାଷ ଜମି ରହିଛି, ଏଣୁ ସଂରକ୍ଷଣର ଆବଶ୍ୟକତା ସରକାର ଅନୁଭବ କରି ନ ଥିଲେ। କେତେକ ସ୍ଥାନରେ ଶକ୍ତି ବିଭାଗ ପକ୍ଷରୁ ଶିଶୁପାଳଗଡ଼ର ରାମପାର୍ଟ ଉପରେ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ଖୁଣ୍ଟ ବସା ଯାଇଥିବାରୁ ଏଗୁଡ଼ିକୁ ହଟାଇବାକୁ ପ୍ରୟାସ କରାଯିବ।

ଏ ସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଭୁବନେଶ୍ୱର ସର୍କଲ ମୁଖ୍ୟ ତଥା ପୁରାତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ ମଲ୍ଲିକ କହିଛନ୍ତି ଯେ, ୫୬୭ ଏକରକୁ ଆମେ ଚିହ୍ନଟ କରିଛୁ। ଏଣୁ ଗୋଟିଏ ଦିନରେ ଏହା ସରିବାର ନୁହେଁ। ମାତ୍ର ଏତିକି କହିବୁ ଯେ କୋଣାର୍କ ମନ୍ଦିରଠାରୁ ମଧ ଅଧିକ ପରିଚିତି ଆଣିବାରେ ଏହି ଶିଶୁପାଳଗଡ଼ ସହାୟ ହେବ। ଏହା ଯେ ଓଡ଼ିଶାର ଗର୍ବ ଓ ଗୌରବ ଗାଥା ପ୍ରଚାର ପ୍ରସାର କରିବ ତାହା ନୁହେଁ ବରଂ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୃଷ୍ଟି କରିବାର ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି।

ପୁନରୁଦ୍ଧାର ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ସହଯୋଗ ମିଳୁଛି। ଏଣୁ ପୁରୀ ଜଗନ୍ନାଥ ଓ ଶ୍ରୀଲିଙ୍ଗରାଜ ମନ୍ଦିର ଭଳି ଶିଶୁପାଳଗଡ଼କୁ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆଶା କରାଯାଏ। ଏଠାରେ ୩ ଗୋଟି ମୌଜାରେ ରହିଥିବା ଘରଗୁଡିକୁ ଉଚ୍ଛେଦ ଆବଶ୍ୟକତା ନେଇ ଜଣାଇଥିଲେ। ରାମପାର୍ଟଠାରୁ ୧୦୦ରୁ ୨୦୦ ମିଟର ମଧ୍ୟରେ ରହୁଥିବା କେତେଗୋଟି ଘରଦ୍ୱାର ଉଚ୍ଛେଦ କରାଯାଇପାରେ। ମାତ୍ର ଯେତେବେଳେ ସମଗ୍ର ରାଜ୍ୟ ଓ ଦେଶର ଗୌରବମୟ ଇତିହାସ ପୁନରୁଦ୍ଧାର ହେବ ଏହା ଉଚ୍ଛେଦ ହେବାକୁ ଥିବା ଲୋକଙ୍କୁ କିଛି ତ୍ୟାଗ କରିବାକୁ ପଡିବ।

ଏଏସ୍ଆଇ ପକ୍ଷରୁ ଶିଶୁପାଳଗଡ଼ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ଜାଣି ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟ କହିଛନ୍ତି, କୌଣସି କ୍ଷେତ୍ରରେ ଏହା ବନ୍ଦ ନ ହେଉ। ଏହା ବୋଧହୁଏ ମହେଞ୍ଜୋଦାରୋଠାରୁ ଉନ୍ନତ ସଭ୍ୟତାର ପ୍ରମାଣ ଦେଇପାରେ। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଇନଟାକ୍ ପରି ପୁରାତତ୍ତ୍ୱ ବିଷୟରେ କାର୍ଯ୍ୟ କରୁଥିବା ସଂସ୍ଥାର ସହଯୋଗ ନେଇ ଖନନ ଏବଂ ଗବେଷଣା କରାଯାଉ। ସର୍ବୋପରି ରାଜ୍ୟ ସରକାର ସହଯୋଗ କଲେ ଓ ବେଆଇନ ନିର୍ମାଣ ହଟି ପାରିଲେ ଏହା ସମ୍ଭବ ହୋଇପାରିବ।

ଐତିହାସିକ ପ୍ରଫୁଲ୍ଲ ତ୍ରିପାଠୀଙ୍କ ମତରେ, ଶିଶୁପାଳଗଡ଼ ପୁନରୁଦ୍ଧାର ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ମୋ ମତରେ ଏହା କୌଣସି ଚାପ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ଯୋଗୁ ଦିଗହରା ହେବା ଆଶଙ୍କା କରାଯାଉଛି। ପୂର୍ବରୁ ଏଠାରେ ଖନନ କାର୍ଯ୍ୟ କିଛିଟା ଆରମ୍ଭ ହୋଇଥିଲା। ସେତେବେଳେ ବୌଦ୍ଧ ସ୍ତୂପ ସମେତ ପୁରାତନ ସଭ୍ୟତାର ଅନେକ କିଛି ଉଦ୍ଧାର ହୋଇଥିଲା। ମାତ୍ର ତାହା ବନ୍ଦ ହୋଇଗଲା। ଏଣୁ ସେତେବେଳେ ସମଗ୍ର ମହାଭୋଇ ଓ ଶିଶୁପାଳ ଅଞ୍ଚଳ ଚାଷଜମି ଥିବାବେଳେ ଏବେ ସରକାରୀ ପ୍ରୋତ୍ସାହନରେ ଘରଦ୍ୱାର ଗଢ଼ି ଉଠିଛି। ଏଣୁ ପୁନରୁଦ୍ଧାର ଆଶା କ୍ଷୀଣ।

### ବିନ୍ଦୁସାଗର କୂଳରେ ପକ୍ଷୀ ମଡ଼କ

**ପୁରୁଣା ଭୁବନେଶ୍ୱର,୪।୨ (ଡି.ଏନ.ଏ.)**

ପୁରୁଣା ଭୁବନେଶ୍ୱର ବିନ୍ଦୁସାଗର କୂଳରେ କେତେକ ପାରା ଓ ଅନ୍ୟ ଚଢେଇ ମରି ପଡିଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। କେଉଁ କାରଣରୁ ପକ୍ଷୀ ସବୁ ମରିଛନ୍ତି ଜଣା ପଡି ନ ଥିଲେ ମଧ ସାଧାରଣ ଲୋକଙ୍କ ମଧରେ ଓୟୁଏଟିରେ ବାର୍ଡ ଫ୍ଲୁ ବ୍ୟାପିଥିବା ଯୋଗୁ ଏଭଳି ଘଟିଥିବା ଆଶଙ୍କା କରାଯାଉଛି। ଓୟୁଏଟି ପରିସରରେ ବାର୍ଡ ଫ୍ଲୁ ନିରାକରଣ ନେଇ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର ଅନୁଯାୟୀ ପଦକ୍ଷେପ ନିଆଯାଇଥିବା କେନ୍ଦ୍ରୀୟ ପ୍ରତିନିଧି ସଦସ୍ୟ ଦେବାଶିଷ ଭଟ୍ଟାଚାର୍ଯ୍ୟ କହିଥିଲେ। ତଥାପି ସ୍ଥିତି ପରଖିବାକୁ ୧୦ ଦିନ ଏଠାରେ ରହି ବ୍ଲର୍ଡ ଫ୍ଲୁ ନ ବ୍ୟାପିବାକୁ ଓୟୁଏଟିଠାରୁ ୩ରୁ ୧୦ କିମି ଅଞ୍ଚଳ ମଧରେ ବିଭିନ୍ନ ସ୍ଥାନରୁ ପକ୍ଷୀଙ୍କ ରକ୍ତ ନମୁନା ସଂଗ୍ରହ କରି ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ହାଇ ସିକ୍ୟୁରିଟି ଆନିମଲ ଡିଜିଦେଶ ଇନ୍ ଭୋପାଳ ପଠାଇବା ବ୍ୟବସ୍ଥା ହୋଇଛି। ସରକାର ମଧ ଆନିମଲ ରିସୋର୍ସେସ ଡେଭେଲପମେଣ୍ଟ ଡିପାର୍ଟମେଣ୍ଟ ଏକ ଉଚ୍ଚସ୍ତରୀୟ ବୈଠକରେ ପକ୍ଷୀଙ୍କ ଉପରେ ଗବେଷଣା କେନ୍ଦ୍ର ସହରଠାରୁ ଦୂରରେ ବ୍ୟବସ୍ଥା ଦେଇ ନେଇ ଯୋଜନା କରାଯାଇଛି। ବିଏମ୍‌ସି କିମ୍ବା ସରକାରୀ ସ୍ତରରେ ସଚେତନ ନ ଥିବାରୁ ଏହା ଅଧିକ ବ୍ୟାପିବାର ସମ୍ଭାବନା ଦେଖାଦେଇଛି।




ଏନ୍ଆର୍‌ସି, ସିଏଏ ଓ ଏନ୍‌ପିଆର୍‌କୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ଚାଲିଥିବା ଗଣଆନ୍ଦୋଳନକୁ ସମର୍ଥନ ଜଣାଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ମଙ୍ଗଳବାର ଅନୁଷ୍ଠିତ ଶୋଭାଯାତ୍ରା।

## ଜାତୀୟ ହସ୍ତତନ୍ତ ମେଳା ପାଳିଲା 'ବମକାଇ ଦିବସ'

**ଭୁବନେଶ୍ୱର,୪।୨(ବ୍ୟୁରୋ)**

ହସ୍ତତନ୍ତ ଓ ହସ୍ତଶିଳ୍ପ କଳା ପାଇଁ ଦେଶ ତଥା ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଓଡ଼ିଶା। ସମ୍ବଲପୁରୀ ଓ ସୋନପୁରୀ ବାନ୍ଧ ଶାଢ଼ିରୁ ଆରମ୍ଭ କରି ନୂଆପାଟଣାର ଖଣ୍ଡୁଆ, ବରଗଡ଼ର ବାନ୍ଧ ବେଡଶିଟ୍ ଓ ବମକାଇ କଟନ୍ ପର୍ଯ୍ୟନ୍ତ, ଉଚ୍ଚକୋଟୀର ହସ୍ତତନ୍ତ ବସ୍ତ୍ର ଉତ୍ପାଦନ କରିବା ଓଡ଼ିଶାର ଏକ ପରମ୍ପରା ହୋଇ ରହିଆସିଛି। ଏହାମଧ୍ୟରୁ ବମକାଇ କଟନ୍ ଶାଢ଼ି ଓ ଡ୍ରେସ୍ ମ୍ୟାଟେରିଆଲ୍ସର ଡିଜାଇନ୍ ଓ ନିଆରା ରଙ୍ଗ ସର୍ବଦା ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇଆସିଛି। ବମକାଇ ବସ୍ତ୍ର ପ୍ରଥମେ ଗଞ୍ଜାମ ଜିଲାର ପାତ୍ରପୁରସ୍ଥିତ ବମକାଇ ଗ୍ରାମରେ ସୃଷ୍ଟି ହୋଇଥିବାରୁ ଏହାର ନାମକରଣ 'ବମକାଇ' କରାଯାଇଥିବା ବିଶ୍ୱାସ ରହିଛି ବୋଲି ଏଠାରେ ମତପ୍ରକାଶ ପାଇଛି। ବୟନିକା ପକ୍ଷରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳାର ଦଶମ ଦିନକୁ 'ବମକାଇ କଟନ ଦିବସ' ଭାବେ ପାଳନ କରାଯାଇଛି। ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଆଲୋଚନାରେ ଯୋଗଦେଇଥିବା ବକ୍ତାମାନେ ଏହା କହିଥିଲେ।

କଟନ୍ ବମକାଇ ସାଧାରଣତଃ ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ମେହେର ବୁଣାକାରମାନେ ବୁଣିଥାନ୍ତି। ବମକାଇ ଶାଢ଼ିରେ କଲରା, କଣିଫୁଲ, ଅତସିଫୁଲ, ପଦ୍ମଫୁଲ, କଇଁଛ, ମୟୂର ଓ ବିଭିନ୍ନ ଚଢ଼େଇର ଛବି ହେଉଥିବାବେଳେ ମାଛକୁ ଶୁଭ ବିବେଚନା କରି ବିଭିନ୍ନ ମାଛର ପ୍ରତିକୃତି ଏଥିରେ କରାଯାଇଥାଏ। ଶାଢ଼ିର ଦୁଇପଟେ କୁମ୍ଭର ଡିଜାଇନ୍ ଧଡ଼ି କରାଯାଇଥାଏ। ହେଲେ ବମକାଇର ପୁରାତନ ଡିଜାଇନକୁ ନୂତନ ରୂପରେଖ ଦେଇ ୮୦ ରୁ ୯୦ ଦଶକ ପର୍ଯ୍ୟନ୍ତ ସୁବର୍ଣ୍ଣପୁରର ବୁଣାକାରଙ୍କ ଦ୍ୱାରା ଉତ୍ପାଦିତ ହେଉଥିଲା। ବିଭିନ୍ନ ଡିଜାଇନକୁ ପରୀକ୍ଷାନିରୀକ୍ଷା ସହ ବାନ୍ଧ ଡିଜାଇନ୍ ଓ ଜରିକୁ ଏକ୍ସଟ୍ରା ବୁଣାରେ ବ୍ୟବହାର କରି ବମକାଇ କଟନ୍ ବସ୍ତ୍ର ପ୍ରସ୍ତୁତ କରାଯାଉଥିଲା। ବର୍ତ୍ତମାନର ଯୁବପିଢ଼ିଙ୍କ ମଧ୍ୟରେ ଏହାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଏଥିରେ ଏକ୍ସଟ୍ରା ବୁଣାସୂତାରେ ଫୁଲ, ନାଚୁଥିବା କଣ୍ଢେଇ, ବିଭିନ୍ନ ଗଛ, କଇଁଛ, ମାଛ ଓ ଲତା ଆଦିର ମୋଟିଫ୍ ବ୍ୟବହାର କରି ପ୍ରସ୍ତୁତ କରାଯାଉଛି। ବମକାଇ କଟନ୍ ଶାଢ଼ି ୨ ହଜାର ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଦାମ୍‌ରେ ଉପଲବ୍ଧ ହେଉଥିବାବେଳେ ଏହାର ବୁଣାକାରମାନେ ଆର୍ଥିକଭାବେ ସ୍ୱଚ୍ଛଳ ବୋଲି ମତପ୍ରକାଶ ପାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଅର୍ଥ ହଡ଼ପ: ବିଡିଓଙ୍କ ନାମରେ ଏତଲା

**ବାରଙ୍ଗ,୪।୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ବିଡିଓ ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି ବୋଲି ମୁଣ୍ଡଳି ସରପଞ୍ଚ ଶ୍ରୀକାନ୍ତ ଜେନା ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ କଟକ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ମଧ ଅଭିଯୋଗ କରିଥିବା ଜଣାପଡିଛି। ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହେଉଥିବା କାର୍ଯ୍ୟରେ ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ ନିମନ୍ତେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ନାମରେ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ବ୍ୟବହାର କରାଯାଇ ଶ୍ରମିକଙ୍କୁ ଦେୟ ପ୍ରଦାନ କରାଯାଇଥାଏ। ପଞ୍ଚାୟତରେ ଅନୁମୋଦନ ପ୍ରକଳ୍ପରେ ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସଙ୍କ ଦସ୍ତଖତ ପରେ କାର୍ଯ୍ୟାଦେଶ ପାଇଁ ବ୍ଲକକୁ ଆସିଥାଏ। ବଡମୁଣ୍ଡଳୀ ଗ୍ରାମରେ ନୂତନ ଅଙ୍ଗନୱାଡିକେନ୍ଦ୍ର ନିର୍ମାଣ ପାଇଁ ପଞ୍ଚାୟତ ସ୍ତରରେ କୌଣସି ଫାଇଲ ଖୋଲାଯାଇ ନ ଥିବାବେଳେ ୧୯ଡିସେମ୍ବର ୨୦୧୯ରେ ତିନୋଟି ମଷ୍ଟରରୋଲ କରାଯାଇ ୨ଲକ୍ଷ ଟଙ୍କା ବିଡିଓ ଓ ଜେଇ ଚକ୍ରାନ୍ତକରି ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ବିଡିଓ ପ୍ରଭାକର ପଣ୍ଡା କୁହନ୍ତି, ଏହା କପୋଳକଳ୍ପିତ। ରାଜନୈତିକ ଉଦ୍ଦେଶ୍ୟ ରଖି ସରପଞ୍ଚ ଏଭଳି କରିଛନ୍ତି। ତାଙ୍କ ପଞ୍ଚାୟତରେ ଖର୍ଚ୍ଚ ହୋଇଥିବା ସରପଞ୍ଚ କିପରି ଜାଣିନାହାନ୍ତି। ୨ଲକ୍ଷ ଟଙ୍କା କୁଆଡେ ଗଲା ବୋଲି ସରପଞ୍ଚ କହୁଛନ୍ତି ତାହା ତଦନ୍ତ ସାପେକ୍ଷ।

## କ୍ୟାପିଟାଲ ହସ୍ପିଟାଲରେ କର୍କଟ ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୪।୨(ବ୍ୟୁରୋ)**

କୋଣାର୍କ ଡ୍ୟାନ୍ସର ଫାଉଣ୍ଡେଶନ୍ ଦ୍ୱାରା ବିଶ୍ୱ କର୍କଟ ଦିବସ ଉପଲକ୍ଷେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଅରୁପ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟର କର୍କଟ ରୋଗୀମାନେ କିପରି ଭୁବନେଶ୍ୱରର ସରକାରୀ ହସ୍ପିଟାଲ ଏବଂ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ୍ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରିବେ, ସେ ସମ୍ପର୍କରେ ଅରୂପ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମରେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡା. ଅଶୋକ ପଟ୍ଟନାୟକ, ଆପୋଲୋ ହସ୍ପିଟାଲ କର୍କଟ ରୋଗ ବିଭାଗ ମୁଖ୍ୟ ଡ. ଚିନ୍ମୟ କୁମାର ପାଣି ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଭାରତୀୟ ହକି ଟିମ୍ ସହ ଜଡିତ ପ୍ରଶିକ୍ଷକ ପୀୟୂଷ କୁମାର ଦୁବେ ଏବଂ କେତେକ ଖେଳାଳି ମଧ କର୍କଟ ରୋଗୀଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସେହିପରି କ୍ୟାପିଟାଲ ହସ୍ପିଟାଲରେ ଥିବା କର୍କଟ ୱାର୍ଡ ପରିଦର୍ଶନ କରିବା ସହ ରୋଗୀଙ୍କ ସହ ପୀୟୂଷ ଭାବଗତ ଆଦାନ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ପାଇକରାୟ, ଅମରେଶ ଜେନା, ରୁଦ୍ର ସାମନ୍ତରାୟ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ଏବଂ ଫାଉଣ୍ଡେଶନ୍‌ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ କର୍କଟ ରୋଗ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରୁଥିବା ଏକ ପଥପ୍ରାନ୍ତ ନାଟକ ମଧ ଅନୁଷ୍ଠିତ ହୋଇଥିଲା।

## ଉଚ୍ଛେଦ ଆରମ୍ଭ: ବ୍ୟବସାୟୀଙ୍କୁ କ୍ଷତିପୂରଣ ପ୍ରଦାନ




ଯୋବ୍ରା ମାଛ ମାର୍କେଟ ଉଚ୍ଛେଦ କରାଯାଉଛି।

**କଟକ ଅଫିସ,୪।୨**

- ଏସ୍‌ସିବି ମେଡିକାଲ ନବକଳେବର ପ୍ରକ୍ରିୟା

ଏସ୍‌ସିବି ମେଡିକାଲର ନବକଳେବର ପାଇଁ ଆରମ୍ଭ ହୋଇଥିବା ପ୍ରକ୍ରିୟାର ପ୍ରଥମ ପଦକ୍ଷେପ ମଙ୍ଗଳବାର ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ମାଲଗୋଦାମ ଥାନା ନିକଟରୁ ଯୋବ୍ରା ମାଛମାର୍କେଟ ପର୍ଯ୍ୟନ୍ତ ଥିବା ୫୪ଟି ବ୍ୟବସାୟ କେନ୍ଦ୍ରକୁ ଉଚ୍ଛେଦ କରାଯାଇଥିଲା। ତେବେ ଏମାନଙ୍କ ମଧ୍ୟରୁ ୧୧ଜଣ ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ବାବଦରେ ଏକଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯାଇଛି। ବୁଧବାର ଅବଶିଷ୍ଟ ବ୍ୟବସାୟୀଙ୍କୁ ଭିନ୍ନଭିନ୍ନ ଅର୍ଥରାଶି କ୍ଷତିପୂରଣ ବାବଦରେ ଦିଆଯିବ ବୋଲି ଜଣାପଡ଼ିଛି। ଯୋବ୍ରା ରୋଡରୁ ୩ଲେନ୍ ବିଶିଷ୍ଟ ରାସ୍ତା ମେଡ଼ିକାଲକୁ ସଂଯୋଗ କରାଯିବ। ଏହାକୁ ଲକ୍ଷ୍ୟ ରଖି ଏହି ଉଚ୍ଛେଦ କରାଯାଇଥିଲା। ତେବେ ଉଚ୍ଛେଦ ସ୍ଥାନରେ ଆର୍‌ଡିସି ଅନୀଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ସିଲ୍ ହେଲା ୨ ବେଆଇନ ମଣ୍ଡପ

**ଭୁବନେଶ୍ୱର, ୪।୨(ବ୍ୟୁରୋ)**

- ବିବାହ ଚାଲିଥିବାରୁ ହୋଇପାରିଲାନି ୪ ମଣ୍ଡପ ସିଲ
- ବିରୋଧ ସତ୍ତ୍ୱେ ସିଲ ହେଲା ସୋମନାଥ ରିସୋର୍ଟ
- ଆଜି ମଧ ଜାରି ରହିବ ମଣ୍ଡପ ସିଲ ପ୍ରକ୍ରିୟା

ବେଆଇନ ଭାବେ ଚାଲିଥିବା ୨ ମଣ୍ଡପକୁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସିଲ୍ କରି ଦିଆଯାଇଛି। ବିନା ବିଲଡିଂ ପ୍ଲାନ୍ ଅନୁମୋଦନରେ କୋଠା ନିର୍ମାଣ, ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ କରୁଥିବା, ହୋଲ୍ଡିଂ ଟିକସ ଫାଙ୍କୁଥିବା, ପାର୍କିଂ ସୁବିଧା ନ ଥିବା କଲ୍ୟାଣ ମଣ୍ଡପ/ବିବାହ ମଣ୍ଡପକୁ ବିଏମ୍‌ସି ପକ୍ଷରୁ ସିଲ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ୨ଟି ମଣ୍ଡପକୁ ସିଲ କରାଯାଇଛି। ମଙ୍ଗଳବାର ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନରେ ଥିବା ଦୁଇଟି ଯାକ ମଣ୍ଡପକୁ ସିଲ କରାଯାଇଛି। ଅନ୍ୟ ମଣ୍ଡପଗୁଡ଼ିକରେ ବିବାହ ଚାଲିଥିବାରୁ ସେଗୁଡ଼ିକୁ ସିଲ କରାଯାଇ ପାରିନାହିଁ ବୋଲି ବିଏମ୍‌ସି, ବିଡିଏ ଓ କମିଶନରରେଟ ପୋଲିସର ମିଳିତ ଟିମ୍ ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ସମସ୍ତ ଜୋନାଲ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନତାରେ ମିଳିତ ଟିମ୍ ପକ୍ଷରୁ ମଣ୍ଡପଗୁଡ଼ିକୁ ସିଲ କରିବା ପ୍ରକ୍ରିୟା ପୁନର୍ବାର ଆରମ୍ଭ କରାଯାଇଥିଲା। ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନରେ ଜୋନାଲ ଡେପୁଟି କମିଶନର ରୂପକ୍ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଦୁଇଟି ମଣ୍ଡପ ସୁନ୍ଦରପଦା ସ୍ଥିତ 'ସୋମନାଥ ରିସୋର୍ଟ' ଓ କପିଳପ୍ରସାଦ ସ୍ଥିତ ଗୋଖିବାବା କଲ୍ୟାଣ ମଣ୍ଡପକୁ ସିଲ କରାଯାଇଥିଲା। ସେହିପରି ଜୋନର ଜିଜିପି କଲୋନୀ ସ୍ଥିତ 'ମଞ୍ଜୁଳା ମଣ୍ଡପ', ପାଣ୍ଡରା ସ୍ଥିତ 'ତାରିଣୀ ମଣ୍ଡପ' ଓ 'ରାଜାରାଣୀ ମଣ୍ଡପ' ଏବଂ ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ଜାଗମରାରେ ଥିବା କନକ ବାନ୍‌କ୍ୱେଟ୍ ହଲରେ ବିବାହ ଚାଲିଥିବାରୁ ସେଗୁଡ଼ିକୁ ବୁଧବାର ସିଲ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଏହି ସିଲ ପ୍ରକ୍ରିୟା ଜାରି ରହିଥିବା ବେଳେ ସୁନ୍ଦରପଦାସ୍ଥିତ ସୋମନାଥ ରିସୋର୍ଟକୁ ସିଲ କରିବା ବିରୋଧରେ ଜନୈକ ଆଇନଜୀବୀଙ୍କ ସହ ମିଳିତି ସ୍କ୍ୱାର୍ଡର ବାକ୍‌ବଚସା ହୋଇଥିଲା। ଆବଶ୍ୟକ କାଗଜପତ୍ର ଓ ମ୍ୟାଜିଷ୍ଟ୍ରେଟଙ୍କୁ ନେଇ କି ଆସିବା ପରେ ଯାହା ହେବ ନ ହେଲେ ନାହିଁ ବୋଲି ଆଇନଜୀବୀ ଜଣକ ଯୁକ୍ତିବାଢିଥିଲେ। ପରେ ସ୍କ୍ୱାଡ ଜୋନ ଏସିପି ବିଷ୍ଣୁ ପ୍ରସାଦ ପାତ୍ର ଓ ଜୋନାଲ ଡେପୁଟି କମିଶନର ରୂପକ୍ ପଟ୍ଟନାୟକଙ୍କ ଉପସ୍ଥିତିରେ ମଣ୍ଡପ ସିଲ୍ କରାଯାଇଛି।



### ନିୟମକୁ ବେଖାତିର, ତାଲା ଭାଙ୍ଗିଲେ ଭୋଜି କଲେ

ଜନତା ମଇଦାନ ନିକଟରେ ଥିବା ପଣ୍ଡିତ ନୀଳକଣ୍ଠେଶ୍ୱର ପାଠାଗାର ଓ କଲ୍ୟାଣମଣ୍ଡପକୁ ବିଏମ୍‌ସି ସୋମବାର ସିଲ କରିଥିଲା। ହେଲେ ସନ୍ଧ୍ୟାରେ ଉକ୍ତ ମଣ୍ଡପରୁ ତାଲା ତାଡ଼ି ଲୋକେ ଭୋଜି ଭାତ କରିଥିବାର ନଜରକୁ ଆସିଛି। ଏହାକୁ ବିଏମ୍‌ସି ସ୍ପେଶାଲ ସ୍କ୍ୱାଡ ସିଲ୍ କରିବା ପରେ ଏପରି ଖୋଲା ଖୋଲି ନିୟମ ଉଲଂଘନ କରି ସିଲ ତାଡ଼ି ଭୋଜି ଭାତ କରିବା ପରେ ବିଏମ୍‌ସି କ'ଣ ପଦକ୍ଷେପ ନେଉଛି ତା ଦେଖିବାକୁ ରହିଲା।

### ଚିନ୍ତାରେ ବୁକ୍ କରିଥିବା ଲୋକ

ବିଏମ୍‌ସି, ବିଡିଏ ଆବଶ୍ୟକ ବ୍ୟବସ୍ଥା ନ ଥିବା ବିବାହ ଏବଂ କଲ୍ୟାଣ ମଣ୍ଡପକୁ ସିଲ୍ ଅଭିଯାନ ଚଳାଇଛନ୍ତି। ବର୍ତ୍ତମାନ ବିବାହ ଋତୁ ଚାଲିଥିବାରୁ ମଣ୍ଡପ ବୁକ୍ କରିଥିବା ଲୋକ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ପାଞ୍ଜି ଅନୁସାରେ ଚଳିତ ମାସରେ ଆହୁରି ୪, ୧୬, ୨୫, ୨୬ ଏବଂ ୨୮ତାରିଖରେ ବିବାହ କାର୍ଯ୍ୟ ରହିଥିବା ବେଳେ ଏଥିପାଇଁ ୨/୩ ମାସ ଆଗରୁ ମଣ୍ଡପ ବୁକିଂ କରିସାରିଛନ୍ତି। ବିକଳ୍ପ ବ୍ୟବସ୍ଥା ନ କରି ମଣ୍ଡପଗୁଡ଼ିକ ସିଲ୍ କରାଯିବା ଦ୍ୱାରା ବିବାହ କାର୍ଯ୍ୟ ସମ୍ପନ୍ନ ନେଇ ଏବେ ନାନା ସମସ୍ୟା ଉପୁଜିବ ବୋଲି ଦେଖିବାକୁ ମିଳୁଛି।



"ଦେଶରେ ବେକାରି ସମସ୍ୟା ବଢ଼ିଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲୁନାହାନ୍ତି। ଦେଶ ସମ୍ମୁଖୀନ ହେଉଥିବା ବଡ଼ ପ୍ରସଙ୍ଗକୁ ମୋଦି କି କେଜ୍‌ରିୱାଲ ସମାଧାନ କରିପାରିବେ ନାହିଁ। ମୋଦି ଇଣ୍ଡିଆନ୍ ଅଏଲ୍, ଏୟାର୍ ଇଣ୍ଡିଆ, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍, ରେଲୱେ ଆଦିକୁ ବିକ୍ରି କରିବାରେ ଲାଗିଛନ୍ତି। ସେ ତାଜ୍‌ମହଲକୁ ବି ବିକ୍ରି କରିଦେବେ।" -ରାହୁଲ ଗାନ୍ଧୀ,କଂଗ୍ରେସ ନେତା

# ସିଆଚେନରେ ଯବାନଙ୍କୁ ମିଳୁନି ଭଲ ଖାଦ୍ୟ

ନୂଆଦିଲ୍ଲୀ,୪।୨



ସିଆଚେନ ଓ ଡୋକ୍‌ଲାମ ଭଳି ଅତ୍ୟୁଚ୍ଚ ସ୍ଥାନର ପ୍ରତିକୂଳ ସ୍ଥିତିରେ ମୁତୟନ ଥିବା ଦେଶର ଯବାନମାନଙ୍କୁ ଭଲ ଖାଦ୍ୟ, ବସ୍ତ୍ର ଓ ଉପକରଣ ମିଳୁନାହିଁ। ପାର୍ଲାମେଣ୍ଟରେ ସୋମବାର ଉପସ୍ଥାପିତ ସିଏଜି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି।

୨୦୧୭-୧୮ ରିପୋର୍ଟରେ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) କହିଛନ୍ତି, ଡୋକ୍‌ଲାମ ଓ ସିଆଚେନରେ ଯବାନମାନଙ୍କୁ ଉପଯୁକ୍ତ ଖାଦ୍ୟ, ବସ୍ତ୍ର, ଜୋତା ଏବଂ ସ୍ନୋ ଗ୍ଲାସ୍ ଭଳି ଉପକରଣ ଦିଆଯାଉନାହିଁ। ସେମାନଙ୍କୁ ଏସବୁ ପୁରୁଣା ହିସାବରେ ଦିଆଯାଉଛି। ଫଳରେ ଯବାନମାନେ ଆବଶ୍ୟକ କ୍ୟାଲୋରି ପାଉନାହାନ୍ତି। ସେନାର ଇଷ୍ଟର୍ନ କମାଣ୍ଡ ଓପନ ଟେଣ୍ଡର ସିଷ୍ଟମ୍ ଜରିଆରେ ଏହି ସାମଗ୍ରୀଗୁଡ଼ିକର ଠିକା ପାଇଁ ଟେଣ୍ଡର ଦେଇଥିଲା। କିନ୍ତୁ ନର୍ଦର୍ନ କମାଣ୍ଡ ସୀମିତ ଟେଣ୍ଡରିଂ ମାଧ୍ୟମରେ ସାମଗ୍ରୀ ଅଧିଗ୍ରହଣ କରିଛି। ଅତ୍ୟୁଚ୍ଚ ସ୍ଥାନରେ ନିୟୋଜିତ ଯବାନଙ୍କ ଆବଶ୍ୟକତା ପୂରଣ ଏବଂ ସେମାନଙ୍କ ପୋଷାକ କିଣିବା ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ କ୍ଷମତାସମ୍ପନ୍ନ କମିଟି ଗଠନ କରିଛି। କିନ୍ତୁ ଏହା ୪ ବର୍ଷ ବିଳମ୍ବିତ ହୋଇଛି। ସେହିପରି ମନ୍ତ୍ରଣାଳୟ ଅଧୀନ ଅର୍ଡନାନ୍ସ ଫ୍ୟାକ୍ଟ୍ରିରୁ ସାମଗ୍ରୀ ପ୍ରଦାନରେ ମଧ୍ୟ ବିଳମ୍ବ ହୋଇଛି। ଏହି ସବୁ କାରଣରୁ ଯବାନମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଉପଯୁକ୍ତ ପୋଷାକ ଓ ଉପକରଣ ବିନା କାର୍ଯ୍ୟରତ ଯବାନମାନଙ୍କ ସ୍ୱାସ୍ଥ୍ୟକୁ ଅତି ଥଣ୍ଡା ପରିବେଶ ପ୍ରଭାବିତ କରୁଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ସିଏଜି ରିପୋର୍ଟ**

### ବ୍ୟକ୍ତିଗତ ପରିଧାନ ପାଇଁ ଦିଆଯାଉଛି ଲକ୍ଷେ

**ନୂଆଦିଲ୍ଲୀ,୪।୨:** ସିଆଚେନ ଯାଉଥିବା ଯବାନମାନଙ୍କୁ ବ୍ୟକ୍ତିଗତ ପୋଷାକପତ୍ର କିଣିବା ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଉଛି। ସେମାନଙ୍କୁ ଉପଯୁକ୍ତ ଖାଦ୍ୟପେୟ ଓ ପୋଷାକପତ୍ର ଦିଆଯାଉ ନାହିଁ ବୋଲି ପ୍ରକାଶ ପାଇଥିବା ସିଏଜି ରିପୋର୍ଟ ଟିକେ ପୁରୁଣାକାଳିଆ। ପାର୍ଲାମେଣ୍ଟରେ ଉପସ୍ଥାପିତ ଏହି ରିପୋର୍ଟ ୨୦୧୫-୧୬ ବେଳର। ତେଣୁ ଏହା ବର୍ତ୍ତମାନ ସମୟର ରିପୋର୍ଟ ନୁହେଁ। ଏବେ ଆମେ ଭଲ ଭାବେ ପ୍ରସ୍ତୁତ ବୋଲି ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱାଣେ ଏକ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି।



# ସଚେତନ କରିଥିବା ଚାଇନା ଡାକ୍ତର ଆଇସିୟୁରେ

ଉହାନ୍, ୪।୨

**କରୋନା ଭାଇରସ୍ ଆତଙ୍କ**

ଚାଇନାରେ କରୋନା ଭାଇରସ୍ ଉଗ୍ର ରୂପ ଧାରଣ କରିଛି। ହେଲେ ଏହାର ଭୟାବହତାକୁ ନେଇ ପ୍ରଥମେ ଲୋକମାନଙ୍କୁ ସଚେନତ କରାଇଥିବା ଚାଇନା ଡାକ୍ତର ଲି ୱେନ୍‌ଲିଆଙ୍ଗ (୩୪) ଏବେ ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇ ଅକ୍ସିଜେନ୍ ସପୋର୍ଟରେ ଥିବା ଜଣାପଡ଼ିଛି। ସର୍ବପ୍ରଥମେ ୱି ଚାଟ୍ ଆପ୍‌ରେ ସେ ମେଡିକାଲ ସ୍କୁଲ ଆଲୁମ୍‌ନୀ ଗ୍ରୁପରେ ସତର୍କ କରାଇଥିଲେ। ଏଥିଲାଗି ସତର୍କ ରହିବାକୁ ସହକର୍ମୀମାନଙ୍କୁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ହେଲେ ଏବେ ତାଙ୍କ ସ୍ଥିତି ଦୟନୀୟ ହୋଇପଡ଼ିଛି। ପ୍ରକାଶଥାଉ କି, କରୋନା ଭାଇରସ୍ ସଂକ୍ରମଣରେ ଏବେ କେବଳ ଚାଇନାରେ ୪୨୭ ଜଣଙ୍କ ମୃତ୍ୟୁ ହୋଇସାରି ଥିବାବେଳେ ୨୦ ହଜାରରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ବିଶ୍ୱ ଚିନ୍ତିତ ହୋଇପଡ଼ିଛି।



ଲି ୱେନ୍‌ଲିଆଙ୍ଗ

# ଜନାର୍ଦ୍ଦନ ଦ୍ୱିବେଦୀଙ୍କ ପୁଅ ଭାଜପାରେ

ନୂଆଦିଲ୍ଲୀ, ୪।୨



ବରିଷ୍ଠ କଂଗ୍ରେସ ନେତା ଜନାର୍ଦ୍ଦନ ଦ୍ୱିବେଦୀଙ୍କ ପୁଅ ସମୀର ଦ୍ୱିବେଦୀ ମଙ୍ଗଳବାର ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନବିକାଶ କାର୍ଯ୍ୟ ଓ ଦୃଢ଼ ନେତୃତ୍ୱ ତାଙ୍କୁ ଭାଜପା ଆଡ଼କୁ ଟାଣିଆଣିଛି ବୋଲି ସେ କହିଛନ୍ତି। ସିଏଏ ଓ ଏନ୍‌ଆର୍‌ସି ନେଇ ଲୋକମାନେ ଏବେଠାରୁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ମୋଦିଙ୍କ ନେତୃତ୍ୱ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ୩୭୦ ଧାରା ଉଚ୍ଛେଦ, ତିନି ତଲାକ୍ ବିଲ୍ ପାସ୍ ଓ ସିଏଏକୁ ମୋହର ଐତିହାସିକ ପଦକ୍ଷେପ ବୋଲି ସମୀର କହିଥିଲେ। ଶାହିନ୍‌ବାଗରେ ସିଏଏ ବିରୋଧୀ ବିକ୍ଷୋଭ କରୁଥିବା ବ୍ୟକ୍ତି ୧୯୬୨ରେ ଚାଇନା ସପକ୍ଷରେ ବାହାରିଥିଲେ। ଏବେ ଯଦି ମୋଦିଙ୍କ ନେତୃତ୍ୱକୁ ବଳିଷ୍ଠ ନ କରିବା, ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା କଠିନ ହେବ ବୋଲି ସେ କହିଥିଲେ। ସେପଟେ ଜନାର୍ଦ୍ଦନ ପୁଅ ଭାଜପାରେ ସାମିଲ ହେବା କଥା ଜାଣି ନ ଥିବା କହିବା ସହ ତାହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ସମୀର ଜଣେ ପୂର୍ବତନ ସେନା ଲ୍ୟୁଟନାଣ୍ଟ। ୨୦୦୮ରେ ଅବସର ଗ୍ରହଣ କରିବା ପରେ ଏବେ ଭାଜପାରେ ଯୋଗଦେଇଛନ୍ତି।

# ହସ୍ତକ୍ଷେପ ଲାଗି ମନାକଲା କେନ୍ଦ୍ର

**ନୂଆଦିଲ୍ଲୀ/ହାଇଦ୍ରାବାଦ, ୪।୨:** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀ ଭାଇଜାଗ୍‌କୁ କାର୍ଯ୍ୟକାରୀ ରାଜଧାନୀ, ଅମରାବତୀକୁ ବ୍ୟବସ୍ଥାପକ ରାଜଧାନୀ ଓ କୁର୍ନୁଲ୍‌କୁ ନ୍ୟାୟିକ ରାଜଧାନୀ କରିବା ଯୋଜନାରେ ଅଛନ୍ତି। ରାଜ୍ୟରେ ଏଭଳି ୩ ରାଜଧାନୀ କରିବାକୁ ସେ ଚାହୁଁଥିବାବେଳେ ଟିଡିପି ଏହାକୁ ବିରୋଧ କରିଆସୁଛି। ଏହା ରାଜ୍ୟର ଇଚ୍ଛାଧୀନ କଥା, ଏଥିରେ ହସ୍ତକ୍ଷେପ କରାଯିବ ନାହିଁ ବୋଲି ପାର୍ଲାମେଣ୍ଟରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଟିଡିପି ଏମ୍‌ପି ଜୟଦେବ ଗାଲାଙ୍କ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ରାଜ୍ୟ ରାଜଧାନୀ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳରେ ରାଜ୍ୟଗୁଡ଼ିକ ସ୍ୱାଧୀନ ନିଷ୍ପତ୍ତି ନେଇପାରିବେ। ପ୍ରକାଶଥାଉ କି, ଟିଡିପି ମୁଖ୍ୟ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅମରାବତୀକୁ ରାଜ୍ୟର ରାଜଧାନୀ କରାଯିବ ବୋଲି ଘୋଷଣା କରିଥିଲେ। ୨୦୧୫ ଏପ୍ରିଲରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ଜଗନ୍ ଏହା ବିରୋଧରେ ଯାଇ ରାଜ୍ୟରେ ୩ ରାଜଧାନୀ କରିବା ଲାଗି ବିଲ୍ ଆଣିଥିଲେ। ବିଲ୍‌ଟି ବିଧାନ ପରିଷଦରେ ପାସ୍ ହୋଇ ନ ଥିଲା। ଶାସକ ଦଳର ସଂଖ୍ୟାଗରିଷ୍ଠତା ନ ଥିବାରୁ ବିଧାନ ପରିଷଦକୁ ଭଙ୍ଗକରିବା ଲାଗି ଜଗନ୍ ଚାହୁଁଛନ୍ତି। ଏହାକୁ ନେଇ ରାଜନୀତି ବଢ଼ିବାରେ ଲାଗିଛି।



**ଜଗନ୍‌ଙ୍କ ୩ ରାଜଧାନୀ ଯୋଜନା**

# କପିଲ ଗୁଜ୍ଜର ଏଏପି ସଦସ୍ୟ

ନୂଆଦିଲ୍ଲୀ, ୪।୨

ଦିଲ୍ଲୀର ଶାହିନ୍‌ବାଗରେ ଗତ ସପ୍ତାହରେ ହୋଇଥିବା ସିଏଏ ବିରୋଧୀ ବିକ୍ଷୋଭ ବେଳେ ଗୁଳି ଫୁଟାଇ ଗିରଫ ହୋଇଥିବା ୨୩ ବର୍ଷୀୟ କପିଲ ଗୁଜ୍ଜର ଏଏପି ସଦସ୍ୟ ବୋଲି ପୋଲିସ କହିଛି। କ୍ରାଇମ୍ ବ୍ରାଞ୍ଚର ବରିଷ୍ଠ ଅଧିକାରୀ ରାଜେଶ୍ ଦେଓ କହିଛନ୍ତି, ତଦନ୍ତ ପରେ କପିଲଙ୍କ ଫୋନ୍‌ରୁ ଏହି ତଥ୍ୟ ମିଳିଛି। ଜେରାବେଳେ କପିଲ ଓ ତାଙ୍କ ପିତା ଚୌଧୁରୀ ଗଜେ ସିଂ ୨୦୧୯ରେ ଏଏପିରେ ଯୋଗ ଦେଇଥିବା ସ୍ପଷ୍ଟ ହୋଇଛି। ପ୍ରକାଶଥାଉ କି, ପୂର୍ବତନ ବିଏସ୍‌ପି ନେତା ଗଜେ ସିଂ ୨୦୦୮ ଓ ୨୦୧୨ରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଓ ପୌର ନିର୍ବାଚନ ଲଢ଼ିଥିଲେ। କେଜ୍‌ରିୱାଲଙ୍କ ଏଏପିରେ ଗତବର୍ଷ ବାପା-ପୁଅ ଯୋଗ ଦେଇଥିବା ସ୍ପଷ୍ଟ ହୋଇଛି ବୋଲି ପୋଲିସ କହିଛି। ଏଠାରେ ଉଲ୍ଲେଖଯୋଗ୍ୟ, କପିଲ ସିଏଏ ବିରୋଧୀ ବିକ୍ଷୋଭ ସ୍ଥଳ ନିକଟରେ ଦୁଇଟି ଗୁଳି ଫୁଟାଇଥିଲେ ହେଁ କେହି ମୃତାହତ ହୋଇ ନ ଥିଲେ। ଏହା ପରେ ପୋଲିସ ସଙ୍ଗେ ସଙ୍ଗେ ତାଙ୍କୁ କାବୁକରି ନେଇଥିଲା।



**ଶାହିନ୍‌ବାଗ ଗୁଳିକାଣ୍ଡ ନେଇ ପୋଲିସ ତଥ୍ୟ**

# ଦିଲ୍ଲୀ ଡାଇଲଗ୍ସ ୨୦୨୦ରେ ମତ ରଖିଲେ ୫୦ ଛାତ୍ରୀଛାତ୍ର




**ନୂଆଦିଲ୍ଲୀ,୪।୨:** ଦିଲ୍ଲୀରେ ଆସନ୍ତା ୮ ତାରିଖରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ 'ଦିଲ୍ଲୀ ଡାଇଲଗ୍ସ ୨୦୨୦' ଶୀର୍ଷକ ବିତର୍କ ମଙ୍ଗଳବାର ଆୟୋଜନ କରାଯାଇଛି। ଫାଷ୍ଟ ଟାଇମ୍ ଭୋଟର ଡଟ୍ ଓଆରଜି ପକ୍ଷରୁ କନ୍‌ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଯୁବ ଭୋଟର ଯୋଗଦେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଏକକ ଦେୱାନୀ ସଂହିତା, ଆର୍ଥିକ ମାନ୍ଦାବସ୍ଥା, ଇଣ୍ଟରନେଟ ସେବା ମୌଳିକ ଅଧିକାର ଓ ଦିଲ୍ଲୀକୁ ରାଜ୍ୟ ମାନ୍ୟତା ପ୍ରଦାନ ଆଦି ସାମ୍ପ୍ରତିକ ପ୍ରସଙ୍ଗରେ ଯୁବପିଢ଼ି ନିଜ ନିଜ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ସ୍କୁଲ ଛାତ୍ର କାର୍ତ୍ତିକେୟ ଗୋଏଲଙ୍କ ଦ୍ୱାରା ପ୍ରତିଷ୍ଠିତ First-TimeVoter.orgର ଏହି ବିତର୍କର ଫାଇନାଲ ରାଉଣ୍ଡରେ ୫୦ ଛାତ୍ରୀଛାତ୍ର ଭାଗନେଇଥିଲେ, ଯେଉଁମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟର ୫୦୦ ଜଣଙ୍କ ମଧ୍ୟରୁ ବଛାଯାଇଥିଲା। ବିତର୍କ ପରେ ଆଇଏମ୍‌ଏସ୍ ଲ କଲେଜର ମନୀଷ୍ କୁମାରଙ୍କୁ ବିଜେତା ଘୋଷଣା କରାଯାଇଥିଲା। ସେହିପରି ଏସ୍‌ଜିଟିବି ଖାଲ୍‌ସା କଲେଜ ଛାତ୍ର ଆଶମାନ୍ କୌର ପ୍ରଥମ ଏବଂ ଇଗ୍‌ନୁର ବ୍ୟାସ ରାଜ ଦ୍ୱିତୀୟ ରନର୍ସ ଅପ୍ ମାନ୍ୟତା ପାଇଥିଲେ। ବିଜେତା ଓ ଦୁଇ ରନର୍ସ ଅପ୍‌ଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ କାର୍ତ୍ତିକେୟ ଗୋଏଲ କହିଥିଲେ, ସାମାଜିକ ଓ ରାଜନୈତିକ ଭାବେ ସଚେତନ ଲୋକଙ୍କୁ ଗୋଷ୍ଠୀବଦ୍ଧ କରିବା ଅତ୍ୟନ୍ତ ଉତ୍ସାହଜନକ। ଆମ ଆଗରେ ଥିବା ତୃଣମୂଳ ସ୍ତରର ଆହ୍ୱାନଗୁଡ଼ିକ ସମ୍ପର୍କରେ ଭଲ ଭାବେ ଅବଗତ ଆଗାମୀ ପିଢ଼ି ରାଜନେତାଙ୍କ ପାଇଁ ଏହା ବାଟ ଫିଟାଇବ। ଅନୁରୂପ ଭାବେ ପୂର୍ବତନ ଆଇପିଏସ୍ ଅଧିକାରୀ ତଥା ଏଏପି ନେତା ଡକ୍ଟର ଅଜୟ କୁମାର ରାଜନୈତିକ ଚ୍ୟାଲେଞ୍ଜଗୁଡ଼ିକ ଉପରେ ରୁଚିପୂର୍ଣ୍ଣ ଆଭିମୁଖ୍ୟ ରଖିଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ, ଗୁଜୁରାଟ
9157012447, 9157312448

SALES OFFICER Require for Reputed Limited PAINTS COMPANY for WESTERN ORISSA, KEONJHAR, ANUGUL, JAJPUR
PH :- 7381018881, 09823430881

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ। ଯୋଗ୍ୟତା: 10th/ above. ବୟସ: (18-35)yrs.
Monthly Salary upto Rs. 27000/-
(Part Time / Full Time)
Contact : 9938676412

RBM Group of Security, BBSR
Security ସଂସ୍ଥା ପାଇଁ Security Guard, House Keeping, Waiter, Service Boy, Peon, Attendant ଆବଶ୍ୟକ।
Contact : 9438004018, 7992916586, 6370566744

SRIRAM HOSPITAL, BERHAMPUR
Jayaprakashnagar 1st in, Berhampur 760010
Mob : 9437095359
(1) X-Ray Tech-1 No. (2) Pathology Tech (DMLT)-1 No. (3) Manager (Marketing)-1 No. (4) OT Tech-1 No. (5) Data Entry Operator-1 No. (6) Resident Medical Officer-2 Nos. (7) Pathology Dr.-1 No. (8) Radiology Dr.-1 No. (9) Accountant-1 No. (10) GNM-2 Nos. (1Yr. Exp.)
Walk in interview:
Apply Now, Resident facilities available

WALK-IN-INTERVIEW ON
09th February 2020 at 10 A.M.

| POST | NO. OF VACANCY |
| --- | --- |
| FRONT OFFICE EXECUTIVE | 1 |
| CASH & BILLING EXECUTIVE | 2 |
| HOUSE KEEPING | 4 |
| STORE MANAGER | 1 |
| ROOM BOY | 2 |
| STEWART | 1 |
| DRIVER | 1 |

Fresher can also apply., Attractive Salary
VENUE : SENAPATI PALACE (HOTEL & RESTAURANT), A/6, ASHOK NAGAR, BHUBANESWAR
Phone No.9938509300/7789906123

WANTED
Security Guard (100 Nos.) / Security Marketing Manager (2 Nos.) / Front Office (1 No. (F))
GPRS SECURITY MANAGEMENT PVT. LTD.
HIG-114, K5, Kalinga Vihar, BBSR
M-7008030765, 7008060652

ଡ୍ରାଇଭର ଆବଶ୍ୟକ
ଓଡିଶାର ଏକ ପ୍ରତିଷ୍ଠିତ ନିର୍ମାଣ ସଂସ୍ଥାରେ ଭାରିଯାନ ଚଳାଇବା ଲାଗି ଦକ୍ଷ ଡ୍ରାଇଭର ଆବଶ୍ୟକ । ପ୍ରାର୍ଥୀଙ୍କର ହେଭିଭେଇକିଲ ଡ୍ରାଇଭିଂ ଲାଇସେନ୍ସ ସହିତ ଅନୂନ୍ୟ ୧୦ବର୍ଷର ଅଭିଜ୍ଞତା ଥିବ । ସଂପୂର୍ଣ୍ଣ ବିବରଣୀ ସହିତ ତା ୯.୨.୨୦୨୦ (ରବିବାର) ଦିନ ଘ.୧୦ରେ ଅନୁଷ୍ଠିତ ସାକ୍ଷାତକାରରେ ଯୋଗଦେବାକୁ ଅନୁରୋଧ ।
ଶ୍ରୀ ଦୁର୍ଗା କନ୍‌ଷ୍ଟ୍ରକ୍ସନ ପ୍ରା. ଲିଃ.
ତରୋଳ, ଜଗତପୁର (ଥାନା ରୋଡ), କଟକ
ଯୋଗାଯୋଗ: ୭୦୦୮୯୯୯୭୧୧
୯୪୩୭୯୬୧୨୪୪, ୯୪୩୭୯୬୧୯୬୯

Wanted Lady ABACUS Teacher for Forest Park Center.
Walk In Interview
From 5th Feb-12th Feb
Contact : 2595197
7327868528 (M)

LADY TAILOR ଆବଶ୍ୟକ
BHUBANESWAR ର LEWIS ROAD ବା TANKAPANI ROAD ପାଖ AREA ରୁ ଅଭିଜ୍ଞତା ଥାଇ FULL TIME LADY TAILOR ଦରକାର
CONTACT
7978878192

One of the fast emerging organisation headquartered in Bhubaneswar requires
Sales Consultant, experience in Medical Industry or Insurance field for All Districts of Odisha. Interested candidates may pls apply in confidence. Interested candidate can opt Salary or freelance.
Contact : +91-9938490257
+91-7978028985
or please mail your Resume/ CV to medisafeodisha@gmail.com
Date of Interview 10th & 11th of February 2020

COLORCLASSIFIEDDISPLAY on Every Tuesday and Friday

URGENT REQUIRED
Required CCTV Technician
Call-9937790459
Bhubaneswar

Home Service ଓ Home Nursing
ପାଇଁ ପିଲା ଆବଶ୍ୟକ । ଇଚ୍ଛୁକ ଥିବା ଝିଅପିଲା Contact କରନ୍ତୁ -
8456835401

Urgently Required
ଅଫିସ୍ ପାଇଁ ୧୦ମ ରୁ ୧୨ଶ ପାସ୍ ଅବିବାହିତ ଯୁବକର ଆବଶ୍ୟକତା ଅଛି ଯେଉଁମାନେ ଓଡିଶା ବାହାରେ ରହିକି କାମ କରିକି ମାସକୁ ଦରମା
୭୦୦୦ + କମିଶନ୍ + ଖାଇବା + ଘର + ମେଡିକାଲ ଖର୍ଚ୍ଚ ମାଗଣା
9755861659
9131182006

WALK IN INTERVIEW
BLOSSOMS SCHOOL
Affiliated to CBSE, New Delhi
Wanted TGT teachers for English ,Social Science & Biology
Candidates are requested to come with their updated CV/ Resume,photo along with all certificates in original and xerox.
Date of Interview
07/02/2020
Time: 9:30 am to 1:00 pm
Address: Plot No.-5(GA), Bharatpur,BBSR,Contact: 9937478699

REQUIRED
Zee Laboratories Ltd.
a WHO-GMP, CGMP & ISO
9001-2000 certified Pharmaceutical Company requires:
Managers having experience in eastern & western part given preference.
Medical Representatives for Anugul, Balasore, Bargarh, Baripada, Boudh, Bhadrak, Bhubaneswar, Bolangir, Cuttack, Kendrapara, Malkangiri, Phulbani, Puri, Rayagada & Sambalpur.
Mail your resume at zeelabodisha@gmail.com & Mob :6371101173

एनटीपीसी NTPC
NTPC Limited
(A Govt. of India Enterprise)
Project Office: NTPC Darlipali Super Thermal Project Project, P.O: Darlipali, Dist: Sundargarh – 770072(Odisha)
WALK IN INTERVIEW For GDMOs(Adhoc)
NTPC, Darlipali requires General Duty Medical Officers (Adhoc) at Darlipali STPP for a period of one year. Interested candidates may appear for walk in Interview with certificate/testimonials & 01 self attested copy along with 02 passport size photographs on 18.02.2020 at 10.00 AM at NTPC Darlipali Health Centre: B2 Tower, NTPC Darlipali, Dist:Sundargarh, Odisha 770072. MCI registration is essential. Preference shall be given to the candidates with experience.
Details are given as under:

| S. No. | Post | Qualification | Nos. required | Compensation package | Other Benefits |
| --- | --- | --- | --- | --- | --- |
| 01 | GDMO (Adhoc Basis) | MBBS | 03 (02-UR, 01-OBC -NCL) | Rs.82000/- Per month (Consolidated) | I) Medical facility for self at NTPC Darlipali Health Centre. II) Rent free Bachelor Accommodation at NTPC Darlipali township. |

NTPC Darlipali STPP is located at appx 35 KM from main railhead of Jharsuguda and appx 25 KM from Jharsuguda Airport.
HR Deptt., NTPC DSTPP, Dist: Sundargarh
Contact Phone No.: 9425281299
Registered Office: NTPC Bhawan, SCOPE Complex, 7, Institutional Area, Lodhi Road, New Delhi 110003
Leading the Power Sector

Do you want to be Somebody not anybody
Leading FMCG/Tobacco Co.
requires the following personnel (area wise) for West Bengal, Bihar, Jharkhand, Odisha, Arunachal Pradesh, Assam, Meghalaya, Manipur, Mizoram, Nagaland and Tripura.
Area Sales Manager
(1 post for each area)
Graduate with minimum 3-years experience in similar position in FMCG sector.
Senior Sales Executive
(4 post for each area)
Graduate with minimum 2-years experience in similar position in FMCG sector.
Interested candidates may send their CV to sharad.lakhani16@gmail.com within 7 days.

Zilla Swasthya Samiti, Ganjam
Advt. No.2631 Date:04.02.2020
WALK IN INTERVIEW
A Walk In Interview will be conducted for filling up vacancies of various staff under NHM, O/o CDM & PHO, Ganjam, Berhampur on contractual basis subject to renewal as per Odisha State Health & Family Welfare Society terms and conditions.
1. Medical Officer SNCU
2. Social Worker (RBSK+NTCP)
3. Psychiatric Nurse
4. Programme Officer Mental Health
Interested candidates can log on to district web site https://ganjam.nic.in for details of vacancy, Date of Walk In Interview, eligible criteria & application form etc. Candidates fulfilling the eligibility criteria may appear before the Interview Board (Venue : Pragyan Conference Hall, of office of the CDM & PHO, Ganjam, Berhampur) on the scheduled date mentioned against post from 10.30 A.M. to 12.00 Noon, with filled application form along with a self attested copies of all supportive documents.
The undersigned reserves the right to cancel / reject any or all the applications without assigning any reason thereof.
Sd./-
CDM & PHO, Ganjam

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**ବିଜେଡିରୁ ଜୟଲାଲ ନିଲମ୍ବିତ**

ଭୁବନେଶ୍ୱର,୪।୨(ବ୍ୟୁରୋ): ଦଳ ବିରୋଧୀ କାର୍ଯ୍ୟ ପାଇଁ ସମ୍ବଲପୁର ଜିଲା ଅଇଁଠାପାଲି ଅନ୍ତର୍ଗତ ଅମ୍ବିରା ନଗର ହାଉସିଂ କଲୋନୀର ବିଜେଡି ସଦସ୍ୟ ଜୟଲାଲ ବେହେରାଙ୍କୁ ମଙ୍ଗଳବାର ଦଳରୁ ନିଲମ୍ବନ କରାଯାଇଛି। ଜିଲାସ୍ତରରୁ ଆସିଥିବା ଅଭିଯୋଗର ଦଳୀୟ ତଦନ୍ତ କରାଯାଇ ବିଜେଡି ଶୀର୍ଷ ନେତୃତ୍ୱଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡିଛି।

## ସଂକ୍ଷେପରେ

### ୯ ପର୍ଯ୍ୟନ୍ତ ବର୍ଷା
### ଫସଲ ପରିଚାଳନା ପାଇଁ ଆଡଭାଇଜରି ଜାରି

ଭୁବନେଶ୍ୱର, ୪।୨(ବ୍ୟୁରୋ): ଦକ୍ଷିଣ କୋଙ୍କଣ ଓ ଗୋଆ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବୁଧବାର ଉପକୂଳ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ଗୁରୁବାର ୧୫ ଜିଲାରେ ବର୍ଷା ହେବା ସମ୍ଭାବନା ଥିବାବେଳେ ବଜ୍ରପାତ ନେଇ ୧୩ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଫସଲଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଓୟୁଏଟି ପକ୍ଷରୁ ଚାଷୀମାନଙ୍କ ସକାଶେ ଆଡଭାଇଜରି ଜାରି କରାଯାଇଛି। ଡାଲୁଅ ଧାନ ରୋଇବା ପାଇଁ ଆବଶ୍ୟକସ୍ଥଳେ ବର୍ଷା ପାଣି ବାନ୍ଧି ରଖିବାକୁ ପରାମର୍ଶ ଦିଆଯାଇଛି। ପନିପରିବା ତଥା ଖରାଟିଆ ଡାଲିଜାତୀୟ ଓ ତୈଳବୀଜ ଫସଲରେ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଇଛି। କୀଟନାଶକ ଔଷଧ ସିଞ୍ଚନ ଓ ଜଳସେଚନ ସାମୟିକ ବନ୍ଦ ରଖିବା, ପନିପରିବା ତଳିଘେରାକୁ ଧଳା ପଲିଥିନରେ ଘୋଡ଼ାଇ ରଖିବାକୁ ପରାମର୍ଶ ଦିଆଯାଇଛି। କୋହଲା ପାଗ ଲାଗି ରହିଲେ ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ, ମୁଗ, ବିରି ଆଦି ଫସଲରେ ଓ ପନିପରିବାରେ ଜଉପୋକ ଲାଗିବା ସମ୍ଭାବନା ଅଛି। ତେଣୁ ଠିକ୍ ଭାବେ ନିରୀକ୍ଷଣ କରି ଆବଶ୍ୟକ କୀଟନାଶକ ସିଞ୍ଚନ କରିବାକୁ କୁହାଯାଇଛି।

### ୧୨ରେ ଓଡ଼ିଶା ଆସିବେନି ଶାହା

ଭୁବନେଶ୍ୱର,୪।୨(ବ୍ୟୁରୋ): ଆସନ୍ତା ୧୨ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ଏହା ବାତିଲ ହୋଇଯାଇଛି। କେଉଁ କାରଣରୁ ଶାହାଙ୍କ ଗସ୍ତକୁ ବାତିଲ କରାଗଲା ସେନେଇ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ। ତାଙ୍କର ଭବିଷ୍ୟତ ଗସ୍ତ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଚଳିତ ବର୍ଷ ଶାହାଙ୍କ ଅଧ୍ୟକ୍ଷତାରେ ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକ ଓଡ଼ିଶାରେ ଅନୁଷ୍ଠିତ ହେବ ବୋଲି ଶୁଣିବାକୁ ମିଳୁଥିଲା। ଏଥିରେ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥାଆନ୍ତେ। ତେବେ ବୈଠକ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନ ଥିବାବେଳେ ଆଗକୁ କେବେ ହେବ ସେନେଇ ମଧ୍ୟ କିଛି ଜଣାପଡିନାହିଁ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଗତ ରବିବାର ଶାହଙ୍କ ଓଡିଶା ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ।

### ଭୀଷ୍ମଗିରିର ସରକାରୀ ଧନ୍ଦାମୂଳକ ବିଦ୍ୟାଳୟ ପାଇଁ ହେବ ନୂଆ କୋଠା

ଭୁବନେଶ୍ୱର,୪।୨(ବ୍ୟୁରୋ): ଗଞ୍ଜାମ ଜିଲା ଭୀଷ୍ମଗିରିସ୍ଥିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିମନ୍ତେ ଏକ ନୂତନ କୋଠା ନିର୍ମାଣ ହେବ। ଏଥିପାଇଁ ଧନ୍ଦାମୂଳକ ଶିକ୍ଷା ନିର୍ଦ୍ଦେଶକ ୭୦ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ ଅଟକଳକୁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି କୋଠା ନିର୍ମାଣ ନିମନ୍ତେ ୨୦୧୯-୨୦ ଆର୍ଥିକ ବର୍ଷରେ ଏକ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା।

# ଛୁରି ଦେଖାଇ ଧମକାଇଲେ ଫିଲ୍ମ ନିର୍ଦ୍ଦେଶକ

ଭୁବନେଶ୍ୱର,୪।୨(ବ୍ୟୁରେ)

- ରେଷ୍ଟୁରାଣ୍ଟ ବନ୍ଦ ହୋଇଥିବାରୁ ଖାଦ୍ୟ ଅର୍ଡର ରଖି ନ ଥିଲେ କର୍ମଚାରୀ
- ଫିଙ୍ଗା ଫୋପଡ଼ା କରି ଆତଙ୍କ ଖେଳାଇଲେ ଦିଲୀପ

ଖାରବେଳନଗର ଥାନାଞ୍ଚଳରେ ଥିବା ଏକ ରେଷ୍ଟୁରାଣ୍ଟରେ ଆତଙ୍କ ଖେଳାଇ ପୁଣି ଚର୍ଚ୍ଚା ଓ ବିବାଦକୁ ଆସିଛନ୍ତି ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ଦିଲୀପ ପଣ୍ଡା। ରେଷ୍ଟୁରାଣ୍ଟ ବନ୍ଦ ହେବା ପରେ ଖାଇବା ଅର୍ଡର କରି ନିରାଶ ହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ପଡ଼ିଥିଲେ। ଏହାପରେ ସେ ରେଷ୍ଟୁରାଣ୍ଟରେ ଭଙ୍ଗାରୁଜା କରିବା ସହ ରୋଷେୟା ଓ କର୍ମଚାରୀଙ୍କୁ ଛୁରୀ ଦେଖାଇ ଧମକାଇବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏ ନେଇ ଫେସ୍‌ବୁକ୍ ରେଷ୍ଟୁରାଣ୍ଟ ମାଲିକ ସିତାଂଶୁ ମିଶ୍ର କମିଶନରେଟ ପୋଲିସକୁ ଟୁଇଟର ମାଧ୍ୟମରେ ଜଣାଇବା ପରେ ଘଟଣା ପଦାକୁ ଆସିଛି। ରାତିରେ ରେଷ୍ଟୁରାଣ୍ଟ ବନ୍ଦ ହେବା ପରେ ନିର୍ଦ୍ଦେଶକ ପଣ୍ଡା ଜଣେ ସଚେତନ ନାଗରିକ ଭାବରେ ଏପରି ଘଟଣା ଘଟାଇବା ଗ୍ରହଣୀୟ ନୁହେଁ। ରାଜଧାନୀବାସୀଙ୍କ ସୁରକ୍ଷା ପ୍ରସଙ୍ଗ ହୋଇଥିବାରୁ କମିଶନରେଟ ପୋଲିସ ଆଇନ ଅନୁଯାୟୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି ସେ ତାଙ୍କ ଟୁଇଟର୍ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଅଭିଯୋଗ ପରେ ଖାରବେଳନଗର ଥାନା ପୋଲିସ କେସ୍ ନଂ.୩୩/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ରେଷ୍ଟୁରାଣ୍ଟ କର୍ମଚାରୀ ମହେଶ୍ୱର ମହାନ୍ତିଙ୍କ କହିବାନୁଯାୟୀ, ରବିବାର ରାତି ପ୍ରାୟ ସାଢେ ୧୦ଟାରେ ଦିଲୀପ ୪ଜଣ ସହଯୋଗୀଙ୍କ ସହ ପହଞ୍ଚି ଖାଦ୍ୟ ଅର୍ଡର ଦେଇଥିଲେ। ମାଲିକ ରେଷ୍ଟୁରାଣ୍ଟ ବନ୍ଦ କରି ଚାଲିଯାଇଥିବାରୁ ଖାଦ୍ୟ ଅର୍ଡର ରଖିବାକୁ ସେ ମନା କରିଥିଲେ। ଫଳରେ ଦିଲୀପ ଉତ୍ତ୍ୟକ୍ତ ହୋଇ ସେଠାରେ ଫିଙ୍ଗାଫୋପଡା କରିବା ସହ କିଚେନରେ ପଶି ଏକ ପରିବା କଟା ଛୁରୀ ଧରି ଆକ୍ରମଣ କରିବାକୁ ଧମକ ଦେଇ ମାଡ଼ି ଆସିଥିଲେ। ତାଙ୍କ ସହ ଆସିଥିବା ସହଯୋଗୀମାନେ ଦିଲୀପଙ୍କୁ କାବୁ କରି ରେଷ୍ଟୁରାଣ୍ଟ ବାହାରକୁ ନେଇଯାଇଥିଲେ। ସେମାନେ ସମସ୍ତେ ନିଶାସକ୍ତ ଅବସ୍ଥାରେ ଥିବାରୁ ହୋଟେଲ କର୍ମଚାରୀ ଭୟଭୀତ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ତୁରନ୍ତ ମାଲିକଙ୍କୁ ଜଣାଇଥିଲେ ବୋଲି ମହେଶ୍ୱର କହିଛନ୍ତି। ସିସିଟିଭିରେ କଏଦ ହୋଇଥିବା ଏହି ସମସ୍ତ ଘଟଣାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିର୍ଦ୍ଦେଶକ ଦିଲୀପଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାବେଳେ ଥାନାଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଉକ୍ତ ସିସିଟିଭିକୁ ଯାଞ୍ଚ କରାଯାଉଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପିସିସି ସଭାପତିଙ୍କୁ ହଟାଇବାକୁ ପୁଣି ନେତାଙ୍କ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୪।୨(ବ୍ୟୁରୋ)

**ନିରଞ୍ଜନ ମଧ୍ୟ ଦିଲ୍ଲୀ ଗଲେ**

କିଛିଦିନର ବିରତି ପରେ ପୁଣି କଂଗ୍ରେସର ପୁରୁଣା ରୋଗ ଦେଖିବାକୁ ମିଳିଛି। ଦଳର କେତେଜଣ ବରିଷ୍ଠ ନେତା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପଦବୀରୁ ନିରଞ୍ଜନ ପଟ୍ଟନାୟକଙ୍କୁ ହଟାଇବା ପାଇଁ ଦାବି କରିବାକୁ ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ମଙ୍ଗଳବାର ସକାଳେ ଦିଲ୍ଲୀ ଗସ୍ତ କରିଥିବା ନେତାମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସମୀର ରାଉତରାୟ, ପୁରୀର ପୂର୍ବତନ ଜିଲା ସଭାପତି ଉତ୍ତମ ଆଚାର୍ଯ୍ୟ ଏବଂ ସଞ୍ଜୟ ତ୍ରିପାଠୀଙ୍କ ସମେତ ଆଉ ୭ଜଣ ନେତା ରହିଥିବା ଜଣାପଡିଛି। ଗତ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ, ଦଳୀୟ କାର୍ଯ୍ୟକ୍ରମ ଠିକ୍ ଢଙ୍ଗରେ କରା ନ ଯିବା, ଯୁବ ଓ ଛାତ୍ର ସଂଗଠନରୁ ବହୁଜଣ ହାତ ଛାଡି ଚାଲିଯାଉଥିବା କଥାକୁ ଦିଲ୍ଲୀ ନେତାଙ୍କ ଆଗରେ କହିବେ। ଏହାସହ ଅନ୍ୟାନ୍ୟ ପ୍ରସଙ୍ଗର ଦସ୍ତାବିଜ୍ ମଧ୍ୟ ଦଳର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, ବରିଷ୍ଠ ନେତା ଅହମ୍ମଦ ପଟେଲ ପ୍ରମୁଖଙ୍କ ଆଗରେ ରଖିବେ ବୋଲି ଜଣାପଡିଛି। ଯଦି କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ଦେହ ସୁସ୍ଥଥିବ ତେବେ ତାଙ୍କୁ ଭେଟିବା ସହିତ ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ମଧ୍ୟ ସାକ୍ଷାତ କରିବାର କାର୍ଯ୍ୟକ୍ରମ ଥିବା ଜଣାପଡିଛି। ମାତ୍ର ଏନେଇ ସମୀର ରାଉତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଦିଲ୍ଲୀ ନିର୍ବାଚନ ପାଇଁ ଆସିଛୁ। ଏଆଇସିସିକୁ ସମୟ ମାଗିଛୁ କେତେଜଣ କେନ୍ଦ୍ର ନେତାଙ୍କୁ ଦେଖା ହେବା ଲାଗି, ପିସିସି ସଭାପତି ପରିବର୍ତ୍ତନ ପାଇଁ ଆସିନାହୁଁ ବୋଲି ସେ କହିଛନ୍ତି। ଦିଲ୍ଲୀ ନେତା ଯଦି ଓଡ଼ିଶା ସମ୍ପର୍କିତ ସମସ୍ୟାକୁ ଅଣଦେଖା କରନ୍ତି ତେବେ ସେମାନେ ଅନଶନରେ ବସିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଦଳର ବହୁ ନେତା ପର୍ଯ୍ୟାୟକ୍ରମେ ଦିଲ୍ଲୀ ଯାଇ ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରି ପିସିସି ପରିବର୍ତ୍ତନ ଦାବି ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଜିତେନ୍ଦ୍ର ସିଂ ଓଡ଼ିଶା ଆସି ବର୍ତ୍ତମାନ ପିସିସି ପରିବର୍ତ୍ତନର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। ଏହାର କିଛିଦିନ ପର୍ଯ୍ୟନ୍ତ ରାଜ୍ୟ ନେତାଙ୍କ ଦିଲ୍ଲୀ ଗସ୍ତ ବନ୍ଦ ରହିଥିବାବେଳେ ପୁଣିଥରେ ଏହା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ମତାମତ ନେବା ଲାଗି ନିରଞ୍ଜନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। ଅନ୍ୟପକ୍ଷରେ ନିରଞ୍ଜନ ପଟ୍ଟନାୟକ ମଧ୍ୟ ଦିଲ୍ଲୀ ନିର୍ବାଚନରେ ପାଇଁ ଗସ୍ତ କରିଥିବା ସୂଚନା ମିଳିଛି।

# ଦୁବାଇରେ ଫସିଥିବା ଯୁବକ ଉଦ୍ଧାର



ଭୁବନେଶ୍ୱର,୪।୨(ବ୍ୟୁରୋ)

ଦୁବାଇରେ ଫସିଥିବା ଓଡ଼ିଆ ଯୁବକମାନଙ୍କୁ ଓଡ଼ିଶା, ମୋ ପରିବାର ସଙ୍ଗଠନ ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଏହି ୪ ଯୁବକ ମଙ୍ଗଳବାର ରାତି ପ୍ରାୟ ୨ଟା ୧୫ ମିନିଟ୍‌ରେ କୋଲକାତା ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ସ୍ଥାନୀୟ ଉତ୍କଳ ଭବନର ଅଧିକାରୀମାନେ ଅଭ୍ୟର୍ଥନା ପ୍ରଦାନ କରିଥିଲେ। ଏଥିସହ ସେମାନଙ୍କୁ ରେଳ ଯୋଗେ ଓଡ଼ିଶା ପଠାଇବାର ବ୍ୟବସ୍ଥା କରିଥିଲେ। ଏହି ୪ ଯୁବକ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ମୋ ପରିବାର ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସଙ୍ଗଠନ ଆବାହକ ଅରୂପ ପଟ୍ଟନାୟକ, ବିଧାୟକ ସୁଶାନ୍ତ ରାଉତ, ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାଶ, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ସେଠୀ ଏବଂ ସଙ୍ଗଠନର ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ସେମାନଙ୍କୁ ସ୍ୱାଗତ କରିଥିଲେ। ଦୁବାଇରୁ ସେମାନଙ୍କୁ ସୁରକ୍ଷିତଭାବେ ଫେରାଇ ଅଣାଯାଇଥିବାରୁ ସେହି ଯୁବକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଯାଜପୁର ଜିଲାର ନାଥପୁର ଗ୍ରାମର ଦୁଇଭାଇ ଅଶୋକ କୁମାର ଜେନା ଓ ସୁବାସ କୁମାର ଜେନା ଯୁବକଙ୍କୁ ଚାକିରି ପ୍ରଲୋଭନ ଦେଖାଇ ନିୟମିତଭାବେ ଦୁବାଇ ନେଇ ଯାଉଥିଲେ। ଏମାନଙ୍କ ପ୍ରଲୋଭନରେ ଯାଜପୁର ଜିଲାର କୋଲନାଗିରି ଗାଁର ଦୀପକ ସେଠୀ, ସଞ୍ଜୟ କୁମାର ଜେନା, ବିଜୟ କୁମାର ସାହୁ ଏବଂ ଅରେଇକଣା ଗାଁର ଚିରଞ୍ଜୀବୀ ଜେନା ଦୁବାଇ ଯାଇଥିଲା। ସେଠାରେ ସେମାନଙ୍କୁ କମ୍ପାନୀ ଦ୍ୱାରା ଅକଥନୀୟ ନିର୍ଯାତନା ଦିଆଯିବା ସହ ମିଥ୍ୟା କେସ୍‌ରେ ଫସାଇ ଦିଆଯାଇଥିଲା। ଏମାନଙ୍କ ସମେତ ଅନ୍ୟ ୩ ଜଣ ମଧ୍ୟ ଦୁବାଇ ଯାଇଥିଲେ। ସେମାନେ କିଛିଦିନ ପୂର୍ବରୁ ଓଡ଼ିଶା, ମୋ ପରିବାର ସଙ୍ଗଠନ ସହଯୋଗରେ ଉଦ୍ଧାର ହୋଇଥିଲେ। ଉପରୋକ୍ତ ୪ ଜଣ ଆଇନଗତ ବ୍ୟବସ୍ଥାରେ ଛନ୍ଦି ହୋଇଥିବାରୁ ସେମାନଙ୍କ ଉଦ୍ଧାରରେ ସମୟ ଲାଗିଥିଲା। ଗତ ଡିସେମ୍ବର ୫ରେ ଏହି ଖବର ଜଣେ ଖବରଦାତାଙ୍କ ଦ୍ୱାରା ସଙ୍ଗଠନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ସଙ୍ଗଠନ ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲା।

# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି କଲା ବିଜେଡି

ଭୁବନେଶ୍ୱର,୪।୨(ବ୍ୟୁରୋ)

**ପାର୍ଲାମେଣ୍ଟ ବଜେଟ ଅଧିବେଶନ**

ପଶ୍ଚିମ ଓଡ଼ିଶାରେ ଓଡ଼ିଶା ହାଇକୋର୍ଟଙ୍କ ଏକ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ପାର୍ଲାମେଣ୍ଟର ଉଚ୍ଚସଦନ ରାଜ୍ୟ ସଭାରେ ବିଜେଡି ପକ୍ଷରୁ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି କରାଯାଇଛି। ମଙ୍ଗଳବାର ଶୂନ୍ୟକାଳରେ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରସଙ୍ଗ ଉପସ୍ଥାପନ କରିଥିଲେ।

ପ୍ରସନ୍ନ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ କାରଣରୁ ଦୀର୍ଘଦିନ ଧରି ଅଦାଲତଗୁଡିକ ଚାଲୁ ନାହିଁ। ହାଇକୋର୍ଟଠାରୁ ପଶ୍ଚିମ ଓଡ଼ିଶାର ସାଧାରଣ ଲୋକେ ବହୁତ ଦୂରରେ ରହୁଛନ୍ତି। କୌଣସି ମାମଲା ପାଇଁ ସେମାନେ କଟକ ଆସି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା କଷ୍ଟକର ବ୍ୟାପାର। ସେହିପରି କଟକ ହାଇକୋର୍ଟରେ ମଧ୍ୟ ୧.୫ ଲକ୍ଷ ମାମଲା ପଡି ରହିଛି। ତେଣୁ ଏ ସବୁ ସମସ୍ୟାର ସମାଧାନ ପାଇଁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ ବୋଲି ପ୍ରସନ୍ନ ଦାବି କରିଛନ୍ତି। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିଭୂମି ନିର୍ମାଣ ପାଇଁ ସମସ୍ତ ସହଯୋଗ କରିବେ ବୋଲି ପୂର୍ବରୁ ଘୋଷଣା କରିସାରିଥିବା ପ୍ରସନ୍ନ କହିଥିଲେ। ତେଣୁ ଓଡ଼ିଶା ହାଇକୋର୍ଟ ସହ ପରାମର୍ଶ କରି ପଶ୍ଚିମ ଓଡ଼ିଶାରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ପ୍ରସନ୍ନ ମତ ରଖିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଫାଇନାଲରେ...

କରି ଦୁଇ ଓପନର ଜୈସୁଆଲ ଓ ଦିବ୍ୟାଂଶ ସାକସେନା ପାକିସ୍ତାନ ବୋଲରଙ୍କ ସଫଳ ମୁକାବିଲା କରିଥିଲେ। କୌଣସି ଉଇକେଟ ହରାଇବାକୁ ନ ଦେଇ ଏହି ଦୁଇ ଓପନର ବିନା କୌଣସି ସମସ୍ୟାରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲେ। ଆମୀର ଅଲିଙ୍କ ବଲ୍‌ରେ ଛକା ମାରି ଜୈସୁଆଲ ଭାରତକୁ ପୂରା ଢଙ୍ଗରେ ଜିତାଇଥିଲେ। ୧୧୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୧୦୫ ରନର ଶତକୀୟ ପାଳି ଖେଳି ଜୈସୁଆଲ ଅପରାଜିତ ରହିଥିଲେ। ସେହିପରି ସାକସେନା ୯୯ଟି ବଲ୍ ଖେଳି ୬ ଚୌକା ସହ ଧୈର୍ଯ୍ୟର ସହ ବ୍ୟାଟିଂ କରି ୫୯ ରନକରି ଅପରାଜିତ ରହିବା ସହ ଜୈସୁଆଲଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ପ୍ରଥମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ସର୍ବାଧିକ ୧୭୬ ରନ ସଂଗ୍ରହ କରି ଭାରତ-ପାକିସ୍ତାନ ଦୃଷ୍ଟିକୋଣରୁ ରେକର୍ଡ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଦଳର ୮ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦଳ ତରଫରୁ ଓପନର ହାଇଦର ଅଲୀ ୫୬ ଓ ଅଧିନାୟକ ତଥା ଉଇକେଟକିପର ରୋହେଲ ନାଜିର ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହପରି ମହମ୍ମଦ ହାରିସ୍ ୨୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ସୁଶାନ୍ତ ମିଶ୍ରା ୩, କାର୍ତ୍ତିକ ତ୍ୟାଗୀ ଓ ରବି ବିଷ୍ଣୋଇ ୨ଟି ଲେଖାଏ, ଅଥର୍ବ ଅଙ୍କୋଲେକର ଓ ଜୈସୁଆଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ୬୦ ଛାତ୍ରଙ୍କୁ...

କରିଥିଲା। ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନେ ଏହି ନାଟକ ପରିବେଷଣ କରିଥିଲେ। ପୋଲିସ ସେମାନଙ୍କୁ ଜେରାବେଳେ ଏହି ନାଟକ କିଏ ଲେଖିଥିଲେ, ଶିକ୍ଷକ ଏଥିଲାଗି ଉତ୍ସାହିତ କରିଥିଲେ କି ନାହିଁ ଆଦି ପ୍ରଶ୍ନ କରିଥିବା ଜଣାପଡ଼ିଛି। ଗତ ୪ ଦିନ ହେବ ପିଲାମାନଙ୍କୁ ପୋଲିସ ଏଭଳି ଜେରା କରିଚାଲିଛି। ଏଭଳି ପୋଲିସ କାର୍ଯ୍ୟାନୁଷ୍ଠାନକୁ ବେଙ୍ଗାଲୁରୁରେ ଅଭିଭାବକମାନେ ବିରୋଧ କରିଛନ୍ତି। ପିଲାଙ୍କୁ ବାରମ୍ବାର ଜେରାକରିବା, ଶିକ୍ଷକ ଓ ପିଲାଙ୍କ ଅଭିଭାବକଙ୍କୁ ଗିରଫ କରିବା ଠିକ୍ ନୁହେଁ ବୋଲି କୁହାଯାଇଛି। ସ୍କୁଲ ବିରୋଧରେ ପୋଲିସ ଦେଶଦ୍ରୋହମାମଲାଲଗାଇବାକୁପ୍ରୟାସକରୁଥିବାବେଳେ ଏହାକୁ ନେଇ ଉତ୍ତେଜନା ବଢ଼ିବାରେ ଲାଗିଛି।

## ଏପ୍ରିଲରେ ପୁରୀ...

ପରମ୍ପରା ଭଙ୍ଗ ହେବାର ଆଶଙ୍କା ରହିଛି ବୋଲି ବୈଠକରେ ଭାଗ ନେଇଥିବା ସେବାୟତ ପ୍ରତିନିଧିମାନେ ଆଶଙ୍କା କରିଥିଲେ। ପରମ୍ପରା ଅକ୍ଷୁଣ୍ଣ ରହିବ ବୋଲି କ୍ରିଷନ କୁମାର ସେବାୟତମାନଙ୍କୁ ଭରସା ଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କ୍ରିଷନ କୁମାର କହିଛନ୍ତି ଯେ, ଜନସାଧାରଣ ଚାହିଁଲେ ଐତିହ୍ୟ କରିଡର ପାଇଁ ଇ-ମେଲ୍ ମାଧ୍ୟମରେ ନିଜର ମତାମତ ଦେଇ ପାରିବେ। ଐତିହ୍ୟ କରିଡର ପାଇଁ ୪ଟି ଦିଗକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମତଃ ଶ୍ରୀମନ୍ଦିର ଚାରିପଟେ ଥିବା ସାହିକୁ ସାହି କିପରି ଯାତାୟାତ ସୁବିଧା ହୋଇପାରିବ ସେ ନେଇ ମାଇକ୍ରୋ ପ୍ଲାନିଂ କରାଯିବ। ଦ୍ୱିତୀୟତଃ ରଥଯାତ୍ରାର ସମସ୍ତ ପରମ୍ପରାକୁ ପୂର୍ବ ଭଳି ପାଳନ କରାଯିବ। ରଥଖଳା ପୂର୍ବ ପରି ବ୍ୟବସ୍ଥିତ ହେବ। ଚନ୍ଦନ ଯାତ୍ରା ଭଳି ଦେବଦେବୀଙ୍କ ବାହାର ଯାତ୍ରା ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ଶ୍ରୀମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଭକ୍ତମାନଙ୍କର ହାତ ଓ ପାଦଧୁଆ ପ୍ରତି ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ତୃତୀୟତଃ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରସ୍ତାବିତ ନାମ ସଂକୀର୍ତ୍ତନ ପାଇଁ ସ୍ୱତନ୍ତ୍ର ଜାଗା ରହିବ। ଚତୁର୍ଥତଃ ଏକା ସାଙ୍ଗରେ ୫ ହଜାର ଭକ୍ତ ମହାପ୍ରସାଦ ସେବନ କଲାଭଳି ବ୍ୟବସ୍ଥା କରାଯିବ।

ଐତିହ୍ୟ କରିଡର ନକ୍ସା ପାଇଁ ଇ-ମେଲ୍ ଜରିଆରେ ୨୩୧ ମତାମତ ଓ ପରାମର୍ଶ ଆସିଛି। ଏ ସବୁ ପୂର୍ବତନ ମନ୍ଦିର ପରିଚାଳନା କମିଟି ସଦସ୍ୟ, ବର୍ତ୍ତମାନର ସଦସ୍ୟ, ଗବେଷକଙ୍କଠାରୁ ଆସିଛି। ଯେଉଁ ପ୍ରସଙ୍ଗ ନେଇ ଆଶଙ୍କା ପ୍ରକାଶ ପାଇଛି, ଏକ କମିଟି ବସାଇ ତାହାକୁ ସଂଶୋଧିତ କରାଯାଇ ପାରିବ ବୋଲି ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି। ବୈଠକରେ ଯୋଗଦେଇ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି ଯେ, ଶ୍ରୀକ୍ଷେତ୍ରର ଐତିହ୍ୟ ସଂସ୍କୃତି, ପରମ୍ପରାକୁ ଆଗେଇ ନିଆଯିବ। ଏହି ମହାନ୍ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ପୁରୀର ଐତିହ୍ୟ ଓ ସଂସ୍କୃତିରେ ଅନେକ ପରିବର୍ତ୍ତନ ଆସିବ ବୋଲି ଗଜପତି କହିଛନ୍ତି। କରିଡରରେ ସମସ୍ତ କଳାକୃତିରେ ଉତ୍କଳୀୟ ସ୍ଥାପତ୍ୟ ଓ ପରମ୍ପରାର ଝଲକ ରହିବା ଆବଶ୍ୟକ ବୋଲି ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର ମତ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସେବାୟତ ଏବଂ ଶ୍ରୀମନ୍ଦିର ସହ ଜଡ଼ିତ ବିଶେଷ ବ୍ୟକ୍ତିମାନେ ଯୋଗଦେଇଥିଲେ।


**OFFICE OF THE JOINT DIRECTOR, STATISTICS SOUTHERN RANGE, BERHAMPUR** X-43

Kamapalli, Berhampur, Pin 760004, Ph. 06802281893
Email : jdstatisticssr@gmail.com

Advertisement No.02 Date: 01.02.2020
(Last date of submission of the bid 28.02.2020)

**ADVERTISEMENT FOR HIRING OF ACCOMMODATION ON LEASE/RENT BASIS**

Quotation / bids in sealed cover are invited under two bid system from the legal owners and/ or power of attorney holders for hiring of office accommodation for the Office of Joint Director (Statistics). Southern Range, Berhampur. The bid documents with detail terms of references can be obtained from the Office of the Joint Director (Statistics), Southern Range, Berhampur on all working days or can be downloaded from the websile www.nic.chatrapur from 4.2.2020. Last date of submission of bid is 28.02.2020.
**Contact No. 9437513866.**

Sd./-
Joint Director (Statistics)
OIPR-21025/11/0002/1920

**ZILLA SWASTHYA SAMITI, BALANGIR**
(Department of Health & FW, Govt. of Odisha)

Advt. No.578 Date: 31.01.2020

No.E-719 :- Sealed tenders are invited from the registered firms / agencies/individuals for Pest Control and Calibration of Equipment & Instruments of different Govt. Health institutions of Balangir district. Interested Firms/Agencies/individuals having requisite documents may apply to the undersigned on or before 14.02.2020 up to 4.00 pm through registered post/speed post/courier only. For details regarding terms, conditions & specifications log on to www.balangir.nic.in The undersigned reserves the right to accept or reject all or any of the tenders without assigning any reason thereof.

Sd./-
CDM & PHO, Balangir
OIPR-10019/11/0011/1920

**GOVRNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer**
**Drainage Division, Kendrapara** No. A-643

E-PROCUREMENT NOTICE NO. DDKPD - 06 /2019-20
e-mail- eedrnkpdeicwr.od@gov.in Phone No. 9437174930

| | | | |
|---|---|---|---|
| 1. | Total Number of Package | : | 01 No. Individual package |
| 2. | Nature of work | : | Survey & Investigation work of different drainage channels. |
| 3. | Estimated cost of Individual package | : | Rs. 5.58 Lakh |
| 4. | Period of completion | : | 02 (Two) Calendar months |
| 5. | Other details as follows | : | |

| Procurement Officer | Bid Identification No. | Availability of Tender On-Line | | Date & time of opening of tender at Office Premises of Executive Engineer, Drainage Division, Kendrapara at Marshaghai |
|---|---|---|---|---|
| | | From | To | |
| Executive Engineer, Drainage Division, Kendrapara | DDKPD-06 /2019-20 | 06.02.2020 10.00 Hours | 15.02.2020 17.00 Hours | 17.02.2020 at 11.00 AM |

Date of Lottery (if required) : 24.02.2020 at 11.30 AM
Further details can be seen from the Govt. web site www.tendersorissa.gov.in.

Executive Engineer, Drainage Division, Kendrapara
OIPR-32356/11/0009/1920

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
No. CAD-914

**NIT No. 5/E-PROC/OMC/2020**

Tender for the following works are invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Environmental related civil works for sub grade and new ore plot of South Kaliapani mines in the district of Jajpur. | 47.81 | 04 | B & A | 47900 | 6,000/- +18% GST |
| 2. | Infrastructure development work for surface run off management near new ore plot of 'D' quarry of South Kaliapani mines in the district of Jajpur. | 52.48 | 04 | B & A | 52500 | 10,000/- +18% GST |
| 3. | Construction of settling tank, pump house and pipe line near toe of the OB dump of South Kaliapani mines in the district of Jajpur. | 56.23 | 04 | B & A | 56300 | 10,000/- +18% GST |

1. Available of Bid document in Govt. portal from dt. 11.02.2020 to 25.02.2020 up to 5.00 PM.
2. Last date of on-line submission of tender in the portal is dt.25.02.2020 up to 5.00 PM.
3. Date of opening of Technical Bid is dt.26.02.2020 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in
The Odisha Mining Corporation Ltd. reserves the right to reject any or all tenders without assigning any reason thereof.

CGM (Civil)
OIPR-30005/11/0126/1920

**ODISHA HYDRO POWER CORPORATION LTD** No. CAD-913
(A Government of Odisha Undertaking)
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT,
AT/P.O.:BARINIPUT; DIST.: KORAPUT (ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com CIN: U40101OR1995SGC003963

**TENDER CALL NOTICE No. UKHEP: 31/2019-2020 Date: 03.02.2020.**

Tenders are invited in sealed envelopes from reputed dealers/ reputed suppliers for "Supply of Office Stationary Materials to Upper Kolab Hydro Electric Project, Bariniput

| Sl. No. | Description of materials | Cost of tender paper | EMD in Rs. | Estimate Cost In Rs. |
|---|---|---|---|---|
| 1 | "Supply of Office Stationary Materials to Upper Kolab Hydro Electric Project, Bariniput." | Rs. 708/- | 1610/- | 1,60,712/- |

Sale of tender paper: - from dtd. 13.02.2020 to 13:00 Hrs. of 28.02.2020
Last date of submission of tender – 16:00 Hrs.of 28.02.2020
Date & Time of opening of tender – 16:30 Hrs. of 28.02.2020
For details of the tender documents, terms and conditions please visit our website www.ohpcltd.com

C & P Head, UKHEP, Bariniput.
OIPR-04002/11/0063/1920

**GOVERNMENT OF ORISSA**
**OFFICE OF THE EXECUTIVE ENGINEER**
**RURAL WORKS DIVISION KARANJIA (MAYURBHANJ)** No. O-988
E-mail ID: - eerwkaranjia@yahoo.com

Letter No. 544 // Date:-31-1-20
"e" Procurement Notice for Building Works & Road works
Bid Identification No – RWDKNJ – 09 / 2019-20.

1. Name of the work : Road & Building Works (As per Annexure)
2. Estimated Cost : Rs. 0.26 Lakhs to Rs. 13.38 Lakhs Approximately (As per Annexure).
3. Class of Contractor : 'D'&'C', Class, (As per Annexure)
4. Period of Completion : 1(One) calendar Months (As per Annexure)
5. Tender Paper Cost : Rs. 400/- to 6000/- (As per Annexure)

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Technical Bid O/O E.E..R.W. Division, Karanjia. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | On-line N.C.B. No. RWDKNJ-09/2019-20. | Dt. 07.02.2020 at 11.00 A.M. | Dt. 15.02.2020 up to 5.00 P.M. | Dt. 14.02.2020 up to 3.00 P.M. | Dt.17.02.2020 at 11.00 A.M. |

Further details can be seen from the website www.tendersorissa.gov.in

Sd- Executive Engineer R.W. Division, Karanjia
OIPR-25086/11/0008/1920

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON-I MALKANGIRI** O-981

**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 11/MKG/2019-20**

1. Name of the work : Bridge works (Detailed in Annexure)
2. Total Number of Works : 02 (Two) Number
3. Tender Cost : Rs. 53.05 Lakhs to 85.20 Lakhs
4. Class of Contractor : 'B' & 'A' Class contractors
5. Period of Completion : (As Per Detailed in Annexure)
6. Other Details:-

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 7 |
| Executive Engineer, Rural Works Division-I, Malkangiri | Online Tender /11 / RWD-I, MKG/ 2019-20 | 02 (Two) Nos of Bridge works | 10.02.2020 from 11.00 AM | 18.02.2020 upto 5.00 PM | 17.02.2020 upto 5.00 P.M. | 20.02.2020 at 11.30 AM | 24.02.2020 at 11.00 AM |

Further details can be seen from the Website www.tenderorissa.gov.in

Executive Engineer, R.W. Division-I, Malkangiri
OIPR-25058/11/0013/1920

# ଚାଷୀଙ୍କ ପାଇଁ...

**ପ**ନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ:** ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ଡବ୍ଲୁ.ପି. କିମ୍ବା ମେଟାଲାକ୍ସିଲ୍ + ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।



# ନଡ଼ା ଖାଇବାକୁ ଦେବା ପୂର୍ବରୁ...

**ପ୍ରା**ଣୀଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ । ଦୁଧିଆଳୀ ଗାଇକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଇକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଇଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ ।



ଜାଣନ୍ତୁ କୌଶଳ

# ମାଛଚାଷ ସହ ଉଦ୍ୟାନ କୃଷି



ଡ. ପରେଶ କୁମାର ପଣ୍ଡା



**ମା**ଛ ଚାଷ ସହ ପୋଖରୀ ବନ୍ଧକୁ ପନିପରିବା, ଫଳଚାଷ ତଥା ଘାସ ଚାଷ ପାଇଁ ବିନିଯୋଗ କରିପାରିବେ। ଖରାଦିନେ ପୋଖରୀର ପଙ୍କକୁ ହୁଡାରେ ପକାଇ ମାଟିର ଉର୍ବରତା ବୃଦ୍ଧି କରନ୍ତୁ। ହୁଡାର ଫଳନ୍ତି ଅମୃତଭଣ୍ଡା ଓ ସଜନା ଗଛରୁ ପ୍ରତିଦିନ ଆୟ ମିଳିଥାଏ। କଦଳୀ ଲଗାଇ ତାହାର ଅନାବଶ୍ୟକ ପତ୍ର, ଗଣ୍ଡି ଆଦିକୁ ପୋଖରୀରେ ପକାନ୍ତୁ। ପାଣିରେ ପଡ଼ି ଯେତେବେଳେ କଦଳୀ ପତ୍ର କଳାରଙ୍ଗ ଦିଶିଥାଏ, ସେତେବେଳେ ତାହାକୁ ବ୍ୟବହାର କରି ଖତ କରନ୍ତୁ। କଦଳୀରୁ ଲାଭ ଭଲ ମିଳିଥାଏ। ଅଦିନିଆ ପନିପରିବା ଯଥା- ବନ୍ଧାକୋବି, ଫୁଲ କୋବି, ବିଲାତି, ବାଇଗଣ ବି ବର୍ଷାଦିନେ ଚାଷ କରିପାରିବେ। ଅନାବଶ୍ୟକ କୋବିପତ୍ର ଗ୍ରାସ୍ କାର୍ପଙ୍କ ଖାଦ୍ୟ ହୋଇଥାଏ। ରଞ୍ଜା ପୋତି ବା ପ୍ଲାଷ୍ଟିକ ଡୋର ଛନ୍ଦି ଜହ୍ନି, କଲରା, କଖାରୁ ଓ କାକୁଡି ଆଦି ଜାତୀୟ ପନିପରିବାରୁ ଭଲ ରୋଜଗାର ମିଳିଥାଏ। ଦୁଇଟି କିଆ ମଧ୍ୟରେ ସୁତୁଲି ବାନ୍ଧି କଲେ ଭଲ।

ମାଛ ସହ ଉଦ୍ୟାନ କୃଷି ମିଶ୍ରଣରେ ରାସାୟନିକ ସାର କମ୍ ବିନିଯୋଗ କରନ୍ତୁ। ଏଥିସହ ପୋଖରୀ ହୁଡାକୁ ବିନିଯୋଗ କରି ଫସଲରୁ ମିଳୁଥିବା ଜୈବିକ ଖତର ସୁବ୍ୟବହାର କରିପାରିବେ। ଖାଦ୍ୟ ବାବଦକୁ ମାଛ ଚାଷରେ ସବୁଠାରୁ ଅଧିକ ଖର୍ଚ୍ଚ ହୋଇଥାଏ। ଏହି ଖର୍ଚ୍ଚକୁ ଫସଲରୁ ମିଳୁଥିବା ଜୈବିକ ଖତ ଦ୍ୱାରା କମାଇ ପାରିବେ ଏବଂ ମାଛଚାଷରୁ ଅଧିକ ଲାଭ ପାଇପାରିବେ। ଏତଦ୍‌ବ୍ୟତୀତ ପୋଖରୀ ଜଳର ଉର୍ବରିଆ ମାଟି (ପଙ୍କ)କୁ ଏବଂ ପାଣିକୁ ପନିପରିବା ଚାଷରେ ବ୍ୟବହାର କରାଯାଇଥାଏ। ହୁଡାଗୁଡିକର ଗଡାଣିଆ ଅଂଶକୁ ଫସଲ କରିବାରେ ବ୍ୟବହାର କରି ଆମେ ଅନୁପଯୋଗୀ ସ୍ଥାନର ଉତ୍ତମ ବିନିଯୋଗ କରିପାରିବା। ପୋଖରୀର ମୁହାଣ ଅଂଶରେ ବାଉଁଶ ଭାଡି କରି ସେଥିରେ ଗଛ ମଡାଇଲେ ମାଛ ଉତ୍ପାଦନ ସହ କଲରା, କାକୁଡି, ଜହ୍ନି ଓ କଖାରୁ ଜାତୀୟ ଫସଲର ଉତ୍ପାଦନ ଅଧିକ ହୋଇଥାଏ । ବିଶେଷ କରି ପତ୍ର ଝଡି ପୋଖରୀରେ ଜୈବିକ ସାର ସୃଷ୍ଟି କରିଥାଏ। ଲତାଜାତୀୟ ଗଛ ମାଡିବା ଫଳରେ ଅନୁପଯୁକ୍ତ ସ୍ଥାନର ବିନିଯୋଗ ହୁଏ। ଲତା ଜାତୀୟ ଗଛ ପୋଖରୀ ତଳର ଉର୍ବର ମାଟି ସହିତ ପାଣି ପାଉଥିବା ଯୋଗୁ ଭଲ ଫଳିଥାଏ ଓ ଅସମୟରେ ଭଲ ଦାମ ମିଳିଥାଏ। ଏହି ବ୍ୟବସ୍ଥାରେ ବିଭିନ୍ନ ବର୍ଜ୍ୟବସ୍ତୁ ସୁଚାରୁରୂପେ ବିନିଯୋଗ ହୋଇ ଯଥେଷ୍ଟ ଲାଭ ଦେଇଥାଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୭୦୮୦*

# ଏବେ ବୁଣନ୍ତୁ ରାଶି

**ଚ**ଳିତ ମାସ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ଲାଗି ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।



# ଖରାଦିନିଆ ପନିପରିବା

**ଖ**ରାଦିନିଆ ପନିପରିବା ଯଥା- କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଏହାର ଉନ୍ନତ କିସମ : ସୁଗାର ବେବି।

-ଅଦିନିଆ ପନିପରିବା ହିସାବରେ ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜର ଚାଷ ପାଇଁ ଉନ୍ନତ ମାନ ମଞ୍ଜି ସଂଗ୍ରହ କରି ଚାରା ଲାଗି ପଟାଳି ପ୍ରସ୍ତୁତ କରନ୍ତୁ । ଚାରା ରୋପଣ ସକାଶେ ଜମି ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ କରନ୍ତୁ ।



କିପରି କରିବେ

# ପୋଷା ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା



**ଆ**ମର ଜୀବନଜୀବିକା ସହ ସମଗ୍ର ଜୀବଜଗତ ଓତପ୍ରୋତ ଭାବେ ଜଡ଼ିତ । ଆମକୁ ସାହାଯ୍ୟ କରିବା ସହ ପରିବେଶର ସନ୍ତୁଳନ ରକ୍ଷା ଦିଗରେ ବିଭିନ୍ନ ପ୍ରାଣୀଙ୍କ ଅବଦାନ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗୃହପାଳିତ ପ୍ରାଣୀ ଯଥା ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ଘୁଷୁରି ଆଦି ଆମକୁ ବିଭିନ୍ନ ପ୍ରାଣୀଜ ପୁଷ୍ଟିସାର (ଦୁଗ୍ଧ, ମାଂସ ଓ ଅଣ୍ଡା) ଯୋଗାଇ ଦିଅନ୍ତି। ଏଥିସହ ସେମାନଙ୍କଠାରୁ ପରିତ୍ୟକ୍ତ ମଳ ଭୂମି ବା ଜମିର ଶ୍ରେଷ୍ଠ ଉର୍ବରକ ଖାଦ୍ୟ ଭାବେ ବ୍ୟବହାର ହୋଇଥାଏ । ସେହିଭଳି ବିଭିନ୍ନ ପୋଷା ପ୍ରାଣୀ ଯଥା କୁକୁର, ବିଲେଇ, ରଙ୍ଗବେରଙ୍ଗର ପକ୍ଷୀ ମଧ୍ୟ ସମଗ୍ର ମାନବ ସମାଜର ବିଶ୍ୱସ୍ତ ଭାବେ ମଧ୍ୟ ଆଦୃତ । ଆଜିକାଲିର ବ୍ୟସ୍ତବହୁଳ ସମାଜରେ ପରସ୍ପର ମଧ୍ୟରେ ତ୍ୟାଗ, ପ୍ରେମର ଭାବ ଧୀରେ ଧୀରେ କମିଯାଉଛି। ଆଉ ଏଥି ସଙ୍ଗେ ସଙ୍ଗେ ବିଷଯୁକ୍ତ ଖାଦ୍ୟ ଖାଇବା ଯୋଗୁ ମାନସିକ ସ୍ତରରେ ବିକାର ଭାବ ଅନୁଭୂତ ହେଉଛି। ଫଳରେ ବିଭିନ୍ନ ବ୍ୟାଧି ଯଥା - ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ଯକୃତ ଓ କିଡ୍‌ନୀ ରୋଗ, କ୍ୟାନସର୍ ଭଳି ମାରାତ୍ମକ ରୋଗରେ ଅନେକେ ପୀଡ଼ିତ ହେଉଛନ୍ତି ।

ଅବସର ସମୟ, ବୃଦ୍ଧାବସ୍ଥା ଓ ରୋଗଗ୍ରସ୍ତ ଅବସ୍ଥାରେ ବିଭିନ୍ନ ପୋଷା ପ୍ରାଣୀ ଯଥା - କୁକୁର, ବିଲେଇ, ଶୁଆଶାରୀ ଆଦି ମନୁଷ୍ୟର ସହଚର ଭାବେ ମାନସିକ ଶାନ୍ତି ପ୍ରଦାନ ସହିତ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଦୟା, ଭଲ ପାଇବା ଆଦି ସୃଷ୍ଟି ଦିଗରେ ସହାୟକ ହୋଇଥାନ୍ତି । ଭଲ ପାଇବା ପାଇଁ କେବଳ ଯେ ମଣିଷଟିଏ ଦରକାର, ତାହା ନୁହେଁ। କିଏ ଭଗବାନଙ୍କୁ ଭଲ ପାଏ ତ କିଏ ଜୀବଜନ୍ତୁକୁ । ଏହି ଭଲ ପାଇବା ହିଁ ମଣିଷକୁ ଶିଖାଏ ତ୍ୟାଗ । ମନୁଷ୍ୟର ଚିର ସହଚର ସାଥୀ ଭାବେ କୁକୁର ଆମକୁ ସୁରକ୍ଷା ପ୍ରଦାନ, ଆମୋଦପ୍ରମୋଦ, ଖେଳ କସରତ ଆଦିରେ ମଧ୍ୟ ସାହାଯ୍ୟ କରିଥାଏ ।

ଆଜିକାଲି ପ୍ରାୟ ପ୍ରତ୍ୟେକ ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ମଧ୍ୟ ପୋଷା କୁକୁର ଓ ବିଲେଇଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଆଗରୁ ଏହି ପୋଷା କୁକୁର ପାଳନ କେବଳ ଉଚ୍ଚ ଆୟ ଗୋଷ୍ଠୀଙ୍କ ମଧ୍ୟରେ ଦେଖିବାକୁ ମିଳୁଥିଲା । କିନ୍ତୁ ଏବେ ମଧ୍ୟବିତ୍ତ ପରିବାର ମଧ୍ୟ କୁକୁର, ବିଲେଇ ଓ ଅନ୍ୟାନ୍ୟ ପୋଷା ପ୍ରାଣୀ ପାଳନ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ବର୍ତ୍ତମାନ, ଯୁବପିଢ଼ି ବି ପୋଷା କୁକୁର ପାଳନ କେବଳ ଯେ ବ୍ୟବସାୟିକ ଭିତ୍ତିରେ ଆପଣେଇଛନ୍ତି ତାହା ନୁହେଁ, ଏହା ଏକ ସୌଖୀନ ଓ ଆଭିଜାତ୍ୟର ପ୍ରତୀକ ଭାବେ ଗ୍ରହଣ କରିନେଇଛନ୍ତି । ସେଥିପାଇଁ ସେମାନଙ୍କ ଚିକିତ୍ସା ଓ ଲାଳନ ପାଳନରେ ମଧ୍ୟ ଯଥେଷ୍ଟ ଖର୍ଚ୍ଚ କରିବାରେ ପଛାଉନାହାନ୍ତି। ବିଲେଇ ମଧ୍ୟ ପରିବାରର ଅନ୍ୟତମ ସଦସ୍ୟ ପାଲଟିଛି। ଗାଁ ଗଣ୍ଡାରେ ବି ପରିବାର ଲୋକଙ୍କ ମେଳରେ ରହିବାକୁ ପସନ୍ଦ କରୁଥିବା ବିଲେଇ ପାଲଟିଛି ଏକ ଅନ୍ୟତମ ଫ୍ୟାଶନ୍ ସାମଗ୍ରୀ । ତେବେ କେବଳ ଗାଁ ବିଲେଇ ନୁହେଁ, ଫ୍ୟାଶନ୍ ପାଇଁ ଦରକାର ପାର୍ସିଆନ୍ ବିଲେଇ ଭଳି ବିଦେଶୀ ପ୍ରଜାତି । ବିଦେଶୀ ଜୀବଜନ୍ତୁର ଦାମ୍ ଅଧିକ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ପୋଷା ମନେଇବା ଓ ଚିକିତ୍ସା ବି ସହଜସାଧ୍ୟ । ପୋଷା କୁକୁର ବା ପ୍ରାଣୀଙ୍କୁ ସୁସ୍ଥ ରଖିବାକୁ ହେଲେ, ନିମ୍ନଲିଖିତ ବିଷୟ ପ୍ରତି ଯତ୍ନବାନ୍ ହେବାକୁ ପଡ଼ିବ....

- କୁକୁରଙ୍କ ପାଇଁ ଉପଯୁକ୍ତ ରହିବା ସ୍ଥାନ ଆବଶ୍ୟକ।
- ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ପିଇବାକୁ ପାଣି ଦିଅନ୍ତୁ।
- ସମୟ ସମୟରେ ଗାଧୋଇ ପରିଷ୍କାର କରି ଦିଅନ୍ତୁ ଏବଂ ଦେହର ଲୋମକୁ ନିୟମିତ କୁଣ୍ଡାଇ ଦିଅନ୍ତୁ।
- ସର୍ବଦା ପୋଷା କୁକୁରକୁ ବାନ୍ଧି ରଖନ୍ତୁ, ନଜର ରଖନ୍ତୁ ଯେପରିକି ସେ ବୁଲା କୁକୁରଙ୍କ ସଂସ୍ପର୍ଶରେ ନ ଆସେ ।
- ଶାରୀରିକ ବ୍ୟାୟାମ ଲାଗି ପ୍ରତିଦିନ ବାହାରେ ବୁଲାନ୍ତୁ କିମ୍ବା ଦଉଡାନ୍ତୁ।
- ୬ସପ୍ତାହରୁ ଆରମ୍ଭ କରି ପ୍ରତି ୧୫ରୁ ୨୦ଦିନ ଅନ୍ତରରେ ନିୟମିତ ଭାବରେ କୁକୁରଙ୍କ ପ୍ରତିଷେଧକ ଟିକା ବୁଷ୍ଟର ସହ ପାର୍ଭୋ, ଡିସ୍‌ଟେମ୍ପର, ଲେପ୍ଟୋସ୍ପାଇରୋସିସ୍, ହେପାଟାଇଟିସ୍ ଆଦି ଦେବାର ବ୍ୟବସ୍ଥା କରାନ୍ତୁ । ୩ ମାସ, ୬ ମାସ ଓ ବର୍ଷକୁ ଥରେ ଜଳାତଙ୍କ ରୋଗର ଟିକା ଦିଅନ୍ତୁ।
- ପ୍ରତିଷେଧକ ଟିକା ବ୍ୟତୀତ କୃମି ନିରାକରଣ ଅତ୍ୟନ୍ତ ଜରୁରୀ। କୃମି ଔଷଧ ୨ ସପ୍ତାହଠାରୁ ପ୍ରତି ୧୫ ଦିନ ଅନ୍ତରରେ ୩ ମାସ ପର୍ଯ୍ୟନ୍ତ ଦିଅନ୍ତୁ। ତା'ପରେ ପ୍ରତି ୩ ମାସ ବ୍ୟବଧାନରେ କୃମିନାଶକ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ।
- ପ୍ରଜନନର ୧୫ ଦିନ ପୂର୍ବରୁ ଓ ପ୍ରସବର ୧୫ ଦିନ ପରେ କୁକୁରଙ୍କୁ କୃମି ଔଷଧ ଦିଅନ୍ତୁ।
- କୁକୁରକୁ ଥରେ ଟିକା ଦେଇ ପୁନଃ ଟିକା ବନ୍ଦ କରିବା ଅନୁଚିତ ।
- କୁକୁର ଅସୁସ୍ଥ ହେଲେ, ଉଭୟ ସରକାରୀ ଓ ବେସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ଚିକିତ୍ସା କରାନ୍ତୁ।
- କୁକୁରଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ କୁକୁରିଆ ବାସନା ଓ ଚର୍ମରୋଗଠାରୁ ଦୂରେଇ ରଖିବା ନିମନ୍ତେ ଶୀତଦିନେ ପ୍ରତି ୨ ବା ୩ ସପ୍ତାହ ବ୍ୟବଧାନରେ, ଖରାଦିନେ ସପ୍ତାହରେ ଥରେ କିମ୍ବା ୨ ଥର ପାଣିପାଗକୁ ଦୃଷ୍ଟିରେ ରଖି ଗାଧୋଇ ଦିଅନ୍ତୁ । ନଖ ଉଷୁମ ପାଣିରେ ଗାଧୋଇ ଦେଲେ ଭଲ । ସଲଫର୍ ବା ଗନ୍ଧକଯୁକ୍ତ ସାବୁନ ଗାଧୋଇ ଦେବା ବେଳେ ବ୍ୟବହାର କରନ୍ତୁ । ଆମେ ଲଗାଉଥିବା କାର୍ବୋଲିକ୍ ଏସିଡ୍ ଯୁକ୍ତ ସାବୁନକୁ କୁକୁରଙ୍କଠାରେ ବ୍ୟବହାର ନ କରିବା ଭଲ ।
- ଗାଧୋଇ ଦେବାବେଳେ ସେଲେନିୟମ୍ ଯୁକ୍ତ ସାମ୍ପୋ କିମ୍ବା ଅନ୍ୟାନ୍ୟ ଗୁଣାତ୍ମକ ସାମ୍ପୋ ବ୍ୟବହାର କରନ୍ତୁ । ଗାଧୋଇ ଦେବାପରେ ଏକ ସଫା କପଡ଼ା ବା ଟାଉଲିଆରେ ପୋଛି ଶୁଖିଲା କରିବାର ବ୍ୟବସ୍ଥା କରାନ୍ତୁ।
- କୁକୁରଙ୍କୁ ପ୍ରତ୍ୟେକ ଦିନ ଗାଧୋଇଦେବା ଉଚିତ ନୁହେଁ। କାରଣ ତାଙ୍କ ଚର୍ମରେ ଥିବା ପ୍ରାକୃତିକ ତେଲ ବାହାରିଯିବା ଯୋଗୁ ଚର୍ମ ଓ ଲୋମ ଚିକ୍କଣ ଦେଖାଯାଇ ନ ଥାଏ ।
- ଖାଦ୍ୟ: ୧ ମାସରୁ କମ୍ ବୟସର କୁକୁର ଛୁଆକୁ ସେରେଲାକ୍ କିମ୍ବା ଜୁନିୟର ପେଡିଗ୍ରୀ ଆବଶ୍ୟକ ମତେ ଖାଇବାକୁ ଦେବା ଭଲ । ବୟସ ଅନୁସାରେ ଖାଦ୍ୟ ଦିଅନ୍ତୁ । ୧ ରୁ ୩ ମାସ : ୫ ରୁ ୬ଥର (କ୍ଷୀର, ଅଳ୍ପ ଭାତ, ବିସ୍କୁଟ, ପାଉଁରୁଟି) । ୩ ରୁ ୬ ମାସ : ୩ ରୁ ୪ ଥର (କ୍ଷୀର, ରୁଟି ବା ଛତୁଆ, ଭାତ, ମାଂସ, ଅଣ୍ଡା)। ୬ମାସରୁ ୯ ମାସ : ୨ ଥର (ଭାତ, ମାଂସ, କ୍ଷୀର, ରୁଟି)। ୯ ମାସରେ ମଧ୍ୟାହ୍ନରେ ଥରେ ଖାଇବାକୁ ଦିଅନ୍ତୁ । ଅର୍ଥାତ୍ ସକାଳେ ଲଘୁ ଖାଦ୍ୟ, ମଧ୍ୟାହ୍ନରେ ପେଟପୂରା ଓ ରାତିରେ ଲଘୁ ଖାଦ୍ୟ ଦିଅନ୍ତୁ । କୁକୁରର ପ୍ରତ୍ୟେକ ୧ କେ.ଜି. ଓଜନ ହିସାବରେ ୬୦ଗ୍ରାମ୍ ଖାଦ୍ୟର ଆବଶ୍ୟକତା ରହିଛି । ରୋଗ, ଗର୍ଭଧାରଣ ଓ ଶାରୀରିକ କାର୍ଯ୍ୟ କରୁଥିବା ସମୟରେ ଖାଦ୍ୟର ମାତ୍ରା ପରିବର୍ତ୍ତନ କରାଯାଇପାରେ ।





*- ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ, କଳାହାଣ୍ଡି, ମୋ: ୯୪୩୭୬୦୭୩୧୨*

# ଝୁଡ଼ଙ୍ଗ କିସମ

**ଝୁ**ଡଙ୍ଗ ଚାଷ ଲାଗି ଫେବୃଆରୀ-ମାର୍ଚ୍ଚ ମାସ ହେଉଛି ଉପଯୁକ୍ତ ସମୟ। ଗ୍ରୀଷ୍ମଋତୁରେ ବୁଦା ଚାଷ ପାଇଁ ପୁଷା କୋମଲ୍,ପୁଷା ଫାଲଗୁନି ଓ ଲଟା ଚାଷ ପାଇଁ ଆମେରିକାନ୍ ଲଙ୍ଗ୍,ବନାରସୀ ଲଙ୍ଗ୍ ଆଦି ବିହନ ବ୍ୟବହାର କରନ୍ତୁ। ଏହାବ୍ୟତୀତ ରସିଆନ୍ ଜାଏଣ୍ଟ, ଇସି-୪୩୧୬,ଏନ୍‌ପି୩,ସି୧୫୨, ୟୁପିସି୨୮୬, ୟୁପିସି ୫୨୮୬,୮୭ ଓ ଆଇଜିଏପ୍ ଆଇ-୪୫୦ ଆଦି ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ବିହନ ବୁଣିବାର ୭ଦିନ ପୂର୍ବରୁ ଏକ କେଜି ବିହନ ପିଛା ୧ଗ୍ରାମ୍ ବେନୋମିଲ୍ ଏବଂ ବୁଣିବାର ୧ ଘଣ୍ଟା ପୂର୍ବରୁ ଏକ କେଜି ମଞ୍ଜିକୁ ୨୦ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର ସହ ୪୦ମିଲି ପାଣିରେ ମିଶାଇ ଗୋଳାନ୍ତୁ। ଝୁଡଙ୍ଗ ଚାଷ ପାଇଁ ଜମି ଗୁଣ୍ଡ ଚାଷ ହେବା ଆବଶ୍ୟକ। ଶେଷ



ଓଡ ଚାଷ ବେଳେ ଏକର ପ୍ରତି ୮ ଟନ୍ କମ୍ପୋଷ୍ଟ ଖତ ମୂଳସାର ହିସାବରେ ଦିଅନ୍ତୁ। ଏହା ସହିତ ୨୦କି.ଗ୍ରା ଯବକ୍ଷାରଜାନ,୪୦କି.ଗ୍ରା ଫସଫରସ ଓ ୨୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ମୂଳସାର ହିଁ ଝୁଡଙ୍ଗ ଅମଳରେ ବେଶୀ ସାହାଯ୍ୟ କରିପାରିବ। ଗଛକୁ ଗଛ ୧୦ସେ.ମି ଓ ଧାଡିକୁ ଧାଡି ୩୦ସେ.ମି ବ୍ୟବଧାନ ଲଗାନ୍ତୁ।

ପୁରୁଣା ଟିକସ ବିବାଦଗୁଡ଼ିକର ସମାଧାନକୁ ଦୃଷ୍ଟିରେ ରଖି 'ବିବାଦ ସେ ବିଶ୍ୱାସ' ସ୍କିମ୍ ସମ୍ପର୍କରେ ସରକାର ଘୋଷଣା କରିଛନ୍ତି।

– ପି.ସି.ମୋଦି, ସିବିଡିଟି ଅଧ୍ୟକ୍ଷ



ଶ୍ରମ ଶକ୍ତିରେ ଅଧିକ ମହିଳାଙ୍କୁ ସାମିଲ କରାଇବାକୁ ହେଲେ ପ୍ରଥମେ ଚିରାଚରିତ ଭାବନା ଛାଡ଼ିବାକୁ ହେବ।

– ଏନ୍.ଚନ୍ଦ୍ରଶେକରନ, ଟାଟା ସନ୍ସ ଅଧ୍ୟକ୍ଷ



## ସଂକ୍ଷେପରେ

### ଏୟାର ଇଣ୍ଡିଆର ୧୦୦% ଏଫ୍‌ଡିଆଇ ଲାଗି କାର୍ଯ୍ୟକ୍ରମ ଜାରି

**ନୂଆଦିଲ୍ଲୀ,୪-୨:** ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆରେ ୧୦୦% ଅଂଶଧନ ବିକ୍ରି ଲାଗି ସରକାର ଯୋଜନା ରଖିଛନ୍ତି। ଏଭଳି ସ୍ଥିତିରେ ବିମାନ କମ୍ପାନୀରେ ୧୦୦% ବିଦେଶୀ ପୁଞ୍ଜି ନିବେଶକୁ ଅନୁମତି ଦେବାକୁ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ଜଣାପଡିଛି। ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି ଯେ, ବର୍ତ୍ତମାନ ବିମାନ କମ୍ପାନୀରେ ଏଫ୍‌ଡିଆଇ ସୀମାକୁ ୪୯%ରେ ସୀମିତ ରଖାଯାଇଛି। ଏଥି ଲାଗି ସରକାର ମଞ୍ଜୁରୀ ପ୍ରଦାନ କରୁଛନ୍ତି। ନୂଆ ବ୍ୟବସ୍ଥା ଆସିଲେ ପ୍ରବାସୀମାନେ ୧୦୦% ନିବେଶ କରିପାରିବେ। ବର୍ତ୍ତମାନ ଏହା ୪୯% ରହିଛି। ପୁରୁଣା ଆଇନରେ ହଟାଇ ନୂଆ ପ୍ରସ୍ତାବ ଲାଗୁ କରାଇବା ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଶିଳ୍ପ ଏବଂ ଆନ୍ତଃ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ(ଡିପିଆଇଆଇଟି) ପକ୍ଷରୁ ପଦକ୍ଷେପ ନିଆଯାଉଛି। ସେହିଭଳି ଏୟାର ଇଣ୍ଡିଆ ବିଡିଂରେ ଟାଟା ଗ୍ରୁପ ଭାଗ ନେବ ବୋଲି ଜଣାପଡିଛି।

### ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

**ମୁମ୍ବାଇ,୪-୨:** ରିଜର୍ଭ ବ୍ୟାଙ୍କର ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ମୁଦ୍ରାନୀତି କମିଟି ବୈଠକ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ୬ ସଦସ୍ୟ ବିଶିଷ୍ଟ ଏହି କମିଟିର ବୈଠକ ୩ ଦିନ ଧରି ଚାଲିବା ସହ ମୁଦ୍ରାନୀତିର ବିଭିନ୍ନ ଦିଗ ଉପରେ ଆଲୋଚନା ହେବ। ଏବେ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ସ୍ଥିତି ଦେଇ ଚାଲୁଥିବାବେଳେ ବର୍ଦ୍ଧିତ ମୁଦ୍ରାସ୍ଫୀତି, ବିତ୍ତୀୟ ନିଅଣ୍ଟ ଏବଂ ବଜେଟ ଆକଳନ ଭଳି ଚ୍ୟାଲେଞ୍ଜ ବୈଠକରେ ସ୍ଥାନିତ ହେବ। ପ୍ରତି ୨ ମାସରେ ଅନୁଷ୍ଠିତ ହେଉଥିବା ଏହି ବୈଠକ ରେପୋ ହାର ସମ୍ପର୍କରେ ଘୋଷଣା କରିଥାଏ। ସେହିଭଳି ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବା ଦିଗରେ ଏହା ପ୍ରୟାସ କରୁଛି। ଗତ କିଛି ମାସ ଧରି ସ୍ୱାଭାବିକ ସ୍ଥିତିରେ ଥିବା ମୁଦ୍ରାସ୍ଫୀତି ଗତ ଡିସେମ୍ବରରେ ୭% ସ୍ତର ଟପିଥିଲା। ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ଏଭଳି ହୋଇଥିଲା। ସୁଧହାର ଅପରିବର୍ତ୍ତିତ କିମ୍ବା ସୁଧହାର ବୃଦ୍ଧି ଦିଗରେ କମିଟି ନିଷ୍ପତ୍ତି ନେଇପାରେ ବୋଲି ବିଶେଷଜ୍ଞ କହିଛନ୍ତି। ଗୁରୁବାର ରେପୋ ସମ୍ପର୍କରେ ଘୋଷଣା ହେବ ବୋଲି ଆର୍‌ବିଆଇ ପକ୍ଷରୁ ସୂଚନା ରହିଛି।

# ୩.୩୭ ଲକ୍ଷ କୋଟି ବଢ଼ିଲା ନିବେଶକଙ୍କ ସମ୍ପତ୍ତି

**ମୁମ୍ବାଇ,୪-୨**




- ସେନ୍‌ସେକ୍ସରେ ୯୧୭ ପଏଣ୍ଟ ବୃଦ୍ଧି
- ବଜେଟ ଘୋଷଣା ପରେ ୯୮୭.୯୬ ପଏଣ୍ଟ ଖସିଥିଲା
- ତେଲ ଦର, ବିଶ୍ୱ ବଜାର ଉନ୍ନତ ସ୍ଥିତି ପ୍ରଭାବ
- ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ

ବଜେଟ ଘୋଷଣା ହେବା ପରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ରେକର୍ଡ ପରିମାଣର ହ୍ରାସ ହୋଇଥିଲା। ମଙ୍ଗଳବାର ଶେୟାର କାରବାର ଉନ୍ନତ ହେବା ସହ ଷ୍ଟକ ବଜାର ସୂଚକାଙ୍କ ୯୧୭ ପଏଣ୍ଟ ବଢ଼ିବା ଯୋଗୁ ନିବେଶକଙ୍କ ସମ୍ପତ୍ତି ୩.୩୭ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୯୧୭.୦୭ ପଏଣ୍ଟ ବା ୨.୩୦% ବଢ଼ିବା ସହ କାରବାର ୪୦,୭୮୯.୩୮ ସ୍ତର ଛୁଇଁଛି। ଦିନ ମଧ୍ୟରେ ସେନସେକ୍ସ ୪୦,୮୧୮.୯୪ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଥିଲା। ସୋମବାର ଦିନ ସେନସେକ୍ସର ସୂଚକାଙ୍କ ୧୩୬.୭୮ ପଏଣ୍ଟ ବଢ଼ିଥିବା ନଜରକୁ ଆସିଥିଲା। କାରବାର ଉନ୍ନତ ହେବା ଯୋଗୁ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୩,୫୭,୦୪୪ କୋଟି ବଢ଼ି ୧,୫୬,୬୧,୭୬୯.୪୦ କୋଟି ରହିଛି। ବଜେଟ ଘୋଷଣା ହେବା ପରେ ସେନସେକ୍ସ ୯୮୭.୯୬ ପଏଣ୍ଟ ବା ୨.୪୩% ଖସିବା ସହ କାରବାର ୩୯,୭୩୫.୫୩ ସ୍ତରକୁ ଖସି ଆସିଥିଲା।

ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆସିବା ଯୋଗୁ ଏହାର ପ୍ରଭାବ ପରିଲକ୍ଷିତ ଆସିଛି। ଦେଶର ଦୀର୍ଘ ମିଆଦି ଅଭିବୃଦ୍ଧିକୁ ସୁହାଇବା ଭଳି ପଦକ୍ଷେପ ବଜେଟରେ ରହିଥିବା ଜାଣି ନିବେଶକ ନିବେଶ ନେଇ ପୁଣି ଥରେ ମନ ବଳାଇଛନ୍ତି ବୋଲି ସାମକୋ ସିକ୍ୟୁରିଟିର ରିସର୍ଚ୍ଚ ମୁଖ୍ୟ ଉମେଶ ମେହେଟା କହିଛନ୍ତି। ଜାନୁୟାରୀରେ ଅଟୋମୋବାଇଲ ଶିଳ୍ପରେ ବିକ୍ରି ଧାରା ଏତେଟା ପ୍ରଭାବିତ ହୋଇନାହିଁ। ଏହା ସ୍ୱାଭାବିକ ରହିଥିବାବେଳେ କୌଣସି ନକାରାତ୍ମକ ଖବର ସାମ୍ନାକୁ ଆସିନାହିଁ। ଏଭଳି ବିଭିନ୍ନ କାରଣ ଲାଗି ହଠାତ ପ୍ରଭାବ ବଜାର ଉପରେ ଦେଖାଯାଇଥିବା ମେହେଟା ସୂଚନା ଦେଇଛନ୍ତି। ରେଲିଗାରେ ବ୍ରୋକିଙ୍ଗର ରିସର୍ଚ୍ଚ ଉପସଭାପତି ଅଜିତ ମିଶ୍ର କହିଛନ୍ତି, ବିଶ୍ୱ ବଜାରରେ ତୈଳ ଦର ହ୍ରାସ ହେବା ଏବଂ ବଜାର ସ୍ଥିତି ଉନ୍ନତ ହେବା ଯୋଗୁ ଏହାର ପ୍ରଭାବ ଭାରତୀୟ ଶେୟାର ବଜାର ଉପରେ ପଡିଛି।

ସେନସେକ୍ସର ୩୦ ଶେୟାର ମଧ୍ୟରୁ ୨୮ ବଡ କମ୍ପାନୀର କାରବାର ଉନ୍ନତ ସ୍ଥିତିରେ ରହି ବନ୍ଦ ହୋଇଛି। ଏହି କମ୍ପାନୀଗୁଡିକ ମଧ୍ୟରେ ଟାଇଟାନ, ଆଇଟିସି, ଏଚ୍‌ଡିଏଫ୍‌ସି ଏବଂ ବଜାଜ ଫାଇନାନ୍ସ ଭଳି କମ୍ପାନୀ ସାମିଲ ରହିଛନ୍ତି। ପ୍ରାୟ ୧୬୧୮ର କାରବାର ଅତି ଭଲ, ୮୫୫ ମନ୍ଥର ଏବଂ ୧୮୧ର କାରବାର ଅପରିବର୍ତ୍ତିତ ରହିଛି। ବିଏସ୍‌ଇର ମିଡକ୍ୟାପ ସୂଚୀ ୧.୩୭% ଏବଂ ସ୍ମଲ କ୍ୟାପ ସୂଚୀ ୧.୨୯% ବଢ଼ିଛି। ପୁଞ୍ଜି ବଜାର ସୂଚକାଙ୍କ ବଢ଼ିବାରେ ବିଶ୍ୱ ବଜାରର ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ରିଲାଏନ୍ସ ରିଟେଲର ବରିଷ୍ଠ ରିସର୍ଚ୍ଚ ଆନାଲିଷ୍ଟ ବିକାଶ ଜୈନ ସୂଚନା ଦେଇଛନ୍ତି। ଏହି ସମୟରେ ସାଂଘାଇ, ହଂକଂ, ଟୋକିଓ ଏବଂ ସିଓଲ ସମେତ ୟୁରୋପର ପୁଞ୍ଜି ବଜାର କାରବାର ଉନ୍ନତ ରହିଛି।

# ଜାନୁୟାରୀରେ ହୋଣ୍ଡାର ୪ ଲକ୍ଷ ୟୁନିଟ୍ ଯାନ ବିକ୍ରି

**ଭୁବନେଶ୍ୱର,୪-୨**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୨୦୨୦ ଜାନୁୟାରୀରେ ୪ ଲକ୍ଷ ୟୁନିଟ ଯାନ ବିକ୍ରି ସମ୍ପର୍କରେ ସୂଚନା ଦିଆଯାଇଛି। ଏହି ସମୟରେ କମ୍ପାନୀ ମୋଟ ବିକ୍ରି ୪,୦୩, ୩୮୩ ୟୁନିଟ ରହିଥିବା ଜଣାପଡିଛି। ଦେଶ ମଧ୍ୟରେ କମ୍ପାନୀ ୩,୪୭, ୦୯୧ ୟୁନିଟ ଯାନ ବିକ୍ରି କରିଥିବା ବେଳେ ବିଦେଶକୁ ୨୯,୨୯୨ ୟୁନିଟ ଯାନ ରପ୍ତାନି କରିଛି। କମ୍ପାନୀ ନୂଆ କରି ଆକ୍ଟିଭା ୬ଜିକୁ ବଜାରକୁ ଛାଡିଛି। ସେହିଭଳି ବିଏସ୍-୬ର ୧ ଲକ୍ଷରୁ ଉର୍ଦ୍ଧ୍ୱ ମଡେଲ ଯାନ ବିକ୍ରି କରିବାକୁ କମ୍ପାନୀ ସକ୍ଷମ ହୋଇଛି। ଗତ ୧୯ ବର୍ଷର ପରିଚାଳନା ମଧ୍ୟରେ ଏହା ୨୫ ଲକ୍ଷ ୟୁନିଟ ବିଦେଶକୁ ରପ୍ତାନି କରିଛି। ସଡ଼କ ନିରାପତ୍ତା, ଯୁବକଙ୍କୁ ନିଯୁକ୍ତି ଭିତ୍ତିକ ତାଲିମ ପ୍ରଦାନ, କର୍ଣ୍ଣାଟକ ପୋଲିସ ସହ ମିଳିତ ଭାବେ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟ କରୁଛି। କମ୍ପାନୀର ବିଏସ୍-୬ ଆକ୍ଟିଭା ୧୨୫ ଏକଜିବିଟ ଅଟୋଟେକ୍ ଆୱାର୍ଡ ୨୦୨୦ଠାରେ ସ୍କୁଟର ୨୦୨୦ ପୁରସ୍କାର ହାସଲ କରିଛି। ଶୀଘ୍ର ସମ୍ପୂର୍ଣ୍ଣ ରେଞ୍ଜକୁ ବିଏସ୍-୬ରେ ରୂପାନ୍ତରିତ କରିବାକୁ ଯୋଜନା ହାତକୁ ନିଆଯାଇଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛନ୍ତି।

HONDA

# ୪.୯% ରହିପାରେ ଭାରତର ବିକାଶ ହାର: ମୁଡିସ୍

**ମୁମ୍ବାଇ,୪-୨**

ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଢାଞ୍ଚାଗତ ଏବଂ ଚକ୍ରୀୟ ଚ୍ୟାଲେଞ୍ଜ ଦେଇ ଗତି କରୁଛି। ଏଭଳି ସମୟରେ ନିକଟରେ ଉପସ୍ଥାପନ ହୋଇଥିବା ଦେଶର ସାଧାରଣ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ରେ ଦେଶର ଜିଡ଼ିପି ଅଭିବୃଦ୍ଧିକୁ ନେଇ କରିଥିବା ପୂର୍ବାନୁମାନ ଉଚ୍ଚାଭିଳାସୀ ଲାଗୁଛି ବୋଲି ମୁଡିସ ଇନଭେଷ୍ଟର୍ସ ସର୍ଭିସ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ୨୦୨୦-୨୧ରେ ଦେଶର ନୋମିନାଲ ଜିଡିପି ୧୦% ରହିବ ବୋଲି କୁହାଯାଇଛି। ୨୦୨୧-୨୨ରେ ଏହା ୧୨.୬% ଏବଂ ୨୦୨୨-୨୩ରେ ୧୨.୮% ରହିବା ନେଇ ପୂର୍ବାନୁମାନ କରାଯାଇଛି। କିନ୍ତୁ ଭାରତର ଜିଡିପି ଅଭିବୃଦ୍ଧି ୨୦୧୯-୨୦ରେ ୪.୯% ଏବଂ ୨୦୨୦-୨୧ରେ ୫.୫% ରହିବ ବୋଲି ମୁଡିସ ଆକଳନରେ କହିଛି।

### ବିଲ୍ ନେବା ଲାଗି ଗ୍ରାହକଙ୍କୁ ପ୍ରୋତ୍ସାହନ

**ନୂଆଦିଲ୍ଲୀ,୪-୨:** ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ସାମଗ୍ରୀ କ୍ରୟରେ ଦୋକାନରୁ ବିଲ୍ ନେବା ଲାଗି ଗ୍ରାହକଙ୍କୁ ସରକାର ଉତ୍ସାହିତ କରିବାକୁ ଏକ ଯୋଜନା ଆଣିଛନ୍ତି। ଏହା ଅନ୍ତର୍ଗତ ଏକ ଲଟେରୀ ବ୍ୟବସ୍ଥା କରାଯାଇଛି। ଏଥିରେ ଲୋକମାନେ ୧୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜିତିବାର ସୁଯୋଗ ଲାଭ କରିପାରିବେ। ଜିଏସ୍‌ଟିର ପ୍ରତ୍ୟେକ ବିଲ୍ ଉପରେ ଗ୍ରାହକଙ୍କୁ ପୁରସ୍କାର ଜିତିବାର ଅବସର ମିଳିବ। ଉପଭୋକ୍ତା କଲ୍ୟାଣ କୋଷରୁ ବିଜେତାଙ୍କୁ ପୁରସ୍କାର ଦିଆଯିବ ବୋଲି ସିବିଆଇସି ପକ୍ଷରୁ ସୂଚନା ରହିଛି।

# ଓଜିବିର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟଙ୍କ ରାୟ

**ଭୁବନେଶ୍ୱର,୪-୨**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ଆରମ୍ଭରୁ ଅସ୍ଥାୟୀ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସପକ୍ଷରେ ହାଇକୋର୍ଟ ରାୟ ଶୁଣାଇଛନ୍ତି। ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବକେୟା ଦରମା, ସୁବିଧା ସୁଯୋଗ ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯୋଗ୍ୟ ନୀଳାଞ୍ଚଳ ଗ୍ରାମ୍ୟ ବ୍ୟାଙ୍କ, କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ ଓ ବୈତରଣୀ ଗ୍ରାମ୍ୟ ବ୍ୟାଙ୍କକୁ ନେଇ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଗଠନ କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନୀଳାଞ୍ଚଳ ଗ୍ରାମ୍ୟ ବ୍ୟାଙ୍କର ଆରମ୍ଭରୁ ଅସ୍ଥାୟୀ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବ୍ୟାଙ୍କ ଆରମ୍ଭରୁ ନିୟମିତ ଭାବେ ଦରମା ପ୍ରଦାନ କରୁଛି। କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କ ଓ ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଇଛି। ଏହା ବିରୋଧରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ୨୦୧୨ ଓ ୨୦୧୩ରେ ୨ଟି ଆବେଦନ କରାଯାଇଥିଲା। ଗତ ମାସରେ ଏହାର ଶୁଣାଣି ହୋଇଥିଲା।

# ଆଇପିଓ ପ୍ରସ୍ତାବକୁ ଏଲ୍‌ଆଇସି କର୍ମଚାରୀ ସଂଘର ବିରୋଧ

**ମୁମ୍ବାଇ,୪-୨**

ଏଲ୍‌ଆଇସିରେ ଅଂଶଧନ ବିକ୍ରି ନେଇ ସରକାର ବଜେଟରେ ପ୍ରସ୍ତାବ ରଖିଛନ୍ତି। ଏହାର ଆଇପିଓ ଆସନ୍ତା ଆର୍ଥିକ ଦ୍ୱିତୀୟ ତ୍ରୈମାସରେ ଆସିପାରେ ବୋଲି କୁହାଯାଇଛି। ଏହି ଆଇପିଓ ପ୍ରସ୍ତାବକୁ ଏଲ୍‌ଆଇସି କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ବିରୋଧ କରାଯାଇଛି। ଏହାକୁ ବିରୋଧ କରି ସାରା ଦେଶରେ ଥିବା ଏଲ୍‌ଆଇସି କାର୍ଯ୍ୟାଳୟଗୁଡିକରେ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ପଦଯାତ୍ରା କରିଥିଲେ। ଏଲ୍‌ଆଇସି ଆଇପିଓ ଆଣିବା ଜାତୀୟ ସ୍ୱାର୍ଥ ବିରୋଧୀ। ଏହା ଦେଶ ଗଠନରେ ଯୋଗଦାନ ରଖୁଥିବାରୁ ସରକାରଙ୍କ ଆଇପିଓ ପ୍ରସ୍ତାବକୁ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ ବିରୋଧ କରାଯାଇଛି।

# ସିଣ୍ଡିକେଟ ବ୍ୟାଙ୍କ ସିଇଓଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୪-୨**

ସିଣ୍ଡିକେଟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ମୃତ୍ୟୁଞ୍ଜୟ ମହାପାତ୍ର ନିକଟରେ ୨ ଦିନିଆ ଓଡ଼ିଶା ଗସ୍ତ କରିଛନ୍ତି। ସେ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଭଦ୍ରକ ଏବଂ ବାଲେଶ୍ୱର ଆଦି ସ୍ଥାନର ମୁଖ୍ୟ ଶାଖାଗୁଡ଼ିକୁ ପରିଦର୍ଶନ କରିବା ସହ ଶାଖା ମୁଖ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଡିସେମ୍ବର ୨୦୧୯ ସୁଦ୍ଧା ବ୍ୟାଙ୍କର ୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ନିମନ୍ତେ ସମସ୍ତ ଅଂଶୀଦାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇ, ଗୃହ ଋଣ, ସ୍ୱର୍ଣ୍ଣ ଋଣ ଏବଂ କାସା ଜମା ଉପରେ ଗୁରୁତ୍ୱ ଦେଇ ବିକାଶ କ୍ଷେତ୍ରରେ ଆହୁରି ଅଗ୍ରଗତି କରିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।


**OFFICE OF THE BARIPADA MUNICIPAL COUNCIL, BARIPADA** — No. C-479
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in

No. 305 — DTCN PART-I (TCHNICAL BID) SECTION-II — Date : 03.02.2020
COMPETITIVE BIDDING THROUGH 'e' Procurement

The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM- 01of 2020-2021** — Tender I.D No : **2019_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | Construction of Civil Work (As per DTCN) |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt. **05/02/2020** (11.00 A.M.) to Dt. **19/02/2020** (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. **19/02/2020** (5.00 P.M.) |
| (iii) | Date & time of opening of the Bids received on-line | Dt. **20/02/2020** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

5. Detail Tender Call Notice (DTCN) may also be seen from the Baripada Municipality Website i.e. www.baripadamunicipality.in
Further details can be seen from the procurement portal i.e. www.tendersorissa.gov.in

Sd./- Executive Officer, Baripada Municipality
OIPR-13078/11/0019/1920



**GOVT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BOLANGIR**
e Procurement Notice — No.O-973
IFB IDENTIFICATION NO. BLGR/Online-02/2019-20

| | | | |
|---|---|---|---|
| 1. | Name of work | : | Construction of bridge over Menkajore from the road Dhuldula to RD road Kukia under Panchamahala G.P, Ullunda in the district of Subarnapur |
| 2. | Total no of work | : | 1(one) no of work |
| 3. | Approximate Estimated Cost | : | Rs. 338.29 lakhs |
| 4. | Time for completion | : | 18 (eighteen) months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender on line for bidding | | Lastdate and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer | BLGR/Online-02/2019-20 | 11.02.2020 at 11.00 A.M. | 02.03.2020 upto 5.00 P.M. | 01.03.2020 upto 1.00 P.M. | 07.03.2020 at 11.00 A.M. | The date will be intimated to the technically qualified bidder later on. |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above website only
- The authority reserves the right to reject any or all the tenders received without assigning any reasons there-of what so ever.

Superintending Engineer,R.W.Circle, Bolangir
OIPR-25118/11/0002/1920



**DISTRICT RURAL DEVELOPMENT AGENCY, PURI**
PANCHAYATI RAJ & DRINKING WATER DEPARTMENT, GOVERNMENT OF ODISHA
DRDA, PURI, Harihar Chhaka, Kacheri Road, Puri-752001, Tel. No.- 06752-225441, 222136
Email : ori-dpuri@nic.in, drdapuri@gmail.com

Letter No.556 — **Auction sale notice** — Dt.01.02.2020

Sealed Quotations are invited from interested bidders for auction sale of Mahindrda & Mahindra Jeep Registration No -OR 13 -4157 & Ambassador Car Registration No -OR -13-A-2424 of DRDA Puri. The upset price of both the vehicle is Rs 22,000/- & Rs 15,000/-.The intending bidders may inspect the both vehicles during the office hour i.e. from Dt.03.02.2020 to Dt.18.02.2020.The intending bidders are requested to deposit Rs 2500/-(Rs.two thousand five hundred only) as E.M.D for each vehicle in shape of Demand Draft in name of Project Director DRDA Puri. The Highest bidder shall deposit the full bid amount on same day i.e. on Dt.19.02.2020 after opening of quotation. If the highest bidder failed to deposit the full bid amount the EMD amount will be forfeited and the next higher bidder will be allowed. The evaluation forms & format (Annexure -A) of quotation completed in all respect should reach the undersigned on or before Dt.19.02.2020 by 11:00 P.M and shall be opened on the same day at 11.30 A.M in presence of the bidders or their authorized representatives. The undersigned is reserves the right to accept or reject the tender without assigning any reasons thereof. For Tender Form and other Details visit: www.puri.nic.in

Sd./- Project Director, DRDA, Puri



**OFFICE OF THE COLLECTOR, KENDRAPARA**
(SOCIAL WELFARE SECTION)
No.240 — **TENDER CALL NOTICE** — Dt.03.02.2020

Sealed tenders are invited from intending agencies/firms printing press for supply of "Nua Arunima Hand Book under Anganwadi Services Schemes for Anganwadi Centres of the District. The tender documents should reach in the office of the District Social Welfare Officer, Kendrapara by Registered Post or Speed Post by 10.02.2020 at 2.00 P.M. and the tender will be opened on 10.02.2020 at 4.00 P.M. in the office chamber of the undersigned in the presence of the Tender Committee constiuted for the purpose and the tenderer or their authorized representative. The tender paper received after due date and time will not be entertained. The details of tender papers and terms and conditions can be downloaded from the District website http://www.Kendrapara.nic.in or can be seen in the tender notice displayed in the notice board of DSWO, Kendrapara. The undersigned reserves the right to accept / reject any or all tender papers without assigning any reason thereof.

Sd./- Collector, Kendrapara



**OFFICE OF THE MUNICIPAL COUNCIL, RAIRANGPUR**
Phone No.- 06794-222054, E-Mail ID : rairangpurn.hud@ori.nic.in / rrpurnac@gmail.com
"e" PROCUREMENT NOTICE
**TENDER CALL NOTICE**
No.67 — Dt. 03.02.2020
BID IDENTIFICATION No.T9RRP2019-20

Bid documents consisting of Speciation the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. www.tendersorissa.gov.in

1. Nature of the works:- Civil Works+ 3 (Three) Nos.
2. No. of Works :- Bid Identification No.T9RRP2019-20

| Procurement Officer | Bid Identification No. | Availability of Tender online for bidding | | End Date for Submission of Bid documents EMD, Tender Paper cost Etc. as per DTCN dropping on the Office Tender Box Otherwise tender will be rejected | Date & Time of opening of tender |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Office, Rairangpur Municipality | T9RRP2019-20 | 04.02.2020 at 10.00 A.M. | 17.02.2020 upto 5.00 P.M. | 18.02.2020 up to 5.00 P.M. | 19.02.2020 at 11 A.M. |

7. If all the tender work will be not completed within fixed period mention in the tender schedule the work agreement and work order automatically cancelled.
8. The Authority reserves the right to reject any or all tender without assigning any reason thereof.
9. Further the details can be seen from the procurement portal :- www.tendersorissa.gov.in

Sd./- Executive Officer
Rairangpur Municipality



**BHUBANESWAR DEVELOPMENT AUTHORITY**
AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

Ref. No. 120/EM — Date: 03.02.2020

INVITATION FOR BIDS (IFB)
BID IDENTIFICATION No. BDA/120/EM/2019–20

**Chief Engineer-cum-Engineer Member, B.D.A.** on behalf of Bhubaneswar Development Authority, Bhubaneswar invites **Percentage Rate** bids in **double cover system** eventually to be drawn in **P**$_1$ **Agreement** for the following work as detailed in the table, from the class of eligible contractors/ eligible manufactures as mentioned in column-5 (Five) registered with the State Government/ contractor of equivalent Grades/ Class Registered with Central Government/ MES/ Railways. The bidders may submit bids for the following work through 'e' - Tendering only.

| Sl. No. | Name of work | Approximate value of work (In lakh) | Period of Completion | Class of Contractor | Bid Security | Cost of Document (In Rs.) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of compound wall by using pre cast RCC materials at different locations of Bhubaneswar. | 246.12 | 11 (Eleven) Calendar Months | 'B' & 'A' Class | 2,46,200/- | 10,000/- + (GST @12%) 1,200/- | 26/02/2020 up to 5.30 P.M. |

1. The Bid documents shall be available for downloading in the website http://tendersodisha.gov.in from **10.02.2020 to 26.02.2020 up to 5.00 P.M.**
2. Bid shall be received on or before **5.30 P.M. of 26.02.2020.**
3. All Corrigendum and Addendum will be published in the Website **http://tendersodisha.gov.in/ http://bda.gov.in** only.
4. The bidder must possess compatible Digital Signature Certificate (DSC) of Class-II or Class-III.

Sd/-
Chief Engineer-Cum- Engineer Member,
BDA, Bhubaneswar.



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the DGM E.H.T. (O&M) Division, Cuttack, GRIDCO Colony, Badambadi. CIN: U40102OR2004SGC007553

LT. NO. EHTM/CTC/-69 — Date : 01.02.2020

**ବିଜ୍ଞପ୍ତି**

ଶ୍ରୀ ରାମଚନ୍ଦ୍ର ମୁଦୁଲୀ, ପିତା : ୰ଶ୍ରୀ ଧୂଳେଶ୍ୱର ମୁଦୁଲୀ, ଗ୍ରା/ପୋ : ବଇଁଚୁଆଁ, ଥାନା : ବାଲିଅନ୍ତା, ଜିଲ୍ଲା : ଖୋର୍ଦ୍ଧା, ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଗତ ୦୮.୦୮.୨୦୧୩ ତାରିଖ ଠାରୁ ଆଜି ପର୍ଯ୍ୟନ୍ତ ଆପଣ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ଏ ବିଷୟରେ ଆପଣଙ୍କୁ ପୂର୍ବରୁ ନୋଟିସ୍ ମାଧ୍ୟମରେ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦୈନିକ ଖବରକାଗଜ ସମାଜ, ସମ୍ବାଦ ଏବଂ ଧରିତ୍ରୀରେ ଜଣାଇ ଦିଆଯାଇଥିଲା ।
ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ପୁନର୍ବାର ଜଣାଇ ଦିଆଯାଉଛି କି, ବିଜ୍ଞାପନ ପ୍ରକାଶିତ ହେବା ପରଠାରୁ ୧୦ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦାନ କରନ୍ତୁ । ନଚେତ୍ ଆପଣଙ୍କ ବିରୋଧରେ ଆଇନ୍ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ॥

ସ୍ୱା/–
ଡେପୁଟି ଜେନେରାଲ ମ୍ୟାନେଜର
ଇ.ଏଚ୍.ଟି (ଓ ଆଣ୍ଡ ଏମ) ଡିଭିଜନ, କଟକ

Please connect us: optcl.odisha | optcl_odisha | energyodisha



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM (Elect.) E.H.T. Construction Circle, Bhubaneswar-22. CIN: U40102OR2004SGC007553

Advt. No. GM-EHT(C)CIRCLE-BBSR-07/2019-20 — Dated 03.02.2020

**NOTICE INVITING TENDER**

Sealed tenders are invited from experienced agencies/consultants having valid PAN Card, GSTIN registration, EPF, ESI registration, Contract labour license etc. for "Selection and engagement of consultant for preparation of forest diversion proposal and to facilitate obtaining the approval of using forest land from MoEF, GOI (Forest clearance Stage-I & II) as per forest conservation Act-1980 and amendments thereof related to construction of 132KV DC line from 132/33KV Grid sub-station, R.Udayagiri to 132/33KV Grid Sub-station, Paralakhemundi under OPTCL in the state of Odisha." **Cost of Tender Paper (Non-refundable)** : Rs.6,720/- (6,000/- + GST @ 12% ). **EMD** : 1% of total estimated cost. **Sale of Tender Documents** : From 07.02.2020 to 20.02.2020 (11:00 AM to 03:00 PM). **Last Date of Submission of Tender** : 24.02.2020 up to 03:00 PM. **Date & Time of Opening of Tender** : 24.02.2020 at 04:00 PM. For details, please visit our website **www.optcl.co.in**. **Corrigendum, if any, will be published in the website or in the office notice board only.**

Sd/- General Manager (Elect.)

Please connect us: optcl.odisha | optcl_odisha | energyodisha



ଟୋକିଓ ଅଲିମ୍ପିକ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍ ମୋ ପାଇଁ ବିଶେଷ ସହାୟକ ହେବ ।

–ରବି କୁମାର ଦହିୟା, ଭାରତୀୟ ରେସ୍‌ଲର



ରେସ୍ ସମୟରେ ମୋ କାର୍ ଯଦି ବାଧା ସୃଷ୍ଟି ନ କରେ ତେବେ ମୁଁ ଲୁଇସ୍ ହାମିଲଟନଙ୍କୁ ପରାସ୍ତ କରି ଫର୍ମୁଲା ୱାନ ଟାଇଟଲ ଜିତିପାରିବି ।

–ମାକ୍ସ ଭର୍ଷ୍ଟାପେନ୍, ରେଡ୍ ବୁଲ୍ ଡ୍ରାଇଭର



ରାଣୀ ରାମପାଲ

# ଭାରତୀୟ ମହିଳା ହକି ଦଳର ଦ୍ୱିତୀୟ ବିଜୟ

**ନ୍ୟୁଜିଲାଣ୍ଡ ଗସ୍ତ**

**ଅକ୍‌ଲାଣ୍ଡ, ୪।୨(ପି.ଟି.):** ଚଳିତ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତୀୟ ମହିଳା ହକି ଦଳ ତା'ର ଦ୍ୱିତୀୟ ବିଜୟ ହାସଲ କରିଛି । ମଙ୍ଗଳବାର ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇଛି । ଅଧିନାୟିକା ରାଣୀ ରାମପଲ ଦଳ ତରଫରୁ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ୪୭ତମ ମିନିଟ୍‌ରେ ରାଣୀଙ୍କ ଗୋଲ ଭାରତକୁ ଅଗ୍ରଣୀ କରାଇଥିଲା । ଏହି ଗସ୍ତରେ ଭାରତ ପ୍ରଥମ ମ୍ୟାଚ୍‌ରେ ଆୟୋଜକ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ବିଜୟରୁ ଅଭିଯାନ ଆରମ୍ଭ କରିଥିଲା । ତେବେ ଏହାପରେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା । ସାରା ମ୍ୟାଚ୍‌ରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା ଭାରତ । ତେବେ ଆରମ୍ଭରୁ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ଭାରତ ଏହାକୁ ଗୋଲରେ ପରିଣତ କରିପାରି ନ ଥିଲା । ସନ୍ତୁଳିତ ଡିଫେନ୍ସ ଓ ଟାଇଟ୍ ପାସିଂ କାରଣରୁ ଭାରତ ବ୍ରିଟେନକୁ କୌଣସି ସୁଯୋଗ ଦେଇ ନ ଥିଲା । ଫଳରେ ପ୍ରତି ଆକ୍ରମଣ କରିବାରେ ବିଫଳ ହେବା ସହ ବ୍ରିଟେନ ସୁଯୋଗ ମଧ୍ୟ ସୃଷ୍ଟି କରିପାରି ନ ଥିଲା । ଭାରତ ବହୁତ ସୁଯୋଗ ସୃଷ୍ଟି କରିଥିଲା । ତେବେ ଏଗୁଡିକୁ ଗୋଲରେ ରୂପାନ୍ତର କରିବାର ସମୟ ଆସି ପହଞ୍ଚିଛି ବୋଲି ଜୋଏର୍ଡ ମାରିଜନେ କହିଛନ୍ତି । ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା । ତୃତୀୟ କ୍ୱାର୍ଟରରେ ଭାରତ ଆଉ ଏକ ପେନାଲ୍ଟି ପାଇଥିଲେ ମଧ୍ୟ ଗୋଲରେ ପରିଣତ କରି ନ ଥିଲା । ତେବେ ୪୭ତମ ମିନିଟ୍‌ରେ ରାଣୀ ପ୍ରତିପକ୍ଷ ସର୍କଲରେ ସ୍ପେସ୍ ସୃଷ୍ଟି କରିବା ସହ ଜୋରଦାର ଶଟ୍ ମାରି ବ୍ରିଟେନ ଗୋଲକିପରଙ୍କୁ ଚକ୍‌ମା ଦେଇ ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ । ୧-୦ରେ ପଛରେ ପଡିବା ପରେ ବ୍ରିଟେନ ଚାପରେ ଥିଲା ଓ ଏଥିରୁ ମୁକୁଳି ପାରି ନ ଥିଲା । ମ୍ୟାଚ ଶେଷ ଆଡକୁ ଆମେ ମଧ୍ୟ ଚାପରେ ଥିଲୁ । କିନ୍ତୁ ଏହାକୁ ସଫଳତାର ସହ ହ୍ୟାଣ୍ଡଲ କରିଥିଲୁ । ଏହି ବିଜୟ ଦଳର ଆତ୍ମ ବିଶ୍ୱାସ ବୃଦ୍ଧି କରିବ । ବାକି ମ୍ୟାଚ୍‌ଗୁଡିକରେ ଭାରତ ପ୍ରଭାବ ବିସ୍ତାର କରି ଖେଳିବ । ବୁଧବାର ଭାରତ ଓ ବ୍ରିଟେନ ପୁଣି ଥରେ ପରସ୍ପରକୁ ଭେଟିବେ । ଦଳ ପେନାଲ୍ଟି କନଭରଶନ ଉପରେ ଅଧିକ ଧ୍ୟାନ ଦେବ ବୋଲି ମାରିଜନେ କହିଛନ୍ତି ।

# ଶାନ୍ତନୁ-ରାଜେଶ ଇନିଂସ୍ ସମ୍ଭାଳିଲେ

**ରଣଜୀ ଟ୍ରଫି: ଓଡ଼ିଶା ୨୨୦/୫**

**କଟକ ଅଫିସ,୪।୨**

ମହାରାଷ୍ଟ୍ରର ନାଗୋଥାନେ ସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଠାରୁ ଓଡ଼ିଶା-ମହାରାଷ୍ଟ୍ର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି । ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ବିନିମୟରେ ୨୨୦ରନ କରିଛି । ଭୁବନେଶ୍ୱରର ୨୬ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ଶାନ୍ତନୁ ମିଶ୍ରଙ୍କ ଧୈର୍ଯ୍ୟପୂର୍ଣ୍ଣ ଇନିଂସ (୮୪ରନ) ବଳରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟରୁ ମୁକୁଳିଛି । ଉଇକେଟ କିପର ବ୍ୟାଟ୍ସମ୍ୟାନ ରାଜେଶ ଧୁପର ମଧ୍ୟ ଚମତ୍କାର ଖେଳି ୬୭ରନରେ ଅପରାଜିତ ଅଛନ୍ତି ।

ମହାରାଷ୍ଟ୍ର ଅଧିନାୟକ ଅଙ୍କିତ ବାୱନେ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ । ପେସ୍ ବୋଲର ବସନ୍ତ ମହାନ୍ତିଙ୍କୁ ବିଶ୍ରାମ ଦିଆଯାଇ ସ୍ପିନର ପପୁ ରାୟଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା । ଓପନର ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ପ୍ରାରମ୍ଭରୁ ରକ୍ଷଣାତ୍ମକ ଶୈଳୀରେ ବ୍ୟାଟିଂ କରିଥିଲେ । ପ୍ରଥମ ସେସନ୍‌ର ୧୬ ଓଭର ଖେଳରୁ ଉଭୟ ୨୯ରନ ସଂଗ୍ରହ କରିଥିଲେ । ୨୪ତମ ଓଭରରେ ଦଳୀୟ ସ୍କୋର ୫୦ ଟପିଥିଲା । ୮୭ବଲରୁ ୫ଟି ଚୌକା ଓ ୨ଟି ଛକା ବଳରେ ୪୧ରନ କରିଥିବାବେଳେ ଅନୁରାଗଙ୍କୁ ଆଉଟ୍ କରିଥିଲେ ମହାରାଷ୍ଟ୍ରର ବାମହାତୀ ସ୍ପିନର ସତ୍ୟଜିତ ବଚଭ । ଅନୁରାଗଙ୍କୁ ଏଲବିଡବ୍ଲ୍ୟୁ କରି ମହାରାଷ୍ଟ୍ରକୁ ସେ ପ୍ରଥମ ସଫଳତା ଦେଇଥିଲେ । ପରେ ମହାରାଷ୍ଟ୍ରର ପେସ ଆଟାକ୍ ସମ୍ମୁଖରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ୍ ବିଫଳ ହୋଇଥିଲା । ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି ୧, ଗୋବିନ୍ଦ ପୋଦ୍ଦାର ୫, ବିପ୍ଳବ ସାମନ୍ତରାୟ ୫ରନରେ ଆଉଟ ହୋଇଥିଲେ । ଅଭିଷେକ ରାଉତ ୧୬ରନ କରିଥିବା ବେଳେ ଦୁର୍ଭାଗ୍ୟବଶତଃ ରନଆଉଟ ହୋଇଥିଲେ । ୯୬ରନରେ ଓଡ଼ିଶା ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା । ପରେ ଶାନ୍ତନୁ ଓ ରାଜେଶ ୬ଷ୍ଠ ଉଇକେଟରେ ଓଡ଼ିଶା ପାଇଁ ୧୧୪ରନର ବହୁ ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ । ଶାନ୍ତନୁ ଅତ୍ୟନ୍ତ ସତର୍କତାର ସହ ମହାରାଷ୍ଟ୍ରର ବୋଲିଂ ଆକ୍ରମଣକୁ ସାମ୍ନା କରିଥିଲେ । ଚଳିତ ସିଜନର ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିବା ଶାନ୍ତନୁ ଦ୍ୱିତୀୟ ଶତକ ଠାରୁ ୧୬ରନ ଦୂରରେ ଅଛନ୍ତି । ୧୭୧ବଲ ଖେଳି ସେ ଅର୍ଦ୍ଧଶତକ ପୂରଣ କରିଥିଲେ । ୨୬୫ବଲରୁ ୭ ଚୌକା ବଳରେ ଶାନ୍ତନୁ ୮୪ରନ କରିଛନ୍ତି । ଅନ୍ୟପକ୍ଷରେ ଉଇକେଟ କିପର ରାଜେଶ ବଡ଼ ଶଟ୍ ଖେଳିବା ସହ ୭୬ବଲରୁ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । ୧୦୪ବଲରୁ ୫ଟି ଚୌକା ଓ ୪ଟି ଛକା ବଳରେ ସେ ମୋଟ୍ ୬୭ରନ କରିଛନ୍ତି । ରାଜେଶ ମଧ୍ୟ ଏହି ମ୍ୟାଚ୍‌ରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି ବୋଲି କହିଛନ୍ତି । ମହାରାଷ୍ଟ୍ର ପକ୍ଷରୁ ଅକ୍ଷୟ ପାଲକାରଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ମନୋଜ ଇନଗେଲ ଓ ସତ୍ୟଜିତ ବଚଭ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି ।



ଶାନ୍ତନୁ ମିଶ୍ର



ରାଜେଶ ଧୁପର

## ଓଡ଼ିଶା ପୋଲିସ ବିଜୟୀ

**ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି):** ହିରୋ ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟବଲରେ ମଙ୍ଗଳବାର ବାଙ୍ଗାଲୋରରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୬-୦ ଗୋଲରେ ବିଦେଶ ଏକାଦଶକୁ ପରାସ୍ତ କରିଛି । ଓଡ଼ିଶା ପୋଲିସ ପକ୍ଷରୁ ଜବାମଣି ସୋରେନ ହ୍ୟାଟ୍ରିକ ସହ ୩ଟି, ଟିକିନା ସାମଲ ୨ଟି ଓ ଆରତି ଅନିମା ଗୋଟିଏ ଗୋଲ ଦେଇଛନ୍ତି ।

## ଜାତୀୟ ରେକର୍ଡ ସହ ଚାନୁଙ୍କୁ ସ୍ୱର୍ଣ୍ଣ

**କୋଲକାତା, ୪।୨ (ପି.ଟି.):** ଷ୍ଟାର୍ ଭାରତୀୟ ମହିଳା ଭାରୋତ୍ତୋଳିକା ତଥା ପୂର୍ବତନ ବିଶ୍ୱ ବିଜୟିନୀ ମୀରାବାଈ ଚାନୁ ନିଜ ନାମରେ ରହିଥିବା ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି । ଏଠାରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ମୀରାବାଈ ମହିଳା ୪୯ କିଗ୍ରା ବର୍ଗରେ ମୋଟ୍ ୨୦୩ କିଗ୍ରା ଭାର ଉଠାଇ ନୂଆ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ୨୫ ବର୍ଷୀୟା ମୀରାବାଈ ସ୍ନାଚ୍‌ରେ ୮୮ କିଗ୍ରା ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କିଗ୍ରା ସହ ମୋଟ୍ ୨୦୩ କିଗ୍ରା ଭାରୋତ୍ତୋଳନ କରିଥିଲେ । ଗତ ବର୍ଷ ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ମୋଟ୍ ୨୦୧ କିଗ୍ରା ଭାର ଉଠାଇଥିଲେ, ଯାହା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା ।

# ଦେବାଶିଷ ସଭାପତି, ଆଶୀର୍ବାଦ ସମ୍ପାଦକ

**ଫାଓ ନିର୍ବାଚନ**

**କଟକ ଅଫିସ, ୪।୨:** ନିର୍ବାଚନ ପୂର୍ବରୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ)ର କର୍ମକର୍ତ୍ତା ତାଲିକା ଚୂଡ଼ାନ୍ତ ହୋଇଯାଇଛି । ସଭାପତି ଭାବେ ପୂର୍ବତନ ବିଧାୟକ ତଥା ଫାଓର ପୂର୍ବତନ ସଭାପତି ଦେବାଶିଷ ସାମନ୍ତରାୟ ପଦବୀ ବଜାୟ ରଖିଛନ୍ତି । ଦେବାଶିଷଙ୍କର ଏହା ଲଗାତର ୩ୟ କାର୍ଯ୍ୟକାଳ । ଅନ୍ୟପକ୍ଷରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ପ୍ରଥମ ଥର ପାଇଁ ଫୁଟବଲ ସଂଘର ଦାୟିତ୍ୱ ନେବାକୁ ପ୍ରସ୍ତୁତ ହୋଇଛନ୍ତି । ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆଶୀର୍ବାଦ ହୋଇଛନ୍ତି ଫାଓର ସମ୍ପାଦକ । ସଂଘର ସମସ୍ତ ପଦବୀ ଚୂଡ଼ାନ୍ତ ହୋଇଥିବା ବେଳେ ଆସନ୍ତା ୧୬ରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବାସହ ନୂତନ ପଦାଧିକାରୀ ଦାୟିତ୍ୱ ଗ୍ରହଣ କରିବେ ।

ଫାଓ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ଦିବସ ଧାର୍ଯ୍ୟ କରାଯାଇଥିଲା । ସଭାପତି ପଦବୀ ପାଇଁ ଦେବାଶିଷ, କାର୍ଯ୍ୟକାରୀ ସଭାପତି ପଦବୀ ନିମନ୍ତେ ଶ୍ରୀକର ମିଶ୍ର, ସମ୍ପାଦକ ପାଇଁ ଆଶୀର୍ବାଦ, କୋଷାଧ୍ୟକ୍ଷ ପଦବୀ ନିମନ୍ତେ ଭକ୍ତବଳ୍ଲଭ ଦାସ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ । ଏଣୁ ଏହି ୪ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଥିଲା । ଅନ୍ୟପକ୍ଷରେ ୮ଟି ଉପସଭାପତି ପଦବୀ ନିମନ୍ତେ ୧୩ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଖ ଅକମଲ ଅଲ୍ଲୀ, ଯୁଗଳ ସିଂ, ଡ. ଜନାର୍ଦ୍ଦନ ଦାସ, ଜୀବନ ମହାନ୍ତି ଓ ଉପେନ୍ଦ୍ରନାଥ ଦାସ ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ । ଫଳରେ ବିଜୟ ଦାସ, ଦିଲୀପ ସାହୁ, ପ୍ରଦୀପ କିଶୋର ମହାନ୍ତି, ରବି ନାରାୟଣ ପଣ୍ଡା, ହୃଦୟ ରଞ୍ଜନ ବେହେରା, ବସନ୍ତ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ଦାସ ଉପସଭାପତି ଭାବେ ବିଜୟ ହାସଲ କରିଛନ୍ତି । ୩ଟି ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ୩ଜଣ ହିଁ ନାମାଙ୍କନପତ୍ର ଦାଖଲ କରିଥିଲେ । ଏମାନେ ହେଲେ ଅଭିଜିତ ପାଲ, ସାହିଦ ଜବାର ଓ ବିଶ୍ୱରଞ୍ଜନ ଘଡ଼େଇ । ଏହି ୩ ପ୍ରାର୍ଥୀ ମଧ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ।





ଦେବାଶିଷ ସାମନ୍ତରାୟ ଓ ଆଶୀର୍ବାଦ ବେହେରା

## ଜାଫରଙ୍କ ଆଉ ଏକ ରଣଜୀ ରେକର୍ଡ

**ନାଗପୁର, ୪।୨:** ଭେଟେରାନ ବ୍ୟାଟ୍ସମ୍ୟାନ ୱାସିମ ଜାଫର୍ ରଣଜୀ ଟ୍ରଫି କ୍ରିକେଟ୍‌ରେ ଆଉ ଏକ ରେକର୍ଡ ନିଜ ନାମରେ ଲିପିବଦ୍ଧ କରିଛନ୍ତି । ରଣଜୀ ଟ୍ରଫି ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୪୧ ବର୍ଷୀୟ ଜାଫର୍ ୧୨ ହଜାର ରନ୍ ପୂରଣ କରିଛନ୍ତି । ସୋମବାରଠାରୁ ସ୍ଥାନୀୟ ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମରେ ଘରୋଇ ବିଦର୍ଭ ଓ କେରଳ ମଧ୍ୟରେ ଆରମ୍ଭ ହୋଇଥିବା ରଣଜୀ ଟ୍ରଫି ମ୍ୟାଚ୍ ଅବସରରେ ଜାଫର୍ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ବିଦର୍ଭ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୧୨ ହଜାର ରନ୍ କ୍ଲବରେ ସାମିଲ ହେବା ଲାଗି ଆଉ ୨୫ ରନ ଆବଶ୍ୟକ କରୁଥିଲେ । ବିଦର୍ଭର ପ୍ରଥମ ଇନିଂସରେ ସେ ୫୭ ରନର ଇନିଂସ ଖେଳିବା ସହ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି । ନିକଟରେ ଜାଫର ପ୍ରଥମ ଖେଳାଳି ଭାବେ ୧୫୦ ରଣଜୀ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ । ୧୯୯୬-୯୭ ରଣଜୀ ଟ୍ରଫି କ୍ୟାରିୟର ପଦାର୍ପଣ କରିଥିବା ଜାଫର ପୂର୍ବରୁ ଘରୋଇ କ୍ରିକେଟ୍ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୪୦ ଶତକ ଅର୍ଜନ କରିଥିଲେ । ସେହିଭଳି ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୧୧ ହଜାର ରନ୍ ସଂଗ୍ରହ କରିବାରେ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି । ସେ ଉଭୟ ମୁମ୍ବାଇ ଓ ବିଦର୍ଭ ପକ୍ଷରୁ ଖେଳିଛନ୍ତି । ସେହିଭଳି ଭାରତ ପକ୍ଷରୁ ୩୧ ଟେଷ୍ଟ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ସେ ୧୯୪୪ ରନ ସଂଗ୍ରହ କରିଛନ୍ତି ।

# ଭୁଲିହେବ ନାହିଁ

**ଗୌତମ ଗମ୍ଭୀର**

କ୍ରିକେଟରେ ଜୟ ଓ ପରାଜୟ ମନରେ ଅଜବ ଭାବନା ସୃଷ୍ଟି କରିଥାଏ । କେତେକ ସ୍ମରଣ ବିଜୟ ରୋମାଞ୍ଚ ସୃଷ୍ଟି କରିଥାଏ । ଏପରିକି ମୁଁ ଆରାମରେ ମନଭରି ଶୋଇବାକୁ ପସନ୍ଦ କରିଥାଏ । ଦୁଃଖଦ ପରାଜୟରେ ବେଳେ ରାତିରେ ଭଲ ନିଦ୍ରା ହୋଇ ନ ଥାଏ । ନ୍ୟୁଜିଲାଣ୍ଡ ଖେଳାଳିଙ୍କ କ୍ଷେତ୍ରରେ ଯଦି ତାହା ଘଟିଥାଏ ସେଥିରେ ମୁଁ ଆଶ୍ଚର୍ଯ୍ୟ ନୁହେଁ । ବିଦେଶ ମାଟିରେ ହ୍ୱାଇଟ୍ ୱାଶ ବିଜୟ ବାସ୍ତବିକ ଅଭୁତପୂର୍ବ । ଏହା ଛୋଟିଆ କଥା ନୁହେଁ ବର୍ଷ ବର୍ଷ ଧରି ଭୁଲି ହେବ ନାହିଁ । ଏହା ପୂର୍ବରୁ ଘରୋଇ ମାଟିରେ ଭାରତ ସହିତ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ଭଳି ଦଳ ଟକ୍କର ଦେଇପାରି ନ ଥିଲେ । ୱେଷ୍ଟଇଣ୍ଡିଜ ଦଳ କିଛି ମାତ୍ରାରେ ଚ୍ୟାଲେଞ୍ଜ ଦେଇଥିଲା । କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ପ୍ରତିକୂଳ ପରିବେଶ ମଧ୍ୟରେ ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହୋଇଥିଲା । ଏଥିପାଇଁ ମୁଁ ଅଧିନାୟକ ବିରାଟ କୋହଲିଙ୍କୁ ଶ୍ରେୟ ଦେବି । ତାଙ୍କ ଫିଟ୍‌ନେସ୍ ସ୍ତର ବାସ୍ତବିକ ପ୍ରଶଂସାଯୋଗ୍ୟ । ଗତମାସରେ ଆମ ଦେଶରେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳାଯାଇଥିଲା । ଜାନୁୟାରୀ ୧୪ରେ ମୁମ୍ବାଇରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୨୫୫ ରନ ସ୍କୋର କରିଥିଲା । ଭ୍ରମଣକାରୀ ଅଷ୍ଟ୍ରେଲିଆ ବିନା କୌଣସି ଉଇକେଟରେ ୩୮ ଓଭରରେ ମ୍ୟାଚ ଜିତିନେଇଥିଲା । ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପରବର୍ତ୍ତୀ ଦୁଇଟି ମ୍ୟାଚରେ ବିଜୟ ଲାଭ କରି ସିରିଜ କବ୍‌ଜା କରି ନେଇଥିଲା । ଭାରତୀୟ ବୋଲରଙ୍କ ଅସାଧାରଣ ବୋଲିଂ ଯୋଗୁ ତାହା ସମ୍ଭବପର ହୋଇଥିଲା । ମହମ୍ମଦ ଶାମିଙ୍କୁ ଯେତେ ଅବା ପ୍ରଶଂସା କରିବା ତାହା ଯଥେଷ୍ଟ ହେବନାହିଁ । ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପୂର୍ବରୁ ମୋ ଫେଭରାଇଟ୍ ବ୍ୟାଟ୍ସମ୍ୟାନ ଆଘାତପ୍ରାପ୍ତ ହେବା ଭାରତୀୟ ଦଳକୁ ନିଶ୍ଚିତ ଏକ ଶକ୍ତ ଧକ୍କା । ବର୍ତ୍ତମାନ ସେ ଚମତ୍କାର ଫର୍ମରେ ରହିଛନ୍ତି । ତାଙ୍କ ଅନୁପସ୍ଥିତିରେ ପୃଥ୍ୱୀ ଶ' ଏବଂ ମୟଙ୍କ ଅଗ୍ରୱାଲଙ୍କ ଲାଗି ଏକ ସୁଯୋଗ ବୋଲି କୁହାଯାଇପାରେ । କେ.ଏଲ୍. ରାହୁଲଙ୍କୁ ଟପ୍ ଅର୍ଡରୁ ବାଦ୍ ଦେବା ବୁଦ୍ଧିମାନର କାର୍ଯ୍ୟ ହେବନାହିଁ । ଭାରତ ଋଷଭ ପନ୍ତଙ୍କୁ ଉଇକେଟ କିପିଂ ଦାୟିତ୍ୱ ପ୍ରଦାନ ସହ ରାହୁଲ-ଅଗ୍ରୱାଲ କମ୍ବିନେଶନକୁ ନେଇ ଖେଳିପାରିବ । ରାହୁଲ ହେଉଛନ୍ତି ଦଳ ପାଇଁ ବହୁ ମୂଲ୍ୟବାନ । ତାଙ୍କ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ । ସେ ଭଲ କିପିଂ କରୁ ପାରୁଛନ୍ତି । ହେଲେ ୫୦ଓଭର ଫର୍ମାଟ ରେ ତାଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆ ନ ଯିବା ବୁଦ୍ଧିମାନର କାର୍ଯ୍ୟ ହେବ । ନ୍ୟୁଜିଲାଣ୍ଡ ଟୁର୍‌ରେ ଭାରତ କମାଣ୍ଡିଂ ପୋଜିଶନରେ ଅଛି । ଭାଗ୍ୟ ବଳରେ ନୁହେଁ ଜବରଦସ୍ତ ପ୍ରଦର୍ଶନ କରି ଆଗୁଆ ରହିଛି । ଏହି ଫର୍ମାଟରେ ଘରୋଇ ଦଳକୁ ଚ୍ୟାଲେଞ୍ଜ ଦେବାକୁ ହେଲେ ରୋହିତଙ୍କ ଅନୁପସ୍ଥିତିରେ କୋହଲିଙ୍କୁ ଦଳ ପାଇଁ ତାଙ୍କ 'ଏ' ଗେମ୍ ଦେଖାଇବାକୁ ପଡ଼ିବ । ଯୁବ ଖେଳାଳି ପୃଥ୍ୱୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତାଙ୍କୁ ସୁଯୋଗ ମିଳିବା ଉଚିତ ।

(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)

#WhatDrivesYou
EXIDE

# ଆଜି ପହଞ୍ଚିବ ବେଲଜିୟମ

**ଭୁବନେଶ୍ୱର, ୪।୨(କ୍ରୀଡ଼ା ପ୍ରତିନିଧି):** ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ ଏହାର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ ବିଶ୍ୱ ଚାମ୍ପିୟନ ବେଲଜିୟମ ସହିତ ଖେଳିବ । ଚଳିତ ମାସ ୮ ଓ ୯ ତାରିଖରେ ଏହା କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ୨୦୧୮ରେ ଏହି କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ ଟାଇଟଲ ହାସଲ କରିଥିବା ବେଲଜିୟମ ନିଜ ସ୍ମରଣୀୟ ଭେନ୍ୟୁରେ ମ୍ୟାଚ ଖେଳିବା ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିବ । ଗତବର୍ଷ ପ୍ରୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଭାରତ ଖେଳି ନ ଥିଲା । ଦ୍ୱିତୀୟ ସଂସ୍କରଣରେ ଦଳ ଉଚ୍ଚ ର୍ୟାଙ୍କପ୍ରାପ୍ତ ନେଦରଲାଣ୍ଡସ୍‌କୁ ହରାଇ ଅଭିଯାନ ଆରମ୍ଭ କରିଛି । ଜାନୁୟାରୀ ୧୮ ତାରିଖରେ ପ୍ରଥମ ମ୍ୟାଚରେ ଭାରତ ୫-୨ ଗୋଲରେ ବିଜୟୀ ହୋଇଥିବାବେଳେ ୧୯ ତାରିଖ ଦ୍ୱିତୀୟ ମ୍ୟାଚ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ବରାବର ରହିବାପରେ ଶୁଟ୍ ଆଉଟରେ ଘରୋଇ ଦଳ ୩-୧ ଗୋଲରେ ବିଜୟୀ ହୋଇଥିଲା । ପ୍ରକାଶ ଯୋଗ୍ୟ ଯେ, ବିଶ୍ୱର ବିଭିନ୍ନ ସ୍ଥାନରେ ହକି ପ୍ରୋ ଲିଗ୍ ମ୍ୟାଚ ଅନୁଷ୍ଠିତ ହେଉଛି । ଜାନୁୟାରୀ ୨୪ରେ ଭାଲେନ୍ସିଆରେ ସ୍ପେନ-ଜର୍ମାନୀ ମ୍ୟାଚ ୨-୨ ଗୋଲରେ ଶେଷ ହେବାପରେ ଶୁଟ୍ ଆଉଟରେ ଜର୍ମାନୀ ୪-୩ ଗୋଲରେ ବିଜୟୀ ହୋଇଥିଲା । ୨୫ରେ ଭାଲେନ୍ସିଆରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଜର୍ମାନୀ ୫-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଆଗକୁ ବଢ଼ିଛି । ୨୫ରେ ସିଡ୍‌ନୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆ-ବେଲଜିୟମ ମ୍ୟାଚ ୨-୨ ଗୋଲରେ ବରାବର ରହିଥିଲା । ଶୁଟ୍‌ଆଉଟରେ ବେଲଜିୟମ ୪-୨ ଗୋଲରେ ବିଜୟୀ ହୋଇଥିଲା । ୨୬ରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବେଲଜିୟମ ୪-୨ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା । ୩୧ ତାରିଖରେ ଭାଲେନ୍ସିଆରେ ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡସ୍ ୪-୩ ଗୋଲରେ ସ୍ପେନକୁ ପରାସ୍ତ କରିଥିଲା । ଫେବୃୟାରୀ ୧ରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମଧ୍ୟ ନେଦରଲାଣ୍ଡସ୍ ୪-୨ ଗୋଲରେ ବିଜୟୀ ହୋଇଥିଲା । ଫେବୃୟାରୀ ୧ରେ ସିଡ୍‌ନୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆ-ଗ୍ରେଟ ବ୍ରିଟେନ ମ୍ୟାଚ ୪-୪ ଗୋଲରେ ଶେଷ ହୋଇଥିଲା । ଶୁଟ୍ ଆଉଟରେ ଅଷ୍ଟ୍ରେଲିଆ ୩-୧ ଗୋଲରେ ବିଜୟୀ ହୋଇଥିଲା । ୨ ତାରିଖରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ୫-୧ ଗୋଲରେ ବ୍ରିଟେନକୁ ମାତ୍ ଦେଇଥିଲା । ଫେବୃୟାରୀ ୧ରେ ଅକ୍‌ଲାଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ନ୍ୟୁଜିଲାଣ୍ଡକୁ ବେଲ୍‌ଜିୟମ ୬-୨ ଗୋଲରେ ପରାସ୍ତ କରିଥିଲା । ୨ ତାରିଖରେ ଦ୍ୱିତୀୟ ମ୍ୟାଚରେ ବେଲଜିୟମ ୩-୧ ଗୋଲରେ ବିଜୟୀ ହୋଇଥିଲା । ଅର୍ଥାତ୍ ଭାରତକୁ ଭେଟିବା ପୂର୍ବରୁ ବେଲଜିୟମ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ।

# ଟେଷ୍ଟ ଦଳକୁ ପୃଥ୍ୱୀଙ୍କ ପ୍ରତ୍ୟାବର୍ତ୍ତନ

**ଦିନିକିଆରେ ରୋହିତ୍‌ଙ୍କ ସ୍ଥାନରେ ମୟଙ୍କ**

**ହାମିଲଟନ, ୪।୨ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ମଙ୍ଗଳବାର ଭ୍ରମଣକାରୀ ଭାରତୀୟ ଦଳ ଘୋଷଣା କରାଯାଇଛି । ଯୁବ ଓପନର୍ ପୃଥ୍ୱୀ ଶ' ପାଖାପାଖି ଦେଢ଼ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ୨୦ ବର୍ଷୀୟ ପୃଥ୍ୱୀ ଶେଷଥର ପାଇଁ ୨୦୧୮ ଅକ୍ଟୋବରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ମାଂସପେଶୀ ଟାଣି ହୋଇଯିବାରୁ ରୋହିତ୍ ଶର୍ମାଙ୍କୁ ଘୋଷିତ ୧୬ ଜଣିଆ ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି । ପୂର୍ବରୁ ସେ ଦିନିକିଆ ଦଳରୁ ବାଦ୍ ପଡ଼ିଥିଲେ । ଟେଷ୍ଟ ସିରିଜ ଫେବୃୟାରୀ ୨୧ରୁ ଆରମ୍ଭ ହେବ । ସେହିଭଳି ଦିନିକିଆ ସିରିଜ ଲାଗି ରୋହିତ୍‌ଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇଛି ।

ଭାରତୀୟ ସୀମିତ ଓଭର ଦଳର ଉପଅଧିନାୟକ ରୋହିତ୍ ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ଟି୨୦ ମ୍ୟାଚ୍ ଖେଳୁଥିବାବେଳେ ମାଂସପେଶୀ ଟାଣି ହୋଇଯାଇଥିଲା । ଫଳରେ ସେ ବ୍ୟାଟିଂ ଅଧାରୁ ପଡ଼ିଆ ଛାଡ଼ି ଚାଲିଯାଇଥିଲେ । 'ସୋମବାର ରୋହିତ୍‌ଙ୍କ ଏମ୍‌ଆର୍‌ଆଇ ସ୍କାନ କରାଯାଇଛି । ସେ ଦିନିକିଆ ଓ ଟେଷ୍ଟ ଦଳରୁ ବାଦ୍ ପଡ଼ି ସାରିଛନ୍ତି । ଏବେ ତାଙ୍କୁ ନ୍ୟାଶନାଲ କ୍ରିକେଟ୍ ଏକାଡେମୀରେ ରହିବାକୁ ପଡ଼ିବ' ବୋଲି ବିସିସିଆଇ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି । ୨୦୧୮ ଅକ୍ଟୋବରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ପଦାର୍ପଣରେ ଶତକ ହାସଲ କରିଥିବା ପୃଥ୍ୱୀଙ୍କୁ ପୂର୍ବରୁ ଗତ ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଲାଗି ଦଳରେ ସ୍ଥାନ ମିଳିଥିଲା । ଡୋପିଂ ମାମଲାରେ ୮ ମାସ ବାସନ୍ଦ ହେବାପରେ ଶ' ନିକଟରେ ଘରୋଇ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରି ବରୋଦା ବିପକ୍ଷରେ ଦ୍ୱିଶତକ ହାସଲ କରିଥିଲେ । ବର୍ତ୍ତମାନ ସେ ଭାରତ-ଏ ସହ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେଠାରେ ଏକ ଟୁର୍ ମ୍ୟାଚ୍‌ରେ ୧୫୦ ରନର ଶତକୀୟ ଇନିଂସ ଖେଳିଥିଲେ ।

ପୃଥ୍ୱୀଙ୍କ ସାଥୀ ଖେଳାଳି ଶୁବମନ ଗିଲ୍ ଆଶାନୁଯାୟୀ ଟେଷ୍ଟ ଦଳରେ ନିଜ ସ୍ଥାନ ବଜାୟ ରଖିଛନ୍ତି । ନ୍ୟୁଜିଲାଣ୍ଡ-ଏ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଗିଲ୍ ଦ୍ୱିଶତକ ହାସଲ କରିଥିଲେ । ସେହିଭଳି କିୱି ବିପକ୍ଷରେ ଦଳରେ ଥାଇ ଗୋଟିଏ ମଧ୍ୟ ଟି୨୦ ମ୍ୟାଚ୍ ଖେଳି ନ ଥିବା କୁଲଦୀପ ଯାଦବଙ୍କୁ କିନ୍ତୁ ନିରାଶ ହେବାକୁ ପଡ଼ିଛି । ଦୁଇ ପ୍ରମୁଖ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଦଳରେ ସ୍ଥାନ ବଜାୟ ରଖିବା ଫଳରେ କୁଲଦୀପଙ୍କୁ ଘୋଷିତ ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି । କୁଲଦୀପ ଶେଷଥର ପାଇଁ ଗତବର୍ଷ ଜାନୁୟାରୀରେ ଏକ ଟେଷ୍ଟ ମ୍ୟାଚ୍ (ଅଷ୍ଟ୍ରେଲିଆ ବିପକ୍ଷରେ) ଖେଳିଥିଲେ । ସେହିଭଳି ସୀମିତ ଓଭରରେ ପ୍ରଭାବୀ ବୋଲିଂ ଲାଗି ନବଦୀପ ସଇନିଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିଛି । ସିନିୟର ଦ୍ରୁତ ବୋଲର ଇଶାନ୍ତ ଶର୍ମା ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଫିଟ୍‌ନେସ ଉପରେ ଖେଳିବା ନିର୍ଭର କରେ । ରଣଜୀ ମ୍ୟାଚ୍ ଖେଳୁଥିବାବେଳେ ଇଶାନ୍ତ ଆଘାତପ୍ରାପ୍ତ ହୋଇଥିଲେ ।



**ଭାରତୀୟ ଟେଷ୍ଟ ଦଳ**

ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ (ଉପ-ଅଧିନାୟକ), ହନୁମା ବିହାରୀ, ଋଦ୍ଧିମାନ ଶାହ, ଋଷଭ ପନ୍ତ (ଉଭୟ ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଯଶପ୍ରୀତ୍ ବୁମ୍‌ରା, ଉମେଶ ଯାଦବ, ମହମ୍ମଦ ସାମି, ନବଦୀପ ସଇନି, ଇଶାନ୍ତ ଶର୍ମା ।



> ଫିଟ୍‌ନେସ୍ ଟେଷ୍ଟ ବେଳେ ମୋ ସାନ ଭାଇ ଉମର ଉଦ୍ଦେଶ୍ୟମୂଳକ ଭାବେ କାହାରିକୁ ଦୁର୍ବ୍ୟବହାର କରିନାହାନ୍ତି, ଏହା ଥଟ୍ଟାମଜା ଥିଲା ।
> –କମରାନ ଅକମଲ, ପାକିସ୍ତାନ ଭେଟରାନ କ୍ରିକେଟର

> ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳରେ କେତେଜଣ ନୂଆ ଖେଳାଳି ସ୍ଥାନ ପାଇଥିବାରୁ ଆମ ଭାଗ୍ୟରେ ପରିବର୍ତ୍ତନ ଘଟିପାରେ ।
> –ଟମ୍ ଲଥାମ, ନ୍ୟୁଜିଲାଣ୍ଡ କାମଚଳା ଅଧିନାୟକ



## ସଂକ୍ଷେପରେ

### କୋବେଙ୍କ ମରଶରୀର ପରିବାରକୁ ହସ୍ତାନ୍ତର

**କାଲିଫର୍ନିଆ, ୪।୨:** କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି କୋବେ ବ୍ରାୟଣ୍ଟ ଓ ତାଙ୍କ ଝିଅ ଜିଆନାଙ୍କ ସମେତ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅନ୍ୟ ୭ଜଣଙ୍କ ମୃତ ଶରୀରକୁ ମଙ୍ଗଳବାର ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଲସ୍ ଏଞ୍ଜେଲ୍ସ କଣ୍ଟ୍ରି ମେଡିକାଲ ଏକ୍ସାମାଇନର-କର୍ନର ଅଫିସ ପକ୍ଷରୁ ଏହା କୁହାଯାଇଛି। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ୯ଜଣଙ୍କ ମୃତଦେହକୁ ଅଫିସିଆଲ ଭାବେ ଚିହ୍ନଟ କରାଯାଇଛି ବୋଲି ଗତ ସପ୍ତାହରେ କର୍ନର ଅଫିସ ପକ୍ଷରୁ ଘୋଷଣା କରାଯାଇଥିଲା। ଜାନୁୟାରୀ ୨୬ରେ ଏକ ବାଳିକା ବାସ୍କେଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୪୧ ବର୍ଷୀୟ କୋବେ ଓ ତାଙ୍କ ୧୩ ବର୍ଷୀୟା ଝିଅ ଜିଆନାଙ୍କ ସମେତ ମୋଟ୍ ୯ଜଣ ଥାଉଜାଣ୍ଡ ଓରାକସ୍ଥିତ ମାମ୍ବା ସ୍ପୋର୍ଟ୍ସ ଏକାଡେମୀକୁ ହେଲିକପ୍ଟରରେ ଯାଉଥିଲେ। କିନ୍ତୁ କାଲିଫର୍ନିଆସ୍ଥିତ କାଲବାସାସ୍‌ଠାରେ ଏହି ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଯେଉଁଥିରେ ପାଇଲଟ୍‌ଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।

### ୯ରେ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଚୟନ ଶିବିର

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୯ ତାରିଖରେ ବାର୍ଷିକ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ସ୍ଥାନୀୟ ପାରାମାଉଣ୍ଟ କ୍ରିକେଟ ପଡିଆରେ ଏହି ଶିବିରର ଆୟୋଜନ ହେବ। ଆଗାମୀ ୨୦୨୦- ୨୧ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଦଳ ପାଇଁ ଏହି ଶିବିରରୁ ଖେଳାଳି ଚୟନ କରାଯିବ। ଏଥିରେ ରାଜ୍ୟର ସମସ୍ତ ଜିଲାର ୧୮ରୁ ଉର୍ଦ୍ଧ୍ୱ ବୟସର ଶାରୀରିକ ଅଷ୍ଟିଶଲ୍ୟ ଅକ୍ଷମ, ବିନା ହ୍ୱିଲ ଚେୟାର ପୁରୁଷ ଖେଳାଳି ଭାଗ ନେଇ ପାରିବ। ଇଚ୍ଛୁକ ଖେଳାଳି ଏହି ଦିନ ସକାଳ ୭.୩୦ ମିନିଟ୍‌ରେ ପରାମାଉଣ୍ଟ ପଡିଆରେ ଉପସ୍ଥିତ ରହି ୩୦୦ ଟଙ୍କା ପୈଠ କରି ନିଜର ନାମ ପଞ୍ଜୀକରଣ କରିପାରିବେ।

# ଦିନିକିଆ ସିରିଜ ଆଜିଠାରୁ

**ହାମିଲଟନ,୪।୨(ପି.ଟି.)**

ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ। ସ୍ଥାନୀୟ ସେଡନ ପାର୍କରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ଆଘାତ ସମସ୍ୟା ଜର୍ଜରିତ ଭାରତ ଏହି ମ୍ୟାଚ୍ ଜିତି ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜରେ ଭାରତ ୫–୦ରେ କ୍ଲିନ୍ ସୁଇପ୍ କରି ଆତ୍ମ ବିଶ୍ୱାସ ଦୃଢ଼ କରିଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ଟି୨୦ ସିରିଜର ତ୍ରୁଟି ସୁଧାରି ଦିନିକିଆରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି।

ଆଘାତ ସମସ୍ୟାରୁ ମୁକୁଳିଥିବା ଯୁବ ଓପନର ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିବେ ବୋଲି ଅଧିନାୟକ ବିରାଟ କୋହଲି ସୂଚନା ଦେଇଛନ୍ତି। ରୋହିତ ଶର୍ମା, ଶିଖର ଧାୱନ ଆହତ ହୋଇଥିବାରୁ ମୟଙ୍କ ଓ ପୃଥ୍ୱୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଗତବର୍ଷ ଅନୁଷ୍ଠିତ ହୋଇଥିବା ଦିନିକିଆ ବିଶ୍ୱକପ୍ ପରେ ଭାରତ ତା'ର ତୃତୀୟ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ଏହାପୂର୍ବରୁ ଭାରତ ବିଦେଶରେ ୱେଷ୍ଟଇଣ୍ଡିଜ ଓ ଘରୋଇ ପରିବେଶରେ ଅଷ୍ଟ୍ରେଲିଆକୁ ଭେଟିଥିଲା। ଅନ୍ୟପଟେ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଫାଇନାଲ ବିପର୍ଯ୍ୟୟ ପରେ ପ୍ରଥମଥର ପାଇଁ ଦିନିକିଆ ସିରିଜ ଖେଳିବାକୁ ଯାଉଛି। ଶେଷଥର ପାଇଁ ଭାରତ ଓ ନ୍ୟୁଜିଲାଣ୍ଡ ମାଞ୍ଚେଷ୍ଟରରେ ବିଶ୍ୱକପ୍ ସେମିଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ନ୍ୟୁଜିଲାଣ୍ଡ ୧୮ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା।

ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଉଭୟ ଦଳ ପ୍ରସ୍ତୁତି ଚାଲୁ ରଖିଛନ୍ତି। ତେଣୁ ବିଭିନ୍ନ ଦୃଷ୍ଟିକୋଣରୁ ଦିନିକିଆ ଓ ଆଗାମୀ ଟେଷ୍ଟ ସିରିଜ ଉଭୟ ଦଳ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। ଏହି ମ୍ୟାଚ୍‌ରେ ଇଞ୍ଜୁରି କାରଣରୁ ଦୁଇ ଦଳ ସେମାନଙ୍କ ଶ୍ରେଷ୍ଠ ଦଳ ଖେଳାଇବ ନାହିଁ। ରୋହିତ ଶର୍ମା ଅନ୍ତିମ ଟି୨୦ରେ ଆହତ ହୋଇଥିଲେ। କାଫ୍ ଇଞ୍ଜୁରି ପାଇଁ ସେ ସିରିଜରୁ ବାଦ୍ ପଡିଛନ୍ତି। ପୂର୍ବରୁ ଶିଖର ଧାୱନ, ହାର୍ଦ୍ଦିକ ପାଣ୍ଡ୍ୟା, ଭୁବନେଶ୍ୱର କୁମାର ଓ ଦୀପକ ଚହର ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଓ ଟ୍ରେଣ୍ଟ ବୋଲ୍ଟ ମଧ୍ୟ ଆହତ ହୋଇଛନ୍ତି।

ରୋହିତଙ୍କ ବଦଳ ଖେଳାଳି ଭାବେ ମୟଙ୍କ ଅଗ୍ରୱାଲ ଦଳରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ରାଜକୋଟ ଦିନିକିଆରେ ଯେଉଁ ରଣନୀତି ଅବଲମ୍ବନ କରାଯାଇଥିଲା ତାହାକୁ ଅନୁସରଣ କରାଯିବ ବୋଲି କୋହଲି କହିଛନ୍ତି। ତେଣୁ ଲୋକେଶ ରାହୁଲ ଉଇକେଟକିପିଂ କରିବେ ଓ ୫ ନମ୍ବରରେ ବ୍ୟାଟିଂ କରିବା ନିଶ୍ଚିତ ମନେ ହେଉଛି। ପୃଥ୍ୱୀ ଓ ମୟଙ୍କ ଦିନିକିଆରେ ଓପନର ଭାବେ ଡେବ୍ୟୁ କରିବା ମଧ୍ୟ ସ୍ପଷ୍ଟ ହୋଇଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ଅନ୍ତିମ ଦଳ ଚୟନ ପୂର୍ବରୁ ଏକାଧିକ ବାର ଚିନ୍ତା କରିବ। ଅନ୍ତିମ ଦୁଇଟି ଟି୨୦ରେ ଦଳରେ ନେତୃତ୍ୱ ନେଇଥିବା ଟିମ ସୌଦିଙ୍କ ବଦଳରେ ଟମ୍ ଲଥାମ ଅଧିନାୟକ ଦାୟିତ୍ୱରେ ରହିବେ। ୱିଲିୟମସନଙ୍କ ଅନୁପସ୍ଥିତିରେ ଅଭିଜ୍ଞ ରସ୍ ଟେଲର ବ୍ୟାଟିଂରେ ନେତୃତ୍ୱ ନେବେ। ଅଲରାଉଣ୍ଡର ଜିମ୍ମି ନିଶାମ ଦଳକୁ ଫେରିବେ। କଲିନ ଡି ଗ୍ରାଣ୍ଡହୋମ ମଧ୍ୟ ଦଳରେ ପୁଣିଥରେ ସାମିଲ ହୋଇଛନ୍ତି। ସେଡନ ପାର୍କର ମନ୍ଥର ଗ୍ରାଉଣ୍ଡରେ ଦୁଇଜଣ ସ୍ପିନରଙ୍କୁ ନ୍ୟୁଜିଲାଣ୍ଡ ଖେଳାଇବ।



ଦିନିକିଆ ସିରିଜ୍ ଟ୍ରଫି ସହ ଦୁଇ ଦଳର ଅଧିନାୟକ ଟମ୍ ଲଥାମ ଓ ବିରାଟ କୋହଲି।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ (ଉଇକେଟକିପର), ମନୀଷ ପାଣ୍ଡେ, ରିଷଭ ପନ୍ତ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମହମ୍ମଦ ସାମି, ଯଶପ୍ରୀତ ବୁମ୍ରା, ଶାର୍ଦ୍ଦୁଳ ଠାକୁର ଓ ନବଦୀପ ସଇନି।
- **ନ୍ୟୁଜିଲାଣ୍ଡ ଦଳ:** ଟମ୍ ଲଥାମ (ଅଧିନାୟକ ଓ ଉଇକେଟକିପର), ମାର୍ଟିନ ଗୁପ୍ଟିଲ, ରସ୍ ଟେଲର, କଲିନ୍ ଡି ଗ୍ରାଣ୍ଡହୋମ, ଜିମି ନିଶାମ, ସ୍କଟ ଗୁଗେଲେଜିନ, ଟମ୍ ବ୍ଲଣ୍ଡେଲ, ହେନରୀ ନିକୋଲ୍ସ, ମିଚେଲ ସାଣ୍ଟନର, ହାମିଶ ବେନେଟ, ଇଶ୍ ସୋଧୀ, ଟିମ ସୌଦି, କାଏ ଜାମିସନ ଓ ମାର୍କ ଛପ୍‌ମ୍ୟାନ।

| ମ୍ୟାଚ୍ ଆରମ୍ଭ | ସ୍ଥାନ | ପ୍ରସାରଣ |
|---|---|---|
| ସକାଳ ୭.୩୦ | ହାମିଲଟନ | ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ |

# ରାଜ୍ୟ ପୋଲିସ କ୍ରୀଡ଼ା ଉଦ୍‌ଘାଟିତ

**କଟକ ଅଫିସ, ୪।୨:** ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୭୨ତମ ରାଜ୍ୟ ପୋଲିସ କ୍ରୀଡ଼ା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୩୦ ଜିଲା ଦଳ, ୧୯ ବାଟାଲିୟନ ଦଳ, ବେତାର ଏବଂ ରେଲୱେ ପ୍ରତିଷ୍ଠାନରୁ ୩ ଦଳ ଓ କମିଶନରେଟ ପୋଲିସରୁ ୨ଟି ଦଳକୁ ମିଶାଇ ମୋଟ୍ ୫୪ ଦଳରୁ ୯୪୯ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୭୮୨ ପୁରୁଷ ଓ ୧୬୭ ମହିଳା ପ୍ରତିଯୋଗୀ ଅଛନ୍ତି। ଆସନ୍ତା ୭ରେ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ପୁରୁଷ ଲଙ୍ଗଜମ୍ପରେ ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନର ଆଶୁତୋଷ କୁମାର, ଜାଭେଲିନ ଥ୍ରୋରେ ବଲାଙ୍ଗୀର ଜିଲାର ଶୁଭେନ୍ଦୁ ସିଂ ବାବୁ, ୮୦୦ମିଟର ଦୌଡ଼ରେ କମିଶନରେଟ ପୋଲିସ-ଏର ସୁରେଶ ଲାକ୍ରା ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମହିଳା ୮୦୦ମିଟର ଦୌଡ଼ରେ ଭୁବନେଶ୍ୱର ଓଆଇଏସ୍‌ଏଫ୍‌ର ମିତାଲି ମଲ୍ଲିକ, ହାଇଜମ୍ପରେ ଭୁବନେଶ୍ୱର ଓଆଇଏସ୍‌ଏଫ୍‌ର ରଶ୍ମିତା ବେହେରା, ଡିସକସ୍ ଥ୍ରୋରେ ରାୟଗଡ଼ା ଜିଲାର ପ୍ରବିତା ମଣ୍ଡଳ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପରିଚାଳନା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାବିତ ବନିତା ଲାକ୍ରା ଓ କୌଶଲ୍ୟ କୁମାର ନାୟକ ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜନ କମିଟିର ସମ୍ପାଦକ ତଥା ଷଷ୍ଠ ଓଏସ୍‌ଏପି ବାଟାଲିୟନର ଦୁର୍ଗପତି ବୈକୁଣ୍ଠ ବିହାରୀ ରାଉତ, ପରିଚାଳକ ତ୍ରିନାଥ ମିଶ୍ରଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇଂଲଣ୍ଡକୁ ହରାଇଲା ଦକ୍ଷିଣଆଫ୍ରିକା

**କେପ୍ ଟାଉନ୍, ୪।୨ (ଏଏଫ୍‌ପି):** ସ୍ଥାନୀୟ ନ୍ୟୁଲାଣ୍ଡସ୍‌ଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଜୋ' ଡେନ୍‌ଲିଙ୍କ କ୍ୟାରିୟର ଶ୍ରେଷ୍ଠ ୮୭ରନ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ଉଇକେଟ ବିନିମୟରେ ୨୫୮ ରନ କରିଥିଲା। ଘରୋଇ ଦଳ କ୍ୱିଣ୍ଟନ ଡି'କକ୍ (୧୦୭ ରନ)ଙ୍କ ଶତକ ଏବଂ ଟେମ୍ବା ବାଭୁମାଙ୍କ ଆକର୍ଷଣୀୟ ୯୮ରନ ସହାୟତାରେ ୪୭.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ଦ୍ୱାରା ଦକ୍ଷିଣ ଆଫ୍ରିକା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିପାରିଛି। ଆସନ୍ତା ୭ ତାରିଖରେ ଡର୍ବାନଠାରେ ଦ୍ୱିତୀୟ ଏବଂ ୯ ତାରିଖରେ ଜୋହାନ୍ସବର୍ଗଠାରେ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୫୮/୮ (ଜୋ ଡେନ୍‌ଲି–୮୭, କ୍ରିସ୍ ଓକ୍ସ–୪୦, ଜାସନ ରୟ–୩୨ ; ଟାବ୍ରେଜ୍ ଶାମ୍‌ସି–୩/୩୮)। ଦକ୍ଷିଣ ଆଫ୍ରିକା: ୪୭.୪ ଓଭରରେ ୨୫୯/୩ (କ୍ୱିଣ୍ଟନ ଡି'କକ୍–୧୦୭, ଟେମ୍ବା ବାଭୁମା–୯୮, ରାଶି ଭାନ ଡର୍ ଡୁସେନ୍–୩୮* ; କ୍ରିସ୍ ଜୋର୍ଡାନ–୧/୩୧)।

# ସେମିଫାଇନାଲରେ ଟିଏଫ୍‌ସି

**ବାଙ୍କୀ, ୪।୨ (ସ୍ୱ.ପ୍ର/ବି.ପ୍ର.):** ମହାବେରେଣା କ୍ଲବ ଆନୁକୂଲ୍ୟରେ ବାଙ୍କୀ ବ୍ଲକ ପଥୁରୀପଡ଼ା ମହାବେରେଣା ବିଦ୍ୟାପୀଠ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟରେ ଭୁବନେଶ୍ୱରର ଟିଏଫ୍‌ସି ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ୫ମ ଦିବସ ଖେଳରେ ଯାଆଁଳା ଦଳ ଟସ୍ ଜିତି ଫିଲ୍ଡିଂ ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଟିଏଫ୍‌ସି ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ

**ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ**

୮ଉଇକେଟ ହରାଇ ୩୧୩ ରନ କରିଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୯୮, ମହମ୍ମଦ ତାଜିବ୍ ୫୬, ଆଇ.ଏସ୍. ସିରି ୩୫, ଯାମିନୀକାନ୍ତ ନାୟକ ୩୮ରନ୍ ସଂଗ୍ରହ କରିଥିଲେ। ଯାଆଁଳା ଦଳର ଉତ୍ତମ ମହାନ୍ତି ୩ ଉଇକେଟ, ବିଶ୍ୱଜିତ୍ ୨ ଉଇକେଟ ସଫଳତା ପାଇଥିଲେ। ଜବାବରେ ଯାଆଁଳା ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୦୫ ରନ କରିଥିଲା। ଉତ୍ତମ ମହାନ୍ତି ୩୬, ଅଭିମନ୍ୟୁ ସ୍ୱାଇଁ ୪୭, ଅନିଲ ମହାପାତ୍ର ୪୪ ରନ କରିଥିଲେ। ଟିଏଫ୍‌ସି ଦଳର ରାଜୀବ ପରିଡ଼ା ୪ଟି ଉଇକେଟ ନେଇଥିବାବେଳେ ତାବିଜ୍ ଓ ସିଦିପ୍ ୨ଟି ଲେଖାଏଁ ଉଇକେଟ ପାଇଥିଲେ। ମଙ୍ଗଳବାର ଖେଳରେ ବିଜୟ ଦ୍ୱାରା ଟିଏଫ୍‌ସି ଭୁବନେଶ୍ୱର ସେମିଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅଭିଷେକ ପଟ୍ଟନାୟକ ପ୍ରଭାତ ପଣ୍ଡାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସୁଧୀର ରଞ୍ଜନ ପଣ୍ଡା ଓ ଶୁଭେନ୍ଦୁ ମିଶ୍ର ଖେଳପରିଚାଳନା କରିଥିଲେ। ବୁଧବାର ଦ୍ୱିତୀୟ ସେମିଫାଇନାଲ ଖେଳ ବାଙ୍କୀ ଓ ଟିଏଫ୍‌ସି ଭୁବନେଶ୍ୱର ଦଳ ମଧ୍ୟରେ ହେବ ବୋଲି ସଂପାଦକ ସଦାଶିବ ଦାଶ ପ୍ରକାଶ କରିଛନ୍ତି।



ଅଭିଷେକ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଉଛି।

# ଆନ୍ତଃ କଲେଜ ଭଲିବଲ: ସେଞ୍ଚୁରିଆନ ଚାମ୍ପିୟନ




ଚାମ୍ପିୟନ ସେଞ୍ଚୁରିଆନ ଦଳ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର,୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଟ୍ରାଇଡେଣ୍ଟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ସ ଆନୁକୂଲ୍ୟରେ ଏଠାରେ ତୃତୀୟ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଞ୍ଚୁରିଆନ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ସେଞ୍ଚୁରିଆନ ପ୍ରତିପକ୍ଷ ଆଇଆଇଟି ଭୁବନେଶ୍ୱରକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍‌ନୋଲୋଜି ଅଧ୍ୟକ୍ଷ ପ୍ରଫେସର ଏମ୍.ଏନ୍. ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର କ୍ରୀଡ଼ା କମିଟି ସଂଯୋଜକ ଚନ୍ଦନ କୁମାର ଦାସ, କୌସ୍ତୁଭ୍ ଦେବ ଓ କ୍ରୀଡ଼ା ଅଧିକାରୀ ପ୍ରତାପ ରଥ ସୁଚାରୁରୂପେ ଟୁର୍ନାମେଣ୍ଟ ପରିଚାଳନା କରିବା ସହ ଅଂଶଗ୍ରହଣ କରିଥିବା ସବୁ ଦଳକୁ ଧନ୍ୟବାଦ ଜଣାଇଥିଲେ।


# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରାଣକୃଷ୍ଣ ଆଚାର୍ଯ୍ୟ
ଜଳସମ୍ପଦ ବିଭାଗର ଭୂତପୂର୍ବ ମୁଖ୍ୟଯନ୍ତ୍ରୀ
ବଡ଼ଗଡ଼ ବ୍ରୀଟ୍ କଲୋନୀ ରେସିଡେନ୍ସ
ଆବିର୍ଭାବ: ୧୧।୧୦।୧୯୩୪
ତିରୋଧାନ: ୨୮।୦୧।୨୦୨୦
ଆପଣଙ୍କ ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା। ହେ ମହାନ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା ଓ ବନ୍ଧୁ ପରିବାରବର୍ଗ।
ଧ-୧୬୫୪୯

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ଜ୍ୟୋତ୍ସ୍ନାମୟୀ ଦାସ
ତୁମର କର୍ତ୍ତବ୍ୟ ନିଷ୍ଠା, ତ୍ୟାଗ, ଶ୍ରଦ୍ଧା ଓ ଆଶୀର୍ବାଦ ଆମର ଚିରପାଥେୟ ହେଉ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀମା ଅରବିନ୍ଦଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୫୫୪

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସୁଲୋଚନା ଷଡ଼ଙ୍ଗୀ
ମାର୍ଶାଘାଇ, କୁଆଁରପାଳ
ତିରୋଧାନ: ୨୭।୦୧।୨୦୨୦
ହେ ଅମର ଆତ୍ମା, ଦଶାହ ଅବସରରେ ଆମର ଗଭୀର ଶ୍ରଦ୍ଧାଞ୍ଜଳି। ଏଭଳି ଘଟିବ ଏହା ଥିଲା ଆମ କଳ୍ପନା ବାହାରେ। ଅନ୍ତିମ ଦିନ ପର୍ଯ୍ୟନ୍ତ କର୍ମରୁ ଅବସର ନେଲନି ଏବଂ ଆମକୁ ସାମାନ୍ୟ ସେବା କରିବାର ସୁଯୋଗ ଦେଲନି। ତୁମର ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ଭଲପାଇବା ପ୍ରତି ମୁହୂର୍ତ୍ତରେ ଆମ ମନକୁ ଆନ୍ଦୋଳିତ କରୁଛି। ପରମେଶ୍ୱର ତୁମକୁ ଆଶ୍ରୟ ଦିଅନ୍ତୁ, ଏହା ହିଁ କାମନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୮୬୫୮

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



✓ ଶ୍ୟାମସୁନ୍ଦର ଚୌଧୁରୀ
ଆବିର୍ଭାବ-୨୫.୦୯.୧୯୩୦
ତିରୋଧାନ-୧୯.୦୨.୨୦୦୫
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ପତ୍ନୀ, ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଏବଂ ସମସ୍ତ ଆତ୍ମୀୟ ସଜନ ଓ ପରିବାରବର୍ଗ।
ସ୍ଥାନ : ଚିନ୍ତାମଣିଶ୍ୱର ଲେନ୍, ଭୁବନେଶ୍ୱର - ୭୫୧ ୦୦୬
ଫୋନ୍ - ୨୩୧୩୫୧୨
ଧ-୧୬୫୪୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ତୁଷାରକାନ୍ତି ଲେଙ୍କା
ଆବିର୍ଭାବ: ୨୫।୦୫।୧୯୬୧
ତିରୋଧାନ: ୨୬।୦୧।୨୦୨୦
ଏମିତି କଣ ଚାଲିଯାଆନ୍ତି। ଜାନୁଆରୀ ୨୬ରେ ନନ୍ଦନକାନନ ବଟାନିକାଲ ଗାର୍ଡେନ୍‌ରେ ସପରିବାର ପିକ୍‌ନିକ୍ ସାରି ଘରକୁ ଫେରିଲ। ଫଟୋ ଗୁଡିକ କ୍ୟାମେରାରୁ ଡାଉନଲୋଡ କରି ଗ୍ରୁପରେ ପଠାଇବା ପୂର୍ବରୁ ତୁମେ ଫଟୋ ହୋଇଗଲ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ବନଦୁର୍ଗାଙ୍କ ଚରଣରେ ପ୍ରାର୍ଥନା।
ସୁଶୀଲ କୁମାର ସିଂହ
ଧ-୬୮୬୫୭

**ଏକାଦଶାହ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତୁଷାର କାନ୍ତି ଲେଙ୍କା
Plot No. 1661, Unit-9, Bhubaneswar
ଆବିର୍ଭାବ: ୨୫।୦୫।୧୯୬୧
ତିରୋଧାନ: ୨୬।୦୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କୁ ପ୍ରେରଣା ଦେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପିତା: ଡା. ବାସୁଦେବ ଲେଙ୍କା, ଧର୍ମପତ୍ନୀ: ନମିତା ଲେଙ୍କା, କନ୍ୟା: ସୌରଜା, ପୁତ୍ର: ସୌରଜିତ ଓ ପରିବାରବର୍ଗ, ବନ୍ଧୁବାନ୍ଧବ।
ଧ-୬୧୯୨୨

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଡାକ୍ତର ସୁବ୍ରତ ନାୟକ
(ପୁରୀ ପୋଲିସ୍ ଲାଇନ୍), V.I.P. Road
ଆବିର୍ଭାବ: ୨୩।୦୩।୧୯୬୮
ତିରୋଧାନ: ୧୭।୦୨।୨୦୦୮
(ଭୈମୀ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ଚିରଶାନ୍ତି, ମୋକ୍ଷପ୍ରାପ୍ତି ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୬୫୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତି
ବରପଦା, ଗୋଡିଫୁଟମାଟିଆପଡା, ଡେଲାଙ୍ଗ, ପୁରୀ
ତିରୋଧାନ: ୧୬।୦୨।୨୦୧୯
"ବାବା, ଆପଣ ଆମପାଇଁ ସବୁକ୍ଷେତ୍ରରେ ମାଇଲଖୁଣ୍ଟ ସଦୃଶ ଥିଲେ। ଆପଣ ଆମକୁ ଛାଡ଼ି ଚାଲିଯିବାର ଏକବର୍ଷ ପୂରିଲା, ଏବେବି ଆପଣଙ୍କ ସ୍ନେହ, ଭଲପାଇବା ଅନୁଭବ କରୁଛୁ। ଆପଣ ଯେଉଁଠି ଥାଆନ୍ତୁ ଆମକୁ ଏବଂ ପରିବାରବର୍ଗଙ୍କୁ ଆଶୀର୍ବାଦ କରୁଥାନ୍ତୁ, ତାହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।"
ଆପଣଙ୍କର ଆଶୀର୍ବାଦଭିକ୍ଷୁ:
ସବୁପୁଅ, ବୋହୂ, ଝିଅ,ଜ୍ୱାଇଁ, ନାତି, ନାତୁଣୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୫୭୧

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କୈଳାସ ଚନ୍ଦ୍ର ପହାପାତ୍ର
ଅବସର ପ୍ରାପ୍ତ ସହକାରୀ ସଚିବ, ଓଡ଼ିଶା ଲୋକସେବା ଭବନ
ପୂବାଶାସନ, ପୁରୀ
ଆବିର୍ଭାବ: ୦୫।୦୯।୧୯୪୮
ତିରୋଧାନ: ୨୭।୦୧।୨୦୨୦
ଆପଣଙ୍କର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ:
ପତ୍ନୀ: ପ୍ରଭାବତୀ, ଭ୍ରାତା: ଚୁଟୁ, ପୁତ୍ର: ବୁଟୁ, ପୁଟୁ, ମୁନୁ, ହାପି, ଝିଅ: ଛବି, ନମି, ଟିନି, କାଜଲ, ପାୟଲ, ଭାଣିଜୀ: ରାନ୍ଟୁ, କୁନ୍ଟୁ, ଭଣଜା: ଜିତୁ, ମିଥୁନ, ପିଙ୍କୁଲ, ବବୁଲ, ବୁବୁନ, ସମସ୍ତ ଆତ୍ମୀୟସ୍ୱଜନ ଏବଂ ଉତ୍ତରା ବରିଷ୍ଠ ନାଗରିକମଞ୍ଚ ।
ଧ-୬୮୭୭୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in















# ଚିଲିକାରେ ୧୪୨ ମାଛଧରା ଡଙ୍ଗା ଯାଞ୍ଚ

## ଡଙ୍ଗା ବୁଡ଼ି ଘଟଣା
### ■ ଟାସ୍କଫୋର୍ସ ଟିମ୍‌ର ଚଢ଼ାଉ

ବାଲୁଗାଁ, ୪।୨(ଡି.ଏନ.ଏ.)

ଚିଲିକାରେ ଡଙ୍ଗାବୁଡ଼ି ଘଟଣା ପରେ ପ୍ରଶାସନର ଚେତା ପଶିଛି। ଅସୁରକ୍ଷିତ ଭାବେ ଯାତ୍ରୀ ପରିବହନ କରୁଥିବା ମାଛଧରା ଓ ଯାତ୍ରୀବାହୀ ଡଙ୍ଗା ଯାଞ୍ଚ ପାଇଁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଟାସ୍କଫୋର୍ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ମଙ୍ଗଳବାର ଚଢ଼ାଉ ଅଭିଯାନ ଆରମ୍ଭ କରିଛନ୍ତି। ଜିଲା ମତ୍ସ୍ୟ ଅଧିକାରୀ ଜୀବ ଓ ପ୍ରଯୁକ୍ତି, ବାଲୁଗାଁ କ୍ଷେତ୍ରବାସୀ ବେହେରାଙ୍କ ନେତୃତ୍ୱରେ ଗଠିତ ଉକ୍ତ ଟାସ୍କଫୋର୍ସ ଟିମ୍‌ରେ ଚିଲିକା ତହସିଲ, ସିଡିଏ, ପୋଲିସ୍ ଓ ଏଆରସିଏସ୍ ଫିଶରିର କର୍ମଚାରୀ ସାମିଲ ହୋଇଥିଲେ। ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସ ଓ ଚନ୍ଦ୍ରାପୁଟ ଜେଟିଠାରେ ୧୪୨ଟି ମାଛଧରା ଡଙ୍ଗାର ପଞ୍ଜୀକରଣ, ନବୀକରଣ, ଫିଟ୍‌ନେସ୍ ଓ ମାଛଧରା ଲାଇସେନ୍ସ ଆଦି ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ସମସ୍ତ ଡଙ୍ଗା ସରକାରୀ ନିୟମ ମୁତାବକ ଠିକ୍ ଥିବା ମତ୍ସ୍ୟ ବିଭାଗୀୟ ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ଏହା ବ୍ୟତୀତ ୧୩ଗୋଟି ଡଙ୍ଗାର ମାଲିକ ଯାଞ୍ଚ ସମୟରେ ଅନୁପସ୍ଥିତ ଥିବାବେଳେ ୫ଟି ଲାଇସେନ୍ସ ପ୍ରାପ୍ତ ଡଙ୍ଗା ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଉକ୍ତ ୫ଟି ଡଙ୍ଗାର ଲାଇସେନ୍ସ ରଦ୍ଦ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ପ୍ରକାଶଥାଉ କି, ଡଙ୍ଗା ଯାଞ୍ଚ କାର୍ଯ୍ୟ ପୂର୍ବରୁ ପ୍ରଶାସନିକ ଅଧିକାରୀ ଓ ମତ୍ସ୍ୟଜୀବୀଙ୍କ ମଧ୍ୟରେ ମାଛଧରା ଡଙ୍ଗାର ଯାତ୍ରୀ ପରିବହନ ନେଇ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରବିବାର ଡଙ୍ଗାବୁଡ଼ି ଘଟଣା ଆଖିରୁ ନ ଲିଭୁଣୁ ମଙ୍ଗଳବାର ପୁନର୍ବାର ଚନ୍ଦ୍ରାପୁଟ ଗ୍ରାମର କିଛି ପରିବାର ଛୋଟ ଛୋଟ ପିଲାଙ୍କୁ ନେଇ ମାଛଧରା ଡଙ୍ଗାରେ ମା' କାଳିଜାଈଙ୍କ ପୀଠକୁ ଭୋଜି କରିବା ପାଇଁ ବାହାରିଥିଲେ। ଟାସ୍କଫୋର୍ସ ପହଞ୍ଚି ଡଙ୍ଗା ମାଲିକ ଓ ଯାତ୍ରୀଙ୍କୁ ଉକ୍ତ ଡଙ୍ଗାରେ ଯାତ୍ରା ନ କରିବା ପାଇଁ ବାରଣ କରିଥିଲେ। ମାତ୍ର ତାହା ତାଙ୍କ ନିଜସ୍ୱ ଡଙ୍ଗା ଏବଂ ପ୍ରତିବର୍ଷ ସେମାନେ ଏପରି ଯାଉଥିବା କହି ଯୁକ୍ତି କରିଥିଲେ। ଦୀର୍ଘ ୧ ଘଣ୍ଟା ଧରି ପ୍ରଶାସନ ଓ ମତ୍ସ୍ୟଜୀବୀ ଯାତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯାତ୍ରୀବାହୀ ଡଙ୍ଗାରେ ସେମାନଙ୍କୁ ବୁଝାଶୁଝା କରି କାଳିଜାଈଙ୍କ ପୀଠକୁ ପଠାଇବାରେ ପ୍ରଶାସନ ସକ୍ଷମ ହୋଇଥିଲା।


ଟାସ୍କଫୋର୍ସ ଟିମ୍‌ର ସଦସ୍ୟ ଡଙ୍ଗା ଯାଞ୍ଚ କରୁଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏବିଆଇଟିରେ କର୍ମଶାଳା ଉଦ୍‌ଘାଟିତ

**କଟକ ଅଫିସ, ୪।୨:** ଅଜୟ୍ ବିନୟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏବିଆଇଟି)ରେ 'ଆଇଆଇଓଟି ଆଣ୍ଡ ଇଣ୍ଡଷ୍ଟ୍ରି ଫୋର-ଜିରୋ' ବିଷୟବସ୍ତୁ ଉପରେ ଏକ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଡିନ୍ ଅପରେଶନ ଡ. ବିଏନ ଗୁରୁ ଓ ପ୍ରଫେସର କେ.ରମେଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇଆଇଟିର ପ୍ରଫେସର ଡ. ଗଣପତି ପଣ୍ଡା, ଅନୁଷ୍ଠାନ ନିର୍ଦ୍ଦେଶକ ଇଂ. ସତ୍ୟଦର୍ଶୀ ମିଶ୍ର, ଅଧକ୍ଷା ପ୍ରଫେସର ଲିନା ସାମନ୍ତରାୟ, ପ୍ରଫେସର ପି.କେ. ପାଣି ଯୋଗଦେଇ ଆଇଆଇଓଟିର ବର୍ତ୍ତମାନ ସନ୍ଦର୍ଭରେ ବିଜ୍ଞାନ, ଶିକ୍ଷା ଓ କର୍ମ ନିଯୁକ୍ତିରେ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ଦେଶର ବହୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଫେସର ଚୌଧୁରୀ ପ୍ରସନ୍ନଜିତ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଫେସର ପି.କେ. ଚମ୍ପତି ଧନ୍ୟବାଦ ଦେଇଥିଲେ।

### ସଚେତନତା କାର୍ଯ୍ୟକ୍ରମ

**କଟକ ଅଫିସ,୪।୨:** ବିଶ୍ୱ କର୍କଟ ଦିବସ ଅବସରରେ ଏଚ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲରେ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲର ନିର୍ଦ୍ଦେଶକ ଡା. କୃପାସିନ୍ଧୁ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ରଣଜିତ୍ କର ଯୋଗଦେଇ କହିଥିଲେ, ବର୍ତ୍ତମାନ ଚିକିତ୍ସା ଦ୍ୱାରା କର୍କଟ ରୋଗ ଭଲ ହୋଇପାରୁଛି। ଏହି ଭଳି ରୋଗକୁ ନିରୂପଣ କରିବା ଜଟିଳ। ତେଣୁ ପ୍ରାଥମିକ ସ୍ତରରେ ଏଥିପ୍ରତି ଯତ୍ନବାନ ହେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ବିକେ ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ହସ୍ତଶିଳ୍ପ ମାଧମରେ କର୍କଟ ରୋଗ ବିଷୟରେ ବାର୍ତ୍ତା ଦିଆଯାଇଥିଲା। କର୍କଟ ରୋଗରୁ ମୁକ୍ତି ପାଇଥିବା ଲୋକମାନେ 'ଖୁସିର ବିହଙ୍ଗ' ନାମରେ ଏକ ଓରିଗାମୀ କ୍ରେନ୍ ନିର୍ମାଣ କରିଥିଲେ। ଏଥିରେ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଶ ମିଶ୍ର, ବିଜୟ୍ ସାହୁ, ଜଷ୍ଟିସ ଏ.ଏସ୍. ନାଇଡୁ, ଅଭିନେତା କୁନା ତ୍ରିପାଠୀ, ଶ୍ରୀତମ ଦାସ, କଟକ ସଦର ଥାନାଧିକାରୀ ସୁଧାଂଶୁ ଜେନା ପ୍ରମୁଖ ଯୋଗଦେଇଥିଲେ।

# ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ, କନଷ୍ଟେବଲ ଗିରଫ

**ରଙ୍ଗିଲା ପୋଲିସ ବାବୁ**

- ବିବାହ ଆଳ ଦେଖାଇ ଏକାଧିକଥର ବଳାତ୍କାର ଅଭିଯୋଗ
- ଗୁରୁତର ଅବସ୍ଥାରେ ଯୁବତୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର,୪।୨(ବ୍ୟୁରୋ)

ବିବାହ ଆଳରେ ଯୁବତୀଙ୍କୁ ବଳାତ୍କାର କରି ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଜଣେ ଯବାନ ସୋମବାର ଗିରଫ ହୋଇଥିଲେ। ମଙ୍ଗଳବାର ଆଉ ଏକ ଘଟଣା ପଦାକୁ ଆସିଛି। ପୋଲିସ ବାବୁଙ୍କ ଦ୍ୱାରା ବାରମ୍ବାର ବଳାତ୍କାରର ଶିକାର ହୋଇଥିବା ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଏସ୍‌ଏସ୍‌ବି ବାଟାଲିୟନର କନ୍‌ଷ୍ଟେବଲ କଟକର ରାଜେଶ ଦାସଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ରାଜେଶ ଏସ୍‌ଏସ୍‌ବି ବାଟାଲିୟନରେ ୪ବର୍ଷ ହେବ କନ୍‌ଷ୍ଟେବଲ ଭାବେ ଚାକିରି କରୁଥିବାବେଳେ ଭିଆଇପିଙ୍କ ଏସ୍‌କର୍ଟ ଭ୍ୟାନ୍‌ରେ କାର୍ଯ୍ୟ କରନ୍ତି। ସେ ୩ବର୍ଷ ତଳେ ବିବାହ କରିଥିବାବେଳେ କଟକରେ ତାଙ୍କ ସ୍ତ୍ରୀ ଓ ପିଲା ରହୁଛନ୍ତି। ଦୁଇବର୍ଷ ତଳେ ଭୁବନେଶ୍ୱରରେ ଡ୍ୟୁଟି ସମୟରେ ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଯୁବତୀ ଜଣକ ରାଜଧାନୀରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଫୋନ୍ ନମ୍ବର ଦିଆନିଆ ପରେ ଦୁଇ ବନ୍ଧୁ ଭାରେ ଦୁହେଁ କଥା ହେଉଥିଲେ। ରାଜେଶ ଅବିବାହିତ ବୋଲି ଯୁବତୀଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବନ୍ଧୁତ୍ୱ ପ୍ରେମରେ ପରିଣତ ହୋଇଥିଲା। ରାଜେଶ ବିବାହ କରିବାକୁ କହି ଯୁବତୀଙ୍କୁ ଲଜ୍, ହୋଟେଲ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗତ କିଛିଦିନ ହେବ ରାଜେଶଙ୍କୁ ବିବାହ କରିବା ପାଇଁ କହିଥିଲେ। କିନ୍ତୁ ରାଜେଶ ନାନା ଆଳ ଦେଖାଇ ଏଡାଇ ଚାଲିଥିଲେ। ଶେଷରେ ଯୁବତୀଙ୍କ ଫୋନ୍ ନ ଉଠାଇବାରୁ ରାଜେଶଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ ପରେ ରାଜେଶ ବିବାହିତ ଥିବା ଓ ସେ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣକ ଜାଣିବା ପରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଅଭିଯୁକ୍ତ ରାଜେଶଙ୍କୁ ଥାନାକୁ ଉଠାଇ ନେଇଥିଲା। ଯୁବତୀ ଜଣକ ବିବାହ କରିବା ପାଇଁ କହିଥିଲେ ମଧ୍ୟ ରାଜେଶ ମନା କରିଦେଇଥିଲେ। ସୋମବାର ରାତିରେ ପ୍ରତାରଣାର ଶିକାର ହୋଇଥିବା ଉକ୍ତ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଯୁବତୀ ଜଣକ ସୁସ୍ଥ ହେଉଥିବାବେଳେ ଏବେବି ରାଜେଶଙ୍କୁ ବିବାହ କରିବାକୁ କହୁଥିବା ପୋଲିସ କହିଛି।

# ନାଚଗୀତରେ ଝୁମିଲେ ଦର୍ଶକ



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ନିଆଳି ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ନିଆଳି,୪।୨(ଡି.ଏନ୍.ଏ.)

ନିଆଳି ମାଘ ସପ୍ତମୀ ପଡ଼ିଆରେ ଚାଲିଥିବା ନିଆଳି ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ମହୋତ୍ସବର ସଭାପତି ତଥା ବିଧାୟକ ଡା.ପ୍ରମୋଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜିଲାପରିଷଦ ସଦସ୍ୟ ପୁଲକ ମହାନ୍ତି, ସାହିତ୍ୟିକ ତ୍ରିନାଥ ପଟ୍ଟନାୟକ, ସାମାଜିକ କର୍ମୀ ଅରକ୍ଷିତ ସିଂହ ପ୍ରମୁଖ ଯୋଗଦେଇଥିଲେ। ନିଆଳିର ଐତିହ୍ୟ, ସଂସ୍କୃତି ଓ ଭାଇଚାରାକୁ ଅତିଥିମାନେ ପ୍ରଶଂସା କରିଥିଲେ। ପ୍ରାରମ୍ଭରୁ ଶିକ୍ଷାବିତ୍ ପ୍ରଦୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟିର ଉପସଭାପତି ଆଦିତ୍ୟ ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ପୁସ୍ତିକା 'ପ୍ରାଚୀ ପ୍ରଗତି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନିଆଳିର ପୂର୍ବତନ ତହସିଲଦାର ରଞ୍ଜନ କୁମାର ଜେନା, ତହସିଲଦାର ରଶ୍ମିରେଖା ଅମାତ୍,ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା,ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ସିଡିପିଓ ପୁଷ୍ପଲତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାସ୍ୟ ଅଭିନେତା ହୃଷୀକେଶ, କଣ୍ଠଶିଳ୍ପୀ ତାରିଖ୍ ଅଜିତ୍, ସିନେ ତାରକା ଅର୍ଚ୍ଚିତା ଓ ସବ୍ୟସାଚୀ କଳା ପ୍ରଦର୍ଶନ କରିଥିଲେ। ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ନାଚଗୀତରେ ଝୁମିଥିବା ଦେଖିବାକୁ ମିଳିଥିଲା। ଜିଲାପରିଷଦ ସଭ୍ୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗୋଚର ଜମିରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରି ଧାରଣା

କଟକ ଅଫିସ,୪।୨



ଶଙ୍ଖେଶ୍ୱର ପରିବେଶ ସୁରକ୍ଷା ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା।

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁ ଓ ଗୁରୁଡିଝାଟିଆ ଥାନା ଅଧୀନ କୋଳଥପଙ୍ଗି ଗ୍ରାମ ମଧ୍ୟବର୍ତ୍ତୀ ଗୋଚର ଜମିରେ ଏକ ଘରୋଇ ଶିଳ୍ପସଂସ୍ଥାର ସିମେଣ୍ଟ କାରାଖାନା ଓ କୋଇଲା ଭିତ୍ତିକ ପାୱାର ପ୍ଲାଣ୍ଟ ନିର୍ମାଣକୁ ବିରୋଧ ଜାରି ରହିଛି। ଏ ନେଇ ମଙ୍ଗଳବାର ଶଙ୍ଖେଶ୍ୱର ପରିବେଶ ସୁରକ୍ଷା ସମିତି ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଦୂଷଣ ସୃଷ୍ଟିକାରୀ ଶିଳ୍ପ ପ୍ରତିଷ୍ଠା ହେଲେ ଆଖପାଖ ୧୦ଖଣ୍ଡ ଗ୍ରାମର ଲୋକେ ପ୍ରଭାବିତ ହେବେ। ପାହାଡରୁ ଆସୁଥିବା ଜଳସ୍ରୋତ ବନ୍ଦହୋଇ ସମଗ୍ର ଅଞ୍ଚଳ ମରୁଭୂମିରେ ପରିଣତ ହେବ ଓ ହାତୀ ଉପଦ୍ରବ ବିପଜ୍ଜନକ ହେବ। ଦୀର୍ଘ ୭ବର୍ଷ ଧରି ଗ୍ରାମବାସୀ ଏହି କାରଖାନାକୁ ବିରୋଧ କରିଆସୁଛନ୍ତି। ମାତ୍ର ପ୍ରଶାସନ ସମଗ୍ର ଅଞ୍ଚଳରେ ୧୪୪ଧାରା ଜାରିକରି ଜୋରଜବରଦସ୍ତି କାରଖାନା ନିର୍ମାଣ ପାଇଁ ଉଦ୍ୟମ କରୁଛି ବୋଲି ବିକ୍ଷୋଭକାରୀ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗୋଚର ଜମି ଦେଇ ରେଳଧାରଣା ଯାଇଥିବାବେଳେ ଅପର ପାର୍ଶ୍ୱରେ ଗାଁକୁ ସଂଯୋଗ ରାସ୍ତା ଅଛି। ଶଙ୍ଖପୋଲ ଜଙ୍ଗଲ, ପାହାଡ଼ରୁ ଝରଣା ଉକ୍ତ ଜମି ଦେଇ ଚାଷ ଜମିରେ ପହଞ୍ଚୁଛି। ଶଙ୍ଖପୋଇ ସଂରକ୍ଷିତ ଜଙ୍ଗଲରୁ ସୁବାସୀ ସଂରକ୍ଷିତ ଜଙ୍ଗଲକୁ ସବୁ ଦିନିଆ ରାସ୍ତା ଥିବାରୁ ଏହାର ମଧ୍ୟଭାଗରେ ଆଦିବାସୀଙ୍କ ଦେବ ମନ୍ଦିର ରହିଛି। ଏହି ଜମିରେ ସିମେଣ୍ଟ କାରଖାନା ଓ ପାୱାରପ୍ଲାଣ୍ଟ ପ୍ରତିଷ୍ଠା ହେଲେ ସଂରକ୍ଷିତ ଜଙ୍ଗଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ପ୍ରଦୂଷଣ ବଢ଼ିବ। ଏଣୁ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ନ ଦେବାକୁ ସେମାନେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ କଟକର ବିଶିଷ୍ଟ ନାଗରିକମାନେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏଥିରେ ମହାନଗର ନାଗରିକ ମଞ୍ଚର ସଭାପତି ଚିତ୍ତରଞ୍ଜନ ମହାନ୍ତି, ଖବରଦାତା ଡ. ସତ୍ୟ ରାୟ, ସଂଗ୍ରାମୀ ଫୋରମ୍‌ର ସଭାପତି ପ୍ରଶାନ୍ତ ଦାସ, ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ସମ୍ପୂର୍ଣ୍ଣକ୍ରାନ୍ତି ମଞ୍ଚର ସଭାପତି ଶିଶିର ଦାସ, ଡଲି ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ, ଅମରେନ୍ଦ୍ର ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

# ଅଙ୍ଗନୱାଡି ଗୃହ ନିର୍ମାଣରେ ଅର୍ଥ ହେରଫେର ଅଭିଯୋଗ

ନରାଜ, ୪। ୨ (ଡି.ଏନ୍.ଏ)

ବାରଙ୍ଗ ବ୍ଲକ ଅଧୀନ ମୁଣ୍ଡଳି ପଞ୍ଚାୟତର ଅଙ୍ଗନୱାଡି ଗୃହ ନିର୍ମାଣ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ଶ୍ରୀକାନ୍ତ ଜେନା ମଙ୍ଗଳବାର ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ନ ଜଣାଇ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ଉଠାଇଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତାଙ୍କୁ ନ ଜଣାଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କର ଓ ପିଓଙ୍କ ନାମରେ ଥିବା ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟକୁ ଅପବ୍ୟବହାର କରି ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଅଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ପାଇଁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଅଭିଜିତା ପଟ୍ଟନାୟକ କିଛି ନକହି ବିଡିଓଙ୍କ ସହ କଥାବାର୍ତ୍ତା କରିବାକୁ କହିଥିଲେ। ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି, ସରପଞ୍ଚ ନିଜେ ଏହି ଟଙ୍କାକୁ ବ୍ୟବହାର କରି ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଏନେଇ ସେ ଥାନାରେ ପାଲଟା ଅଭିଯୋଗ କରିବେ ବୋଲି କହିଛନ୍ତି ।

# ୭୨ଘଣ୍ଟା ପରେ ବି ମିଳିଲାନି ରିପୋର୍ଟ

କଟକ ସଦର,୪।୨(ଡି.ଏନ୍.ଏ.)

**ବେଆଇନ ଭାବେ ଏଲଇଡି ଲାଇଟ କ୍ରୟ ଘଟଣା**

କଟକ ଜିଲାର ବିଭିନ୍ନ ପଞ୍ଚାୟତରେ ବେଆଇନ ଭାବେ ଏଲ୍‌ଇଡି ଲାଇଟ କ୍ରୟର ତଦନ୍ତ ରିପୋର୍ଟ ୭୨ ଘଣ୍ଟା ମଧ୍ୟରେ ଦେବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବିଡିଓ ରିପୋର୍ଟ ପଠାଇ ନ ଥିବା ଜଣାପଡିଛି। ପ୍ରଥମେ ଜିଲାର ୨୭ଟି ପଞ୍ଚାୟତରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। କିନ୍ତୁ ବର୍ତ୍ତମାନ ୫୭ଟି ପଞ୍ଚାୟତରେ ଏଲ୍‌ଇଡି ଲାଇଟ କ୍ରୟରେ ଅନିୟମିତତା ହୋଇଥିବା ଜଣାପଡିଛି। ସୂଚନାଥାଉ କି, ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନରେ ଏଲ୍‌ଇଡି ଲାଇଟ କିଣିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ୨୦୧୬ ମସିହାରେ ଏକ ନିର୍ଦ୍ଦେଶାନାମା ଜାରି କରି ଜିଲାପାଳ କିମ୍ବା ପଞ୍ଚାୟତସ୍ତରୀୟ ଅଧିକାରୀମାନେ ଏଲଇଡି ଲାଇଟ କିଣିପାରିବେ ନାହିଁ ବୋଲି ପଞ୍ଚାୟତିରାଜ ବିଭାଗର ପତ୍ରସଂଖ୍ୟା ୯୪୭/୧୪-୧-୧୬ରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କେବେ ଏହି ନିୟମକୁ କୋହଳ କରାଯାଇ ବିଡିଓ ଏବଂ ସରପଞ୍ଚମାନଙ୍କୁ ଏଲଇଡି ଲାଇଟ କିଣିବାର କ୍ଷମତା କିଏ ଦେଇଥିଲା ସେ ସମ୍ପର୍କିତ ନିର୍ଦ୍ଦେଶନାମା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦେଖାଇବା ପାଇଁ ବିଡିଓମାନଙ୍କୁ କୁହାଯାଇଥିଲା।

# ସଂକୀର୍ତ୍ତନ ମହାମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

କଟକ ଅଫିସ,୪।୨

କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଦରଘାବଜାରସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାମଣ୍ଡଳର ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସର୍ବମହନ୍ତ ଭିକାରୀ ଦାସ ଆସନ୍ତା ମାର୍ଚ୍ଚ ୫ ତାରିଖରେ ତୁଳସୀପୁରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ଛକଠାରେ ଦଶମୀ ନଦୀୟା ଦୋଳ ମେଲଣ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଏହି ବୈଠକରେ ପ୍ରତ୍ୟେକ ନଦୀୟା ସଂକୀର୍ତ୍ତନ ମଣ୍ଡଳୀର ସର୍ବନିମ୍ନ ୫ ଜଣ ପଦାଧିକାରୀ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ବୈଠକରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀର ପଦାଧିକାରୀ ସନ୍ତୋଷ କୁମାର ସାହୁ, ବୈରାଗୀ ଚରଣ ବେହେରା, ପ୍ରଦୀପଚନ୍ଦ୍ର ରାଓ, କରୁଣାକର ବେହେରା, ସୁଦୀପ୍ତ କୁମାର ସ୍ୱାଇଁ, ଭାସ୍କରଚନ୍ଦ୍ର ବେହେରା, ସୁବଳ ଚରଣ ସାମଲ, ଜିତେନ କୁମାର ତରେଇ, ଅମରପ୍ରସାଦ ଭୋଇ, କାର୍ତ୍ତିକ ପ୍ରସାଦ ଭଗତ ଏବଂ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହାମଣ୍ଡଳର ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ମେଲଣକୁ ସଫଳ କରିବାକୁ ଫେବୃୟାରୀ ୬ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଜେ.ବି.ଏସ୍ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଡକାଯାଇଥିଲା।

# ଅଡ଼ଶପୁର ପାଣିପଞ୍ଚାୟତ ପ୍ରତିନିଧି ମନୋନୀତ

କଣ୍ଟାପଡ଼ା,୪।୨(ଡି.ଏନ୍.ଏ.)

କଣ୍ଟାପଡା ଜଳସେଚନ ବିଭାଗ ଅଧୀନରେ ଥିବା ଅଡ଼ଶପୁର ପାଣିପଞ୍ଚାୟତ ପାଇଁ ସର୍ବସମ୍ମତି କ୍ରମେ ମଙ୍ଗଳବାର ପ୍ରତିନିଧି ମନୋନୀତ ହୋଇଛନ୍ତି। ଶ୍ରୀମନ୍ତ ମହାପାତ୍ର ସଭାପତି ଭାବେ ମନୋନୀତ ହୋଇଥିବାବେଳେ ପଦ୍ମାଞ୍ଜଳି ବାରିକ ସମ୍ପାଦକ, ଶରତ ବେହେରା କୋଷାଧକ୍ଷ, ବ୍ରଜବନ୍ଧୁ ସ୍ୱାଇଁ, କୈଳାସ ସେନାପତି, ଅଜୟ ସିଂ, ରମ୍ଭା ଭୋଇ, ଭାବ ବିନୋଦ ରଥ ଓ ସରିତା ଜେନା ସଭ୍ୟଭାବେ ମନୋନୀତ ହୋଇଥିଲେ। ଜିଲା ପରିଷଦ ସଭ୍ୟ କୈଳାସ ମହାରଣା, କଣ୍ଟାପଡା ସରପଞ୍ଚ ପ୍ରୀତି ବେହେରା ଓ କଣ୍ଟାପଡା ଜଳସେଚନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲା ମଧୁବାବୁଙ୍କ ଦାୟିତ୍ୱବୋଧ

କଟକ ଅଫିସ, ୪।୨

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଗୋରାକବରସ୍ଥିତ ସମାଧିପୀଠରେ ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତୁଳସୀପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ମାତୃବନ୍ଦନା ଗାନ କରିଥିଲେ। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଖବରଦାତା ଡ. ପ୍ରମୋଦ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଦର୍ଶନ, ଉଚ୍ଚାରଣ ଓ ଆଚରଣ, କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲା ବୋଲି କହିଥିଲେ। ଅନ୍ୟତମ ଅତିଥି ଗିରିବାଳା ବେହେରା ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଧୁସୂଦନ ଦାସଙ୍କ ଅବଦାନକୁ ସ୍ମରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଂଶୀମୋହନ ଶତପଥୀ, ଡ. ଅନସୂୟା ମିଶ୍ର, ଗଗନ ମେହେର, ବିଦ୍ୟୁତ୍ ଲାଲା, ଅରୁଣା ସାମନ୍ତରାୟ, ପ୍ରଶାନ୍ତ ନାୟକ, ମାଧବ ମିଶ୍ର, ରମଜାନ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ଜିଲା ପ୍ରଶାସନ ଓ କଟକ ମହାନଗର ନିଗମ ଆନୁକୂଲ୍ୟରେ ଉତ୍କଳ ଗୌରବଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଥିଲା। ଏହି ଅବସରରେ ମଧୁବାବୁଙ୍କ ସମାଧିପୀଠ ଗୋରାକବରଠାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସିଏମ୍‌ସି ଉପନିର୍ଦ୍ଦେଶକ ବିଶ୍ୱନାଥ ଲେଙ୍କା, ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧୁବାବୁଙ୍କ ସମାଧିପୀଠ ନିକଟସ୍ଥ ହରିଣ ପାର୍କ ଏବଂ କ୍ୟାଣ୍ଟନମେଣ୍ଟ ଛକସ୍ଥିତ ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କ୍ୟାଣ୍ଟନମେଣ୍ଟ ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଯୋଗଦେଇ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସେହିପରି କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁବାବୁଙ୍କ ସମାଧିପୀଠ,



ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ।

ହରିଣପାର୍କ, ପୁରୁଣା ରେଡ଼ିଓ ଷ୍ଟେଶନ ଛକ ସମେତ କଟକରେ ଥିବା ମଧୁବାବୁଙ୍କ ୨୮ଟି ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା।

ଚୌଧୁରୀବଜାରସ୍ଥିତ ରେଭେନ୍‌ଶା ଗାର୍ଲସ ସ୍କୁଲ ପରିସରରେ ଉତ୍କଳଗୌରବଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ କଳା ପରିଷଦର ସମ୍ପାଦକ ସଞ୍ଜିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀର ଜିଲା ସମ୍ପାଦକ କିଶୋର କୁମାର ମହାନ୍ତି ଯୋଗଦେଇଥିଲେ। ଜୟନ୍ତୀ ରଥ ଧନ୍ୟବାଦ ଦେଇଥିଲେ।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଉତ୍କଳ ଗୌରବଙ୍କ ଶ୍ରାଦ୍ଧବାର୍ଷିକି ପାଳିତ ହୋଇଛି। ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗବେଷକ ଦେବେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମଧୁସ୍ମୃତି କମିଟିର ମୁଖ୍ୟ ସଂଯୋଜିକା ଡ. ଚୁମ୍‌କି ରଥ ଅତିଥି ପରିଚୟ ପ୍ରଦାନ ଓ ଡ. ସୁଜ୍ଞାନୀ କୁମାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଜୀବନ ବଲ୍ଲଭ ଜେନା, ଡ. ନର୍ମଦା କୁମାରୀ ପରିଡ଼ା, ଡ. ସୁଶାନ୍ତ କୁମାର ବିଶ୍ୱାଳ, ଅର୍ଚ୍ଚନାମୟୀ ପଣ୍ଡା ପ୍ରମୁଖ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରୀ ରାଜଶ୍ରୀ ବେହେରା ବେଦ ପାଠ କରିଥିଲେ। ପ୍ରଫେସର ଶଶିକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

ମଧୁବାବୁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ସଂଘ ଉପସଭାପତି ଶ୍ରୀନିବାସ ରେଡ୍ଡି, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ସଭ୍ୟ ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ମଣ୍ଟୁ ସାହୁ, ସୁବାସ ପ୍ରଧାନ, କାଳିଆ ଏବଂ ରିଣ୍ଟୁ ପ୍ରମୁଖ ଉପସ୍ଥିତ ଥିଲେ।




ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ମଙ୍ଗଳବାର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ପକ୍ଷରୁ କଟକ ବାଲିଯାତ୍ରା ଉପର ପଡ଼ିଆ ନିକଟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।




ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ କଟକ ଜିଲା ଶାଖା ପକ୍ଷରୁ କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀଭବନରେ ମଙ୍ଗଳବାର ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ବ୍ୟକ୍ତିବୃନ୍ଦ।



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

-ନେପୋଲିୟନ



## ସଂକ୍ଷେପରେ

### ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସ



**ନେମାଳ, ୪।୨(ଡି.ଏନ୍.ଏ.):** ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସ ପଦ୍ମବନ ପୀଠରେ ବୁଧବାର ଅନୁଷ୍ଠିତ ହେବ। ରାଜ୍ୟରୁ ବହୁ ସଂଖ୍ୟାରେ ଭକ୍ତ ଏହି ଅବସରରେ ଆୟୋଜିତ ଅଷ୍ଟପ୍ରହର ନାମ ଯଜ୍ଞରେ ସାମିଲ ହୋଇଛନ୍ତି। ଏନେଇ ସମଗ୍ର ପୀଠକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ମାଗଣା ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଓ ଅଷ୍ଟପ୍ରହରୀ ପରିଚାଳନା କମିଟିର ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜନ କରାଯାଉଛି।

### କର୍ମଚାରୀଙ୍କ ଆନ୍ଦୋଳନ ପାଇଁ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ବୈଠକ

**ଆଠଗଡ,୪।୨(ସ୍ୱ.ପ୍ର.):** ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ସଫେଇ କର୍ମଚାରୀମାନଙ୍କ ୭ ଦଫା ଦାବି ପୂରଣ ନେଇ ଆନ୍ଦୋଳନ ଜାରି ରହିଛି। ଏନେଇ ମଙ୍ଗଳବାର ଆଠଗଡ଼ ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିଭିନ୍ନ ୱାର୍ଡ଼ର ବରିଷ୍ଠ ନାଗରିକ, ବୁଦ୍ଧିଜୀବି ଓ ପୂର୍ବତନ ନଗରପାଳ ଓ କାଉନସିଲରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଫେଇ କର୍ମଚାରୀଙ୍କ ଦାବି ମୁତାବକ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା ପରିଷଦର କ୍ଷମତା ବାହାରେ ବୋଲି ଏଥିରେ କୁହାଯାଇଛି। ଏହି ଆଲୋଚନାରେ ଉପଜିଲାପାଳ ଅମୀୟ କୁମାର ସାହୁ, ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓ, ଥାନା ଆଇଆଇସି ଜ୍ଞାନରଞ୍ଜନ ମିଶ୍ର, ପୂର୍ବତନ ନଗରପାଳ ସୁବର୍ଣ୍ଣମଞ୍ଜରୀ ଭଞ୍ଜ ଓ ସୁଚିତ୍ରା ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ୭୨ଘଣ୍ଟା ପରେ ବି ମିଳିଲାନି ରିପୋର୍ଟ

**କଟକ ସଦର,୪।୨(ଡି.ଏନ୍.ଏ.):** କଟକ ଜିଲାର ବିଭିନ୍ନ ପଞ୍ଚାୟତରେ ବେଆଇନ ଭାବେ ଏଲ୍‌ଇଡି ଲାଇଟ କ୍ରୟର ତଦନ୍ତ ରିପୋର୍ଟ ୭୨ ଘଣ୍ଟା ମଧ୍ୟରେ ଦେବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବିଡିଓ ରିପୋର୍ଟ ପଠାଇ ନ ଥିବା ଜଣାପଡିଛି। ପ୍ରଥମେ ଜିଲାର ୨୭ଟି ପଞ୍ଚାୟତରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। କିନ୍ତୁ ବର୍ତ୍ତମାନ ୫୭ଟି ପଞ୍ଚାୟତରେ ଏଲ୍‌ଇଡି ଲାଇଟ କ୍ରୟରେ ଅନିୟମିତତା ହୋଇଥିବା ଜଣାପଡିଛି।

# ମଧୁବାବୁ ଥିଲେ ଓଡ଼ିଆ ଜାତିର ମୁକୁଟ ବିହୀନ ସମ୍ରାଟ

**ସାଲେପୁର, ୪।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅନ୍ତର୍ଗତ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମଧୁସୂଦନ ସାଂସ୍କୃତିକ ପରିଷଦର ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ୧୯୧୬ ମସିହାରେ ମଧୁବାବୁଙ୍କ ଉଦ୍ୟମରେ କଟକରେ ସର୍କିଟ୍ କୋର୍ଟ ସ୍ଥାପନ ହୋଇଥିଲା। ପରବର୍ତ୍ତୀ ସମୟରେ ଓଡ଼ିଶାର କଟକରେ ହାଇକୋର୍ଟ ପ୍ରତିଷ୍ଠା ହେବା ପଛରେ ତାଙ୍କର ଶ୍ରେଷ୍ଠ ଅବଦାନ ଥିଲା। ମଧୁବାବୁ ଓଡିଆ ଜାତିର ମୁକୁଟ ବିହୀନ ସମ୍ରାଟ ଥିଲେ ବୋଲି ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ୱେତାସ୍ନିଗ୍ଧା ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ଅକ୍ଷୟ କୁମାର ଦାଶ,



ମଧୁବାବୁଙ୍କ ଶ୍ରାଦ୍ଧଦିବସରେ ଯୋଗଦେଇଥିବା ଅତିଥି।

ଶୋଭନୀୟ ଶିକ୍ଷାକେନ୍ଦ୍ର ବିଡ଼ାନାସୀର ଅଧ୍ୟକ୍ଷା ଡ.ବନଲତା ଦେବୀ, ଅତିରିକ୍ତ ଡେପୁଟି କମିଶନର ପ୍ରମୋଦ କୁମାର ରଥ, ଆଡ୍‌ଭୋକେଟ୍ ବସନ୍ତ କୁମାର ମିଶ୍ର, ତ୍ରିମ୍‌ସର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ମଧୁସୂଦନ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ଅକ୍ଷୟ କୁମାର ଦାସ ଅତିଥିଙ୍କ ପରିଚୟ ଓ ଦିଲୀପ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାନ୍ତ କୁମାର ସାମଲ ଧନ୍ୟବାଦ ଦେଇଥିଲେ। କସ୍ତୁରବା ଗାନ୍ଧି ସ୍ମାରକନିଧି ଟ୍ରଷ୍ଟର ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟୁଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଧୁସୂଦନ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ଗଣଦୌଡ଼ ପାଗାଛକରୁ ବାହାରି ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ପର୍ଯ୍ୟନ୍ତ ଯାଇଥିଲା। ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏହି ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। ସେହିପରି ଅଟଳ ସେନା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦ୍ଦେଶ୍ୟରେ ରୋଧପୁର ଶାରଳା ମଣ୍ଡପ ପରିସରରେ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଦୀନବନ୍ଧୁ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ କର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଭୂୟାଁ, ଶିବଚରଣ ଜେନା, ନିକୁଞ୍ଜ ଭୂୟାଁ, ମେଘୁ ସିଂ, ବିଶ୍ୱଜିତ୍ କର, ସୌମ୍ୟରଞ୍ଜନ ବେହେରା,ପ୍ରମୁଖ ଉପସ୍ଥିତ ଥିଲେ।

# ଧାନମଣ୍ଡିରେ ଅନିୟମିତତା ଅଭିଯୋଗ : ତଦନ୍ତ ଦାବି

**ମାହାଙ୍ଗା,୪।୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ମାହାଙ୍ଗା ସେବା ସମବାୟ ସମିତିର ଧାନମଣ୍ଡିରେ ଚାଷୀଙ୍କ ଧାନ ବିକ୍ରୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କ୍ରମାନ୍ୱୟ ଅନୁସାରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବାବେଳେ ଚଞ୍ଚକତା କରି ଏହି ନାମକୁ ତଳ ଉପର କରାଯାଇ ଜିଲା ଯୋଗାଣ ବିଭାଗକୁ ପଠାଯାଇଛି। ଫଳରେ ଧାନ ବିକ୍ରୟ ପାଇଁ ପ୍ରଥମେ ନାମ ପଞ୍ଜୀକୃତ କରିଥିବା ଚାଷୀଙ୍କ ନାମରେ ଟୋକନ ଆସି ନଥିବା ବେଳେ ପଛରେ ନାମ ପଞ୍ଜିକରଣ କରିଥିବା ଚାଷୀ ଟୋକନ ପାଇ ଧାନ ବିକ୍ରି କରିଛନ୍ତି। ଏହାର ତଦନ୍ତ ପାଇଁ ମାହାଙ୍ଗା କୃଷକ ବିକାଶ ମଞ୍ଚର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସାଧୁଚରଣ ମହାପାତ୍ର ଓ ରମେଶ ଚନ୍ଦ୍ର ବଳ ପ୍ରମୁଖ ଦାବି କରିଛନ୍ତି।ଏ ସମ୍ପର୍କରେ ସମବାୟ ସମିତି ସମ୍ପାଦକ ଶରତ ଚନ୍ଦ୍ର ଜେନା କହିଛନ୍ତି, ଚାଷୀଙ୍କ ନାମ ପଞ୍ଜୀକରଣରେ କୌଣସି ଚଞ୍ଚକତା ହୋଇନାହିଁ କିମ୍ବା ଏଠାରେ କୌଣସି ଅନିୟମିତତା କାର୍ଯ୍ୟ ହୋଇନାହିଁ ।ଏହି ଟୋକନ ବ୍ୟବସ୍ଥା ନେଟ ମାଧ୍ୟମରେ ହେଉଛି ବୋଲି ସେ କହିଥିଲେ ।

# ଅଙ୍ଗନୱାଡି ଗୃହ ନିର୍ମାଣରେ ଅର୍ଥ ହେରଫେର ଅଭିଯୋଗ

**ନରାଜ, ୪।୨ (ଡି.ଏନ୍.ଏ)**

ବାରଙ୍ଗ ବ୍ଲକ ଅଧୀନ ମୁଣ୍ଡଳି ପଞ୍ଚାୟତର ଅଙ୍ଗନୱାଡି ଗୃହ ନିର୍ମାଣ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ଶ୍ରୀକାନ୍ତ ଜେନା ମଙ୍ଗଳବାର ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ନ ଜଣାଇ ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଏହି ଅର୍ଥ ଉଠାଇଛନ୍ତି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କୁ ନ ଜଣାଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କର ଓ ପିଓଙ୍କ ନାମରେ ଥିବା ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟକୁ ଅପବ୍ୟବହାର କରି ବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଅଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ପାଇଁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଅଭିଜିତା ପଟ୍ଟନାୟକ କିଛି ନକହି ବିଡିଓଙ୍କ ସହ କଥାବାର୍ତ୍ତା କରିବାକୁ କହିଥିଲେ। ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି, ସରପଞ୍ଚ ଜେନା ନିଜେ ଏହି ଟଙ୍କାକୁ ବ୍ୟବହାର କରି ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଏନେଇ ସେ ଥାନାରେ ପାଲଟା ଅଭିଯୋଗ କରିବେ ବୋଲି କହିଛନ୍ତି । ଏସମ୍ପର୍କରେ ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, ଅଭିଯୋଗ ପାଇବା ପରେ ଏହାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜିଲା ଦୌରାଜଜ୍‌ଙ୍କ ଆଠଗଡ଼ ଅଦାଲତ ପରିଦର୍ଶନ



ଜିଲା ଦୌରାଜଜ୍‌ଙ୍କ ସହ ଆଠଗଡ଼ ଆଇନଜୀବୀ ଓ ଅନ୍ୟମାନେ।

**ଆଠଗଡ,୪।୨(ସ୍ୱ.ପ୍ର.)**

କଟକ ଜିଲା ଦୌରାଜଜ ରାଜକୁମାର ସାହୁ ମଙ୍ଗଳବାର ଆଠଗଡ଼ ଅଦାଲତ ପରିଦର୍ଶନରେ ଆସି ଅଦାଲତର ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ପୂର୍ବାହ୍ନରେ ଜିଲା ଦୌରାଜଜ ସାହୁ ଅଦାଲତର ବିଚାର ପ୍ରକ୍ରିୟା ଓ ଆବଶ୍ୟକୀୟ କାଗଜାତ ତନଖି ଥିଲେ। ମଧ୍ୟାହ୍ନରେ ଆଠଗଡ଼ ଓକିଲ ସଂଘର ଆମନ୍ତ୍ରଣ କ୍ରମେ ସଂଘ ଗୃହରେ ସମସ୍ତ ଓକିଲଙ୍କ ସହ ଅଦାଲତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲା ଦୌରାଜଜ ଅରବିନ୍ଦ ପଟ୍ଟନାୟକ, ସିଭିଲ ଜଜ ସିନିୟର ଡ଼ିଭିଜନ ଶରତ କୁମାର ଜେନା, ଏସଡ଼ିଜେଏମ୍ ଶାଶ୍ୱତୀ ମିଶ୍ର, ଜେଏମ୍‌ଏଫସି ସୌମ୍ୟଶେଖର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ରାଉତଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଫଣିଭୂଷଣ ରଥ ଓ ଅଦ୍ୱୈତ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅଦାଲତର ଅଭାବ ଅସୁବିଧା ସମ୍ପର୍କରେ ଦୌରାଜଜଙ୍କୁ ଅବଗତ କରାଇଥିଲେ।

### ବାଇକ୍ ଧକ୍କାରେ ଜଣେ ଗୁରୁତର

**ବଡମ୍ବା,୪।୨(ଡି.ଏନ୍.ଏ)**

ବଡମ୍ବା କଚେରି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଭାଇ ଗୁରୁତର ହେଇଥିବା ବେଳେ ଭଉଣୀ ଆହତ ହୋଇଛନ୍ତି । ସେମାନେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ସାନବାରସିଂହ ଗ୍ରାମର ମାନସ୍ ଜେନା (୩୮) ଓ ବୁଟି ଜେନା (୨୮) । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଥିବା ମାନସଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଦିଆଯାଇଛି । ପ୍ରକାଶ ଯେ ଏକ ବାଇକ୍ ଯୋଗେ ମାନସ ଭଉଣୀଙ୍କୁ ନେଇ ସାନବାରସିଂହକୁ ଯାଉଥିବା ପଛପଟୁ ଏକ ବାଇକ୍ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଉଭୟେ ଏକ କାର୍‌ରେ ପିଟି ହୋଇଯାଇଥିଲେ। ଖବରପାଇ ବଡ଼ମ୍ବା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପଞ୍ଚାୟତସ୍ତରୀୟ ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତା





କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି।

**ବାଙ୍କୀ,୪।୨(ବି.ପ୍ର.)**

ବାଙ୍କୀ-ଡମପଡା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଦୁଲଣାପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଦୁଲଣାପୁର ପଞ୍ଚାୟତସ୍ତରୀୟ ବିଦ୍ୟାଳୟ ସମୂହର କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କ୍ରୀଡ଼ା ଆୟୋଜକ କମିଟି ଓ ଦୁଲଣାପୁର ସରପଞ୍ଚଙ୍କ ଏହାକୁ ସଞ୍ଚାଳନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳାଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥିଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ସରପଞ୍ଚ ଗଦାଧର ରାଉତ, ଦୁଲଣାପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେଉରା,ସସ୍ମିତା ବେହେରା, ଜମ୍ମେଶ୍ୱର ନାୟକ, ଶ୍ରୀନିବାସ ରାଉତ,ଦିନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡାର ପ୍ରଚାର ଏବଂ ପ୍ରସାର ପାଇଁ କହିଥିଲେ । ଦୁଲଣାପୁର ଉଚ୍ଚ ବିଦ୍ୟାଳୟ, ଦୁଲଣାପୁର ନୋଡାଲ ବିଦ୍ୟାଳୟ, ବାରବାଟୀ ଉପ୍ରା ବିଦ୍ୟାଳୟ, ହାମିରା ଉପ୍ରା ବିଦ୍ୟାଳୟ ଓ ଅରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ସିଆରସିସି ବନମାଳୀ ରାଉତ ଏହାକୁ ପରିଚାଳନା କରିଥିବା ବେଳେ ସରପଞ୍ଚ ସୁନିଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ଶୁକାନ୍ତ କୁମାର ସାହୁ, ନିମାଇଁ ଚରଣ ସାହୁ,ଦୀନବନ୍ଧୁ ନାୟକ, ମାନସ ରଞ୍ଜନ ମଲ୍ଲିକ, ଦିଲୀପ କୁମାର ମହାପାତ୍ର, ହେମନ୍ତ କୁମାର ସାହୁ ଓ ଶଶଧର ନାୟକ ଏଥିରେ ସହଯୋଗ କରିଥିଲେ । କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ମୋଟ ୪୮ ପ୍ରତିଯୋଗିତା ହୋଇଥିଲା।

# କର୍କଟରୋଗ ନିରାକରଣ ପାଇଁ ସଚେତନତା ଆବଶ୍ୟକ

**ବାଙ୍କୀ, ୪।୨(ସ୍ୱ.ପ୍ର)**

ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ମଙ୍ଗଳବାର ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ବିଶ୍ୱ କର୍କଟ ଦିବସ**

ଏହି ଅବସରରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ ବିଭିନ୍ନ ବର୍ହିବିଭାଗକୁ ଯାଇ ଉପସ୍ଥିତ ରୋଗୀଙ୍କୁ କର୍କଟ ରୋଗ ସମ୍ପର୍କରେ ସଚେତନ କରାଇଥିଲେ। କର୍କଟରୋଗ ନିରାକରଣ , ପ୍ରତିରୋଧ ଓ ଉପଚାର କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। କର୍କଟରୋଗ ନିରାକରଣ ପାଇଁ ସମସ୍ତେ ସଚେତନ ରହିବା ସହ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିଲେ ଏହି ରୋଗ ବ୍ୟାପିବାର ସମ୍ଭାବନା ନ ଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରଭାତ ଚନ୍ଦ୍ର ଦାଶ, ବରିଷ୍ଠ କର୍ମଚାରୀ ସନ୍ଧ୍ୟାରାଣୀ ଦାଶ ଓ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।



ଉପଖଣ୍ଡ ଚିକିତ୍ସା ଅଧିକାରୀ କର୍କଟ ରୋଗ ସମ୍ପର୍କରେ ସଚେତନ କରାଯାଉଛି।

### କରୋନା ଭାଇରସ ସମ୍ପର୍କିତ ଆଲୋଚନା

**ବାଙ୍କୀ, ୪।୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ କରୋନା ଭାଇରସ୍ ସମ୍ପର୍କରେ ସେବା କର୍ମୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। କରୋନା ଭାଇରସ୍ ପାଇଁ ସତର୍କତା ଅବଲମ୍ବନ କରିବା ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଡାକ୍ତର ଓ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ପ୍ରଧାନ କହିଥିଲେ। କରୋନା ଭାଇରସ୍ ମୁଖ୍ୟତଃ ଥଣ୍ଡା, କାଶରେ ସଂକ୍ରମିତ ହୋଇ ଗୁରୁତର ହୋଇଥାଏ। ଏନେଇ ବାଙ୍କୀ ଉପଖଣ୍ଡର ସମସ୍ତ କର୍ମଚାରୀମାନେ ପ୍ରସ୍ତୁତ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ସନ୍ଧ୍ୟାରାଣୀ ଦାସ, ଡା. ପ୍ରଭାତ ଚନ୍ଦ୍ର ଦାଶ ଓ କର୍ମଚାରୀ ସହଯୋଗ କରିଥିଲେ।

# ମା' ଉଗ୍ରତାରା କଲ୍‌ଚୁରାଲ ଆଣ୍ଡ ସ୍ପୋର୍ଟ୍ସ କ୍ଲବର ବାର୍ଷିକ ଉତ୍ସବ

**ତିଗିରିଆ, ୪।୨(ଡିଏନଏ)**

ତିଗିରିଆ ବ୍ଲକ ଅନ୍ତର୍ଗତ ବାହାରବିଲା ଗ୍ରାମର ମା' ଉଗ୍ରତାରା କଲଚୁରାଲ ଆଣ୍ଡ ସ୍ପୋର୍ଟ୍ସ କ୍ଲବର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କୃଷକ ନେତା ରଘୁନାଥ ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ କ୍ଲବ ସଭାପତି ବିକାଶ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଲକ୍ଷ୍ମୀଧର ସାମନ୍ତରାୟ, ସୋମପଡ଼ା ସରପଞ୍ଚ ରେବତୀ ବେହେରା, ସୋମନାଥ ଗୋଛି, ଜୁନା ଗଣ୍ଡିଆ, ନିଳମଣୀ ବେହେରା, ପ୍ରହଲ୍ଲାଦ ସାହୁ ଓ ଶଙ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଚାରକଭାବେ ପୂର୍ଣ୍ଣଚନ୍ଦ୍ର ଦାଶ, ସନାତନ ପଣ୍ଡା ଓ ଜୟନ୍ତ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ସମ୍ପାଦକ ଜିତେନ୍ଦ୍ର ଗୋଛି ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱଦେଶ ସାହାଣୀ ମଞ୍ଚ ଏହାକୁ ପରିଚାଳନା କରିଥିଲେ।





ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ କଟକ

**ବାଙ୍କୀ, ୪।୨(ସ୍ୱ.ପ୍ର)**

ପ୍ରାଣକୃଷ୍ଣ ସାହୁ ଓ ହୃଷୀକେଶ ସାହୁ ମେମୋରିଆଲ୍ କପ୍ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ବାଙ୍କୀ କଚେରି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚ ସ୍ପୋର୍ଟ୍ସ ହଷ୍ଟେଲ୍ କଟକ ଓ ଫୁଲବାଣୀ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀକୁ ୨-୦ଗୋଲରେ ପରାସ୍ତ କରି ସ୍ପୋର୍ଟ୍ସ ହଷ୍ଟେଲ କଟକ ଫାଇନାଲରେ ପ୍ରବେଶ କରିଛି। ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର, ଉପସଭାପତି ଜିତେନ୍ କୁମାର ପଣ୍ଡା, ଉପଦେଷ୍ଟା ଧର୍ମପ୍ରସାଦ ମଙ୍ଗରାଜ, ବିଶିଷ୍ଟ କ୍ରୀଡାବିତ୍ ଗାକୁଳାନନ୍ଦ ବେହେରା,ପ୍ରସନ୍ନ ମଣି ତ୍ରିପାଠୀ, ପରିକ୍ଷୀତ ବେହେରା ଓ ବୃନ୍ଦାବନ ପ୍ରଧାନ , ସତ୍ୟରଞ୍ଜନ ସାହୁ,ପ୍ରଶାନ୍ତ ଦାଶ ଖେଳକୁ ମିଳିତ ଭାବେ ଉଦ୍‌ଘାଟନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବାଙ୍କୀ ଆଥେଲେଟିକ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚରେ ସଞ୍ଜୀବ ଦାଶ ରେଫରି ଭାବେ ଯୋଗଦେଇଥିଲେ। ସହକାରୀ ରେଫରି ଭାବେ ବାଦଲ ନାୟକ, ତପନ ନାୟକ, କୃପାସିନ୍ଧୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ।



ଅତିଥି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି।

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**



"ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ତୋଳି ତୁମକୁ ଉପରକୁ ଉଠାଇ ପାରିବ ନାହିଁ। -ଜନ୍ ରସ୍କିନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୪ତମ ପ୍ରତିଷ୍ଠା ଦିବସ, ସଂସ୍କୃତି ଭବନ କନଫରେନ୍ସ ହଲ, ମ୍ୟୁଜିୟମ କମ୍ପ୍ଲେକ୍ସ, ବିଜେବି ନଗର, ପୂର୍ବାହ୍ନ ୧୦ଟା ୩୦।
- ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ, ବୀର ସୁରେନ୍ଦ୍ର ସାଏ ନଗର, ଅପରାହ୍ନ ୩ଟା ୩୦।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ଖଣ୍ଡଗିରି ଉଦୟଗିରି ମହୋତ୍ସବ-୨୦୨୦, ଓଟିଡିସି ପାନ୍ଥିକା, ଖଣ୍ଡଗିରି, ସନ୍ଧ୍ୟା ୬ଟା ୩୦।
- ରେଡ ସ୍ୱସ୍ତିକ ସୋସାଇଟି ଓଡ଼ିଶା ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।
- କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ୍ ହକି ପ୍ରୋ ଲିଗ୍ ଖେଳିବା ପାଇଁ ବେଲଜିୟମ ଦଳ ଭୁବନେଶ୍ୱରରେ ପହଞ୍ଚିବ, ବିଜୁପଟ୍ଟନାୟକ ବିମାନବନ୍ଦର, ରାତ୍ର ୯ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞ, ଅଗ୍ନିସ୍ଥାପନ, ଡମରା, ମା' ମଙ୍ଗଳା ପୀଠ, ସକାଳ ୮ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ଜଳଯାତ୍ରା, ବେଣୁପୁର, ଶ୍ରୀ ନୀଳକଣ୍ଠେଶ୍ୱର ଦେବ ପୀଠ, ପୂର୍ବାହ୍ନ ୧୦ଟା।
- ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ସନ୍ଧ୍ୟା ୭ଟା।

# ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ, କନଷ୍ଟେବଲ ଗିରଫ

ଭୁବନେଶ୍ୱର,୪।୨(ବ୍ୟୁରୋ)

**ରଙ୍ଗିଲା ପୋଲିସ ବାବୁ**

- ବିବାହ ବାହାନା ଦେଖାଇ ଏକାଧିକଥର ବଳାତ୍କାର ଅଭିଯୋଗ
- ଗୁରୁତର ଅବସ୍ଥାରେ ଯୁବତୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

ବିବାହ ଆଳରେ ଯୁବତୀଙ୍କୁ ବଳାତ୍କାର କରି ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଜଣେ ଯବାନ ସୋମବାର ଗିରଫ ହୋଇଥିଲେ। ମଙ୍ଗଳବାର ଆଉ ଏକ ଘଟଣା ପଦାକୁ ଆସିଛି। ପୋଲିସ ବାବୁଙ୍କ ଦ୍ୱାରା ବାରମ୍ବାର ବଳାତ୍କାରର ଶିକାର ହୋଇଥିବା ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ଏସ୍‌ଏସ୍‌ବି ବାଟାଲିୟନର କନ୍‌ଷ୍ଟେବଲ କଟକର ରାଜେଶ ଦାସଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ରାଜେଶ ଏସ୍‌ଏସ୍‌ବି ବାଟାଲିୟନରେ ୪ବର୍ଷ ହେବ କନ୍‌ଷ୍ଟେବଲ ଭାବେ ଚାକିରି କରୁଥିବାବେଳେ ଭିଆଇପିଙ୍କ ଏସ୍କର୍ଟ ଭ୍ୟାନ୍‌ରେ କାର୍ଯ୍ୟ କରନ୍ତି। ସେ ୩ବର୍ଷ ତଳେ ବିବାହ କରିଥିବାବେଳେ କଟକରେ ତାଙ୍କ ସ୍ତ୍ରୀ ଓ ପିଲା ରହୁଛନ୍ତି। ଦୁଇବର୍ଷ ତଳେ ଭୁବନେଶ୍ୱରରେ ଡ୍ୟୁଟି ସମୟରେ ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଯୁବତୀ ଜଣକ ରାଜଧାନୀରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଫୋନ୍ ନମ୍ବର ଦିଆନିଆ ପରେ ଦୁଇ ବନ୍ଧୁ ଭାରେ ଦୁହେଁ କଥା ହେଉଥିଲେ। ରାଜେଶ ଅବିବାହିତ ବୋଲି ଯୁବତୀଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ବନ୍ଧୁତ୍ୱ ପ୍ରେମରେ ପରିଣତ ହୋଇଥିଲା। ରାଜେଶ ବିବାହ କରିବାକୁ କହି ଯୁବତୀଙ୍କୁ ଲଜ୍, ହୋଟେଲ ନେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗତ କିଛିଦିନ ହେବ ରାଜେଶଙ୍କୁ ବିବାହ କରିବା ପାଇଁ କହିଥିଲେ। କିନ୍ତୁ ରାଜେଶ ନାନା ଆଳ ଦେଖାଇ ଏଡାଇ ଚାଲିଥିଲେ। ଶେଷରେ ଯୁବତୀଙ୍କ ଫୋନ୍ ନ ଉଠାଇବାରୁ ରାଜେଶଙ୍କ ଉପରେ ତାଙ୍କର ସନ୍ଦେହ ହୋଇଥିଲା। ଖୋଳତାଡ଼ ପରେ ରାଜେଶ ବିବାହିତ ଥିବା ଓ ସେ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣକ ଜାଣିବା ପରେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୋଲିସ ଅଭିଯୁକ୍ତ ରାଜେଶଙ୍କୁ ଥାନାକୁ ଉଠାଇ ନେଇଥିଲା। ଯୁବତୀ ଜଣକ ବିବାହ କରିବା ପାଇଁ କହିଥିଲେ ମଧ୍ୟ ରାଜେଶ ମନା କରିଦେଇଥିଲେ। ସୋମବାର ରାତିରେ ପ୍ରତାରଣାର ଶିକାର ହୋଇଥିବା ଉକ୍ତ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଯୁବତୀ ଜଣକ ସୁସ୍ଥ ହେଉଥିବାବେଳେ ଏବେବି ରାଜେଶଙ୍କୁ ବିବାହ କରିବାକୁ କହୁଥିବା ପୋଲିସ କହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈକି ଗଡ଼ିଲି ଚାଉଳ ଧୋଇଲି**
**ମାଡ଼ିଲି ମଣ୍ଡା ଗାଗର**
**ମା'କୁ କହିବ କାନ୍ଦିବ ନାହିଁ**
**ଜୋଇଁ ତା' ଗୁଣ ସାଗର।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡ଼ିଲେ ମଧ୍ୟ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖଦୁର୍ଦ୍ଦଶାକୁ ନେଇ ମନ ଊଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାଳେ ନାଳେ ଗଲି ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜବନରେ ଦେହ ଛୁଆଁଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖା ଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.





ମଙ୍ଗଳବାର ସୂଚନା ଭବନଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ବାରଙ୍ଗ,୪।୨(ଡି.ଏନ୍.ଏ.)

ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମ ନିକଟରେ ସୋମବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଚନ୍ଦକା ଗ୍ରାମର ଜୟକୃଷ୍ଣ ବେହେରା(୩୨)। ଗୁରୁତର ଦୀପକ ବେହେରାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରର ଏକ ସ୍ଥାନକୁ ରାଜମିସ୍ତ୍ରି ଆଣିବା ପାଇଁ ସୋମବାର ରାତିରେ ଜୟକୃଷ୍ଣ ଓ ଦୀପକ ଏକ ବାଇକ୍(ଓଡି୦୨-ଏଜେଡ-୪୭୭୧)ରେ ଯାଉଥିଲେ। ଅନ୍ଧାରୁଆ ଗ୍ରାମ ନିକଟରେ ଏକ ଅଜଣା ଗାଡି ସେମାନଙ୍କ ବାଇକ୍ ପଛକୁ ଧକ୍କା ଦେଇ ଖସି ପଳାଇଥିଲା। ଫଳରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ପାଚେରିକୁ ଧକ୍କା ଦେବା ସହ ଉଭୟ ତଳେ ପଡ଼ିଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ଜୟକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୧୪/୨୦)ରୁଜୁକରି ତଦନ୍ତ ଚଳାଇଛି।

## ବିବାହ ପାଇଁ ଜିଦ୍ ଧରି ହାତ କାଟିଲେ ଯୁବତୀ

**ଗର୍ଭ ନଷ୍ଟ ପାଇଁ ହସ୍ପିଟାଲ ଆଣି ଛାଡ଼ି ପଳାଇଲେ ପ୍ରେମିକ**

ଭୁବନେଶ୍ୱର,୪।୨(ବ୍ୟୁରୋ): ପ୍ରେମ ବ୍ୟାପାରକୁ ନେଇ ଇନ୍‌ଫୋସିଟି ଥାନାଞ୍ଚଳରେ ଅପ୍ରୀତିକର ଘଟଣା ଘଟିଛି। ବିବାହ ପାଇଁ ଜିଦ୍ ଧରି ଜଣେ ମୁସଲିମ୍ ସମ୍ପ୍ରଦାୟ ଯୁବତୀ ହାତ କାଟି ଗୁରୁତର ହୋଇଛନ୍ତି। ଏପରିସ୍ଥଳେ ଯୁବତୀଙ୍କ ଗର୍ଭ ନଷ୍ଟ ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣି ତାଙ୍କୁ ପ୍ରେମିକ ଜଣକ ଛାଡ଼ି ଚାଲିଯାଇଛନ୍ତି। ଘଟଣାକୁ ନେଇ ପ୍ରେମିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁବତୀ ଜଣକ ତାଙ୍କୁ ବ୍ଲାକ୍‌ମେଲିଂ କରି ବିବାହ ପାଇଁ ଚାପ ପକାଉଥିବା ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି। କିନ୍ତୁ ଯୁବତୀ ଭିନ୍ନ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଛି। ଗର୍ଭବତୀ ହୋଇଥିବାରୁ ଯୁବକ ତାଙ୍କୁ ଗର୍ଭନଷ୍ଟ ମେଡିସିନ ଖାଇବାକୁ ଦେଇଥିଲେ। ଏହାସତ୍ତ୍ୱେ ଗର୍ଭ ନଷ୍ଟ ହୋଇ ନ ଥିଲା। ଅଧିକ ଯନ୍ତ୍ରଣା ହେବାରୁ ଯୁବକ ତାଙ୍କୁ ହସ୍ପିଟାଲରେ ଛାଡ଼ି ପଳାଇଥିଲେ। ଡାକ୍ତର ଚିକିତ୍ସା କରିବା ସମୟରେ ଏସମ୍ପର୍କରେ ଜାଣିବା ପରେ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଯୁବକଙ୍କ ଘର କୋରାପୁଟରେ ହୋଇଥିବାବେଳେ ଇନ୍‌ଫୋସିଟି ଥାନା ନନ୍ଦନବିହାର ଅଞ୍ଚଳରେ ରହି କମ୍ପିଟିଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛନ୍ତି। ନୟାପଲ୍ଲୀର ଉକ୍ତ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କଥିଲା। ୬ମାସ ତଳେ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିବାବେଳେ ଇତିମଧ୍ୟରେ ସେ ଗର୍ଭବତୀ ହୋଇଥିଲେ। ମଙ୍ଗଳବାର ସକାଳେ ଯୁବତୀ ପ୍ରେମିକଙ୍କ ରୁମ୍‌କୁ ଆସି ବିବାହ କରିବାକୁ ଜିଦ୍ ଧରିଥିଲେ। ନିରାଶ ହେବାରୁ ହାତ କାଟିଥିଲେ। ପୂର୍ବାହ୍ନରେ ଯୁବକ ଇନ୍‌ଫୋସିଟି ଥାନାକୁ ଯାଇ ତାଙ୍କୁ ଯୁବତୀ ବ୍ଲାକ୍‌ମେଲିଂ କରୁଥିବା ଅଭିଯୋଗ କରିଥିଲେ। ଏହି ସମୟରେ ଯୁବତୀ ଆସି ତାଙ୍କୁ ବାହାରକୁ ଡାକି ନେଇଥିଲେ। ଉଭୟ ପୋଲିସକୁ କିଛି ନ ଜଣାଇ ଚାଲିଯାଇଥିଲେ। ପରେ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ଗର୍ଭ ନଷ୍ଟ କରିବା ପାଇଁ ଯାଇଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଯୁବତୀ ଗର୍ଭବତୀ ଅଛନ୍ତି କି ଯୁବକଙ୍କୁ ଫସାଇବାକୁ ଏପରି ଅଭିଯୋଗ ଆଣିଛନ୍ତି ମେଡିକାଲ ପରୀକ୍ଷା ପରେ ଜଣାପଡିବ ବୋଲି ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି।

## କ୍ରିକେଟ: ସତ୍ୟବିହାର ଚାମ୍ପିୟନ

ବାଲିଅନ୍ତା,୪।୨(ଡି.ଏନ୍.ଏ.)

ପାଣ୍ଡରା ଗ୍ରାମର ମା' ସୁନେଶ୍ୱରୀ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଜୟକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସତ୍ୟବିହାର ଟିମ୍ ଚାମ୍ପିୟନ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ନୟାପଲ୍ଲୀର ଗୁଡମର୍ଣ୍ଣିଂ ଟିମ୍‌କୁ ପରାସ୍ତ କରି ସତ୍ୟବିହାର ଟିମ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ସୁଶାନ୍ତ କୁମାର ରାଉତ, ଯିଜ୍ଞାଶିଷ ମହାପାତ୍ର, ସୁଶାନ୍ତ ଆଚାର୍ଯ୍ୟ, ଭଗବାନ ସୁବୁଦ୍ଧି, ସଞ୍ଜୟ ଦାସ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ ଓ ରନର୍ସ ଅପ ଟିମକୁ ପୁରସ୍କୃତ କରିଥିଲେ। ଗଦାଧର ସୁବୁଦ୍ଧି, ଶିବପ୍ରସାଦ ମହାରଣା, ଏକାଦଶୀ ବେହେରା, ଗଗନ ବେହେରା, ତ୍ରିଲୋଚନ ବେହେରା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

## ମଧୁବାବୁଙ୍କ ସ୍ମରଣ ବିନା ଏକ ସମୃଦ୍ଧ ଓଡ଼ିଶାର କଳ୍ପନା ଅସମ୍ଭବ

ଭୁବନେଶ୍ୱର, ୪।୨(ବ୍ୟୁରୋ)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ସମାରୋହ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ଓ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ସମ୍ମାନିତ ଅତିଥିଭାବେ ଯୋଗଦେଇ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ମରଣ ବିନା ଏକ ସମୃଦ୍ଧ ଓଡ଼ିଶାର ଚିତ୍ର କଳ୍ପନା କରିହେବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ମଧୁବାବୁ ଉତ୍କଳ ସମ୍ମିଳନୀକୁ ନୂତନ ଦିଗ୍‌ଦର୍ଶନ ଦେଇ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଏହାର ଭୂମିକାକୁ ପ୍ରଭାବଶାଳୀ କରିଥିଲେ ବୋଲି ସେ କହିଥିଲେ। ଆଜିର ପିଢ଼ି ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମଙ୍ଗରାଜ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି 'ଓଡ଼ିଶା ରିଭ୍ୟୁ' ଓ 'ଉତ୍କଳ ପ୍ରସଙ୍ଗ'ର ସମ୍ପାଦକ ଲେନିନ୍ ମହାନ୍ତି ଯୋଗଦେଇ କହିଥିଲେ ଯେ, ମଧୁବାବୁ ଓଡ଼ିଆ ଜାତିକୁ ସ୍ୱପ୍ନର ଭାଷା ଶିଖାଇଛନ୍ତି। ତାଙ୍କର ଜାତିପ୍ରୀତି, ଉଚ୍ଚାଭିଳାଷ ଓ ପ୍ରଗତିମନ୍ତ୍ର ଆଜି ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି। ଉତ୍କଳ ଗୌରବ ସ୍ୱପ୍ନର ବିଭିନ୍ନ ସଫଳ ରୂପାୟନ ଫଳରେ ଆଜି ଓଡ଼ିଆ ଜାତି ଦେଶ ବିଦେଶରେ ପ୍ରଶଂସିତ ହେଉଛି ବୋଲି ମହାନ୍ତି କହିଥିଲେ। ବରିଷ୍ଠ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ସମୃଦ୍ଧି ପାଇଁ ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ କ୍ରମେ ମଧୁବାବୁ ବିଭିନ୍ନ ପ୍ରତିକୂଳତା ସହ ସଂଗ୍ରାମ କରି ସ୍ୱାଭିମାନର ବାର୍ତ୍ତା ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଚାକିରି କରାଇଦେବାକୁ କହି ୧୫ ଲକ୍ଷ ଠକେଇ

ଭୁବନେଶ୍ୱର,୪।୨(ବ୍ୟୁରୋ)

କେନ୍ଦ୍ରୀୟ ଆଇଓସିଏଲରେ ଚାକିରି କରାଇ ଦେବା ଆଳରେ ବାଲେଶ୍ୱର ଜିଲାର ଜଣେ ଯୁବକଙ୍କଠାରୁ ୧୫ ଲକ୍ଷ ଠକେଇ ହୋଇଛି। ଏ ନେଇ ଠକେଇର ଶିକାର ହୋଇଥିବା ଯୁବକ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗକାରୀଙ୍କ ସୂଚନା ମୁତାବକ, କିଛିଦିନ ହେବ ବାଲେଶ୍ୱର ଜିଲାର ସାଗର କୁମାର ପାଢ଼ୀ ନାମକ ଯୁବକ ଖଣ୍ଡଗିରି ଥାନା ଅଞ୍ଚଳରେ ରହି ପାଠ ପଢୁଥିଲେ। ଏହି ସମୟରେ ଦୁଇଜଣ ଦଲାଲ ସୁରେଶ ବାରିକ ଓ ବିଜେନ୍ଦ୍ର ସିଂ ମିଶି ସାଗରକୁ କେନ୍ଦ୍ରୀୟ ଆଇଓସିଏଲ୍‌ରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଥିଲେ। ଚାକିରି ପାଇବାକୁ ହେଲେ ସେଠାରେ ୧୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ମଧ୍ୟ କହିଥିଲେ। ଚାକିରି ଆଶାରେ ସାଗର ୧୫ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲେ। ପରେ ସାଗର ଚାରୋଟି ଫେଜରେ ଏମାନଙ୍କୁ ଚେକ୍ ଓ ନଗଦ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ଦୁଇଜଣ ଦଲାଲ ସାଗରକୁ ୨ ମାସ ଭିତରେ ଚାକିରିରେ ନିଯୁକ୍ତି ଦେବାକୁ କହି ଏକ ନକଲି ନିଯୁକ୍ତିପତ୍ର ଦେଇଥିଲେ। ଏହି ନକଲି ପତ୍ରକୁ ନେଇ ସାଗର ଆଇଓସିଏଲ୍‌କୁ ଯାଇ ପହଞ୍ଚିବା ପରେ ଜାଣିବାକୁ ପାଇଥିଲେ ସେ ଠକାମିର ଶୀକାର ହୋଇଛନ୍ତି। ୨ ଜଣ ଦଲାଲ୍ ତାଙ୍କୁ ନକଲି ନିଯୁକ୍ତି ପତ୍ର ଦେଇ ୧୫ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ପରେ ସାଗର ଖଣ୍ଡଗିରି ଥାନାକୁ ଆସି ଅଭିଯୋଗ କରିଥିଲେ।

## ଦୋକାନ ଘର ବିକ୍ରି ଆଳରେ ୫୮ ଲକ୍ଷ ଠକେଇ

ଭୁବନେଶ୍ୱର,୪।୨(ବ୍ୟୁରେ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଷ୍ଟୁଡିଓ ଛକ ଅଞ୍ଚଳରେ ଜଣେ ମହିଳାଙ୍କୁ ଦୋକାନ ଘର ବିକ୍ରି କରିବା ଆଳରେ ୫୮ ଲକ୍ଷାଧିକ ଟଙ୍କା ଠକେଇ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଢୁମଢୁମା ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ କର୍ମଚାରୀ ମମତା ବେହେରା ଏହି ଠକେଇର ଶୀକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବିଲଡର ଜଣଙ୍କ ନିଜକୁ ଏକ ନାମୀଦାମୀ କମ୍ପାନୀର ଚେୟାରମ୍ୟାନ ପରିଚୟ ଦେଇଥିଲେ। ୨୦୧୫ରେ ଦୋକାନ ଘର ବିକ୍ରି କରିବା ଆଳରେ ୨୯ ଲକ୍ଷ ଟଙ୍କାର ୨ ଟି ଚେକ ଜରିଆରେ ୫୮ ଲକ୍ଷ ଟଙ୍କା ତାଙ୍କଠାରୁ ନେଇ ପରବର୍ତ୍ତୀ ସମୟରେ ଆଉ ଧରାଛୁଆଁ ଦେଉନାହାନ୍ତି। ନୟାଗଡ ଅଞ୍ଚଳର ଜଣେ ରାଜନେତାଙ୍କ ଛତ୍ରଛାୟା ରହିଥିବାରୁ ସେ ଅନେକ ଜମାକାରୀଙ୍କ ଟଙ୍କା ନେଇ ଘର ଦେବା ବଦଳରେ ଦିନ ଗଡେଇ ଚାଲିଥିବା କହିଛନ୍ତି। ଏପରି ଅନେକ ଲୋକଙ୍କଠାରୁ ବିଲଡର ଜଣଙ୍କ ଠକେଇ କରି ଫେରାର ରହିଥିବାରୁ ମମତା ଅଭିଯୁକ୍ତଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବାକୁ ଗଣମାଧ୍ୟମ ଜରିଆରେ କରିଛନ୍ତି। ଗତ ୧୭ ତାରିଖରେ ଥାନାରେ ଉକ୍ତ ଠକ ବିଲଡରଙ୍କ ନାମରେ ମମତା ଅଭିଯୋଗ ଆଣିଛନ୍ତି। ଏ ନେଇ ଖଣ୍ଡଗିରି ଥାନା ଅଧିକାରୀ ରଶ୍ମି ରଞ୍ଜନ ମହାପାତ୍ର କହିଛନ୍ତି, ଠକେଇରେ ସମ୍ପୃକ୍ତ ବିଲଡର ଜଣଙ୍କୁ ଧରିବା ନେଇ ପୋଲିସ ସମସ୍ତ ପ୍ରକାର ପ୍ରୟାସ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ପ୍ରାଥମିକ ତଦନ୍ତ ପରେ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


# CLASSIFIED DISPLAY

**ALL EDITION - B/W (Everyday)**

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 2%, ବିଶେଷ ରିହାତି ଅଛି। ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଆଡଭାନ୍ସ ନେଉନୁ ଧୋକା ଦେଉନୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ — ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱାର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ।
Plot No 37 UA, Bungalow Rd, Kamla Nagar, New Delhi,
7664091295



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।

-ନେପୋଲିୟନ



## ସଂକ୍ଷେପରେ

### ରାସ୍ତା କଡରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ନିରାକାରପୁର,୪।୨(ଡି.ଏନ.ଏ.)- ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବାବେଳେ ୧୬ ନମ୍ବର ଜାତୀୟ ରାଜପଥର ଗୋଲାବାଇ ଛକ ନିକଟରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ବ୍ୟକ୍ତିଙ୍କ ବୟସ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ପରେ ପୋଲିସ୍ ଚିହ୍ନଟ ଉଦ୍ଦେଶ୍ୟରେ ଭୁବନେଶ୍ୱର ଠାରେ ରଖାଯାଇଥିବା ସୂଚନା ଦେଇଛି। ଏ ନେଇ ପୋଲିସ୍ ପକ୍ଷରୁ ୩୩/୨୦ରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ରାସ୍ତା ପାର ହେଉଥିବାବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିବା ଜଙ୍କିଆ ଥାନାର ତଦନ୍ତକାରୀ ଅଫିସର ସୁବାସ ନାୟକ ସୂଚନା ଦେଇଛନ୍ତି ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୪।୨(ଡି.ଏନ.ଏ.): ଜଟଣୀ ବ୍ଲକ ଓଗରସୁଆଁ ଗ୍ରାମର ଶ୍ରୀବିରାଜେଶ୍ୱର ଦେବଙ୍କ ଚାଲିଥିବା ଊନବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପୂଜାନୀତି, ଜଳଯାତ୍ରା ଆଦି ସମ୍ପନ୍ନ ହୋଇଥିଲା। ଅନ୍ତିମ ଦିନରେ ଶିବ ଅଭିଷେକ, ପୂର୍ଣ୍ଣାହୁତି, ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ବଳରାମ ସ୍ୱାଇଁ, ସୁଶୀଲ ସ୍ୱାଇଁ, ପ୍ରଦୀପ ବରାଳ, ମନୋଜ ସେଠୀ, ଗଣେଶ ବରାଳ ଓ ଗ୍ରାମବାସୀଙ୍କ ସହାୟତାରେ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

### ନୂତନ ଜଟଣୀ ଭାଜପା ନଗର ସଭାପତି

ଜଟଣୀ,୪।୨(ଡି.ଏନ.ଏ.): ଭାଜପା ଜଟଣୀ ନଗର ସଭାପତି ଭାବେ ତିରୁପତି ଶତପଥୀ ନୂତନ ଭାବେ ମନୋନୀତ ହୋଇଛନ୍ତି । ଖୋର୍ଦ୍ଧା ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର ତାଙ୍କୁ ମନୋନୀତ କରିଛନ୍ତି ।

### ଆଦିବାସୀ ଜାଗରଣ କ୍ଲବ ବିଜୟୀ

ଜଟଣୀ,୪।୨(ଡି.ଏନ.ଏ.): ଖୋର୍ଦ୍ଧା ଗୁରୁଜଙ୍ଗ ଖେଳପଡ଼ିଆରେ ଚାଲିଥିବା କପ୍ ୨୦-୨୦ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ଖୋର୍ଦ୍ଧା ଏଫ୍‌ସି ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ପାଇକ ତିଗିରିଆ ଆଦିବାସୀ ଜାଗରଣ କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଜାଗରଣ କ୍ଲବର ସୌମ୍ୟରଞ୍ଜନ ସ୍ୱାଇଁ ଓ ରାଜୁ ପ୍ରଧାନ ଗୋଟିଏ ଲେଖାଏ ଗୋଲ୍ କରିଥିଲେ। ବିଦେଶୀ ନାୟକ ରେଫ୍‌ରି ରହିଥିବା ବେଳେ ସାଗିର ମହମ୍ମଦ ଓ ଅମଜାଦ୍ ଖାଁ ଆସିଷ୍ଟାଣ୍ଟ ରେଫ୍‌ରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ଅବ୍ୟକ୍ତ କୁମାର ଖାଡାଙ୍ଗା ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ବୈକୁଣ୍ଠ ମହାନ୍ତି ଓ ଅହମ୍ମଦ ଖାନ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ନୂଆପଡ଼ାର ନୀଳମାଧବ କ୍ଲବ ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସଂଯୋଜକ ପ୍ରିୟବ୍ରତ ସାମନ୍ତରାୟ ସୂଚନା ଦେଇଛନ୍ତି।

# ମ୍ୟୁନିସିପାଲିଟିରୁ ବେତନ, ଘରୋଇ ସଂସ୍ଥାରେ କାମ

- ସହରର ଷ୍ଟ୍ରିଟଲାଇଟ୍ ବ୍ୟବସ୍ଥା ନେଇ ଅସନ୍ତୋଷ
- ପୁରୁଣା ଖୁଣ୍ଟ, ତାର ପରିବର୍ତ୍ତନ ହେଉନାହିଁ
- ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉନାହିଁ
- ଅନ୍ଧାରରେ ଅନେକ ଅଞ୍ଚଳ



ଜଟଣୀ,୪।୨(ଡି.ଏନ.ଏ.)

ପୂର୍ବରୁ ସହରାଞ୍ଚଳ ଷ୍ଟ୍ରିଟ ଲାଇଟ୍ ଦାୟିତ୍ୱ ମ୍ୟୁନିସିପାଲିଟି ଅଧୀନରେ ଥିଲା। ହେଲେ ଏହା ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଛି। ହେଲେ ମ୍ୟୁନିସିପାଲିଟିରୁ ବେତନ ନେଉଥିବା କର୍ମଚାରୀମାନେ ଘରୋଇ ସଂସ୍ଥାରେ କାମ କରୁଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଓ ଘରୋଇ ସଂସ୍ଥା ମଧ୍ୟରେ ୨୦୧୭ରେ ଏ ନେଇ ଚୁକ୍ତିନାମା ହୋଇଛି। ଫଳରେ ଘରୋଇ ସଂସ୍ଥା ଦ୍ୱାରା ରାଜ୍ୟର ବିଭିନ୍ନ ସହରର ଆଲୋକୀକରଣ କରାଯାଉଛି। ଷ୍ଟ୍ରିଟ୍‌ଲାଇଟ୍ ନେଇ ମ୍ୟୁନିସିପାଲିଟିର ବିଶେଷ ଦାୟିତ୍ୱ ରହି ନ ଥିଲେ ମଧ୍ୟ ଏହାର ତଦାରଖ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଟଣୀ ପୌରାଞ୍ଚଳରେ ୨୦୧୮ରୁ ଘରୋଇ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ସମ୍ପୃକ୍ତ ସଂସ୍ଥାର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ପୂର୍ବରୁ ଲାଗିଥିବା ସୋଡ଼ିୟମ ଏବଂ ସିଏଫ୍ଏଲ୍ ଲାଇଟ୍ ପରିବର୍ତ୍ତେ ଏଲ୍‌ଇଡି ଲାଇଟ୍ ଲଗାଇବା, ଦୁର୍ବଳ ଅବସ୍ଥାରେ ଥିବା ଓ ଆବଶ୍ୟକ ହେଉଥିବା ସ୍ଥାନରେ ନୂତନ ଖୁଣ୍ଟ ସ୍ଥାପନ ସହ ପୁରୁଣା ତାର ପରିବର୍ତ୍ତନ ଏହି ଘରୋଇ ସଂସ୍ଥା କରିବା କଥା। ଏଥିସହ ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ଅଧୀନରେ ରହିଛି। ହେଲେ ଦାୟିତ୍ୱରେ ଥିବା ସଂସ୍ଥା ଠିକ୍ ଭାବେ ଏହା ନିର୍ବାହ କରୁ ନ ଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଉପୁଡି ପଡିଥିବା ଓ ଦୁର୍ବଳ ଅବସ୍ଥାରେ ଥିବା ସ୍ଥାନରେ ନୂତନ ଖୁଣ୍ଟ ଲଗାଯାଉନାହିଁ। ଅନେକ ଖୁଣ୍ଟରେ ପୁରୁଣା ସିଏଫ୍ଏଲ୍ ବଲ୍, ସୋଡିୟମ୍ ଲାଇଟ୍ ଏବେ ବି ଲାଗିକି ରହିଛି। ତାହା ପରିବର୍ତ୍ତନ କରି ଏଲ୍‌ଇଡି ଲାଇଟ୍ ଲଗାଯାଉନାହିଁ। ବହୁ ଖୁଣ୍ଟରେ ଏଯାବତ୍ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା କରାଯାଇନାହିଁ। ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଲେ ମଧ୍ୟ କେହି ଧ୍ୟାନ ଦେଉନାହାନ୍ତି। ଘରୋଇ ସଂସ୍ଥା ଦାୟିତ୍ୱ ନେବା ପରେ ସହରର ଆଲୋକୀକରଣ ବ୍ୟବସ୍ଥା ଉନ୍ନତମାନର ହେବ ବୋଲି ଜନସାଧାରଣ ଆଶା ରଖିଥିଲେ। ହେଲେ ତାହା ନିରାଶ କରିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। ଷ୍ଟ୍ରିଟଲାଇଟ୍ ଖରାପ ବା ଫ୍ୟୁଜ୍ ହେଲେ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ନୂତନ ଲାଇଟ୍ ଲଗାଯାଉ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳ ଅନ୍ଧାରରେ ରହୁଛି।

## ଏମାନେ ଯାହା କୁହନ୍ତି...



“୨୨ ନଂ. ୱାର୍ଡରେ ଅନେକ ଖୁଣ୍ଟରେ ଏଯାବତ୍ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା କରାଯାଇନାହିଁ। ଅନେକ ସ୍ଥାନରେ ଖୁଣ୍ଟ ନ ଥିବାରୁ ସେହି ଅଞ୍ଚଳରେ ଲାଇଟ୍ ଲାଗି ନ ପାରି ଅନ୍ଧାରରେ ରହୁଛି। ଏ ନେଇ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି।

**- ଲୁସେନ୍ ରାୟ, ପୂର୍ବତନ କାଉନ୍‌ସିଲର, କୁଦିଆରୀ**



“ଅନେକ ଖୁଣ୍ଟରେ ଲାଇଟ୍ ଜଳୁନି। କେତେକ ଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ମଧ୍ୟ ଲାଗିନି। ଏହାଦ୍ୱାରା ଆମ ୱାର୍ଡର ଅନେକ ଅଞ୍ଚଳ ଅନ୍ଧାରରେ ରହିଛି। ଷ୍ଟ୍ରିଟ୍‌ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ମ୍ୟୁନିସିପାଲିଟି ପକ୍ଷରୁ ପୂର୍ବରୁ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନେ ଘରୋଇ ସଂସ୍ଥା ପାଇଁ ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି। ମ୍ୟୁନିସିପାଲିଟିରୁ ସେମାନେ ବେତନ ନେଉଥିବା ବେଳେ ଘରୋଇ ସଂସ୍ଥାରେ ପାଇଁ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ବେଆଇନ ଅଟେ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ।

**-ଅନନ୍ତ ବେହେରା, ପୂର୍ବତନ କାଉନ୍‌ସିଲର, ଜଟଣୀ**



“ସହରର ବିପର୍ଯ୍ୟସ୍ତ ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥାକୁ ନେଇ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅବଗତ କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସୁବ୍ୟବସ୍ଥିତ ଢଙ୍ଗରେ ସହରର ଆଲୋକୀକରଣ କରାଯାଉ। ଏହା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ।

**-ତିରୁପତି ଶତପଥୀ, ଭାଜପା ଜଟଣୀ ନଗର ସଭାପତି**

“ସବୁ ସ୍ଥାନରେ ଏଲ୍‌ଇଡି ଲାଇଟ୍ ଲାଗିବା, ଖୁଣ୍ଟ ଓ ତାର ପରିବର୍ତ୍ତନ ହେବା ନେଇ ଧ୍ୟାନ ଦିଆଯାଉଛି। ଆଉ ଯେଉଁ ଅଞ୍ଚଳରେ ଏହା ହୋଇନାହିଁ ସେଥିପାଇଁ ଗୁରୁତ୍ୱ ଦିଆଯିବ। ଦାୟିତ୍ୱରେ ଥିବା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯିବ। ଏହାଛଡ଼ା ମ୍ୟୁନିସିପାଲିଟି ଠିକା କର୍ମଚାରୀ ଘରୋଇ ସଂସ୍ଥା ପାଇଁ କାର୍ଯ୍ୟ କରିବାର ତଦନ୍ତ କରାଯିବ। ଜଟଣୀ ମ୍ୟୁନିସିପାଲିଟି ପ୍ରଶାସକଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

**-ତପନ କୁମାର ମହାପାତ୍ର, ନିର୍ବାହୀ ଅଧିକାରୀ, ଜଟଣୀ ମ୍ୟୁନିସିପାଲିଟି**

# ଭାଇରାଲ ଭିଡ଼ିଓକୁ ନେଇ ଥାନାରେ ଛାତ୍ରୀ

## ମାମଲା ରୁଜୁ, ପୋଲିସର ତନାଘନା

ବେଗୁନିଆ,୪।୨ (ଡି.ଏନ.ଏ.)– ଜନୈକା କଲେଜ ପଢୁଆ ଛାତ୍ରୀଙ୍କ ସହ ଜଣେ ଯୁବକଙ୍କ ଆପତ୍ତିଜନକ ଅବସ୍ଥାରେ ଥିବା ସମୟର ଭିଡିଓ ଭାଇରାଲ ହୋଇଛି। ଛାତ୍ରୀ ଜଣକ ବେଗୁନିଆ ଥାନାରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୨୪/୨୦ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୋଗରୁ ପ୍ରକାଶ, ବେଗୁନିଆ ଥାନା ବୋଲଗଡ ବ୍ଲକ ଅଞ୍ଚଳର କଲେଜ ଛାତ୍ରୀ ଫେସବୁକ୍‌ରେ ଚାଟିଂ କରି ଜଣେ ଯୁବକଙ୍କ ସହ ପ୍ରେମସମ୍ପର୍କ ରଖିଥିଲେ। ଛାତ୍ରୀ ଜଣକ ଏହି ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଯୁକ୍ତ ୩ରେ ପାଠ ପଢୁଥିବା ଜଣାପଡିଛି। ଛାତ୍ରୀ ଜଣକଙ୍କର ନିଜ ଘର ନୟାଗଡ ଜିଲା ଅଞ୍ଚଳରେ ହୋଇଥିବା ବେଳେ ସେ ଏହି ଥାନା ଅଞ୍ଚଳରେ ନିଜ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଛନ୍ତି। ଭଲ ପାଉଥିବା ଯୁବକଙ୍କ ଘର ବାଲେଶ୍ୱର ଅଞ୍ଚଳରେ ବୋଲି ଯୁବତୀଙ୍କୁ ଠିକଣା ମିଳିଛି। ୪ ବର୍ଷ ହେଲା ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢି ଉଠିଥିଲା ବୋଲି କୁହାଯାଉଛି। ମାତ୍ର ଏବେ ପ୍ରେମରେ ଫିକା ପଡିଯିବାରୁ ଯୁବକ ଜଣକ ଏକ ଅନ୍ତରଙ୍ଗ ମୁହୂର୍ତ୍ତର ଦୃଶ୍ୟ ମୋବାଇଲରେ ଭିଡିଓ ରେକର୍ଡିଂ କରି ରଖିଥିଲେ। ତାହାକୁ ଭାଇରାଲ କରି ଦେଇଛନ୍ତି। ଏ ନେଇ ଛାତ୍ରୀଙ୍କ ଥାନାରେ ଅଭିଯୋଗ ପରେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ପୋଲିସ ଭିଡିଓର ସତ୍ୟାତାକୁ ଆଧାର କରି ତଦନ୍ତକୁ ତ୍ୱରାନ୍ୱିତ କରିଥିବା ସୂଚନା ମିଳିଛି।

# ଜିଲାସ୍ତରୀୟ ବିଶ୍ୱ କର୍କଟ ରୋଗ ଦିବସ

ଜଟଣୀ,୪।୨(ଡି.ଏନ.ଏ.):

ଖୋର୍ଦ୍ଧା ଜିଲାସ୍ତରୀୟ ବିଶ୍ୱ କର୍କଟ ରୋଗ ଦିବସ ମଙ୍ଗଳବାର ପାଳିତ ହୋଇଛି। ‘କର୍କଟ ବିରୋଧରେ ଲଢୁଛି, ଲଢ଼ିବି’ ବାର୍ତ୍ତା ଦେଇ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରାଲି ବାହାରିଥିଲା। ଖୋର୍ଦ୍ଧା ନର୍ସିଂ ସ୍କୁଲ ଓ କୁନ୍ତଳା ନର୍ସିଂ ସ୍କୁଲର ଅନେକ ଛାତ୍ରୀ ଏହି ସଚେତନତା ରାଲିରେ ଅଂଶଗ୍ରହଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି ଏହାର ଶୁଭାରମ୍ଭ କରିଥିଲେ। ସେହିପରି ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଡା. ପ୍ରଫୁଲ୍ଲ କୁମାର ପଣ୍ଡା, ଡା. ଇନ୍ଦିରା ରଥ, ଓପିଡେମୋଲୋଜିଷ୍ଟ ଡା. ବାସୁଦେବ ପାତ୍ର ପ୍ରମୁଖ କର୍କଟ ରୋଗର କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। କର୍କଟ ରୋଗକୁ ପ୍ରଥମାବସ୍ଥାରେ ଚିହ୍ନଟ କରି ଚିକିତ୍ସା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ କର୍କଟ ରୋଗର ଚିକିତ୍ସା ଓ କେମୋଥେରାପି ବ୍ୟବସ୍ଥା କରାଯାଇଥିବା ନେଇ ସୂଚନା ଦେଇଥିଲେ। ଏହାର ଲକ୍ଷଣ ଓ ଚିକିତ୍ସା ଉପରେ କହିବା ସହ ରୋଗ ଭଲ ହୋଇପାରିବ ବୋଲି କହିଥିଲେ। ଖାଦ୍ୟ ଓ ଜୀବନଶୈଳୀ ଠିକ୍ ରହିବା ସହ ତମାଖୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ରୋଗର ପ୍ରତିରୋଧକ ଶକ୍ତି ମିଳୁଥିବା ବିଭିନ୍ନ ଖାଦ୍ୟ ଉପରେ ବକ୍ତାମାନେ ସୂଚନା ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ।




ଖୋର୍ଦ୍ଧା ସହରରେ ପିଲାମାନଙ୍କ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ହାତୀ ଉଜାଡ଼ିଲେ ଧାନ, ପରିବା ଫସଲ



ହାତୀ ବାରିରେ ପଶି ନଷ୍ଟ କରିଥିବା ଅମଳ ଧାନ ।



ଜମିରୁ ପରିବା ଫସଲ ହାତୀ ଦଳି ନଷ୍ଟ କରିଦେଇଛି ।

ବେଗୁନିଆ,୪।୨ (ଡି.ଏନ.ଏ.)

ବେଗୁନିଆ ବ୍ଲକର ପ୍ରାୟ ୭ଟି ପଞ୍ଚାୟତ ଅଞ୍ଚଳରେ ଦୀର୍ଘଦିନ ହେଲା ହାତୀ ଆତଙ୍କ ଦେଖାଦେଇଛି। ହାତୀ ପଲ ଗାଁ ମୁହାଁ ହୋଇ ଜମିରେ ହୋଇଥିବା ପରିବା ଫସଲକୁ ଖାଇବା ସହ ଦଳିଚକଟି ପକାଇଛନ୍ତି। ଆଇ କେତେଗୋଟି ଗାଁରେ ପଶି ଅମଳ ହୋଇ ବାରିରେ ଥିବା ଧାନ ବସ୍ତାକୁ ଫିଙ୍ଗି ନଷ୍ଟ କରିବା ସହ ଧାନ ଖାଇଛନ୍ତି। ଜାନୁୟାରୀରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଏବେ ସୁଦ୍ଧା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ହେଲେ ଆଉ କେତେ କ୍ଷତି ହେଲେ ବନ ବିଭାଗ, ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ଚେତିବ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ବନ ବିଭାଗ ପକ୍ଷରୁ ହାତୀ ପଲକୁ ଘଉଡାଇ ଚନ୍ଦକା ଜଙ୍ଗଲକୁ ନିଆଯାଉନାହିଁ କି ଦୈନନ୍ଦିନ ପାଟ୍ରୋଲିଂ କରାଯାଉନାହିଁ। ଏ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି।

ସୂଚନାଯୋଗ୍ୟ, ସିକୋ, ହଜ, ବୋତଲମା, ଶଗଡଭଙ୍ଗା, ହୀରାପୁର, ଦେଉଳି ଏବଂ ପରିଛଳ ପଞ୍ଚାୟତରେ ୫ଟି ହାତୀ ସୋମବାର ଏବଂ ମଙ୍ଗଳବାର ପଶି ବହୁ ଧନ ସମ୍ପତ୍ତି ନଷ୍ଟ କରିଥିବା ଜଣାପଡିଛି। ବେତରଜଙ୍ଗ ଗାଁର ଚାଷୀ ନରେନ୍ଦ୍ର କୁମାର ସେନାପତିଙ୍କ ପରିବା ଫସଲ, ସୁରେନ୍ଦ୍ର କୁମାର ସେନାପତିଙ୍କ ବାରିରେ ଥିବା ଅମଳ ଧାନ ବସ୍ତାକୁ କୁଦି ନଷ୍ଟ କରି ପକାଇଛନ୍ତି। ସେହିପରି ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ଗୋବିନ୍ଦ ଚନ୍ଦ୍ର ସେନାପତିଙ୍କ କଦଳୀ ବଗିଚାରେ ପଶି ବହୁ ଗଛ ଭାଙ୍ଗି ନଷ୍ଟ କରି ଦେଇଛନ୍ତି। ଗୋପାଳକୃଷ୍ଣ ପାଇକରାୟ, ସନ୍ତୋଷ ବେହେରା, ମହେଶ୍ୱର ସ୍ୱାଇଁ ଏବଂ ରାମଚନ୍ଦ୍ର ସେନାପତିଙ୍କ ପରିବା ଫସଲ ନଷ୍ଟ କରିବା ସହ ଅମଳ ଧାନକୁ ମଧ୍ୟ ଫୋପାଡି ଦଳି ଚକଟି ପାକଇଛନ୍ତି। ତେବେ ଗୋଟିଏ ଦିନରେ ହାତୀ ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ କ୍ଷତି ଘଟାଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ତେବେ ବନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ବିନ୍ଦୁସାଗରରେ ପକ୍ଷୀ ମଡ଼କ, ବାର୍ଡ ଫ୍ଲୁ ସନ୍ଦେହ

ପୁରୁଣା ଭୁବନେଶ୍ୱର,୪।୨ (ଡି.ଏନ.ଏ.)– ପୁରୁଣା ଭୁବନେଶ୍ୱର ବିନ୍ଦୁସାଗର କୂଳରେ କେତେଗୋଟି ପାରା ଓ ଅନ୍ୟ ଚଢେଇ ମରି ପଡିଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। କେଉଁ କାରଣରୁ ପକ୍ଷୀ ସବୁ ମରିଛନ୍ତି ଜଣା ପଡି ନ ଥିଲେ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ଓୟୁଏଟିରେ ବାର୍ଡ ଫ୍ଲୁ ବ୍ୟାପିଥିବା ଯୋଗୁ ଏଭଳି ଘଟିଥିବା ଆଶଙ୍କା କରାଯାଉଛି। କିଛିଦିନ ତଳେ ସରକାରଙ୍କ ପକ୍ଷରୁ ବାର୍ଡ ଫ୍ଲୁ ବ୍ୟାପିବାର ସମସ୍ତ ସମ୍ଭାବନା ଏଡାଇବାକୁ ସରକାରୀ ସ୍ତରରେ ଉଭୟ କେନ୍ଦ୍ର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଗାଇଡ ଲାଇନ୍ ପାଳନ କରାଯାଉଥିବା ପ୍ରକାଶ ପାଇଥିଲା। ଓୟୁଏଟି ପରିସରରେ ବାର୍ଡ ଫ୍ଲୁ ନିରାକରଣ ନେଇ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର ଅନୁଯାୟୀ ପଦକ୍ଷେପ ନିଆଯାଇଥିବା କେନ୍ଦ୍ରୀୟ ପ୍ରତିନିଧି ସଦସ୍ୟ ଦେବାଶିଷ ଭଟ୍ଟାଚାର୍ଯ୍ୟ କହିଥିଲେ। ତଥାପି ସ୍ଥିତି ପରଖିବାକୁ ୧୦ ଦିନ ଏଠାରେ ରହି ବ୍ଲଡ ଫ୍ଲୁ ନ ବ୍ୟାପିବାକୁ ଓୟୁଏଟିଠାରୁ ୩ରୁ ୧୦ କିମି ଅଞ୍ଚଳ ମଧ୍ୟରେ ବିଭିନ୍ନ ସ୍ଥାନରୁ ପକ୍ଷୀଙ୍କ ରକ୍ତ ନମୁନା ସଂଗ୍ରହ କରି ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ହାଇ ସିକ୍ୟୁରିଟି ଆନିମଲ ଡିଜିଜେଶ ଇନ୍ ଭୋପାଲ ପଠାଇବା ବ୍ୟବସ୍ଥା କରିଥିବା ଜଣାପଡିଛି। ଏଥିସହ ସରକାର ମଧ୍ୟ ଆନିମଲ ରିସୋର୍ସେସ ଡେଭେଲପମେଣ୍ଟ ଡିପାର୍ଟମେଣ୍ଟ ଏକ ଉଚ୍ଚସ୍ତରୀୟ ବୈଠକରେ ଲୋକସେବା ଭବନରେ ପକ୍ଷୀଙ୍କ ଉପରେ ଗବେଷଣା କେନ୍ଦ୍ର ସହରଠାରୁ ଦୂରରେ ବ୍ୟବସ୍ଥା ଦେଇ ନେଇ ଯୋଜନା କରାଯାଇଛି।

# ୨ଦିନ ପରେ ମଧ୍ୟ ଧରାପଡିନି ଅଭିଯୁକ୍ତ

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା

ନିରାକାରପୁର,୪।୨(ଡି.ଏନ.ଏ.)–

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଘଟଣାକୁ ୨ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏ ଯାଏଁ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇ ନାହିଁ।

ଥାନାରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ରବିବାର ଅପରାହ୍ନରେ ନାବାଳିକାଙ୍କ ଘରର ସଦସ୍ୟ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ସତ୍ୟ ସାହୁ (୫୨)ନାମକ ଜଣେ ବ୍ୟକ୍ତି ତାଙ୍କ ଘରେ ପଶି ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ସ୍ଥାନୀୟ ପୋଲିସକୁ ଖବର ଦେବା ସହିତ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ୧୬/୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଗ୍ରାମରେ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତ ଚତୁରତାର ସହିତ ପୋଲିସ ଆଖିରେ ଧୂଳି ଦେଇ ଖସିଯାଇଛି। ଏହି ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏ ଯାଏଁ ବଳାତ୍କାରୀକୁ ଧରିବାରେ ସକ୍ଷମ ହୋଇନାହିଁ। ଏନେଇ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ପଚାରିବାରେ ସେ କହିଥିଲେ ଖୁବ ଶୀଘ୍ର ଅଭିଯୁକ୍ତ ଧରାପଡିବ ।

# ଭଙ୍ଗାଗଲା କଟକୀ ମଠ

ପୁରୀ ଅଫିସ, ୪।୨:

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ ଅଭିଯାନ ଜାରି ରହିଛି। ମେଘନାଦ ପାଚେରିକୁ ଲାଗି ୭୫ ମିଟର ପରିଧି ମଧ୍ୟରେ ଥିବା ପ୍ଲଟରୁ ନିର୍ମାଣ ଉଚ୍ଛେଦ କରାଯାଉଛି। ସୋମବାର କାକୁଡ଼ିଖାଇ ଛକ ନିକଟ ନରସିଂହ ଆଚାରୀ ମଠର ବ୍ୟବସାୟିକ କୋଠା ଭଙ୍ଗାଯାଇଥିବାବେଳେ ମଙ୍ଗଳବାର ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା କଟକୀ ମଠ କୋଠା ଉଚ୍ଛେଦ ହୋଇଛି। ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହା ଭଙ୍ଗାଯାଇଛି।

୭୫ ମିଟର ମଧ୍ୟରେ କଟକୀ ମଠ ସମ୍ପୂର୍ଣ୍ଣ ଯାଉ ନ ଥିଲା। ତେଣୁ ଯେଉଁ ଅଂଶରେ ଚିହ୍ନ ଦିଆଯାଇଥିଲା ପୂର୍ବରୁ ମଠ ମହନ୍ତ ଲୋକ ଲଗାଇ କିଛି ଅଂଶକୁ ଭାଙ୍ଗିବା ସହ କବାଟ, ଝରକା ଆଦି ଖୋଲି ଦେଇଥିଲେ। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଚିହ୍ନଟ ନିର୍ମାଣ ଭଙ୍ଗାଯାଇଥିଲା। ତେବେ ଏହି ମଠ କୋଠା ଭଙ୍ଗାଯିବା ପୂର୍ବରୁ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଚ୍ଛେଦ ଲାଗି ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହେବା ସମୟରେ ମଠ ମୁଖ୍ୟ ପ୍ରବେଶ ପଥରେ ଆଳତି କରିଥିଲେ ମହନ୍ତ ଡ. ବିଜୟ ରାମାନୁଜ ଦାସ। ଦୀପ ଲଗାଇ କିଛି ସମୟ ଆଳତି କରିବା ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ଏକାଧିକ ମଠ ଭଙ୍ଗାଯାଇଥିଲେ ମଧ୍ୟ କୌଣସି ମଠରେ ଏଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। କିନ୍ତୁ କଟକୀ ମଠରେ ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା।

ଏ ସମ୍ପର୍କରେ ମଠ ମହନ୍ତ କହିଛନ୍ତି, ବାସ୍ତୁ ପୁରୁଷଙ୍କୁ ଧ୍ୟାନରେ ରଖି ଶିଳ୍ପ ଶାସ୍ତ୍ର ଅନୁସାରେ ମଠ ପ୍ରତିଷ୍ଠା ହୋଇଥାଏ। ସେ ସମୟରେ ବିଭିନ୍ନ ପୂଜାପାଠ, ଯଜ୍ଞ ଆଦି ଶୁଭ କର୍ମ ମଧ୍ୟ କରାଯାଇଥିବ। ମଠ କୌଣସି ସାଧାରଣ ଘରଟିଏ ନୁହେଁ। କାହିଁ କେଉଁ ଆବହମାନ କାଳରୁ ପ୍ରତିଷ୍ଠା କରାଯାଇଥିବା ଏହି ମଠକୁ ଏବେ ଭଙ୍ଗାଯାଉଛି। ମଠ ମୁଖ୍ୟ ପ୍ରବେଶ ପଥ ହେଉଛି ଶକ୍ତିର ବାଟ। ତେଣୁ ଏହାକୁ ଭାଙ୍ଗିଦେବା ପୂର୍ବରୁ ଅସହାୟ ଏବଂ କ୍ଷମା ପ୍ରାର୍ଥନା କରି ସରକାରଙ୍କ ନିୟମକୁ ମାନି କେବଳ ସହମତି ପ୍ରକାଶ କରୁଛୁ ବୋଲି ଜନସାଧାରଣ, ଭକ୍ତ, ମଠର ଶୁଭେଚ୍ଛୁ ସମସ୍ତଙ୍କ ପକ୍ଷରୁ ବାସ୍ତୁ ପୁରୁଷଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ପ୍ରବେଶ ପଥରେ ଏହି ଆଳତି କରିଥିଲି ବୋଲି ମହନ୍ତ ଡ. ଦାସ କହିଛନ୍ତି। ଉଚ୍ଛେଦ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୁରକ୍ଷା ଜୋନରେ ଥିବା ମଠ ଉଚ୍ଛେଦ ବେଳେ ପ୍ରଥମେ ମଠ ଐତିହ୍ୟକୁ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଠାକୁରଙ୍କ ବିଜେସ୍ଥଳୀ, ଗାଦିଘର ଆଦିକୁ ସୁରକ୍ଷିତ ଭାବେ ରଖାଯାଇ ବ୍ୟବସାୟିକ କୋଠା ଭଙ୍ଗାଯାଉଛି । ଏଥିରେ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପର୍ଯ୍ୟାୟକ୍ରମେ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

# ଗରିବ ହଟିଲେ, ବଡ଼ବଡ଼ିଆଙ୍କୁ ମାଫ୍

ବେଗୁନିଆ,୪।୨ (ଡି.ଏନ.ଏ.)

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ଘଟଣା

ବେଗୁନିଆ ତହସିଲ ଅଧୀନ ସଦର ମହକୁମାରେ ଥିବା ଜାଗିରିବାଡ ଓ ବେଗୁନିଆ ମୌଜାରେ କେତେଜଣ ଦୋକାନୀ ଜବରଦଖଲ କରିଥିବା ନେଇ ଅଭିଯୋଗ ଉଠିଥିଲା। ଗୋଚର ଜମିରେ କ୍ୟାବିନ୍ ପକାଇ ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖି ସେମାନେ ବ୍ୟବସାୟ କରି ଆସୁଥିଲେ। ଉଚ୍ଛେଦ କରିବାକୁ ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। ମାତ୍ର ୧୫ ଦିନ ଗଡି ଯାଇଥିଲେ ମଧ୍ୟ ଏଯାଏ ଉଚ୍ଛେଦ କରାଗଲାନାହିଁ। ଜବରଦଖଲରେ ଥିବା କେତେଜଣ ଗରିବ ଦୋକାନୀ ସରକାରୀ ନିୟମକୁ ସମ୍ମାନ ଜଣାଇ ହଟି ଯାଇଛନ୍ତି। ହେଲେ କେତେଜଣ ବଡବଡିଆ ବ୍ୟବସାୟୀ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଜବରଦଖଲରୁ ହଟୁନାହାନ୍ତି। କ୍ୟାବିନ ଉଠାଇ ନେଇଥିବା ଗରିବ ଦୋକାନୀମାନେ ଗୁଜୁରାଣ ମେଣ୍ଟାଇବାକୁ ରାହା ଖୋଜୁଛନ୍ତି। ଏପରି କି ସେମାନଙ୍କୁ ଅନ୍ୟ କେଉଁଠାରେ ଥଇଥାନ କରିବାକୁ ସୋମବାର ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



ରାସ୍ତା କଡରେ ଥିବା ଦୋକାନ ।

ବେଗୁନିଆ ବ୍ଲକ ଛକରେ ଥିବା ଜାଗିରିବାଡ ମୌଜା ଖାତା ନଂ. ୪୯୦, ପ୍ଲଟ ନଂ. ୪୭୬ ଏବଂ କିସମ ଗୋଚର ଜମିରେ କେତେଜଣ ବ୍ୟକ୍ତି କ୍ୟାବିନ ପକାଇ ଜବରଦଖଲ କରିଛନ୍ତି। ଅଭିଯୋଗ ହେବା ପରେ ଜବରଦଖଲରୁ ହଟିବାକୁ ତହସିଲ ପକ୍ଷରୁ ନଂ. ୧୨୧/୨୦।୧।୨୦ରେ ସର୍ବସାଧାରଣ ନୋଟିସ କରାଯାଇଥିଲା। ୭ ଦିନ ମଧ୍ୟରେ ଅବରୋଧରୁ ନ ହଟିଲେ ବିଧି ମୁତାବକ ତହସିଲ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। କେତେଜଣ ବ୍ୟକ୍ତି ଜବରଦଖଲରୁ ହଟି ଯାଇଥିବା ବେଳେ ଅନ୍ୟମାନଙ୍କୁ ଉଚ୍ଛେଦ କରାଗଲାନାହିଁ। ଯଦି ଆମେ ହଟିଲୁ ତେବେ ବିଜୁ ପଟ୍ଟନାୟକ ପାର୍କଠାରୁ ଥାନା ପର୍ଯ୍ୟନ୍ତ ୫୭ ନଂ. ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଥିବା ସରକାରୀ ଏବଂ ଗୋଚର ଜମିରୁ ଅବରୋଧ ହଟା ଯାଉ ବୋଲି ଧୋବା ସ୍ୱାଇଁ, ଅଗାଧୁ ସାହୁ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ବିବେକାନନ୍ଦ ପରିଡାଙ୍କୁ ପଚାରିବାରେ ଜବରଦଖଲ ଉଚ୍ଛେଦ ସମୟ ଗଡି ଯାଇଥିଲେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
-ଜନ୍ ରସ୍କିନ୍

# ବନ୍ଧୁକ ମାଡ଼ରେ ଡାକ୍ତରୀ ଛାତ୍ର ଆହତ

■ମୋବାଇଲ ଫୋନ୍ ଲୁଟ୍ ଉଦ୍ୟମ ବେଳେ ପ୍ରତିରୋଧ
■ଲୁଟେରାଙ୍କୁ ଗିରଫ ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

ପୁରୀ ଅଫିସ, ୪।୨:

ଶ୍ରୀକ୍ଷେତ୍ରରେ ମାତିଛନ୍ତି ଲୁଟେରା। ଏମାନଙ୍କ ଟାର୍ଗେଟରେ ରହିଛନ୍ତି କଲେଜ ଛାତ୍ରୀଛାତ୍ର। ମଙ୍ଗଳବାର ଜଣେ ଡାକ୍ତରୀ ଛାତ୍ରଙ୍କଠାରୁ ମୋବାଇଲ ଫୋନ୍ ଲୁଟ ଉଦ୍ୟମ ହୋଇଛି। ଏହି ସମୟରେ ସେ ପ୍ରତିରୋଧ କରିବାରୁ ଲୁଟେରାଙ୍କ ବନ୍ଧୁକ ମାଡ଼ରେ ଆହତ ହୋଇଛନ୍ତି। ସମ୍ପୃକ୍ତ ଛାତ୍ର ଜଣକ ହେଲେ ଗୋପବନ୍ଧୁ ଆୟୁର୍ବେଦ କଲେଜର ଦ୍ୱିତୀୟ ବର୍ଷ ଛାତ୍ର ଜନ୍ମେଜୟ ମନ୍ତ୍ରୀ। ଏହି ଘଟଣାକୁ ନେଇ କଲେଜର ଛାତ୍ରୀଛାତ୍ରମାନେ ରାତି ୮ଟାରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ, କଲେଜ କ୍ୟାମ୍ପସରେ ଅସାମାଜିକଙ୍କୁ ପୂରାଇ ନ ଦେବା, ନିକଟସ୍ଥ ମଦ କାଉଣ୍ଟର ବନ୍ଦ କରାଯିବା ଆଦି ଦାବିରେ କଲେଜ ସମ୍ମୁଖ ଭିଆଇପି ରୋଡ଼ରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଓ ପୋଲିସ ପହଞ୍ଚି ବୁଝାଶୁଝା କରିବା ସତ୍ତ୍ୱେ ସେମାନେ ନିଜ ଜିଦ୍‌ରେ ଅଟଳ ଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲା। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଦାବି ସମ୍ପର୍କରେ ଜିଲାପ୍ରଶାସନ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ ପ୍ରଫେସର ସୁଦର୍ଶନ ବେହେରା କହିଛନ୍ତି ।

ସୂଚନା ଅନୁଯାୟୀ, ଜନ୍ମେଜୟ ପୂର୍ବାହ୍ନରେ କୁମ୍ଭାରପଡ଼ା ଥାନା ଅଧୀନ ଦଉଡୋଟା ନିକଟରେ ଚାଲି ଚାଲି ମୋବାଇଲ ଫୋନ୍‌ରେ କଥା ହୋଇ ଆସୁଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଫୋନ୍ ଝାମ୍ପିଥିଲେ। ମାତ୍ର ନେଇ ନ ପାରିବାରୁ ବନ୍ଧୁକ ଦେଖାଇଥିଲେ। ଜନ୍ମେଜୟ ବନ୍ଧୁକ ଦେଖି ଦୌଡ଼ିବା ବେଳେ ସେମାନେ ପଛପଟୁ ତାଙ୍କ ଶାର୍ଟ ଟାଣି ଦେଇଥିଲେ। ଫଳରେ ଜନ୍ମେଜୟଙ୍କ ଶାର୍ଟ ଚିରିଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଜନ୍ମେଜୟ ବନ୍ଧୁକ ମାଡ଼ରେ ତାଙ୍କ ଡାହାଣ ହାତରେ ଆଘାତ ଲାଗିଛି। ଜନ୍ମେଜୟ ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ କୁଳମଣି ସେଠୀ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି। ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ଗିରଫ ଦାବିରେ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିଥିଲେ। ତଦନ୍ତ ଜାରି ରହିଛି ଏବଂ ସିସିଟିଭି ଫୁଟେଜ ଯାଞ୍ଚ କରାଯିବ ବୋଲି ଥାନାଧିକାରୀ ସେଠୀ କହିଛନ୍ତି। ଉକ୍ତ ଅଞ୍ଚଳରେ ଏହା ତୃତୀୟ ଘଟଣା। ପୂର୍ବରୁ କଲେଜ ରୋଡରେ ଦ୍ୱିପ୍ରହରରେ ଜଣେ ଛାତ୍ରୀ ମୋବାଇଲ ଫୋନ୍‌ରେ କଥା ହୋଇ ଯାଉଥିବାବେଳେ ଦୁଇଜଣ ଯୁବକ ତାଙ୍କଠାରୁ ଫୋନ୍ ଝାମ୍ପିନେଇଥିଲେ।



କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀମାନେ ରାସ୍ତା ଅବରୋଧ କରିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈକି ଗଡ଼ିଲି ଚାଉଳ ଧୋଇଲି**
**ମାଡ଼ିଲି ମଣ୍ଡା ଗାଗର**
**ମା'କୁ କହିବ କାନ୍ଦିବ ନାହିଁ**
**ଜୋଇଁ ତା' ଗୁଣ ସାଗର ।**

ଜୋଇଁ ଯଦି ଭଲ ଗୁଣର ହୋଇଥାଏ ତା'ହେଲେ ଯେତେ କଷଣ ପଡ଼ିଲେ ମଧ୍ୟ ଝିଅ ସେସବୁ ସହ୍ୟ କରିନେଇଥାଏ। ଶାଶୁଘରେ ପାଇଟି କରୁଥିବା ଝିଅ ନିଜ ଦୁଃଖଦୁର୍ଦ୍ଦଶାକୁ ନେଇ ମନ ଉଣା ନ କରିବା ପାଇଁ ନିଜ ମା'କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାଳେ ନାଳେ ଗଲି ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜବନରେ ଦେହ ଛୁଆଁଛୁଇଁ**
**ଆଉ ଦିନେ ଭେଟ ନୋହିଲା ।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖା ଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# କଣାସ ଜୁନିୟର କଲେଜରେ ଛାତ୍ର ଅଶାନ୍ତି

■ବିଭିନ୍ନ ଦାବି ନେଇ ଧାରଣା
■ମୁଖ୍ୟ ଫାଟକରେ ତାଲା, ରାସ୍ତା ଅବରୋଧ

କଣାସ, ୪।୨(ସ୍ୱ.ପ୍ର.):

କଣାସ ଯୁକ୍ତଦୁଇ (ଜୁନିୟର) ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଛି। ବିଭିନ୍ନ ଦାବି ନେଇ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ଅଧ୍ୟାପକଙ୍କ କମନରୁମ୍‌ରେ ତାଲା ପକାଇବା ସହ ମହାବିଦ୍ୟାଳୟ ମୁଖ୍ୟଫାଟକ ଆଗରେ ଟାୟାର ଜାଳି ଧାରଣା ଦେଇଥିଲେ। ସେହିପରି କଣାସ-ଡେଲାଙ୍ଗ ରାସ୍ତାକୁ କଲେଜ ନିକଟରେ ଅବରୋଧ କରି ରଖିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଅନୁଯାୟୀ, ଦୀର୍ଘବର୍ଷ ହେଲା କଲେଜରେ ନାନା ସମସ୍ୟା ଲାଗିରହିଛି। ଛାତ୍ରୀଛାତ୍ରମାନେ ଆଜବେଷ୍ଟସ୍ ଘରେ ପଢୁଥିବାବେଳେ ବିଦ୍ୟୁତ ଆଲୋକ ଓ ଫ୍ୟାନ୍ ବ୍ୟବସ୍ଥା ନାହିଁ। ସେହିପରି କମନରୁମ୍, ସାଇକେଲ ଷ୍ଟାଣ୍ଡ, ଶୌଚାଳୟ ଓ ପରିସ୍ରାଗାର ଆଦି ସମସ୍ୟା ଦୂର ହୋଇପାରିନାହିଁ। ଏପରି କି ଦୀର୍ଘଦିନ ହେଲା ତର୍କଶାସ୍ତ୍ର ଅଧ୍ୟାପକ ନ ଥିବାରୁ ଛାତ୍ରୀଛାତ୍ରମାନେ ପାଠପଢା ନେଇ ହଇରାଣ ହେଉଛନ୍ତି। ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ପୂର୍ବରୁ ଅଧ୍ୟକ୍ଷା ସୌଭାଗିନୀ ବସନ୍ତିଆଙ୍କୁ ଅଭିଯୋଗ ଜଣାଇଥିଲେ। ମାତ୍ର ଅଧ୍ୟକ୍ଷା ନୂତନ ଅଧ୍ୟାପକ ନିଯୁକ୍ତି ଦେବା ପରିବର୍ତ୍ତେ ତାଙ୍କ ସ୍ୱାମୀ ତଥା ଚୁକ୍ତିଭିତ୍ତିକ ଅଧ୍ୟାପକ ଆଦିତ୍ୟ ବସନ୍ତିଆଙ୍କୁ ତର୍କଶାସ୍ତ୍ର ପଢାଇବା ପାଇଁ ଅନୁମତି ଦେଇଥିଲେ। ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରି ପୂର୍ବରୁ ପଢାଉଥିବା ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନାଙ୍କୁ ଅନୁମତି ଦେବାକୁ ଜିଦ୍ ଧରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କଣାସ ପୋଲିସ ଏବଂ ଅତିରିକ୍ତ ତହସିଲଦାର ସହଦେବ ସାହୁ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିସହ ଅଧ୍ୟକ୍ଷା ଓ ଟେଲିଫୋନ୍ ଯୋଗେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହିତ ଆଲୋଚନା କରିଥିଲେ। ମାର୍ଚ୍ଚ ୩ତାରିଖରେ ହେବାକୁ ଥିବା ବାର୍ଷିକ ପରୀକ୍ଷା ପର୍ଯ୍ୟନ୍ତ ଅଧ୍ୟାପକ ଜେନା ତର୍କଶାସ୍ତ୍ର ପଢାଇବେ ଏବଂ ମାସକ ମଧ୍ୟରେ ଶୌଚାଳୟ ଓ ପରିସ୍ରାଗାର ନିର୍ମାଣ କରାଯିବ ବୋଲି ଅଧ୍ୟକ୍ଷା ଏବଂ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ସଂକ୍ଷେପରେ

### ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କୋଣାର୍କ,୪।୨ (ଡି.ଏନ.ଏ): କୋଣାର୍କ ନିକଟସ୍ଥ ଅଚ୍ୟୁତପୁର ଗ୍ରାମରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସୋମବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଯୁବଗୋଷ୍ଠୀ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଂଜ୍ଞା, କ୍ଷୟକ୍ଷତି ଓ ମୁକାବିଲା, ବିପର୍ଯ୍ୟୟ ସମୟରେ ଧନ ଜୀବନ ରକ୍ଷା ସମ୍ବନ୍ଧୀୟ ସଚେତନ କରାଯାଇଥିଲା ଏନ୍‌ଡିଆର୍‌ଏଫ୍ ଟିମ୍ ଇନସ୍ପେକ୍ଟର ସୁବ୍ରତ ଭୋଇ ଓ ବି. ଚୌଧୁରୀଙ୍କ ସମେତ ଟିମ୍ ସଦସ୍ୟମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନୁସନ୍ଧାନ, ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ବିଭିନ୍ନ କୌଶଳମାନ ଶିଖାଇଥିଲେ । ଏହି ଅବସରରେ ଗୋପ୍ ବ୍ଲକ ବିଡିଓ ଦିପ୍ତିମୟୀ ଦାସ, ଅଚ୍ୟୁତପୁର ଗ୍ରାମପଞ୍ଚାୟତ ସରପଞ୍ଚ ଭକ୍ତବଲ୍ଲଭ ଦାଶ, ସୋଲାର କାର୍ଯ୍ୟକ୍ରମ ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା, ଓସଡମା ପ୍ରତିନିଧି ସନ୍ତୋଷ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ ।

# କର୍କଟ ରୋଗ ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ, ୪।୨ :

ବିଶ୍ୱ କର୍କଟ ଦିବସ ଅବସରରେ ମଙ୍ଗଳବାର ପୁରୀ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳକଣ୍ଠ ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଡା. ଲଳିତ ମୋହନ ଦାସ, ଡିପିଏମ୍ ଟି. ନାରାୟଣ ରାଓ, ଅଶୋକ କୁମାର କରଙ୍କ ସମେତ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ନର୍ସିଂ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। କର୍କଟ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସ୍ଲୋଗାନ ଏବଂ ପ୍ଲା କାର୍ଡ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ଜନସ୍ୱାସ୍ଥ୍ୟ ମୁଖ୍ୟ ବିରଜା ଶଙ୍କର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍କଟ ରୋଗ ପ୍ରତି ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ସ୍କୁଲ ପରିସର ସଫେଇ କଲେ ପୁରାତନ ଛାତ୍ରୀଛାତ୍ର

ଅସ୍ତରଙ୍ଗ, ୪।୨(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ଅଧୀନ କଣ୍ଟାପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍କୁଲ ପରିସର ସଫେଇ କରାଯାଇଛି। ଆସନ୍ତା ଏପ୍ରିଲ ମାସରେ ହେବାକୁ ଥିବା ରୌପ୍ୟ ଜୟନ୍ତୀ ଉତ୍ସବ ପାଇଁ ଏହି ସଫେଇ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ପୁରାତନ ଛାତ୍ର ଅଜିତ ସାହୁ, ଶରତ ବେହେରା, ଆଲୋକ ରଞ୍ଜନ ମହାନ୍ତି, ଆଶିଷ ମହାନ୍ତି, ଅଖିଳ କୁମାର ମହାନ୍ତି, ଆଦିତ୍ୟ ରାଉତ, ଲୁଲୁ ମିଶ୍ରଙ୍କ ସମେତ ବର୍ତ୍ତମାନର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ସୁକାନ୍ତ ପ୍ରଧାନ, ବୁଦ୍ଧେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପୁରାତନ ଛାତ୍ରମାନେ ବିଦ୍ୟାଳୟ ପରିସର ସଫେଇ କରୁଛନ୍ତି ।

# ଗ୍ରାମ ସଫେଇ ଓ ଯୁବ ସଚେତନତା କାର୍ଯ୍ୟକ୍ରମ

କୋଣାର୍କ,୪।୨(ଡି.ଏନ.ଏ) :

କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତର ବୋବୁଆ ଗ୍ରାମଠାରେ ପୁରୀ ଜିଲା ନେହେରୁ ଯୁବକେନ୍ଦ୍ର ସହାୟତାରେ ଆଜାଦ ହିନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ଗ୍ରାମ୍ୟ ସଫେଇ ଓ ଯୁବ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବକ ସଂଘର ସଭାପତି ଟୁଲୁ ପାତ୍ରଙ୍କ ନେତୃତ୍ୱରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଯୁବକ ଓ ବୁଦ୍ଧିଜୀବୀ ଏଥିରେ ଯୋଗଦେଇଥିଲେ। ଗ୍ରାମ ମଠରୁ ଗ୍ରାମର ଶେଷ ସୀମାରେ ଥିବା ଜଙ୍ଗଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଝାଡୁ ସାହାଯ୍ୟରେ ସଫେଇ କରାଯାଇଥିଲା। ଗ୍ରାମରେ ବିକାଶ ମୂଳକ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଯୁବକ ସଂଘର ସମ୍ପାଦକ ବାବୁରାମ ସାହୁ, କୋଷାଧ୍ୟକ୍ଷ ବାପିନ ସ୍ୱାଇଁ, ଦିଲୀପ ପାଇଟାଳ, ସୁଦର୍ଶନ ସାହୁ, ପ୍ରଶାନ୍ତ ପାତ୍ର, ସୁଦାମ ପାତ୍ର, ଶିବରାମ ପାତ୍ର, ଗୌତମ ପାତ୍ର ଓ ନିରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଲୋକେ ।

# ମାନବିକତାର ପରିଚୟ ଦେଲେ ଆମ୍ବୁଲାନ୍ସ ଡ୍ରାଇଭର

■ ଦୁର୍ଘଟଣାରେ ମୃତକଙ୍କ ହଜିଥିବା ଟଙ୍କା ଫେରାଇଲେ

କୋଣାର୍କ, ୪।୨(ଡି.ଏନ.ଏ):

ଗତ ୩୦ ତାରିଖରେ କୋଣାର୍କ-ପୁରୀ ବେଳାଭୂମି ରାସ୍ତାରେ ଟୁରିଷ୍ଟ ବସ୍‌କୁ ଯାତ୍ରୀବାହୀ ବସ୍ ଧକ୍କା ଦେବା ଘଟଣାରେ ଗୁରୁତର ଆହତ ହୋଇଥିଲେ ଷୋଳପୁଅ ମା' ବସ୍ ଡ୍ରାଇଭର ଅର୍ଜୁନ ମହାକୁଡ। ତାଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେହି ସମୟରେ ତାଙ୍କ ପକେଟରେ ଥିବା ୧୭ହଜାର ୧୨୦ ଟଙ୍କା ଆମ୍ବୁଲାନ୍ସରେ ଖସିପଡ଼ିଥିଲା। ଆମ୍ବୁଲାନ୍ସର ଡ୍ରାଇଭର ଅଶୋକ ରାଜଯୋଗୀ ଏହି ଟଙ୍କା ପାଇଥିଲେ। ସେ ନିଜ ମାନବିକତାର ପରିଚୟ ଦେଇ ସେହି ଟଙ୍କାକୁ ମଙ୍ଗଳବାର କୋଣାର୍କ ଥାନା ମାଧ୍ୟମରେ ଅର୍ଜୁନଙ୍କ ସ୍ତ୍ରୀ ଝୁଲିଆ ବେହେରାଙ୍କୁ ଡକାଇ ହସ୍ତାନ୍ତର କରିଛନ୍ତି। ଅଶୋକଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯିବା ସହ ଏଭଳି ମାନବିକତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି।



ଝୁଲିଆ ବେହେରାଙ୍କୁ ଆମ୍ବୁଲାନ୍ସର ଡ୍ରାଇଭର ଅଶୋକ ରାଜଯୋଗୀ ଟଙ୍କା ଫେରାଉଛନ୍ତି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଆଡଭାନ୍ସ ନେଉନ୍ତୁ ଧୋକା ଦେଉନ୍ତୁ
AMERICAN FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମୁଦ୍ରା, ବିଜ୍‌ନେସ୍, ଏଗ୍ରିକଲ୍ଚର
ସମସ୍ତ ଋଣ ମାତ୍ର 24 ଘଣ୍ଟାରେ।
2% ସୁଧ - 40% ସୁଧ
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
87654-96495
87654-73190
104, Wadala Udyog Bhavan, Maharashtra.

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
7664091295



ନିର୍ବୋଧମାନଙ୍କ ଅଭିଧାନରେ ହିଁ
ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ଲୋକନାଥ ପୀଠ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ ଆଜି

**ପୁରୀ ଅଫିସ, ୪।୨:** ଶ୍ରୀଲୋକନାଥଙ୍କ ପୀଠରେ ଜାଗର ଯାତ୍ରା ସୁପରିଚାଳନା ଲାଗି ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଲୋକନାଥ ମନ୍ଦିର କାର୍ଯ୍ୟାଳୟରେ ହେବାକୁ ଥିବା ଏହି ବୈଠକରେ ପ୍ରସ୍ତୁତି ପର୍ବ ନେଇ ଆଲୋଚନା କରାଯିବ। ଏଥିରେ ମନ୍ଦିର ଚୁନ ଧଉଳା, ପଙ୍କୋଦ୍ଧାର ଏକାଦଶୀ ଏବଂ ଜାଗର ଯାତ୍ରାର ପାଳିଆ ସେବାୟତଙ୍କ ସହିତ ଆଲୋଚନା ହେବ। ଏଥିସହ ପ୍ରାପ୍ୟ ପାଉଣା, ରହଣି ଭୋଗ, ଜାଗର ପଡ଼ିଆ ସଫା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଛି। ଜାଗରଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦିଆଯିବା ସହ ଏ ସଂକ୍ରାନ୍ତରେ ବୈଠକରେ ତର୍ଜମା କରାଯିବ।

### ବିଶ୍ୱମ୍ଭର ବିଦ୍ୟାପୀଠର ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି

#### ବର୍ଷେ ବ୍ୟାପୀ ଚାଲିବ କାର୍ଯ୍ୟକ୍ରମ

ପୁରୀ ଅଫିସ, ୪।୨ : ପୁରୀ ସହରର ଅନ୍ୟତମ ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଶ୍ୱମ୍ଭର ବିଦ୍ୟାପୀଠ ଆସନ୍ତା ଏପ୍ରିଲ ମାସଠାରୁ ଏକ ବର୍ଷ ବ୍ୟାପୀ ପ୍ଲାଟିନମ୍ ଜୁବିଲି ପାଳନ କରିବାକୁ ଯାଉଛି। ୧୯୪୫ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସେହି ସମୟରେ ରାଧାକାନ୍ତ ମଠ ମହନ୍ତ ବିଶ୍ୱମ୍ଭର ଦାସ ଗୋସ୍ୱାମୀ କୋଠା ନିର୍ମାଣ ଲାଗି ୧୦ହଜାର ଟଙ୍କା ଅନୁଦାନ ଦେଇଥିଲେ। ତାଙ୍କ ନାମାନୁସାରେ ଏହି ବିଦ୍ୟାଳୟର ନାମକରଣ ହୋଇଛି। ୧୯୬୯ ମସିହାରେ ଏହା ସରକାରୀ ମାନ୍ୟତା ଲାଭ କରିଥିଲା ବୋଲି ପ୍ରଧାନଶିକ୍ଷକ ସୁଶିଲ କୁମାର ବ୍ରହ୍ମା କହିଛନ୍ତି। ସେ କହିଛନ୍ତି, ପ୍ଲାଟିନମ୍ ଜୁବିଲି ପାଳନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ଆଲୁମିନି ଦ୍ୱାରା ଖସଡ଼ା ପ୍ରସ୍ତୁତ କରାଯିବ। ସେହିପରି ଏହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ମିଶ୍ର କହିଛନ୍ତି, ପୂର୍ବରୁ ଏଠାରେ ଆଙ୍ଗ୍ଲୋ ବେଙ୍ଗଲୀ ନାମରେ ଏକ ମଧ ଇଂରାଜୀ ବିଦ୍ୟାଳୟ ରହିଥିଲା। ତା' ଉପରେ ବଙ୍ଗାଳିମାନଙ୍କ କର୍ତ୍ତୃତ୍ୱ ଥିଲା। ସେହି ସମୟରେ ଦୁଇଜଣ ପ୍ରଖ୍ୟାତ ଆଇନଜୀବୀ ଲୋକନାଥ ପଟ୍ଟନାୟକ ଏବଂ ଆର୍ତ୍ତବନ୍ଧୁ ଦାସ ବିଦ୍ୟାଳୟରୁ ବଙ୍ଗାଳୀଙ୍କ କର୍ତ୍ତୃତ୍ୱ ହଟାଇବା ଲାଗି ଉଦ୍ୟମ ଆରମ୍ଭ କରିଥିଲେ। ମହନ୍ତ ବିଶ୍ୱମ୍ଭରଙ୍କ ସହଯୋଗରେ ଏହା ଉଚ୍ଚ ବିଦ୍ୟାଳୟରେ ପରିଣତ ହେଲା। ୪ଟି କୋଠରି ବିଶିଷ୍ଟ ଆଜବେଷ୍ଟସ ଛାତ ଘର ନିର୍ମାଣ କରାଯାଇ ପାଠପଢ଼ା ଆରମ୍ଭ ହୋଇଥିଲା। ସେତେବେଳେ ପ୍ରଧାନଶିକ୍ଷକ ଥିଲେ ଶ୍ରୀକୃଷ୍ଣ ମହାନ୍ତି ଏବଂ ସହକାରୀ ଶିକ୍ଷକ ଭାବେ ସୁଧିର ଚୌଧୁରୀ କାମ କରୁଥିଲେ। ୧୯୫୧ ମସିହାରେ ପଦ୍ମନାଭ ଦାସ ସହକାରୀ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିଲେ। ୧୯୫୨ ମସିହାରେ ଶ୍ରୀକୃଷ୍ଣ ମହାନ୍ତି ବିଦାୟ ନେଇଥିଲେ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# ଭଙ୍ଗାଗଲା କଟକୀ ମଠ



ମଠ ଉଚ୍ଛେଦ ପୂର୍ବରୁ ମହନ୍ତ ଡ. ବିଜୟ ରାମାନୁଜ ଦାସ ଆଳତି କରୁଛନ୍ତି।



ମଠକୁ ଜେସିବି ଯୋଗେ ଭଙ୍ଗାଯାଉଛି।

- ଉଚ୍ଛେଦ ବେଳେ ନିଆରା ଦୃଶ୍ୟ
- ପ୍ରବେଶ ପଥରେ ଆଳତି କଲେ ମହନ୍ତ

ପୁରୀ ଅଫିସ, ୪।୨

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ ଅଭିଯାନ ଜାରି ରହିଛି। ମେଘନାଦ ପାଚେରିକୁ ଲାଗି ୭୫ ମିଟର ପରିଧି ମଧ୍ୟରେ ଥିବା ପ୍ଲଟରୁ ନିର୍ମାଣ ଉଚ୍ଛେଦ କରାଯାଉଛି। ସୋମବାର କାକୁଡ଼ିଖାଇ ଛକ ନିକଟ ନରସିଂହ ଆଚାରୀ ମଠର ବ୍ୟବସାୟିକ କୋଠା ଭଙ୍ଗାଯାଇଥିବାବେଳେ ମଙ୍ଗଳବାର ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ଥିବା କଟକୀ ମଠ କୋଠା ଉଚ୍ଛେଦ ହୋଇଛି। ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହା ଭଙ୍ଗାଯାଇଛି।

୭୫ ମିଟର ମଧ୍ୟରେ କଟକୀ ମଠ ସମ୍ପୂର୍ଣ୍ଣ ଯାଉ ନ ଥିଲା। ତେଣୁ ଯେଉଁ ଅଂଶରେ ଚିହ୍ନ ଦିଆଯାଇଥିଲା ପୂର୍ବରୁ ମଠ ମହନ୍ତ ଲୋକ ଲଗାଇ କିଛି ଅଂଶକୁ ଭାଙ୍ଗିବା ସହ କବାଟ, ଝରକା ଆଦି ଖୋଲି ଦେଇଥିଲେ। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଚିହ୍ନଟ ନିର୍ମାଣ ଭଙ୍ଗାଯାଇଥିଲା। ତେବେ ଏହି ମଠ କୋଠା ଭଙ୍ଗାଯିବା ପୂର୍ବରୁ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ଉଚ୍ଛେଦ ଲାଗି ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହେବା ସମୟରେ ମଠ ମୁଖ୍ୟ ପ୍ରବେଶ ପଥରେ ଆଳତି କରିଥିଲେ ମହନ୍ତ ଡ. ବିଜୟ ରାମାନୁଜ ଦାସ। ଦୀପ ଲଗାଇ କିଛି ସମୟ ଆଳତି କରିବା ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ଏକାଧିକ ମଠ ଭଙ୍ଗାଯାଇଥିଲେ ମଧ୍ୟ କୌଣସି ମଠରେ ଏଭଳି ଦୃଶ୍ୟ ଦେଖିବାକୁ ମିଳି ନ ଥିଲା। କିନ୍ତୁ କଟକୀ ମଠରେ ଏହି ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା।

ଏ ସମ୍ପର୍କରେ ମଠ ମହନ୍ତ କହିଛନ୍ତି, ବାସ୍ତୁ ପୁରୁଷଙ୍କୁ ଧ୍ୟାନରେ ରଖି ଶିଳ୍ପ ଶାସ୍ତ୍ର ଅନୁସାରେ ମଠ ପ୍ରତିଷ୍ଠା ହୋଇଥାଏ। ସେ ସମୟରେ ବିଭିନ୍ନ ପୂଜାପାଠ, ଯଜ୍ଞ ଆଦି ଶୁଭ କର୍ମ ମଧ୍ୟ କରାଯାଇଥିବ। ମଠ କୌଣସି ସାଧାରଣ ଘରଟିଏ ନୁହେଁ। କାହିଁ କେଉଁ ଆବହମାନ କାଳରୁ ପ୍ରତିଷ୍ଠା କରାଯାଇଥିବା ଏହି ମଠକୁ ଏବେ ଭଙ୍ଗାଯାଉଛି। ମଠ ମୁଖ୍ୟ ପ୍ରବେଶ ପଥ ହେଉଛି ଶକ୍ତିର ବାଟ। ତେଣୁ ଏହାକୁ ଭାଙ୍ଗିଦେବା ପୂର୍ବରୁ ଅସହାୟ ଏବଂ କ୍ଷମା ପ୍ରାର୍ଥନା କରି ସରକାରଙ୍କ ନିୟମକୁ ମାନି କେବଳ ସହମତି ପ୍ରକାଶ କରୁଛୁ ବୋଲି ଜନସାଧାରଣ, ଭକ୍ତ, ମଠର ଶୁଭେଚ୍ଛୁ ସମସ୍ତଙ୍କ ପକ୍ଷରୁ ବାସ୍ତୁ ପୁରୁଷଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ପ୍ରବେଶ ପଥରେ ଏହି ଆଳତି କରିଥିଲି ବୋଲି ମହନ୍ତ ଡ. ଦାସ କହିଛନ୍ତି। ଉଚ୍ଛେଦ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୁରକ୍ଷା ଜୋନରେ ଥିବା ମଠ ଉଚ୍ଛେଦ ବେଳେ ପ୍ରଥମେ ମଠ ଐତିହ୍ୟକୁ ସଂରକ୍ଷଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଠାକୁରଙ୍କ ବିଜେସ୍ଥଳୀ, ଗାଦିଘର ଆଦିକୁ ସୁରକ୍ଷିତ ଭାବେ ରଖାଯାଇ ବ୍ୟବସାୟିକ କୋଠା ଭଙ୍ଗାଯାଉଛି । ଏଥିରେ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପର୍ଯ୍ୟାୟକ୍ରମେ ଏହି ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ କରି ବାଇକ ଲୁଟିଲେ

ପୁରୀ ଅଫିସ, ୪।୨

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ମେଡିକାଲ ଛକରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି କେତେଜଣ ଦୁର୍ବୃତ୍ତ ବାଇକ ଲୁଟି ନେଇଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଆହତ ଯୁବକ ହେଲେ ଲୋକନାଥ ରୋଡର ଅଜୟ କୁମାର ଦଳାଇ(୩୦)। ସୂଚନା ଅନୁଯାୟୀ, ଅଜୟଙ୍କ ମା' ମେଡିକାଲରେ ଚିକିତ୍ସାଧିନ ଥିଲେ। ମଙ୍ଗଳବାର ସେ ଡିସ୍‌ଚାର୍ଜ ହେବା ପରେ ମା'ଙ୍କୁ ନେଇ ଅଜୟ ଅଟୋ ଯୋଗେ ଘରେ ଛାଡ଼ିଥିଲେ। ପରେ କୌଣସି କାମରେ ବାଇକ ଧରି ମେଡିକାଲ ଛକକୁ ଆସି ଘରକୁ ଫେରୁଥିଲେ। ଏହି ସମୟରେ ପେଟ୍ରୋଲ ଟାଙ୍କି ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକ ଆଗକୁ ଆସି ଅଟକାଇଥିଲେ। ସେ କିଛି ବୁଝିବା ପୂର୍ବରୁ ହଠାତ ଅଜୟଙ୍କୁ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରି ବାଇକ୍ ଲୁଟି ଫେରାର ହୋଇଯାଇଥିଲେ ।

## ୨ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କଣାସ, ୪।୨(ସ୍ୱ.ପ୍ର.)

କଣାସ ବ୍ଲକ ବକୁ ପଞ୍ଚାୟତ ବକୁ ଗ୍ରାମର ମହାବୀର ପୀଠରେ ଗତ ୧ ତାରିଖଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ଶହ ଶହ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନୀରେ ପୂର୍ଣ୍ଣାହୂତି ସମ୍ପନ୍ନ କରାଯାଇଛି। ସେହିପରି ସାହସପୁର ଗ୍ରାମର ଗଡିଶ୍ୱର ଦେବଙ୍କ ପୀଠରେ ସୋମବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ଯୋଗଦେଇଥିବା ଦେଖିବାକୁ ମିଳିଛି। ଏହି କଳସଯାତ୍ରା ଗାଁ ପରିକ୍ରମା କରିଥିଲା।



ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

## ସାମୁଦ୍ରିକ ମାଛ ବିଷୟରେ ଜାଣିଲେ ଛାତ୍ରୀଛାତ୍ର

### ସଚେତନ ହେଲେ ମତ୍ସ୍ୟଜୀବୀ

ପୁରୀ ଅଫିସ, ୪।୨

ବଙ୍ଗୋପସାଗରରେ ପ୍ରାୟ ୭୦୦ ପ୍ରକାରର ମାଛ ରହୁଛନ୍ତି। ଏହି ମାଛଗୁଡ଼ିକ ସମ୍ପର୍କରେ ଗବେଷଣା ଓ ସଚେତନତା ଲାଗି ଓଡ଼ିଶାର ୪୮୦ କି.ମି. ଉପକୂଳ ଅଞ୍ଚଳ ଲାଗି ମାତ୍ର ଗୋଟିଏ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ର ପୁରୀରେ ରହିଛି। କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ରର ଏହି ପୁରୀ ଶାଖାରେ ମଙ୍ଗଳବାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କେବଳ ପ୍ରତିଷ୍ଠା ଦିବସରେ ଗୋଟିଏ ଦିନ ସର୍ବସାଧାରଣ ଏହି କେନ୍ଦ୍ର ପରିଦର୍ଶନ କରିଥାନ୍ତି। ଏହି ଅବସରରେ ଛାତ୍ରୀଛାତ୍ର ଏବଂ ମତ୍ସ୍ୟଜୀବୀମାନେ କେନ୍ଦ୍ର ପରିସର ବୁଲି ଦେଖିଥିଲେ। ଛାତ୍ରୀଛାତ୍ରମାନେ ସମୁଦ୍ରରେ କେତେ ପ୍ରକାର ଚିଙ୍ଗୁଡ଼ି, ମାଛ, କଙ୍କଡ଼ା ରହିଛନ୍ତି ସେ ସମ୍ପର୍କରେ ବୁଝିବା ସହ କେତେକ ମାଛ ଦେଖିଥିଲେ। ସେହିପରି ବିଭିନ୍ନ ପ୍ରକାର ମାଛର ଫଟୋଚିତ୍ର ମଧ ଦେଖିଥିଲେ। ପୁରୀ ସମୁଦ୍ରରେ ମାଛଙ୍କ ସ୍ଥିତି, ବଂଶ ବୃଦ୍ଧି, ଉତ୍ପାଦନ ଏବଂ ବିରଳ ମାଛ ଓ କଙ୍କଡ଼ାଙ୍କ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ଚିଲିକା ଓ ସମୁଦ୍ରରେ କଙ୍କଡ଼ା ଚାଷ ପାଇଁ ସ୍ୱତନ୍ତ୍ର ବାକ୍ସ ପ୍ରଦର୍ଶିତ ହୋଇଥିଲା। କେନ୍ଦ୍ରର ବୈଜ୍ଞାନିକମାନେ ମତ୍ସ୍ୟଜୀବୀଙ୍କୁ ଯାଆଁଳ ଏବଂ କେତେକ ବିରଳ ପ୍ରଜାତିର ମାଛ ନ ଧରିବା ପାଇଁ ସଚେତନ କରିଥିଲେ।



ଲୋକେ ସାମୁଦ୍ରିକ ମତ୍ସ୍ୟ ଅନୁସନ୍ଧାନ କେନ୍ଦ୍ର ପରିସର ବୁଲି ଦେଖୁଛନ୍ତି।

ଏହି ଅବସରରେ ପୁରୀ କେନ୍ଦ୍ରର ବୈଜ୍ଞାନିକ ଡ. ସୁବଳ କୁମାର ରାଉଳ କହିଛନ୍ତି, ମଣିଷ ଶରୀର ପାଇଁ କେତେକ ଲୁଣିମାଛ ବେଶ୍ ହିତକାରୀ। କୋକଲି, ମରୁଆ, ଇଲିଶି ଆଦି ଜାତୀୟ ଲୁଣି ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଥିବାରୁ ଏହା ରକ୍ତ ସଞ୍ଚାଳନ ପାଇଁ ଭଲ। ଏଥିସହ ମଣିଷ ଶରୀରରେ ଚର୍ବି ଅଂଶ କମାଇବା, ରକ୍ତଚାପ ଠିକ୍ କରିବା ଓ ମଧୁମେହ କମାଇବାରେ ସହାୟକ ହୋଇଥାଏ। ପୁରୀର ପେଣ୍ଠକଟା, କୋଣାର୍କର ଚନ୍ଦ୍ରଭାଗା ଏବଂ ଅସ୍ତରଙ୍ଗର ମତ୍ସ୍ୟଜୀବୀଙ୍କୁ ବିଭିନ୍ନ ମାଛ ସମ୍ପର୍କରେ ସଚେତନ କରାଯାଉଛି। କେଉଁ ମାଛକୁ ଧରିବେ ତାହା ମଧ୍ୟ ପରାମର୍ଶ ଦିଆଯାଉଛି ବୋଲି କହିଥିଲେ। ଅନ୍ୟତମ ବୈଜ୍ଞାନିକ ରାଜେଶ କୁମାର ପ୍ରଧାନ ମତ୍ସ୍ୟଜୀବୀ ଓ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

ନିମାପଡ଼ା,୪।୨(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୨୧ବର୍ଷୀୟା ଯୁବତୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୨୯/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଯୁବକ ଜଣକ ଉକ୍ତ ଗ୍ରାମର ଜଣେ ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ବିବାହ ପ୍ରତିଶ୍ରୁତି ଦେଇ ଗତ ଜାନୁୟାରୀ ୧୨ ତାରିଖରେ ଭୁବନେଶ୍ୱର ନେଇ ପଳାଇ ଆସିଥିଲେ। ଏହାପରେ ଉଭୟେ ଏକ ଭଡା ଘରେ ରହୁଥିଲେ। ପ୍ରାୟ ୨୦ଦିନ ଉଭୟ ଏକାଠି ରହିବା ପରେ କୌଣସି କାରଣରୁ ଯୁବତୀଙ୍କୁ ଭଡା ଘରେ ଛାଡି ଯୁବକ ଜଣଙ୍କ କେଉଁଆଡେ ପଳାଇଯାଇଥିଲେ। ଯୁବକ ଜଣଙ୍କ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା ଓ ତାଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିବା ଯୁବତୀ ଜଣକ ତାଙ୍କ ଅଭିଯୋଗପର୍ତ୍ତ୍ରରେ ଦର୍ଶାଇଛନ୍ତି। ମଙ୍ଗଳବାର ପୀଡ଼ିତା ଯୁବତୀଙ୍କୁ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡିଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଯୁବକଙ୍କୁ ଧରାଯିବ ବୋଲି ପୋଲିସ କହିଛି।

## ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ

- ବେଆଇନ ବାଲିଚାଲାଣ
- ରାଜସ୍ୱ ହରାଉଛନ୍ତି ସରକାର
- ବାଲିମାଫିଆ ମାଲାମାଲ୍

ପୁରୀ ଅଫିସ, ୪।୨

ଏକଦା ଉପକୂଳ ଅଞ୍ଚଳର ସୁରକ୍ଷା କବଚ ଭାବେ କାମ କରୁଥିଲା ବାଲୁକା ସ୍ତୂପ। ପ୍ରାକୃତିକ ପ୍ରାଚୀର କୁହାଯାଉଥିବା ଏହି ବାଲୁକା ସ୍ତୂପ ଝଡ଼ବାତ୍ୟା, ସାମୁଦ୍ରିକ ଲୁଣା ପବନକୁ ପ୍ରତିରୋଧ କରିଥାଏ। ସେହିପରି ବନ୍ୟା ସମୟରେ ମଧ ଏହା ବିଶେଷ ସାହାଯ୍ୟ କରେ। କେତେକ ଅଞ୍ଚଳରେ ବନ୍ୟାପାଣି ପ୍ରବେଶକୁ ରୋକିଥାଏ। ହେଲେ ଆଗ ଭଳି ଆଉ ଉପକୂଳବର୍ତ୍ତୀ ପୁରୀ ଜିଲାରେ ବାଲୁକା ସ୍ତୂପ ଦେଖିବାକୁ ମିଳୁନାହିଁ। ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ବାଲୁକା ସ୍ତୂପକୁ ଧ୍ୱଂସ କରିଦେଇଛି। ଏବେ ବେଳାଭୂମି ଓ ବିଭିନ୍ନ ନଦୀ ଉପରେ ଏମାନଙ୍କ ଆଖି ପଡ଼ିଛି। ଫଳରେ ବେଆଇନ ଭାବେ ବାଲି ଚାଲାଣ କରାଯାଉଛି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହେଲେ ବି ପଦକ୍ଷେପ ନିଆଯାଉନାହିଁ। ଏହାଦ୍ୱାରା ସରକାର ରାଜସ୍ୱ ହରାଉଥିବାବେଳେ ବାଲିମାଫିଆ ମାଲାମାଲ୍ ହେଉଛନ୍ତି। ପୁରୀ ସଦର ବ୍ଲକ ଅନ୍ତର୍ଗତ ବାଲିପଡ଼ା ଗାଁ ନିକଟ ଭାର୍ଗବୀ ନଦୀପଠାରୁ ମାଟି ଏବଂ ନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବା ସ୍ଥାନୀୟ ଗ୍ରାମବାସୀ ଗତ ମାସରେ ପୁରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଥିଲେ ଯେ, ବାଲିପଡ଼ା ଗାଁ ନିକଟ ଦେଇ ବହିଯାଇଛି ଭାର୍ଗବୀ ନଦୀ। ଏହା ଏକ ବନ୍ୟା ପ୍ଲାବିତ ଅଞ୍ଚଳ। କିନ୍ତୁ ଗ୍ରାମର ଜଣେ ବ୍ୟକ୍ତି ଗାଁ ପାର୍ଶ୍ୱରେ ସର୍ବସାଧାରଣ ବ୍ୟବହାର ନିମନ୍ତେ ଥିବା ନଦୀବନ୍ଧ ଓ ନଦୀପଠାରୁ ମାଟି ବାଲି ନେଉଛନ୍ତି। ଏହାଦ୍ୱାରା ନଦୀବନ୍ଧ ଦିନକୁ ଦିନ ଦୁର୍ବଳ ହେଉଛି। ବର୍ଷାଦିନେ ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଥିବାବେଳେ ନଦୀ ତା'ର ଗତିପଥ ବଦଳାଇବାର ସମ୍ଭାବନା ରହୁଛି। ଏ ନେଇ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ବାଲିପଡ଼ା ଗ୍ରାମବାସୀ କହିଛନ୍ତି। ସେହିପରି କାକଟପୁର ଅଞ୍ଚଳର ପଥରପକା, ଅସ୍ତରଙ୍ଗ ତହସିଲର ତାଳଦା ଏବଂ ନଗର ଅଞ୍ଚଳରୁ ବ୍ୟାପକ ମାତ୍ରାରେ ବାଲି ଚୋରା ଚାଲାଣ କରାଯାଉଛି। ବନ ବିଭାଗ ସଂରକ୍ଷିତ ଜଙ୍ଗଲରୁ ମଧ ବାଲି ଚୋରି ହେଉଛି। ବ୍ରହ୍ମଗିରି ତହସିଲ ଅଞ୍ଚଳର ବିଭିନ୍ନ ସ୍ଥାନରୁ ବାଲି ଚୋରା ଚାଲାଣ କରାଯାଉଛି। ବାଲିମାଫିଆଙ୍କ ସହ କିଛି ସରକାରୀ କର୍ମଚାରୀଙ୍କ ସଲାସୁତରା ଯୋଗୁ ଏପରି ବେଆଇନ କାର୍ଯ୍ୟ ବଢିଚାଲିଥିବା କୁହାଯାଉଛି। ଏହାଦ୍ୱାରା ସରକାର ରାଜସ୍ୱ ହରାଉଥିବା ବେଳେ ବେଆଇନ ବାଲି ଚାଲାଣକାରୀ ମାଲାମାଲ ହେଉଛନ୍ତି।

## ରିହର୍ସାଲ ପାଇଁ ରାତି ୨ଟାରୁ ଉଠିବାକୁ ପଡୁଥିଲା

### ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସାମିଲ ଥିଲେ ପ୍ରତିମା

ପୁରୀ ଅଫିସ, ୪।୨

ନୂଆଦିଲ୍ଲୀରେ ୭୧ତମ ସାଧାରଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିଥିଲା ଓଡ଼ିଶାର ପ୍ରଜ୍ଞାପନ ମେଢ ରୁକୁଣା ରଥ। ଏଥିରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ଝଲକ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶାରୁ ୩୦ଜଣ କଳାକାର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପୁରୀର ବରିଷ୍ଠ ନୃତ୍ୟଶିଳ୍ପୀ ପ୍ରତିମା ମହାନ୍ତି ଏବଂ ସାକ୍ଷୀଗୋପାଳର ଦୁଇ ଭଉଣୀ ରୋଜାଲିନ ଓ ଲିଜାଲିନ ସୁନ୍ଦରରାୟ। ପୁରୀକୁ ଫେରିବା ପରେ ପ୍ରତିମାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରତିମା କହିଥିଲେ, ପ୍ରଥମ ଥର ଲାଗି ମୁଁ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲି। ଏହି ଅନୁଭୂତି ବେଶ୍ ନିଆରା ଥିଲା। ଏଥିଲାଗି ସମସ୍ତ କଳାକାର ଓ ନୃତ୍ୟଶିଳ୍ପୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ନୂଆଦିଲ୍ଲୀସ୍ଥିତ ମିଲିଟାରି କ୍ୟାମ୍ପରେ କଟକଣା ମଧ୍ୟରେ ରହିବା ସହ ରହର୍ସାଲ ପାଇଁ ରାତି ୨ଟାରୁ ଉଠିବାକୁ ପଡୁଥିଲା। ପ୍ରବଳ ଶୀତରେ ବିଳମ୍ବିତ ରାତିରେ ମେକଅପ୍ ନେବାକୁ ପଡୁଥିଲା। ପରେଡ ଗ୍ରାଉଣ୍ଡରେ ଅପରାହ୍ନରେ ୪ଟା ପର୍ଯ୍ୟନ୍ତ ଅଭ୍ୟାସ କରୁଥିଲୁ। ଏହି ସମୟରେ ମୁଁ ଭୋକ ଶୋଷ ଭୁଲିଯାଇଥିଲି। ଏହି କାର୍ଯ୍ୟକ୍ରମରେ ୧୮ଟି ରାଜ୍ୟର ପ୍ରଜ୍ଞାପନ ମେଢ ଭାଗ ନେଇଥିଲା। ଆମ ମେଢ ପ୍ରଶଂସିତ ହୋଇଥିବାରୁ ଭାରି ଖୁସି ଲାଗିଲା। ଜଣେ ଓଡ଼ିଆ ଭାବେ ଗର୍ବ ଅନୁଭବ କରିଥିଲି।

ପୁରୀ ହେରାଗୋହିରୀ ସାହିର କାଶୀନାଥ ମହାନ୍ତି ଏବଂ ସରୋଜିନୀ ମହାନ୍ତିଙ୍କ ଝିଅ ପ୍ରତିମା ୭ବର୍ଷ ବୟସରୁ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ପ୍ରଣତି କଳା ମନ୍ଦିରରେ ନୃତ୍ୟଶିଳ୍ପୀମାନେ ନୃତ୍ୟାଭ୍ୟାସ କରିବାବେଳେ ଝରକା ବାଟେ ଦେଖି ଏକଲବ୍ୟଙ୍କ ଭଳି ନାଚ ଶିଖିବା ଆରମ୍ଭ କରିଥିଲେ। ଝିଅର ଆଗ୍ରହକୁ ଦେଖି ପିତାମାତା ତାଙ୍କ ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ଗୁରୁ ରବି ନାରାୟଣ ପଣ୍ଡାଙ୍କଠାରୁ ନୃତ୍ୟ ଶିକ୍ଷା କରିଥିବା ପ୍ରତିମା ବର୍ତ୍ତମାନ ଜଣେ ପ୍ରତିଷ୍ଠିତ ଓଡ଼ିଶୀ ଓ ମାହାରୀ ନୃତ୍ୟଶିଳ୍ପୀ ଭାବେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ସୁପରିଚିତ। ବର୍ତ୍ତମାନ ଗୁରୁ ମନୋରଞ୍ଜନ ପ୍ରଧାନ ଏବଂ ମିନତୀ ପ୍ରଧାନଙ୍କଠାରୁ ନୃତ୍ୟ ଶିକ୍ଷା କରୁଛନ୍ତି। ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଆଗାମୀ ଦିନରେ ଯେପରି ଅଧିକରୁ ଅଧିକ ଯୁବପିଢି ଏଥିପ୍ରତି ଆଗ୍ରହ ସୃଷ୍ଟି କରିବେ, ସେଥିଲାଗି ଚେଷ୍ଟା କରିବି ବୋଲି ସେ କହିଛନ୍ତି।



ନୃତ୍ୟଶିଳ୍ପୀ ପ୍ରତିମା ମହାନ୍ତି।

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

### ବାଇକ୍ ଧକ୍କାରେ ମହିଳା ମୃତ

ନିମାପଡ଼ା,୪।୨(ଡି.ଏନ୍.ଏ.)

ଚାରିଛକ-ନିଆଳି ମୁଖ୍ୟ ରାସ୍ତାର କଳାପାଞ୍ଚଣ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାରିଛକ ଫାଣ୍ଡି ଅନ୍ତର୍ଗତ କଳାପାଞ୍ଚଣ ଗ୍ରାମର ମନା ବିବି(୪୦)। ମନାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଗ୍ରାମର ଶତାଧିକ ଉତ୍ତ୍ୟକ୍ତ ଲୋକେ କଳାପାଞ୍ଚଣ ଛକରେ ୨ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ବ୍ରହ୍ମକୁଣ୍ଡି ଗ୍ରାମର ବାଟୁ ସ୍ୱାଇଁ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ହଠାତ୍ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ମନାଙ୍କ ଘର ଉପରକୁ ମାଡ଼ିଯାଇଥିଲା। ମନା ଘର ବାରଣ୍ଡାରେ ବସିଥିବା ବେଳେ ବାଇକଟି ତାଙ୍କୁ ଧକ୍କା ଦେବାରୁ ସେ ଗୁରୁତର ହୋଇଥିଲେ। ଏହା ସହ ବାଇକ ଚାଳକ ବାଟୁ ମଧ୍ୟ ଗୁରୁତର ହୋଇଥିଲେ। ପରିବାର ଲୋକ ମନାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମର ଶତାଧିକ ଲୋକ କ୍ଷତିପୂରଣ ଦାବିରେ ସନ୍ଧ୍ୟା ୬ଟା ରେ କଳାପାଞ୍ଚଣ ଛକରେ ଟାୟାର ଜାଳି ରାସ୍ତରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାତ୍ରୀ, ଚାରିଛକ ଫାଣ୍ଡି ଏଏସ୍‌ଆଇ ପ୍ରମୋଦ କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ମୃତ ମହିଳାଙ୍କ ପରିବାରବର୍ଗଙ୍କୁ ୧୦ହଜାର ଟଙ୍କା ପ୍ରାଥମିକ ସହାୟତା ଦିଆଯିବ ଓ ରାସ୍ତାର ଉଭୟ ପାର୍ଶ୍ୱରେ ବାଡ ୱାଲ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାତି ୮ଟା ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



କଳାପାଞ୍ଚଣ ଛକରେ ଉତ୍ତ୍ୟକ୍ତ ଲୋକେ ନିଆଁ ଜାଳି ରାସ୍ତାରୋକୋ କରିଛନ୍ତି।